# ଉତ୍କଳ ଗୌରବ
# Utkal Gauraba

## *2012*

*Language*
*Odia & English*

*Cover Design by : Mr. Satish Suman Behera*
*Email : satishsumanbehera@gmail.com*
*Mobile : 0-9894855024*


| ସଂପାଦନା ମଣ୍ଡଳୀ: | **Editorial Board** |
|---|---|
| ବିଜୟ ମହାନ୍ତି | Bijay Mohanty |
| ସଂଦିପ୍ତ ରାଉତ | Sandipta Rout |
| ପ୍ରକାଶ ଚନ୍ଦ୍ର ପୃଷ୍ଟି | Prakash Ch Prusty |
| ପ୍ରିୟଦର୍ଶିନୀ ମହାନ୍ତି | Priyadarshini Mohanty |
| ସଂଜୟ ବଳ | Sanjaya Bal |



**ପ୍ରକାଶକ**
ଓଡ଼ିଆ କଲ୍‌ଚରାଲ ଏଣ୍ଡ ଓ୍ୱେଲଫାୟାର ଆସୋସିଏସନ୍
ପଞ୍ଜିକୃତ ନଂ. ଏସ-୫୪୧୧୮-୨୦୦୫
ବିଡ଼ି-୧୧, ଜନକପୁରୀ, ନୂଆଦିଲ୍ଲୀ-୧୧୦୦୫୮

**Published by**
**ODIYA CULTURAL & WELFARE ASSOCIATION**
Registration No. : S-54118 of 2005
BD-11, Janakapuri, New Delhi-110058
e-mail : info@ocwa.in, ocwa@rediffmail.com, ocwa.regd@yahoo.co.in
website : www.ocwa.in

**Odia DTP :** Bhengra Graphics, Jagda (Nr. Petrol Pump), Rourkela - 769042, Ph. : 9437153431
**Printed by :** Printografix, 27/ 14, C.S.M., Janakpuri, New Delhi - 110 058

"ଉଚ୍ଚ ହେବା ପାଇଁ କର ଯେବେ ଆଶା
ଉଚ୍ଚ କର ତେବେ ନିଜ ମାତୃଭାଷା ।"
(ସ୍ୱଭାବ କବି ଗଙ୍ଗାଧର ମେହେର)

# OBJECTIVE OF THE ASSOCIATION

Oriya Cultural & Welfare Association, a non-political, non-profit & voluntary community is devoted to cultural, ethical, moral and spiritual awakening of the masses. Development of divinity in mankind is its foremost goal and avowed objective. The accomplish this goal it is working on the following progrmas :

- Awaking divinity with in every individual by organizing cultural programs like Ganesh Puja, Saraswati Puja and etc.
- Up-liftment of education focusing on both Shikshaa and Vidyaa i.e. edeal blending of moral refinement and intellectual development.
- Health awareness - Health Mela, Yoga Camps, Blood Donation Camp etc.
- Women Awakening & Development - Nari Jagran Abhiyan.
- Environmental protection & awareness programs.
- Eradication of Evil customs & de-addiction form evil habits.

# ସୂଚୀପତ୍ର

# CONTENTS


Objective of the Association ............................ 2
Messages ............................................................ 4
ସଭାପତିଙ୍କ କଲମରୁ.................................................୭
ସଂପାଦକୀୟ ............................................................୮
Managing Committee ........................................ 9
List of Members ................................................ 10
Letter form Indian Red Cross Society........... 11
List of Blood Donors ........................................ 12

**କବିତା**

ମାଗିବି ବୋଲି.......................................................୧୩
କେମିତି ଲେଖିବି ଇତି.............................................୧୩
ତୁମେ ଶାଶ୍ୱତ ପରା.................................................୧୪
କାଗଜ ଡଙ୍ଗା.........................................................୧୪
କନ୍ୟା ଭ୍ରୂଣହତ୍ୟା.....................................................୧୫
ସ୍ମୃତିର ସାଗର.......................................................୧୬
ଶୂନ୍ୟ ସ୍ଥାନଟିଏ.......................................................୧୬
ଭୁଲିପାରେ ନାହିଁ ମନ୍ଟୁ................................................୧୭
ତାଙ୍କର ସହିତ ଖେଳିବି.............................................୧୭
ଏ ମାଟିରେ ଆଜି.....................................................୧୮
ଓଡ଼ିଶା ବାହାରେ ଓଡ଼ିଆ.............................................୧୮
ନୂତନ ସନ୍ଧାନ.........................................................୧୯
ବଂଧୁ...................................................................୧୯
ବସନ୍ତ କାଳ..........................................................୨୦
ବୁଝି ପାରିବନି ତମେ................................................୨୦
ଫେରିଆସ............................................................୨୧
ଅଭିନ୍ନ ମାତୃତ୍ୱ.........................................................୨୧
ବାଲିଘର..............................................................୨୨
କୈବଲ୍ୟ ମାଗୁଣି ତୀର୍ଥ...............................................୨୨
ଆଶ୍ରିତ.................................................................୨୩

**ଗଳ୍ପ**

କଣ୍ଢେଇ...............................................................୨୪
ସେମାନେ ଥକି ପଡ଼ିଥିଲେ...........................................୨୫
କୋଣାର୍କରେ ରାସଲୀଳା.............................................୨୮
ଲକ୍ଷଦ୍ୱୀପର ସୁରମ୍ୟ ପ୍ରବାଳ ଦ୍ୱୀପପୁଞ୍ଜ.................................୩୩
ଶାଗୁଣା ଓ ବାଦୁଡ଼ିର ଅଭିଶପ୍ତ ଜୀବନ କାହାଣୀ........................୩୭
କୁତୁକୁତିଆ ହୀନସ୍ତା.................................................୩୯
ଶ୍ରେଷ୍ଠ ସମ୍ପତ୍ତି........................................................୪୧

**ପ୍ରବନ୍ଧ**

ମୋ ବିଚାରରେ ଆଜିର କବିତା......................................୪୭
ବିଜ୍ଞାନ ସମ୍ମତ "କ୍ରିୟାଯୋଗ"........................................୫୧
ମାନସିଂହଙ୍କ କାବ୍ୟ କବିତାରେ
ମହାନୁଭବତାର ପରିଚୟ.............................................୫୨
ନାଗପୁରରେ ଓଡ଼ିଆ ଉଦ୍ୟୋଗୀ.......................................୫୫
କଥାସମ୍ରାଟ ଫକୀରମୋହନ..........................................୫୭
ସତ ହେଲେ ବି ମିଛ.................................................୫୯
ଆଉ ଏକ ବିପ୍ଳବ.....................................................୬୪
ବର୍ଣ୍ଣିଳ ଆକାଶର ବିଭୋର ପକ୍ଷୀ.....................................୬୮

**Photographs**

Ganesh Mahotsav 2011 .......................................... 73
Chadkhai Get-together 2011 ................................ 79
Release of Souvenir 2011 ....................................... 81
Blood Donation & Health Camp 2011 ................... 82

**English Articles**

Odisha ..................................................................... 85
Netaji Subash Chandra Bose.................................... 88
Importance of good Conversational Skills................ 96
Indian Cancer Winners' Association........................ 98

List of Sponsors....................................................... 84
Membership Form .................................................. 117

*Murlidhar C. Bhandare*

GOVERNOR, ODISHA




ତା.୧୬.୭.୨୦୧୨

# ବାର୍ତ୍ତା

ଓଡ଼ିଆ କଲ୍‌ଚରାଲ ଆଣ୍ଡ ୱେଲ୍‌ଫେୟାର ଆସୋସିଏସନ, ନୂଆଦିଲ୍ଲୀ ଏହାର ବାର୍ଷିକ ମୁଖପତ୍ର 'ଉତ୍କଳ ଗୌରବ' ନିକଟରେ ପ୍ରକାଶ କରୁଥିବା ଜାଣି ମୁଁ ଆନନ୍ଦିତ ।

ଏହି ଅନୁଷ୍ଠାନ ବିଗତ ଦୁଇ ଦଶନ୍ଧି ଧରି ରାଜଧାନୀ ଦିଲ୍ଲୀରେ ଓଡ଼ିଶାର ସଂସ୍କୃତି ଓ ପରମ୍ପରାର ପ୍ରଚାର ଓ ପ୍ରସାର ଦିଗରେ ନିରନ୍ତର ଉଦ୍ୟମ ଜାରି ରଖିଛି, ଏହା ପ୍ରଶଂସନୀୟ । ରାଜ୍ୟ ବାହାରେ ରହୁଥିବା ଓଡ଼ିଆମାନେ ରାଜ୍ୟର ପ୍ରଗତି ଓ ସମୃଦ୍ଧିରେ ସକ୍ରିୟ ଅଂଶଗ୍ରହଣ କରିବା ଉଚିତ । ନିଜ ନିଜ କ୍ଷେତ୍ରରେ ଉଦ୍ୟମ ଅବ୍ୟାହତ ରଖିଲେ ଓଡ଼ିଶା ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟରେ ପରିଣତ ହେବ, ଏଥିରେ ସନ୍ଦେହ ନାହିଁ । 'ଉତ୍କଳ ଗୌରବ' ଦିଲ୍ଲୀରେ ରହୁଥିବା ସାରସ୍ୱତ ପ୍ରତିଭାମାନଙ୍କର ସ୍ୱାକ୍ଷରରେ ସମୃଦ୍ଧ ହେବ ବୋଲି ମୋର ଆଶା ।

ମୁଁ ପ୍ରକାଶନର ସର୍ବ ସଫଳତା କାମନା କରୁଛି ।

(ମୁରଲୀଧର ଚନ୍ଦ୍ରକାନ୍ତ ଭଣ୍ଡାରେ)


RAJ BHAVAN, BHUBANESWAR-751 008

Tel 91-674-2536111/2536222, Fax : 91-674-2536582, E-mail : govori@ori.nic.in, Website : www.rajbhavanorissa.gov.in

**ନବୀନ ପଟ୍ଟନାୟକ**

ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସତ୍ୟମେବ ଜୟତେ

**ଓଡ଼ିଶା ସରକାର**



ଚିଠି ନଂ. ୧୨୬୬/ସିଏମ୍‌ପିଆରଓ

ଭୁବନେଶ୍ୱର

ତା.୧୩/୦୭/୨୦୧୨

# ବାର୍ତ୍ତା

ଓଡ଼ିଆ କଲଚରାଲ ଓ ୱେଲଫେୟାର ଆସୋସିଏସନ, ନୂଆଦିଲ୍ଲୀ ତା'ର ମୁଖପତ୍ର 'ଉତ୍କଳ ଗୌରବ'ର ଷଷ୍ଠ ସଂସ୍କରଣ ପ୍ରକାଶ କରୁଥିବା ଜାଣି ମୁଁ ବିଶେଷ ଆନନ୍ଦିତ।

ଓଡ଼ିଶା କଳା ଓ ସଂସ୍କୃତିର ରାଜ୍ୟ। ଆମର କଳାକାର ଓ କାରୀଗରମାନେ ସେମାନଙ୍କ ଦକ୍ଷତା ଓ ପ୍ରତିଭା ଦ୍ୱାରା ଦେଶ ବିଦେଶରେ ରାଜ୍ୟର ଗୌରବ ବଢ଼ାଇଛନ୍ତି। ମୁଁ ଆଶା କରୁଛି, ଓଡ଼ିଆ କଲଚରାଲ ଓ ୱେଲଫେୟାର ଆସୋସିଏସନ ତା'ର ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ନୂଆଦିଲ୍ଲୀରେ ଓଡ଼ିଆ କଳା ଓ ସଂସ୍କୃତିର ପ୍ରଚାର ଓ ପ୍ରସାର ଦିଗରେ ତା'ର ଉଦ୍ୟମ ଅବ୍ୟାହତ ରଖିବ।

ଏହି ଶୁଭ ଅବସରରେ ଆସୋସିଏସନର ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ଉତ୍କଳ ଗୌରବ ପ୍ରକାଶନର ସଫଳତା କାମନା କରୁଛି।

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

# ସଭାପତିଙ୍କ କଲମରୁ



ସତୀର୍ଥ ବନ୍ଧୁଗଣ,

ଆଜିର ଏହି ଶୁଭ ଅବସରରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଆପଣମାନଙ୍କ ସହଯୋଗ ଫଳରେ 'ଉତ୍କଳ ଗୌରବ'ର ଷଷ୍ଠ ସଂସ୍କରଣ ଆମ ଅନୁଷ୍ଠାନ ପକ୍ଷରୁ ପ୍ରକାଶ ପାଉଥିବାରୁ ମୁଁ ନିଜକୁ ଗର୍ବିତ ମନେ କରୁଛି । ଆଶା ଓ ବିଶ୍ୱାସ ଉକ୍ତ ସଂସ୍କରଣ ନିଶ୍ଚିତ ଭାବେ ଆପଣମାନଙ୍କ ଦ୍ୱାରା ଆଦୃତ ହେବ । ଓଡ଼ିଶା ଓ ଓଡ଼ିଶା ବାହାରେ ରହୁଥିବା ଯେଉଁ ପ୍ରତିଷ୍ଠିତ ସାହିତ୍ୟିକମାନଙ୍କର ଗଳ୍ପ, କବିତା ଓ ପ୍ରବନ୍ଧ ଏହି ସଂସ୍କରଣରେ ସ୍ଥାନ ପାଇଛି, ଆମେ ସେମାନଙ୍କ ନିକଟରେ ଚିର କୃତଜ୍ଞ । ବିଶେଷ କରି ରାଉରକେଲାର ଅଗ୍ରଣୀ ସାହିତ୍ୟାନୁଷ୍ଠାନ 'ଇସ୍ପାତ ସାହିତ୍ୟ ସଂସଦ'ର ସାଧାରଣ ସଂପାଦକ ଶ୍ରୀଯୁକ୍ତ ତ୍ରିଲୋଚନ ମଥାନ ମହୋଦୟଙ୍କର ନିଃସ୍ୱାର୍ଥପର ସହଯୋଗ ଯୋଗୁଁ ଏହି ସଂସ୍କରଣର ପ୍ରକାଶନ ସମ୍ଭବପର ହୋଇପାରିଛି । ଏଣୁ ତାଙ୍କୁ ମୁଁ ଅନୁଷ୍ଠାନ ପକ୍ଷରୁ କୃତଜ୍ଞତା ଜଣାଉଛି । ଆଗକୁ ମଧ୍ୟ ଆମେ ତାଙ୍କଠାରୁ ଏହିପରି ସହଯୋଗ କାମନା କରୁଛୁ ।

ସବୁ ବର୍ଷ ପରି ଏ ବର୍ଷ ମଧ୍ୟ ଗଣେଶ ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଓଡ଼ିଆ ଭୋଜିର ବ୍ୟବସ୍ଥା କରାଯାଇଅଛି । ଆପଣମାନଙ୍କର ସକ୍ରିୟ ସହଯୋଗ ବିନା ଏହା ସମ୍ଭବପର ହୋଇପାରିବ ନାହିଁ । ଅନୁଷ୍ଠାନର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ନିଃସ୍ୱାର୍ଥପର ସହଯୋଗ ଯୋଗୁଁ ପ୍ରତିବର୍ଷ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ କିଛି ବାଧା ଉପୁଜି ନଥାଏ । ଚଳିତ ବର୍ଷ ପୂର୍ବ ବର୍ଷ ପରି ସହଯୋଗର ଆଶା ରଖୁଅଛି । ଆମ ଅନୁଷ୍ଠାନର କାର୍ଯ୍ୟକ୍ରମ ଓ ଘଟଣାବଳୀ ଆପଣମାନେ ଆମର Photograph Section ରୁ ଜାଣିପାରିବେ ।

ଦିଲ୍ଲୀସ୍ଥିତ୍ ଆଉ ଏକ ଓଡ଼ିଆ ଅନୁଷ୍ଠାନ 'ଉତ୍କଳିନୀ'ର ବାର୍ଷିକ ଉତ୍ସବରେ ମୋତେ ଯୋଗଦେବାର ସୁଯୋଗ ମିଳିଥିଲା । ସେଠାରେ ଜଣେ ବୟସ୍କ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସିଥିଲି । ସେ ତାଙ୍କର ମନ୍ତବ୍ୟରେ କହିଥିଲେ, "ଓଡ଼ିଆ ଭାଷାର ସ୍ଥିତି ଆଉ ମାତ୍ର ୧ ୦ ୦ ବର୍ଷ" । ଏଭଳି ମନ୍ତବ୍ୟ ଶୁଣି ବଡ଼ ଆଶ୍ଚର୍ଯ୍ୟ ଲାଗିଲା, କିନ୍ତୁ ଆଜିକାଲି ଯେଉଁଭଳି ଭାବରେ ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଅବହେଳା ଓ ଅନାଦାର ବଢ଼ିଚାଲିଛି, ୧ ୦ ୦ ବର୍ଷ ବି ବେଶି ଦୂର ନୁହେଁ । ଓଡ଼ିଶା ବାହାରେ ରହୁଥିବା କେତେକ ଓଡ଼ିଆ ପରିବାରରେ ଦେଖିବାକୁ ମିଳୁଛି, ସେମାନେ ନିଜ ନିଜ ମଧ୍ୟରେ ଓଡ଼ିଆରେ କଥା ହେଉନାହାନ୍ତି । ପରିସ୍ଥିତିରେ ପଡ଼ି ପିଲାମାନେ ଓଡ଼ିଆ ପଢ଼ିବାରୁ ବଞ୍ଚିତ ହେଉଛନ୍ତି । ଆମେ ମଧ୍ୟ ସେମାନଙ୍କୁ ଓଡ଼ିଆ କହିବାରୁ ବଞ୍ଚିତ କରାଉଛନ୍ତି । କାହିଁକି ଆମେ 'ନୀଳବର୍ଣ୍ଣ ଶୃଗାଳ'ର ଚରିତ୍ରକୁ ଆପଣାଇ ନେଉଛେ ? ଦେଖାଦେଖି ଓଡ଼ିଶାର ଗ୍ରାମାଞ୍ଚଳରୁ ଆସିଥିବା ଲୋକମାନେ ବର୍ଷେ ଦୁଇ ବର୍ଷ ମଧ୍ୟରେ ଓଡ଼ିଆ ଭୁଲିଯିବାର ଅଭିନୟ କରୁଛନ୍ତି । ଖଣ୍ଡି ହିନ୍ଦିରେ କଥା ହେବେ ପଛେ, ନିଜ ଭିତରେ ଓଡ଼ିଆରେ କଥା ହେଉନାହାନ୍ତି । ଓଡ଼ିଆ ଆମ ମାତୃଭାଷା । ଅନ୍ୟ ଯେତେ ଭାଷା ରହିଲା, ସେ ସବୁ ଆମର ମାଉସୀ ଭାଷା । ମାଉସୀ ଭାଷାକୁ ସମ୍ମାନ ଦେବା କିଛି ଭୁଲ ହେବ ନାହିଁ, ମାତ୍ର ମାତୃଭାଷାକୁ ସମ୍ମାନ ଦେବାର ଆମର ପରମ କର୍ତ୍ତବ୍ୟ । ଯେମିତି ନିଜର ପିତାମାତାଙ୍କୁ ଅବହେଳା କରିହେବନି । ସେହିପରି ନିଜ ମାତୃଭାଷାକୁ ମଧ୍ୟ ଅବହେଳା କରିବା ଉଚିତ ନୁହେଁ ।

ଆମ ଅନୁଷ୍ଠାନ ଦିଲ୍ଲୀରେ ଏକ ପାଠାଗାର ଓ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ପାଇଁ ଉଦ୍ୟମ କରିଆସୁଛି । ଏଥିପାଇଁ ଜାଗା ସହିତ ଆର୍ଥିକ ସହାୟତାର ଆବଶ୍ୟକତା ରହିଛି । ଆପଣମାନଙ୍କର ଆର୍ଥିକ ସହଯୋଗ ସହ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ଶେଷରେ ମୁଁ ସମସ୍ତ ଶୁଭେଚ୍ଛୁ, ସଦସ୍ୟ, ସଦସ୍ୟା ଓ ବିଜ୍ଞାପନଦାତାମାନଙ୍କୁ ସେମାନଙ୍କର ଆନ୍ତରିକତ ସହଯୋଗ ପାଇଁ କୃତଜ୍ଞତା ସହ ଧନ୍ୟବାଦଜଣାଉଛି ।

"ଜୟ ଜଗନ୍ନାଥ ।"

**ବିଜୟ ମହାନ୍ତି**
ସଭାପତି
ମୋ. ୦୯୮୭୧୯୯୭୪୪୯

# ସଂପାଦକୀୟ



ପ୍ରିୟ ବନ୍ଧୁଗଣ,

ଓଡ଼ିଆ ସାଂସ୍କୃତିକ ଓ କଲ୍ୟାଣ ସମ୍ମେଳନ (Odiya Cultural & Welfare Association) ର ମୁଖପତ୍ର 'ଉତ୍କଳ ଗୌରବ'ର ଷଷ୍ଠ ବାର୍ଷିକ ସଂସ୍କରଣ ପ୍ରକାଶନ ଅବସରରେ ମୁଁ ଆପଣମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରୁଅଛି । ଓଡ଼ିଶା ବାହାରେ ରହି ଓଡ଼ିଆ ପତ୍ରିକା ପ୍ରକାଶନ କରିବା ନିଶ୍ଚିତ ରୂପେ ଏକ ଗୌରବର ବିଷୟ । ପତ୍ରପତ୍ରିକା ଭାଷା ସାହିତ୍ୟର ବିକାଶ ନିମନ୍ତେ ଏକ ବଳିଷ୍ଠ ମାଧ୍ୟମ । ଏହାକୁ ପାଥେୟ କରି 'ଉତ୍କଳ ଗୌରବ'ର ପ୍ରକାଶନ ଆମ ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ । ମୁଁ ଅତି ଆନନ୍ଦର ସହ ଆପଣମାନଙ୍କୁ ସୂଚିତ କରିବାକୁ ଚାହେଁ 'ଉତ୍କଳ ଗୌରବ' କ୍ରମାଗତ ଭାବେ ପ୍ରତି ସଂସ୍କରଣରେ ତା'ର ମାନ ବଢ଼ାଇବାରେ ଲାଗିଛି । ଏହା ଆମ ସମସ୍ତଙ୍କ ପାଇଁ ଏକ ଗୌରବ ଏବଂ ସମ୍ମାନର ବିଷୟ ।

କ୍ରମାଗତ ରକ୍ତଦାନ ଶିବିର, ସ୍ୱାସ୍ଥ୍ୟ ଶିବିରର ଆୟୋଜନ ଏବଂ ଶିକ୍ଷୋପକରଣ ସାମଗ୍ରୀ ବିତରଣ ଆଦି କଲ୍ୟାଣକାରୀ କାର୍ଯ୍ୟ ଆମ ଅନୁଷ୍ଠାନ ବିଗତ କିଛି ବର୍ଷ ଧରି ସଫଳତାର ସହ ଆୟୋଜନ କରି ଆସୁଅଛି ।

ପ୍ରବାସୀ ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ଭାବ ବିନିମୟ ଏବଂ ଓଡ଼ିଆ ସଂସ୍କୃତିର ଆଦାନ ପ୍ରଦାନ ଆମ ଅନୁଷ୍ଠାନର ଅନ୍ୟ ଏକ ମୁଖ୍ୟ ଉଦ୍ଦେଶ୍ୟ । ବାର୍ଷିକ ଉତ୍ସବ, ଗଣେଶ ପୂଜା ଓ ଭୋଜି ମାଧ୍ୟମରେ ଆମ ଅନୁଷ୍ଠାନର ଏହାର ପ୍ରଚାର, ପ୍ରସାରର ପ୍ରୟାସ କରିଥାଏ ।

ଆର୍ଥିକ କ୍ଷେତ୍ରରେ ଆମ ଅନୁଷ୍ଠାନ ଏକ ସମ୍ମାନଜନକ ସ୍ଥିତିରେ ଥିଲେ ହେଁ ଏହା ଆମର ଲକ୍ଷ୍ୟ ପୂରଣ ପାଇଁ ଯଥେଷ୍ଟ ନୁହେଁ । ଅନୁଷ୍ଠାନର ଲକ୍ଷ୍ୟ, ଦିଲ୍ଲୀ ନଗରୀରେ ଅନୁଷ୍ଠାନର ନିଜସ୍ୱ ଭବନ ସ୍ଥାପନ ସହ ଏକ ଓଡ଼ିଆ ପାଠାଗାର ସ୍ଥାପନ କରିବା, ଯାହାକି ଏ ପର୍ଯ୍ୟନ୍ତ ଅପୂରଣୀୟ ରହିଅଛି । ଆମ ସମସ୍ତଙ୍କର ସଂଘବଦ୍ଧ ଉଦ୍ୟମ ସଂଗଠନର ଲକ୍ଷ୍ୟ ପୂରଣ ନିମନ୍ତେ ସହାୟକ ହେବ ବୋଲି ମୋର ଆଶା ତଥା ଦୃଢ଼ ବିଶ୍ୱାସ ।

ଯେଉଁ ଉପଦେଷ୍ଟାମାନଙ୍କ ସୁଚିନ୍ତିତ ଉପଦେଶରେ ଆମ ଅନୁଷ୍ଠାନ ପରିଚାଳିତ, ଯେଉଁ କବି, କବୟିତ୍ରୀ, ଗାଳ୍ପିକ, ପ୍ରାବନ୍ଧିକମାନଙ୍କ ଲେଖାରେ ଆମ ସ୍ମରଣୀକାର କଳେବର ବର୍ଦ୍ଧିତ, ଯେଉଁମାନଙ୍କ ଆର୍ଥିକ ସହଯୋଗରେ ଆମ ଅନୁଷ୍ଠାନର ଆର୍ଥିକ ମାନଦଣ୍ଡ ସୁଦୃଢ଼ ଏବଂ ଯେଉଁ କର୍ମକର୍ତ୍ତା ଓ ଶୁଭେଚ୍ଛୁମାନଙ୍କ ଅକ୍ଳାନ୍ତ ପରିଶ୍ରମରେ ଆମ ଅନୁଷ୍ଠାନ ପରିଚାଳିତ, ସେମାନଙ୍କୁ ମୁଁ ମୋର ହାର୍ଦ୍ଦିକ ଅଭିନନ୍ଦନ ସହ କୃତଜ୍ଞତା ଜ୍ଞାପନ କରୁଅଛି । ଆସନ୍ତୁ, ସହଯୋଗର ହାତ ବଢ଼ାଇ ଆମର ଏହି ଓଡ଼ିଆ ଅନୁଷ୍ଠାନକୁ ଆହୁରି ସୁଦୃଢ଼ କରି ଆଗେଇ ନେବା ।

ଆପଣଙ୍କର ଅନ୍ତରଙ୍ଗ,

**ସନ୍ଦୀପ୍ତ ରାଉତ**

ସାଧାରଣ ସଂପାଦକ

ମୋ. ୦୯୩୧୩୫୩୬୦୪୩

# Managing Committee



**Bijay K. Mohanty**
President
9871997449, 9811997441
(Res.) 25618217
bijayk_moh@yahoo.co.in



**Banoj Pradhan**
Vice-President
9891914964
banoj2002@rediffmail.com



**Sandipta Rout**
Secretary
9313536043
sandipta26@rediffmail.com



**Prakash C. Prusty**
Joint Secretary
9811505989
pcp_cs@rediffmail.com



**Prasanta Das**
Treasurer
9868090272
prasantadas_123@hotmail.com



**Pradeepta Bhuyan**
Executive Member
9868357661
pradeeptabhuyan@gmail.com



**Sanjay Bal**
Executive Member
9650994545
balsanjay@rediffmail.com



**Ranjan Biswal**
Executive Member
9818113778
ranjan_bis@rediffmail.com



**Ajay Mohanty**
Convenor
9810973244, 28081597
ajaymohanty1970@yahoo.com



**Dr. Sanat Sahoo**
Convenor
9868157903
drsananta67@yahoo.com

**Auditor:**
Dinesh K. Goel & Associates
Chartered Accountants
3016/5, Lane No. 12-A, Ranjeet Nagar
New Delhi-110 008 • Ph.: 9871805151

**Banker**
Indian Bank,
West Patel Nagar, New Delhi-110 008.
State Bank of India,
DMS, Shadipur, New Delhi-110 008.

# LIFE MEMBERS

Ajay Mohanty (Mitu)
Bibekanand Pattanaik
Bijay Pradhan
Devasis Mohanty
Jagdish Patra
Jyoti Sarangi (Bapi)
Ram R.Mohapatra
Sanjay Mohanty
Sanjit Das
Saroj Das
Shibashis K. Mohanty
Sisir Rout
Subrat K. Das
Suvendu Das

# MEMBERS

Ajay Mohanty
Ajay Panigrahi
Ajay Samal
Ajit Kumar Barik
Alok Das
Anam Charan Sahoo
Apurba Pande
Arvind Sharma
Ashok Das
Ashutosh Padhi
Babuli Nayak
Banoj Pradhan
Basant Das
Bhabagrahi Pradhan
Bhaskar Chandra Behera
Bhikari Rath
Bijaya Ketan Mohanty
Bimal Prasad Samal
Bimalendu Sahu
Binod Gupta
Biplab Bag
D.K.Sahu
Debashis K. Mohanty
Debashis Das
Dharanidhar Samal
Dinesh Goel
Dinesh Kumar Sahu
Dr. A.K.Goel
Dr.Sanant Sahoo
Hemant Rout
Hruday Ranjan Bhuyan
Ishwar Mohapatra
Jai Krishna Swain
Jitendra Kumar Sahu
K.B. Mahanta
Kartik Roy
Kaushik Tripathy
Litton Mukherjee
Litu Chandra Swain
M.S.Pothal
Maheshwar Dash
Major U.C.Nayak
Manas Ranjan Das
Muktikanta Nayak
Prabin Panda
Piyush Mohapatra
Prabhat Kishore Bhuyan
Prabhhat Kumar Mohanty
Pradeep Kumar Parija
Pradeep Rout
Pradeep Sahu
Pradeepta Bhuyan
Prakash Chandra Prusty
Pramod Kumar Swain
Pranab Kumar Das
Prasanta Das
Prashant Nayak
Pratap Jena
Pritam Kumar Nayak
Priyadarshini Mohanty
Pruthi Ranjan Rath
Raj K. Sajoo
Raj Kumar Das
Ramnath Sahoo
Ranjan Biswal
Rajnish Pandey
Ranjit Mohanty
Ravi Lal Thapa
S.K. Kar
Smruti Ranjan Sahoo
Sagar Pradhan
Samish Mohanty
Sandipta Rout
Sanjay Bal
Sanjay Mohanty
Sanjit Mohanty
Santosh Barik
Santosh Panda
Santosh Sarangi
Shantanu Khuntia
Sarbeshwar Rout
Sasmita Mohanty
Satyaprem Mohanty
Soubhagya Kr. Bhol
Soumendra Das
Soumendra N. Swain
Sunil Senapati
Surajit Pattanaik
Suresh Ch. Behera
Suresh Swain
Surjeet Padhi
Sushant Kumar Das
Suvendu Sahu
Subhashis Rout
Tank Dhar Das
Yashowanta Sharma

THROUGH HUMANITY TO PEACE

# Indian Red Cross Society

(CONSTITUTED UNDER ACT XV OF 1920)

Telegrams : "INDCROSS"
Telefax : 91-11-23717454
Phones : (PBX Lines) 23716441, 42, 43
23716426 & 23716916
Website : www.indianredcross.org

Headquarters :
1, RED CROSS ROAD,
NEW DELHI - 110 001

Ref. No. : M/12012/11/11-BB/6320

Dated : 28-11-2011

Mr. Bijay Mohanty
President
Oriya Cultural & Welfare Association,
BD-11, Janak Puri,
**New Delhi - 110 058**

Dear Sir,

We thank you for your generous cooperation in permitting us to collect blood from the voluntary blood donors of your organization, it shall help a lot towards the success of the Indian Red Cross Society, Blood Bank in saving many a precious human lives.

This great humanitarian service cannot be carried on without the active cooperative and selfless spirit shown by voluntary blood donors and voluntary workers. We hope in future you shall continue encouraging us.

Enclosed, herewith a copy of the list of 27 blood donors who donated their blood on 27-11-2011.

Thanking you,

Sincerely yours,

Vanshree

(Dr. Vanshree Singh)
Director, Blood Bank
Indian Red Cross Society

## List of the Volunteers who donated their blood at Oriya Cultural & Welfare Association on 27-11-2011

| Sl.No. | R.No. | Name | Address | Age | Sex | Blood Group | Phone No. |
|---|---|---|---|---|---|---|---|
| 1 | 19812 | Mr .RanjanBiswal | A-33, New RAnjit Nagar, N.D | 40 | M | O+ve | 9818113778 |
| 2 | 19813 | Mr Sanjay Bal | C-2/372,GF, JanakPuri, N.D. | 40 | M | A+ve | 9650994545 |
| 3 | 19814 | MrPrashant Kr. Das | 217, Vishal Enclave, New Delhi | 39 | M | O+ve | 9868090272 |
| 4 | 19815 | Mr. Sunil Kr. Jain | T-510, C-13-A, BalijeetNgr, N.D. | 42 | M | AB+ve | 9871785119 |
| 5 | 19816 | MrBimal Pd. Samal | C-40, Tagore Garden, N.D | 43 | M | B+ve | 9711474640 |
| 6 | 19817 | Mr. Raju Das | 199/A, AaramBagh, N.D. | 35 | M | A+ve | 7838959488 |
| 7 | 19818 | Mr. S. Prem Mohanty | 117-P, Sec-10-A, Gurgaon | 31 | M | B+ve | 9971534440 |
| 8 | 19819 | Mr. S.K. Bhol | G-100,Uttam Nagar,N.D | 41 | M | B+ve | 9013291093 |
| 9 | 19820 | Mr. SurjitPattanaik | 10-B, ShivalikApts, Dwarka, N.D. | 42 | M | AB+ve | 9910089884 |
| 10 | 19821 | Mr.Biswaskeshan Ray | F-316/33,Ladoo Sarai, N.D-30 | 29 | M | O+ve | 7428416301 |
| 11 | 19822 | Mr. Ajit Kr. Barek | 2323/1,West Patel Ngr, N.D.-8 | 27 | M | A+ve | 9868071103 |
| 12 | 19823 | Mr. Dinesh Kumar | C-140,Jhil Mil Colony, Delhi | 29 | M | O+ve | 9958844478 |
| 13 | 19824 | Mr. Sanjay Sen | RZ-26,FF, Mahindra Park, N.D | 37 | M | AB+ve | 9650994538 |
| 14 | 19825 | Mr. Sushanta Das | F-122,DDA Flats, Bindapur,ND | 41 | M | A+ve | 9810155920 |
| 15 | 19826 | Mr. H.R.Bhuyan | 2323/1,West Patel Ngr, N.D.-8 | 33 | M | O+ve | 9868783777 |
| 16 | 19827 | Mr.Ajay Mohanty | A-33, New RAnjit Nagar, N.D | 42 | M | B+ve | 9810473244 |
| 17 | 19828 | Mr. PradeeptaBhuyan | 2323/1,West Patel Ngr, N.D. | 43 | M | B+ve | 9868357661 |
| 18 | 19829 | Mr. P.K.Bhuyan | 2323/1,West Patel Ngr, N.D. | 42 | M | O+ve | 9968783788 |
| 19 | 19830 | Mr. Saurabh Aggarwal | A-202,I.P.Extention , Delhi-92 | 25 | M | B+ve | 9873900953 |
| 20 | 19831 | Mr. Kunal Kumar | H-69-A, KirtiNgr, N.D | 25 | M | O+ve | 9818818066 |
| 21 | 19832 | Mr. SaumyaRanjan | 1241/1, R.K.Puram, ND. | 26 | M | O+ve | 9650994643 |
| 22 | 19833 | Mr. B.K.Pradhan | 88/431,Sec-1, GoleMkt, ND. | 38 | M | O+ve | 9899662686 |
| 23 | 19834 | Mr. Suresh Kr. Swain | A-197, New Ranjit Nagar, ND-8 | 30 | M | AB+ve | 9868945771 |
| 24 | 19835 | Mr. Vipin Kumar Rao | J-22-879, Kali Bari Mag, N.D | 30 | M | AB+ve | 9013624931 |
| 25 | 19836 | Mr. Prakash Kar | A-51,DDA Flats, New RanjitNgr, ND. | 34 | M | A+ve | 9873457333 |
| 26 | 19837 | Mr. Sandipta Rout | 100-N, Sec-VI, BKS Marg,ND | 41 | M | O+ve | 9313536043 |
| 27 | 19838 | Mr. Swapan Kr. Naskar | T-55, Pocket-3, Bindapur, ND | 43 | M | AB+ve | 9312432265 |

# ମାଗିବି ବୋଲି

■ ଇଂ ସତ୍ୟବ୍ରତ ରଥ

ଫଗୁଣକୁ ମାଗିଥିଲି ଥରେ
ସନସନ ମନଛୁଆଁ ସକାଳ ପବନ,
ଆକାଶକୁ ମାଗିଥିଲି
ଆତ୍ମୀୟତାର ଦୁଇ ଘରି ଶବ୍ଦ ।
ନଈକୁ ମାଗିବା ବେଳେ
ଅନ୍ତରଙ୍ଗ ଆଳାପରୁ ପଦେ ଅଧେ
ପାଣିରେ ପହଁରୁଥିଲା ମୋ ପ୍ରତିବିମ୍ବ ।

କେଉଁ ଅଜଣା ଉପତ୍ୟକାରୁ
ଉଡ଼ିଆସି ମନସ୍ୱିନୀ ପ୍ରଜାପତିମାନେ
ବଗିଚାରେ ଏଣେତେଣେ ବୁଲୁଥିବା ବେଳେ
ମୁଁ ପଚାରିଥିଲି ତାଙ୍କୁ
ବିଶ୍ୱାସର ଗଡ଼ଖାଇ ଘରିପାଖେ
କେବେ କି କମାଣ ଫୁଟେ
ସିପେହୀ କି ଶୋଇଯାଏ ନିଦ ?
ଛିଟ ଛିଟ ପର ମେଲି ମନା କଲେ
କହିଥିଲେ ଆମେ ତ ବୁଝିଛୁ
ନିବିଡ଼ ବିଶ୍ୱାସରେ ନଥାଏ ପ୍ରମାଦ ।

ଜ୍ୟୋଛନାରେ ଭିଜିଭିଜି
ମୁଁ ଖୋଜିନି ସୁନେଲି ସପ୍ନର ସହର
ମାଗିନି ବି ଅନୁକମ୍ପା
କେଉଁ ପୁର ରାଜମହଲର ।
ସକାଳଠୁ ସଂଜ ଯାଏଁ
କପାଳରୁ ଝାଳ ପୋଛି, କନା ମାରି
ଖୋଜି ଚାଲୁଛି ମୁଁ ବାଟ ବଞ୍ଚିବାର ।

ହେ ମୋର ଅନାଗତ ଅତିଶୀର
ଅନୁପମ ଆହ୍ଲାଦିନୀ ରାତିମାନେ !
ତୁମକୁ ମାଗିବି ମାଗିବି ବୋଲି
ଦିନ ଦିନ ଅପେକ୍ଷା କରିଛି,
ଉତ୍ତର ପାଇବା ପାଇଁ ଆଶା ମୁଁ ବାନ୍ଧିଛି,
ଝର୍କା ଫାଙ୍କେ ଯେବେ ବା ପଡ଼ିବ ଦେଖା
ଏ କଥା ବୁଝାଇ କହିବ
ସଂପର୍କର ମଧୁ ବୃନ୍ଦାବନ
କେବେ କି ପାଲଟିଯାଏ
ବିସ୍ମୃତିର ତପ୍ତ ବାଲିକୁଦ ?

କଲେଜ ରୋଡ଼, ବାଙ୍କୀ, କଟକ
ମୋ. ୯୯୩୭୩୨୭୬୪

# କେମିତି ଲେଖିବି ଇତି

■ ଯମେଶ୍ୱର କହଲସିଂହ

ତୁମ ଠାରୁ ସଖୀ !
ଦୂରେ ବହୁ ଦୂରେ
ମନ ତୁମ ନିକଟରେ,
ଛବି ନେନ୍ଥା ପରି ଗୁନ୍ଥା ମୁଁ ନିତି
ତୁମ କାନି ପଣତରେ
ଝରାଅନା ଲୁହ ମୀନ ନୟନରୁ
ପକାଅନା ତାକୁ ତଳେ
ଭିଜ ନାହିଁ ବିରହରେ,
ସେ ଲୁହର ମୋତି ରଖିଥା ସାଇତି
ତୁମ ମନ-ଶାମୁକାରେ ।।

ମନତଳ ପ୍ରୀତି ଗୀତି ଗଜରାକୁ
ଜାକି ଧର ତୁମ ଛାତିରେ,
ବିରହର ଗୀତି ଆପଣାର ଅତି
ହଜାଅନା ତାକୁ
ଅମା ଅଂଧାର ରାତିରେ ।।

ଦୂରେ ବହୁଦୂରେ
ଜହ୍ନ ଜ୍ୟୋଛନାରେ
ଅନୁଭବେ ନିତି ପୀରତି ହକଳା
ତୁମ ମନତଳ ତାତି,
ତୁମେ ଗୋ ମଉନାବତୀ !
ତୁମ ଆଖି ଲୁହ ଧାରା ଶ୍ରାବଣରେ
ମନ ମୋ ଯାଉଛି ତିନ୍ତି,
ବେଳୁ ବେଳ ସଖୀ !
ଗଭୀର ହେଉଛି ରାତି,
କଲମରୁ କାଳି ସରିସରି ଯାଏ
ମନରୁ ସରାଗ ମରିମରିଯାଏ
କେମିତି ଲେଖିବି ଇତି !!
କେମିତି ଲେଖିବି ଇତି !!!

ଲୋକିପୁର, ଗଡ଼ମାଣତୀର,
ଖୋର୍ଦ୍ଧା-୭୫୨୦୬୧, ଓଡ଼ିଶା
ମୋ:୯୯୩୭୪୭୨୧୧୮

# ତୁମେ ଶାଶ୍ୱତ ପରା

■ ହରମୋହନ ମିଶ୍ର



ଅକ୍ଷୟ ତୁମେ ଅଜର ଅମର ଓଡ଼ିଶା ମାଟିର କୋଳେ,
ଜନ୍ମ ମାଟିକୁ ଧନ୍ୟ କରିଲ ପୂଣ୍ୟ ସାଧନା ବଳେ,
ପୁର ପଲ୍ଲୀକୁ ହସାଇ ରସାଇ ସଂଗୀତ ମଧୁସୁରେ,
ଉଡ଼ାଇଲବାନା ଯଶକୀର୍ତ୍ତିର ବିଶ୍ୱର ଦରବାରେ
ତୁମେ ଅବ୍ୟୟ, ତୁମେ ପ୍ରତ୍ୟୟ, ତୁମେ ଶାଶ୍ୱତ ପରା
ଆଜି ଝୁରୁଛି ଏ ଦେଶ, ଶୂନ୍ୟ ଆକାଶ, କଂପି ଉଠୁଛି ଧରା
ତୁମେ ଅବ୍ୟୟ, ତୁମେ ପ୍ରତ୍ୟୟ....

ଲଳିତ କଣ୍ଠେ ଯାଦୁକର ସାଜି ଯେମିତି ପରଶ ଦେଲ,
ମଣିଷ ମନକୁ ବିସ୍ମିତ କରି ମୁଗ୍ଧ ସରସ କଲ
କାଳଜୟୀ ତୁମ ଗୀତ ଓ କବିତା ଦୁର୍ବାର ତୁମ ଭାଷା,
ଛଳନା ବିହୀନ କଳ୍ପନା ମନେ ଭରିଦେଲ ଶତ ଆଶା,
ତୁମେ, ସଂଗୀତେ ରସ ଇଙ୍ଗିତେ ଯେବେ ଲଳନା କଳନା କରେ
ତାର, ଅନ୍ତର ତଳେ ଉଲ୍ଲାସ ତୋଳେ, ଶୃଙ୍ଗାର ଝର ଝରେ।
ତୁମେ ଅବ୍ୟୟ, ତୁମେ ପ୍ରତ୍ୟୟ....

ବୃଦ୍ଧାକୁ ଦେଇ ଯୁବତୀ ଆଖ୍ୟା ବର୍ଣ୍ଣିଛ କେତେ ଭାବେ
ଶୁଷ୍କ ତରୁରେ ଭରିଦେଲ ପ୍ରାଣ ପଲ୍ଲବ ବୈଭବେ
ହଜିଗଲା ମଧୁମୂର୍ଚ୍ଛନା ସାଥେ ଶୁଖିଲା ଦ୍ରାକ୍ଷାସବ
କର୍ପୂର କନା ବନିଗଲା ତୁମ ସ୍ୱର ସଂଗୀତ ଭାବ,
ତୁମ, ମୁକୁଟ ବିହୀନ ସମ୍ରାଟ ନାମ ଶୁଭୁଛି ରାଜ୍ୟସାରା
ଆଜି, ଝୁରୁଛି ଏ ଦେଶ ଶୂନ୍ୟ ଆକାଶ, କଂପି ଉଠୁଛି ଧରା,
ତୁମେ ଅବ୍ୟୟ, ତୁମେ ପ୍ରତ୍ୟୟ, ତୁମେ ଶାଶ୍ୱତ ପରା,
ତୁମେ ଶାଶ୍ୱତପରା, ତୁମେ ଶାଶ୍ୱତପରା....

ସି-୩୬୦, କୋଏଲନଗର
ରାଉରକେଲା-୧୪
ମୋ:୯୪୩୭୫୪୬୭୪୮

# କାଗଜ ଡଙ୍ଗା

■ ବିଦ୍ୟାଧର ନାୟକ



ଭାସି ଯାଆ ମୋ କାଗଜ ଡଙ୍ଗା ଡାକେ ଦରିଆ
ରହିଲି ଚାହିଁ ତୋହରି ପାଇଁ ବେଗେ ଫେରିଆ।।

(ତୋର) ଅଝାଲ ଦେଇଚି ବାନ୍ଧି
କେତେ ସରାଗେ ଯତନ କରି
ଅମୂଲ ଦରବ ଯେତେ
ହାତେ ସଜାଇ ଦେଇଚି ଭରି
ମଙ୍ଗେ ଥାପିଚି ମଙ୍ଗଳା ମାଆ
ଡାକ ଶୁଣିବେ ଡାକୁ ଡାକୁ
ମରେ ରଖିବୁ ନାହିଁ ଟୋ ଡର
ଯେବେ ଥରିବ ଦରିଆ ବୁକୁ
ତଳେଇ ଠେଲି ଉଭରା ପିଟେ ଶିରିଶିରିଆ....ଡାକେ ଦରିଆ ।।

ପାଏନି ଆଖି ନୀଳ ସାଗର
ପାଶୁ ମୋ ଯିବୁ ଚାଲି
ଭେଟିବୁ କେତେ ନୂଆ ରାଇଜ
ଜାଭା, ବୋର୍ଣ୍ଣିଓ, ବାଲି
କି ମନଲୋଭା ରେଶମୀପାଟ
ରଖିଛି ଭଳି ଭଳି
ବସଣୀ, ନୋଥ, ବାହୁଟି ବାଜୁ
ଆମ୍ବ କଷିଆ ମାଳି
କଳିଙ୍ଗ ପୁଅ, ମୋ କଳାମୁକୁର ଭାରି ବଢ଼ିଆ...ଡାକେ ଦରିଆ ।।

ବଣିଜ ସାରି ରତନଭରି
ଆଷାଢ଼େ ମୋଡ଼ି ମଙ୍ଗ
ଫେରିବୁ ଦେଇ ମନରୁ ପୋଛି
ସେନେହ ସାଥୀ ସାଙ୍ଗ
ସିଂହଳ ଦ୍ୱୀପ ବକୁଳ କୁଞ୍ଜେ
ମୋ ପ୍ରାଣପ୍ରିୟା ବାଳା
ବାଟିନି ଦେଇ ଭେଟି ଦେବୁ ମୋ
ସରାଗେ ରତନ ମାଳା
ଗଢ଼ିଛି ନେଇ ଅଭଲ ସୁନା ଜଇ ପୁରିଆ.... ଡାକେ ଦରିଆ ।।

ଏ/୩୪, ସେକ୍ଟର-୩, ରାଉରକେଲା-୨

# କନ୍ୟା ଭ୍ରୁଣହତ୍ୟା

■ ଅଭିରାମ ରାଉତରାୟ

ତାକୁ ଭୂମିଷ୍ଠ ହେବାକୁ ଦିଅ,
ମାତୃ ଗର୍ଭେ କରନାହିଁ
କନ୍ୟା ଭ୍ରୁଣହତ୍ୟା,
ସେ ଜୀବନ ପାଉ,
ବିକଶିତ ହେଉ ।

ପରିବେଶ ଦିଅ
ସ୍ୱାସ୍ଥ୍ୟ ଦିଅ, ଶିକ୍ଷା ଦିଅ,
ବଢ଼ିବାକୁ ସୁଯୋଗ ଦିଅ,
ପୁତ୍ରଠାରୁ କେଉଁ ଗୁଣେ-
ନୁହେଁ ସେ ପଛରେ ।

ତୁମର ଅନ୍ଧ ବିଚାର,
ସାମାଜିକ କୁସଂସ୍କାର
ସ୍ୱାର୍ଥପର ଦାବିକରେ-
ଯଉତୁକ ସମାଜ କଳଙ୍କ,
ସଇତାନ ନିର୍ଲଜ ।

ହେ ନିର୍ଦ୍ଦିଷ୍ଟ ଡାକ୍ତର,
ଲିଙ୍ଗ ନିରୂପଣ କର,
ହତ୍ୟା କର,
ତୁମେ ମାନବ-ଦାନବ
ହରାଇଲ ନୀତି ନୈତିକତା
ଖାଲି ଅର୍ଥ ଲୋଭ ।

କନ୍ୟାକୁ ଆଗକୁ ବଢ଼ାଅ,
ସେ ହୋଇପାରେ ରାଷ୍ଟ୍ରମୁଖ୍ୟ,
ପ୍ରଦେଶ ଶାସକ,
କଳ୍ପନା ଚାୱଲା ପରି-
ମହାକାଶ ଚାରୀ
ନାସା ବୈଜ୍ଞାନିକ ।

କର୍ମସ୍ଥଳେ, କାର୍ଯ୍ୟାଳୟେ
କିମ୍ବା ଗବେଷଣା କେନ୍ଦ୍ରେ
ପୁରୁଷରୁ ସମକକ୍ଷ ନୁହେଁ ଅବଳା -ଦୁର୍ବଳା
ମାତଙ୍ଗିନୀ, ସୁ କି ପରି-ବିପ୍ଳବିନୀ,
ରମାଦେବୀ, ମାଳତୀ ଚୌଧୁରୀ,
ମଦର ଟେରେସା, ତୁଳସୀ ମୁଣ୍ଡା
ସମାଜସେବିକା,
ଦୁନିଆରେ ଅସଂଖ୍ୟ ନିଜର ।

ବଂଚିବାର ଅଧିକାର,
ପୁତ୍ରକନ୍ୟା ସଭିଙ୍କର,
କର ନାହିଁ ପାତର ଅନ୍ତର ।
ପ୍ରସ୍ଫୁଟିତ ହେବାକୁ ଦିଅ,
ପୁରି ଉଠୁ ଗୁଣର ମହକ,
ସ୍ନେହଦିଅ, ଶ୍ରଦ୍ଧାକର
ଜ୍ଞାନ ଦିଅ, ସମ୍ମାନ ଦିଅ
ଭରିଦିଅ ହସ,
ବନ୍ଦକର ହତ୍ୟାର ତାଣ୍ଡବ
ଚିର ଦିନ ପାଇଁ ।

ସି-୨୩୬, କୋଏଲନଗର
ରାଉରକେଲା-୧୪,
ମୋ:୦୯୪୩୭୩୯୭୬୬୭

# ସ୍ମୃତିର ସାଗର

■ ସ୍ନେହଲତା ପଟ୍ଟନାୟକ



ଜହ୍ନ ରାତିର ଏ          ଜୋଛନା ବିନ୍ଦୁରେ
ଲୁହ ମୋର ମିଶିଗଲା ।
ସ୍ମୃତିର ସାଗର          ସୀମା ପାରି ହୋଇ
ହୃଦ ତୀରେ ଉଭା ହେଲା ।୦।

ସବୁଠି ତୁମରି          ଭଲ ପାଇବାର
ମହ ମହ ବାସ ଭରା,
ପଣତରେ ତୁମ          ଶୀତଳ ସରାଗ
ଚୁନା ଚୁନା ସ୍ୱପ୍ନଧାରା ।
ନିରବତା ଭରା          ମହୁଆ ରାତିରେ
ହୃଦ ମୋ ଚହଲି ଗଲା,
ଜହ୍ନ ରାତିର ..........................(ଘୋଷା) ।୧।

ସତେ ତୁମେ ଆସି          ନରମ ଓଠରେ
ପାପୁଲି ମୋ ଛୁଇଁ ଯିବ,
ସୁନେଲି ରାତିର          ଶିଶିର ବିନ୍ଦୁରେ
ପରାଣ ପଲ୍ଲବୀ ଯିବ ।
ମଧୁ ମାଳତୀର          ଚହଟ ସୁବାସ
ତୁମ କଥା କହିଗଲା,
ଜହ୍ନ ରାତିର......................(ଘୋଷା) ।୨।

ଘର ନଂ.-ସି/୫୧, ସେକ୍ଟର-୧୮,
ରାଉରକେଲା-୩
ମୋ:୯୪୩୭୬୪୬୮୪୭

# ଶୂନ୍ୟ ସ୍ଥାନଟିଏ

■ ଅମ୍ବିକା ଧଳ



ଅଙ୍କଟିଏ କଷୁ କଷୁ
ରହିଗଲା ଶୂନ୍ୟ ସ୍ଥାନଟିଏ ?
ସ୍ଥାନଟିକୁ ପୂରଣ କରିବାକୁ ଯାଇ
ଝୁଣ୍ଟିଲି ଦୁନିଆଁ ଦାଣ୍ଡରେ
ଉଠିବାର ବୃଥା ପ୍ରୟାସ କଲି
ଜୀବନର ବହୁମୂଲ୍ୟ ସମୟ ସରିଲା ?
ସାଙ୍ଗ ସାଥି ମାନେ !
ପ୍ରଶ୍ନବାଚି ନୟନେ ଚାହିଁଲେ
ସାଇ, ପଡ଼ିଶା ମୁରୁକି ହସିଲେ
ଭୁଲ୍‌କୁ ସୁଧାରିବାକୁ ଯାଇ
ଅସଜଡ଼ା ଜୀବନଟା ମୋର
ପ୍ରଶ୍ନ ବାଣରେ ?
କ୍ଷତ ବିକ୍ଷତ ହେଲା ।।
ହଠାତ୍ ମାଡ଼ି ଆସିଲା
ସ୍ରୋତସ୍ୱିନୀ ଧାରା
ଗଙ୍ଗା ଯମୁନାର ଉତ୍ତାଳ ତରଙ୍ଗେ
ଭାବନାଟା ଭାସିଗଲା
କୁଟାଖିଏ ପରି ?
ରୋକିବାର ବିଫଳ ପ୍ରୟାସ କଲି
ସତେ କ'ଣ ? ରହିଯିବ
ଅସଜଡ଼ା ଜୀବନଟା
ଭୁଲ୍ ଅଙ୍କ କଷି କଷି।।
ପଥହରା ପଥିକା ସାଜି
ହରାଇଲି ମନୋବଳ ମୋର
ହାରିଗଲି ଜୀବନ ଯୁଦ୍ଧରେ
ଚିରଦିନ ରହିଗଲା
ଶୂନ୍ୟ ସ୍ଥାନଟିଏ ?

ଯୋଡ଼ବନ୍ଧ,ବିଶ୍ରା
ମୋ:୯୬୬୮୮୪୪୭୭୦

## ଭୁଲିପାରେ ନାହିଁ ମନୁ

■ ଡଲିରାଣୀ ବ୍ରହ୍ମା



ହସରୁ ତୁମର ଝରୁଥାଏ ମଧୁ
ଅଧରୁ ଝରେ ମୁକୁତା,
ବସିଲେ ପାଖରେ ମଧୁ ମାସ ଆସେ
କଲମୁ ଝରେ କବିତା ।

ତୁମ ଅଙ୍ଗଭଙ୍ଗୀ ଅଳସ ଜଗାଏ
ମଧୁର ତୁମରି ମନ,
ମନୋହାରୀ ମନୋରମା ତୁମେ ପ୍ରିୟା
କିଣିଛ ଜଗତ ଜନ ।

ମଣି, କାଞ୍ଚନର ମିଳନ ତୁମଠି
ହେଉଥାଏ ସଦା ଝୁରି
ମଳୟ ସାଥିରେ ତୁମେ ଭାସିଆସି
ମନ କରିନିଅ ଚୋରୀ ।

ସାତରଙ୍ଗରୁ ରଙ୍ଗଚୋରୀ କରି
ଗଢ଼ିଛ ତୁମର ତନୁ,
ମନ ଛନ୍ଦିଯାଏ ତୁମପ୍ରେମ ରସେ
ଭୁଲିପାରେ ନାହିଁ ମନୁ ।

ଏଫ୍-୧୯, ସେକ୍ଟର-୭
ରାଉରକେଲା-୩
ମୋ:୯୯୩୭୫୧୪୯୬୯

## ତାଙ୍କର ସହିତ ଖେଳିବି

■ ସୁଭାସିନୀ ହୋତା

ଆକାଶକୁ ଦେଖୁଥିଲି ଝରକା ଫାଙ୍କରେ
ତାରାମାନେ ଚାହିଁଥିଲେ ମୋତେ ନିରବରେ ।
ମିଶିବାକୁ ଇଛା ମୋର ତାଙ୍କରି ସଂଗରେ,
ଆଙ୍କନ୍ତି ତାଙ୍କରି ଛବି ତୁଳୀ ଓ ରଙ୍ଗରେ ।
ନୀଳ ଆକାଶରେ ରହି ଦେଖୁଥାନ୍ତି ଧରା,
ଖେଳୁଥାନ୍ତେ ମୋ ସଂଗରେ ହସି କେତେ ତରା ।
ତାଙ୍କ ରାଇଜକୁ ଯିବା ପାଇଁ ମନ ମୋର
(ହେଲେ) ବାପା ମା' ସ୍ନେହଶ୍ରଦ୍ଧା ଲାଗିଅଛି ଡ଼ୋର ।
ତାରା ମାନେ ହସୁଛନ୍ତି ଈଶ୍ୱର କୃପାରେ
ଚାହିଁଛନ୍ତି ମିଟିମିଟି ଆକାଶ ମାର୍ଗରେ ।
ହୃଦେ ନାହିଁ ରାଗ ହିଂସା କାହାରି ମନରେ,
ଲୋଭ ନାହିଁ ଆମ ପରି କାହାରି ଧନରେ ।
ଫୁଲପରି ଫୁଟିଛନ୍ତି ଆକାଶରେ ରହି
ଶାନ୍ତିବାର୍ତ୍ତା ଦେଉଛନ୍ତି ଦୂରୁ ଚାହିଁ ଚାହିଁ ।
ଦୁଃଖ ବୋଲି କିଛି କଥା ନାହିଁ ତାଙ୍କ ମନେ
ଲୁଚିଛପି ଖେଳୁଥାନ୍ତି ଜହ୍ନ ଆଗମନେ ।
ସେମାନଙ୍କ ନିରବତା ଭାବିଲେ ମନରେ
ଇଛା ହୁଏ ତାଙ୍କ ପାଦ ଛୁଇଁ ବାକୁ ଥରେ ।
ରହିବାକୁ ଇଛା ମୋର ତାଙ୍କରି ମେଳରେ
ଶୋଇବାକୁ ଇଛାହୁଏ ତାଙ୍କରି କୋଳରେ ।
ଭଲ କାମ ଯିଏ କରେ ହୁଏ ତାରା ପରି
ସମାଜର ହିତ ପାଇଁ ଯିବା ନାହିଁ ଡରି ।

***

ଭିଜିଲାନ୍ସ ଜଜଙ୍କ ବାସଭବନ
କଟକ

*With Best Compliments from :*

**SAINI ENTERPRISES**

D-8, STREET NO-1, LAXMI NAGAR, DELHI-92,
PH-32401112, M-9312839215

## ଏ ମାଟିରେ ଆଜି

■ ନିଶିକାନ୍ତ କହଲ ସିଂହ

ଏ ମାଟିରେ ନାହିଁ ମିଛ ଶୋଭାଯାତ୍ରା
କୁଶପୁତ୍ତଳିକା ଦାହ,
ରାସ୍ତାରୋକ ଆଉ ହରତାଳ କଥା
କାହିଁକି ପଚ୍ଚର କୁହ ।।

ନେତା ଜଣେ ଏଠି ଲୁଟିବା ଜାଣେନା
ଜାଣେ ନାହିଁ କିଛି ନେବା
ଏଠି ମାଓବାଦୀ ମଣିଷ ମାରେନା
କରେ ଖାଲି ଦେଶ ସେବା ।।

ମୁଥ ମରାମରି
ମାଇକ୍ ଫୋପଡ଼ା
ବିଧାନସଭାରେ ନାହିଁ,
ସାଇକେଲ ଚଢ଼ି
ନେତାଏ ଯାଆନ୍ତି
ମୋଟର କୋଉଠି କାହିଁ ।।

ନାହିଁ ପ୍ରତାରଣା ପ୍ରେମରେ ଏଠି ହୋ
ହୁଏ ନାହିଁ ସିଡ଼ି ବ୍ଲୁ,
ଡ଼େଙ୍ଗୁ, ହଇଜାରେ ମରେ ନାହିଁ କେହିଁ
ହୁଏନା ସାଇନ୍ ଫ୍ଲୁ ।।

ନାହିଁ ତ ଶୋଷଣ
ନାରୀ ଧରଷଣ
ନାହିଁ ଏଠି ବିସ୍ଥାପନ
ଋଷି ଆତ୍ମହତ୍ୟା
ନେତା ପଦ ଯାତ୍ରା
ସତେ କି ସାତ ସପନ ।।

ନେତା ଅଫିସର
ଆଉ କଣ୍ଟ୍ରାକ୍ଟର
ଖାଆନ୍ତିନି କେବେ ମିଶି
ଅଧିକ ହେଉ କି
ଅଜଣା ହେଉ ସେ
ମାଗନ୍ତିନି କେବେ ପି.ସି ।।

ମୁଖ୍ୟ ସଂପାଦକ: 'ସ୍ୱାଗତିକା'
ଲୋକିପୁର, ଗଡ଼ମାଣତୀର
ବେଗୁନିଆ, ଖୋର୍ଦ୍ଧା-୭୫୨୦୬୨
ମୋ: ୯୯୩୭୯୫୩୫୨୬

## ଓଡ଼ିଶା ବାହାରେ ଓଡ଼ିଆ

■ ସୁଭାଷ ଚନ୍ଦ୍ର ପାତ୍ର



ଓଡ଼ିଶା ବାହାରେ ଓଡ଼ିଆ
ଓଡ଼ିଆରେ କିଏ କଥା ଭାଷା ହେଲେ
ଶୁଣିବାକୁ ଲାଗେ ବଢ଼ିଆ ।
ସିନେମା, ବଜାରେ ଚଲା ବୁଲା ବେଳେ
କିଏ ଓଡ଼ିଆରେ କଥା କହିଦେଲେ
ମୁହଁ ବୁଲିଯାଏ ଦେଖିବାକୁ ଆହା
କିଏ ସେ ଭୁବନେଶ୍ୱରିଆ ।
ଓଡ଼ିଶା ବାହାରେ ଓଡ଼ିଆ
ବାହାର ରାଇଜେ ଘରବାଡ଼ି କରି
ହେଲେଣି ବାହାର ପରିଆ
ଘରେ ଘରେ ଆଉ ଓଡ଼ିଆ ଚାଲୁନି
ପିଲେ ଧରିଲେଣି ବାହାର ଚଳଣି
ଓଡ଼ିଆ କହିଲେ ଜଣା ପଡ଼ିଯାନ୍ତି
ଓଡ଼ିଶା ବାହାର ପରିଆ ।
ଓଡ଼ିଶା ବାହାରେ ଓଡ଼ିଆ
ଓଡ଼ିଶା ଭିତରେ ମତାନ୍ତର ଥାଇ
ଓଡ଼ିଶା ବାହାରେ ସବୁ ଭାଇ ଭାଇ
ଓଡ଼ିଶା ଦିବସ, ଓଡ଼ିଆ ପରବ
ସଭିଏ ପାଳନ୍ତି ହୋଇ ହସହସ
ଏକ ପରିବାର ଭଳିଆ ।
ଓଡ଼ିଶା ବାହାରେ ଓଡ଼ିଆ
ଯେତେ ଯାହା ହେଉ, ଯିଏ ଯହିଁ ଥାଉ
ରଥ ଯାତରା ରେ ଜଣା ପଡ଼ିଯାଉ
ଓଡ଼ିଶା ମାଟିର ମମତାରେ ବନ୍ଧା
ଚାଲିଗଲେ ରଥ ପଡ଼ିଆ
ଓଡ଼ିଶା ବାହାରେ ଓଡ଼ିଆ ।

ବରିଷ୍ଠ ପ୍ରବନ୍ଧକ, ସିଣ୍ଡିକେଟ ବ୍ୟାଙ୍କ,
ନନ୍ଦିସାହି, ଚୌଧୁରୀ ବଜାର, କଟକ

# ନୂତନ ସନ୍ଧାନ

ତ୍ରିଲୋଚନ ମଥାନ



ନବ ନବ ଭାବ ବାର ବାର କ୍ଷରି
ଚାଲିଛି ଚାଲିବ ମନ,
ଗତି ତା ପ୍ରଖର ଅନନ୍ତ ଆକାଶେ
ଜାଳି ଦିଏ ତନୁ ବନ
ପଦ ପଦବୀରେ ନିଶା,
ଧନ ସଂପଦକୁ ବଢ଼ାଏ ଲାଳସା
ଦିଶେନାହିଁ ଦଶଦିଶା ।

ସକାର ଭାବନା ଜାଳଇ ବେଦନା
ସୁଆଦ ଅମୃତ ସମ
ଚାଖିଦେଲେ ଥରେ ସବୁ ଦୁଃଖ ହରେ
ତୁଟିଯାଏ ମନୁ ଭ୍ରମ
ନ'କାର ଭାବନା ଯା'ର
ଚଉଦିଗେ ଦିଶେ ସବୁ ନିଜପରି
ଦୁଃଖ ହିଁ କେବଳ ସାର ।

ଏକାକ୍ଷର ମନ୍ତ୍ର ବ୍ରହ୍ମର ସ୍ୱରୂପ
ପ୍ରଣବ ଯାହାର ନାମ,
ଓଁକାର ଶବଦେ ପ୍ରତି ଘଟେ ରହେ
ସେହି ଅଟେ ଦିବ୍ୟ ଧାମ
କରି କରାଉଛି ସବୁ,
ନିତ୍ୟ ଉଚ୍ଚାରଣ ମୁହେଁ ଯେ ତରଇ
ପାରି ହୁଏ ମହାଭବୁ ।
ନାହିଁ ରୂପଗନ୍ଧ ଅନନ୍ତ ଅରୂପ
ଅମାପ ଅବ୍ୟକ୍ତ ରସ,
ଦେଖି ଦେଖାଉଛି ଦେହ ମଧ୍ୟେ ଦେହି
ଜୀବଙ୍କୁ କରିଛି ବଶ
ପ୍ରଣବ ରୂପରେ ହରି,
ଅନୁଭବ ମାତ୍ରେ ଦିବ୍ୟ କମ୍ପନରେ
ସୁଧା ପ୍ରୀତି ଦିଏ ଭରି ।

ପଦ୍ମାଳୟ, ଏ/ ୨୧୧,
କୋଏଲନଗର, ରାଉରକେଲା

# ବଂଧୁ

ଜ୍ୟୋସ୍ନାଶ୍ରୀ ପୁଷ୍ପାରାଣୀ ସେନାପତି

ବଂଧୁ ସିବା ବୁଝେ ବେଦନା ମନର
ବିଶ୍ୱାସର ରଂଗ ଦେଇ
ବୈଶାଖ ବେଳାରେ ବସନ୍ତ ଆସର
ବଂଧୁର ବଂଧୁତା ପାଇଁ ।

ବିପଦ ଆପଦ ସଦାକାଳେ ସିଏ
ବାଣ୍ଟୁ ଥାଏ ତାର ପ୍ରୀତି
ବର୍ଣ୍ଣିଳ କରଇ ବିବର୍ଣ୍ଣ ମନକୁ
ବେଉଷେ ରଖିଲେ ଧୃତି ।

ବହଳ ବହଳ ମିଠାକଥା କହି
ବିକି ଦେଇ ନିଜ ସୁଖ
ବଂଧୁର ବେରଂଗ ଜୀବନରେ ଭରେ
ବାର୍ଣ୍ଣାଢ୍ୟ ଖୁସି ମୟୂଖ ।

ବାଧେନି ଯନ୍ତ୍ରଣା ବିଷାଦ ବିପୁଳ
ବଂଧୁ ସାହଚର୍ଯ୍ୟ ଥିଲେ
ବାଟ ସାରା ଖାଲି ଫୁଲମୟ ଲାଗେ
ବଂଧୁର ବଂଧୁତ୍ୱ ବଳେ ।

ବାନ୍ଧବର ବାଟ ଲାଗେ ସମତଳ
ବିଷ ବି ଲାଗେ ପୀୟୂଷ
ବିନୟ ସ୍ନେହରେ ବିବେକ ପଣରେ
ବଂଧୁ କଲେ ଶୁଭାଶିଷ ।

ବଂଧୁ ପଣିଆରେ ବାନ୍ଧି ହୋଇଗଲେ
ବହଇ ଖୁସିର ସିନ୍ଧୁ
ଯେମିତି ଶ୍ରୀକୃଷ୍ଣ ସୁଦାମା ବନ୍ଧୁରେ
ବାନ୍ଧିଲେ ବିଶ୍ୱାସ ସେତୁ

ନୁଆରଂପାସ, ହାଟଡ଼ିହି, କେନ୍ଦୁଝର

# ବସନ୍ତ କାଳ

ଚିତ୍ତରଞ୍ଜନ ବ୍ରହ୍ମା



ଶୀତ ପରେ ରାଜା ବସନ୍ତ ଆସେ,
ଆମ୍ବଗଛ ଡାଳେ ବଉଳ ବାସେ।

କୋକିଳ ଗାଆନ୍ତି ମଧୁର ରସେ,
ନାଲି ଫୁଲ ପିନ୍ଧି ପଳାଶ ହସେ ।

ମୁଲୁମୁଲୁ ବାଆ ମଳୟ ବହେ,
ଆସିଗଲା ହୋରି କାନରେ କହେ ।
ହୋରି ପାଇଁ ପିଲେ ଉଠନ୍ତି ମାତି,
ହସୁଥାନ୍ତି ଫୁଲ ଜାତିକା ଜାତି ।

ଆମ୍ବଚଣା କେତେ ଗଛରୁ ଖସେ,
ଫଗୁରଙ୍ଗେ ହାଟ ବଜାର ହସେ ।

ଚଉରିଆଡ଼ ଦିଶେ ସଫା-ସୁତୁରା,
ନବ ପତ୍ରେ ତରୁ ହସାଏ ଧରା।

ଦୋଳ ଯାତ ପରେ ଚଇତି ଯାତ,
ମିଳାମିଶା ଖୁସି ହାତରେ ହାତ ।

ଭାରି ଭଲଲାଗେ ବସନ୍ତ କାଳ,
ଲାଗେ ନାଇଁ ଶୀତ, ବହେନା ଝାଳ ।

ଏଫ/୧୯, ସେକ୍ଟର-୭, ରାଉରକେଲା-୩
ମୋ:୯୯୩୭୧୪୯୬୯

# ବୁଝି ପାରିବନି ତମେ

ରତ୍ନପ୍ରଭା ବାଇ



ମୁଁ, ଯେ' ଝରା ବଉଳର ବାସ
ମୁଁ, ଯେ' ମଉଳା ମଲ୍ଲୀର ହସ
ଗୁଞ୍ଜନ ଗାଇ ଆଉ ଡାକ ନାହିଁ
ଆସ ମୋ' ପାଖକୁ ଆସ
ତମେ - ଆସ ମୋ' ପାଖକୁ ଆସ ।୦।

ମୁଁ, ଯେ' ଝରା ବଉଳର ବାସ
ବୟସ ବସନ୍ତେ ବ୍ୟଥିତା ମୁଁ କେତେ
ବୁଝି ପାରିବନି ତମେ
କଅଁଳ ମନରେ କଣ୍ଟା ଫୁଟିଗଲା
ଭଲ ପାଇବାର ନାମେ
ରଙ୍ଗହରା ଏଇ ଦେହ ପାଖୁଡ଼ାରେ
ମେଣ୍ଟିବନି ତୁମ ଶୋଷ
ମୁଁ ଯେ ଝରା ବଉଳର ବାସ।

ମିଳନ ଆଶାରେ ପ୍ରୀତିର ଗଜଲ
ଗାଅ ନାହିଁ ଚଇତାଳି
ଫୁଲ ଫଗୁଆରୁ ମଧୁ ମହକ ମୋ'
ଫଗୁଣେ ଯାଇଛି ଢ଼ଳି
ବାସର ରାତିର ସାଥି କରିବାକୁ
କରନି ଆଉ ପ୍ରୟାସ
ମୁଁ ଯେ ଝରା ବଉଳର ବାସ।

ବଉଳ ଛକ, ତାଳଚେର, ଅନୁଗୁଳ
ମୋ:୯୩୩୭୬୯୫୨୪୪

# ଫେରିଆସ

ସୁରେନ୍ଦ୍ର ପାଢ଼ୀ



ବର୍ଷଣ ମୁଖର ଶେଷ ଶ୍ରାବଣର ବୃକ୍ଷୁଚିରି
ଆସିଥିଲ ଆଦିଗନ୍ତ ଶ୍ୟାମଳିମା ଘେନି
ହସିଥିଲା ବରପାଲ୍ଲୀ ଚହିଁଥିଲା ନେତ୍ରମେଲି

ହସିଥିଲା ପ୍ରାଣ ଖୋଲି ଉତ୍କଳ ଜନନୀ ।
ଖଣ୍ଡ ବିଖଣ୍ଡିତ ଦେହା ଜନନୀର ଦୁଃଖେ ଆହା
ଲୁହଧାର ଝରାଇଲେ ଉତ୍କଳ ଗୌରବ
ଜାତିପ୍ରେମ ହୋମାନଳେ ଢ଼ାଳିଦେଲ ଘୃତାହୁତି
ଫେରାଇ ଆଣିବା ପାଇଁ ହୃତ ବଇଭବ ।

ଜନନୀର ଦୁଃଖରାଶି ବୁଝିବେ କାହୁଁ ବିଦେଶୀ
ବିମିତ କରିଲା ଯାହା ତୁମର ଲେଖନୀ
ଭାଷାର ସୁରକ୍ଷା ପାଇଁ ଉଜାଗର ରହି ରହି
ବୁହାଇଲ କାବ୍ୟରସ ପୁତ ମନ୍ଦାକିନୀ ।

ବୀରଙ୍ଗନା "ଇନ୍ଦୁମତୀ ସଶସ୍ତ୍ରେ ଜାଗ୍ରତ ଅତି
କ୍ରୁର କାଳକେତୁ ହାତୁ ଧର୍ମ ରକ୍ଷାପାଇଁ
ତୁମରି ସୈରିନ୍ଧ୍ରୀ ସତୀ ସତ୍ୟ ରକ୍ଷା ପାଇଁ ବ୍ରତୀ
ମଦମତ୍ତ କୀଚକର ବିନାଶ ଘଟାଇ ।

ଋଷି ଉଟଜ ବାସିନୀ ନିର୍ବାସିତା "ତପସିନୀ"
ନିରନ୍ତର ଧ୍ୟାନରତା ପତି ପଦ୍ମପାଦେ
ତୁମ ସତୀ ଶକୁନ୍ତଳା ଦୁଷ୍ମନ୍ତଙ୍କ ସ୍ମୃତି ଧରି
ଅରଣ୍ୟ ଆଶ୍ରମେ କାଳ କାଟନ୍ତି ବିଷାଦେ ।

ଜୀବନ୍ତ ତୁମ ପ୍ରକୃତି ମଣିଷର ଚିରସାଥୀ
ହସେ କାନ୍ଦେ ହୃଦୟର ବିନ୍ଦୁଟିଏ ହୋଇ
କବିତାର ଧାରେ ଧାରେ ମଧୁମୟ ରସଝରେ
ବିଶ୍ୱ ଦେଖେ ମଧୁମୟ ଅତିନ୍ଦ୍ରିୟ ହୋଇ ।

କାନ୍ଦୁଛି ଆଜି ପ୍ରକୃତି ବିଷାଦେ ମଳିନ ଅତି
ପୌଷଶେଷ ପତ୍ରଝରା ବନବିଥି ପରି
କାନ୍ଦେ ଉତ୍କଳ ଜନନୀ କାନ୍ଦେ ଗ୍ରାମ ବରପାଲ୍ଲୀ
ଫେରିଆସ ଫଗୁଣର ସବୁ ରଙ୍ଗଧରି ।

ଏ/୪୩୦, କୋଏଲନଗର, ରାଉରକେଲା-୧୪
ମୋ:୯୨୩୮୮୫୧୨୦୯

# ଅଭିନ୍ନ ମାତୃତ୍ୱ

ବ୍ରଜେନ୍ଦ୍ର ଦାଶ



ନ ଦେଖିଲା ପରି ଅନେକବାର
ଉପଭୋଗ କରିଛି ଆଖି ମୋର,
ଖୋଲାମେଲା ଭରିଲା ଦିହକୁ
ଜୁଆନ ପାଗଳିଟାର ।
ଲୋକଙ୍କର ଖାଇବା ସରିବାକୁ ତ,
କେବେ ମନ୍ଦିର ଦେଢ଼ାରେ
ପୂଜାରୀ-ନନାର ଡ଼ାକ ଅପେକ୍ଷାରେ ଥାଏ,
ହୋଟେଲ ଆଗରେ ଠିଆ ହେଇଥାଏ ଅଣ୍ଟାଭାଂଗି
କ'ଣ ଗୋଟାଏ ନ ଦେଲାଯାଏ ।
ଝାଇଁ ଖରା-ଝଡ଼ିବର୍ଷା କି ହାଡ଼ୁଆ ଶୀତ
ତା' ପାଇଁ କିଛି ମାନେ ରଖେନି,
କାନରେ ପଡ଼ିଲା କେହି ଜଣେ କହିବାର ଦିନେ
ଏଠିସେଠି ଖାଇପିଇ ସେ କାଳେ
ଏବେ ଗୋଲଗାଲ୍ ଦିଶିଲାଣି ।
ଇଣ୍ଟରସିଟି ପାଇଁ ଅଟୋ ଧରିଥିଲି ସେଆଡ଼ରେ
କୁହୁଡ଼ିଆ କାଚପଟେ ଦୃଶୁଛି
ପାଗଳି ଆଗରେ ଚାଲିଛି- ଖାଲି ଗୋଡ଼ରେ,
ଲମ୍ବା ପାହୁଲ ପକେଇ-ଲମ୍ବ ଲହର ହେଇ
ଧଇଁସଇଁ ହେଇ - ସତେ ଯେମିତି
ଯାଉଛି କୋଉଠି କି - ଗୋଟାଏ ମିଶନରେ ।
ଗଡ଼ିକୁ ପରିବା ପାଇଁ ଯାଉଥିବା ଦୋକାନୀଟି କହିଲା,
ଚାଲିଲା ପାଗିଳୀ - ଆମ ପାଗିଳୀ
ସୁବୁ ମିଆଁ କହିଲା "ସୁବା କି ସଏରେ ମେ ଚମେଲି"
ମୋ ପାଟିରୁ ବାହାରି ପଡ଼ିଲା ମର୍ଣ୍ଣିଂୱାକ୍‌ରେ ଯାଉଛି
ଅଟୋ ବାଲା କଥା ଓଗାଳିଲା - ତାର ଛୁଆଟେ ହେଇଛି
ଟିମ୍ବର କଲୋନୀ-ଶିଶୁ ଭବନରେ ଅଛି,
ସକାଳ-ସନ୍ଧ୍ୟାରେ ଇଏ କ୍ଷୀର ପେଇବାକୁ ଯାଉଛି ।
ସମସ୍ତେ ଯା' ଭିତରେ ଚୁପ୍ ପଡ଼ି ସାରିଥିଲେ
ହାତରୁ ମୋର ବ୍ୟାଗ୍‌ଟା ହୁଗୁଳା ହଉଥିଲା,
ସାଇଡ଼ ମିରର୍‌ରେ ମୁଁ ତାକୁ
ଦେଖିବାକୁ ଚେଷ୍ଟା କରୁଥିଲି,
ଛୋଟରୁ ଛୋଟ ହେଇଯାଉଥିବା
ମାଆର ପ୍ରତିବିମ୍ବଟେ,
ଧିରେ ଧିରେ ଆଖିରୁ ମୋର
ଅଦୃଶ୍ୟ ହେଇ ଯାଉଥିଲା ।

ଏ-୪୭୭, ଉପରମହଲା, କୋଏଲନଗର,ରାଉରକେଲା
ମୋ:୯୪୩୭୨୨୦୭୮୮

# ବାଲିଘର

ପ୍ରିୟଦର୍ଶିନୀ ମହାନ୍ତି

ତୁ ଝରଣା, ମୁଁ ନଦୀ, ତୁ ସାଗର,
ତୋ ବିନା ନାହିଁ ମୋ ଆଦି ଅନ୍ତର।

ତୋ ଅଗଣାରେ ଗଢୁଥିଲି ବାଲିଘର,
ତୋ ଘରକୁ କରିବି ମୁଁ ସରଗପୁର।

ମୋ ପାଉଁଜି ସୁରେ ଗର୍ଜୁଥିଲା ତୋ ଅଗଣା,
ସେବା, ସ୍ନେହ, ବଳିଦାନ ଏବେ ମୋ ଗହଣା।

ସଂସ୍କାର ସହନଶୀଳତା ତମରି ଦାନ,
ବାନ୍ଧି ରଖିବାକୁ ତମ ଘର, ତମ ସମ୍ମାନ।

ଏକୁଡ଼ିଶାଳେ ଥିଲୁ ତୁ, ମୋ ସାଥି
ତମ ଆଶୀଷେ ସେ ପରା ହେବି ମୁଁ ସତି।

ତୋ କଣ୍ଢେଇ ତଟେ ଦେଇ ଭଣ୍ଡେଇ
ତୋ ସାଥେ ଆସିଲା ସେ ଏଗୁଣ୍ଡି ଡେଇଁ।

କର୍ମଭୂମି ଜନ୍ମଭୂମିରେ ବନ୍ଧା ମୋ ଜୀବନ କବିତା
ସେଥିପାଇଁ ବୋଧେ ନାମ ମୋ ଦୁହିତା।

ଗୁଡ଼ଗାଓଁ

# କୈବଲ୍ୟ ମାଗୁଣି ତୀର୍ଥ

ପ୍ରଜ୍ଞାପ୍ରାଣ ପଦ୍ମଚରଣ ମଲ୍ଲିକ

ଏ ତୀର୍ଥ ମହାନ ତୀର୍ଥ
ଜୀବନ ଶ୍ରୀକ୍ଷେତ୍ର
ଶାନ୍ତି, ସନ୍ତୋଷର ତୀର୍ଥ
ପରମ ପବିତ୍ର।
ଜ୍ଞାନୀ ଜ୍ଞାନ ଫଳ ଖୋଜେ
ଯୋଗୀ ଖୋଜେ ଯୋଗର ସାଧନା।
ସାଧକ ଖୋଜଇ ସିଦ୍ଧି
ଜୀବ ଏଠି ଖୋଜଇ ଜୀବନ।
କର୍ମ ଏଠି ହଜଇ ନିଷ୍ଠାରେ
ତପସ୍ୟାର ଜ୍ୟୋତି ଉର୍ଜସ୍ୱଳ।
ଦୟା, କ୍ଷମା, ଶାଳିନତା
ତ୍ୟାଗ ଏଠି ସ୍ମୃତିର ନିର୍ଝର।
ବହୁତ କିଛି ମିଳଇ ଏ ତୀର୍ଥରେ
ଜ୍ଞାନ, କର୍ମ, ସାଧନା ତ୍ୟାଗରେ।
ଆଉ କିଛି ମିଳେ ଏଠି
ଭକ୍ତି, ପ୍ରୀତି, ଅନୁଭବ
ଶାନ୍ତି ସନ୍ତୋଷରେ
କୈବଲ୍ୟ ମାଗୁଣୀ ତୀର୍ଥ
ଜ୍ୟୋତିର୍ମୟ ଏ ମହାନ ତୀର୍ଥ
ଶାନ୍ତି ପ୍ରାପ୍ତି ତୃପ୍ତିର
ମିଳନର ମୁକ୍ତିର ଶ୍ରୀକ୍ଷେତ୍ର।

ଦଇତାରିପୁର, ଆଳି,
କେନ୍ଦ୍ରାପଡ଼ା, ଓଡ଼ିଶା
ଫୋନ - ୯୪୩୭୪୬୨୧୧୭

*With Best Compliments form :*

**CONNECTION ADVERTISING & MARKETING**

Rajendra Place, New Delhi - 110008

# ଆଶ୍ରିତ

ବେବୀନା ଜେନା

ଜାଗ୍ରତରେ ମୁଁ ସପ୍ନ ଦେଖେ
ଜୀବନ ଖୋଜେ
ତରିକା ପ୍ରସ୍ତୁତ କରେ।
ସୁପ୍ତାବସ୍ଥାରେ
ମୁଁ ସମର୍ପିତ ହୋଇଯାଏ।
ଖୋଜିବାର ପ୍ରୟାସ ନଥାଏ
ସମୀକ୍ଷାର ଆବଶ୍ୟକତା ନଥାଏ।
ବିଶ୍ୱାସରେ ବଞ୍ଚେ
ଭରସା ରଖେ
ଶାନ୍ତିରେ ଶୁଏ।

ଏ/ ୨୯, ଫାଷ୍ଟ ଫ୍ଲୋର, ରାମପୁରୀ,
ଭାରତ ଆପାର୍ଟମେଣ୍ଟ, ସୂର୍ଯ୍ୟନଗର,
ଗାଜିଆବାଦ, ଉ.ପ.

*With Best Compliments from :*

**INDIAN ART PRESS**

SPECIALISTS IN : EXCLUSIVE OFFSET & SCREEN PRINTING

WZ-407B, BASAI DARAPUR, NEW DELHI-110015
PHONES : 25415329 9911444804 , 9313312281
Email : indianartpress@yahoo.co.in

*With Best Compliments from :*

**Jai Roop**
Narrow Fabrics

B-8A, 98 Modicorp Tower, Nehru Place, New Delhi-19
Mob. : 9810323481, 41808689, 9958644478
Email : rahul@jairoopnarrowfabrics.com
www.jairoop.com

# କଣ୍ଢେଇ

■ ଡକ୍ଟର ଆଶା ମିଶ୍ର

କଣ୍ଢେଇଟି ଧରି ପ୍ରଭା ବସିଛନ୍ତି । ମନେହେଉଛି କଣ୍ଢେଇଟି ତାଙ୍କୁ କହୁଛି ଆଉ ସେ ଉତ୍ତର ଦେଇ ଚାଲିଛନ୍ତି । ପ୍ରଭାଙ୍କ କଥାବାର୍ତ୍ତା ଶୁଣିଲେ କେହି କ'ଣ ପାଗଳର ପ୍ରଳାପ କହିବ ? ନା-ସେ ପାଗଳର ପ୍ରଳାପ ନୁହେଁ, ମା'ର ଅନ୍ତର୍ବେଦନାର କେତେକ ସ୍ଫୁରିତ ବାକ୍ୟ ମାତ୍ର ।

କଣ୍ଢେଇ ଯେପରି କହୁଛି - ମମି ! ତୁମେ ମୋତେ ଛାଡ଼ିଦେଇ ଆସିଲ ?

ପ୍ରଭା କହୁଛନ୍ତି - ନା ତ, ତୋତେ ସାଙ୍ଗରେ ନେଇ ଆସିଛି । ହେଇ ତ ତୁ ମୋ' କୋଳରେ ବସିଛୁ ଆଉ କେତେ ପ୍ରଶ୍ନ କରୁଛୁ ।

କଣ୍ଢେଇ ପୁଣି ଯେପରି କହୁଛି - ମମି ! ସେଦିନର କଷ୍ଟ ମୁଁ କେବେ ଭୁଲିପାରିବି ? କେତେ ଆନନ୍ଦରେ ଆମେ ଫେରୁଥିଲେ ଉତ୍ସବରୁ, କିନ୍ତୁ, ହେଲା କ'ଣ ?

ପ୍ରଭା - କଣ୍ଢେଇ ! ତୋତେ ନିଶ୍ଚୟ କଷ୍ଟ ହେଉଥିବ । ମାତ୍ର ପାଞ୍ଚ ବର୍ଷ ବୟସର କଅଁଳ ଛନଛନିଆ ଝିଅ । ତୁ କ'ଣ ଜାଣିଥିଲୁ ତୋ ଭାଗ୍ୟରେ ବିଧାତା ଏପରି ଲେଖିଛନ୍ତି । ଶୁଣ କଣ୍ଢେଇ, ଆଖି ଆଗରେ ସେଦିନର ଦୃଶ୍ୟ ଭାସିଯାଉଛି । ସୁଦୂର ଆମେରିକା ଡ଼େଟ୍ରଏଟ୍ ସହର । ସେଦିନ ଓଡ଼ିଆ ସୋସାଇଟି ପାଳନ କରୁଥାଏ ରଜ ପର୍ବ । ମନେପଡ଼େ ଲାଲ ସମ୍ବଲପୁରୀ ପାଟରେ ତୋତେ ସଜାଇ ଦେଇଥିଲି ଓଡ଼ିଶୀ ନାଚର ପରିପାଟୀରେ । ତୁ ଦିଶୁଥିଲୁ ସଦ୍ୟଫୁଟା ଲାଲ ପଦ୍ମପରି ସତେଜ । ମନରେ ମୋ'ର କେତେ ଯେ ଅସୁମାରି ସ୍ୱପ୍ନ ଥିଲା, ସେ ସ୍ୱପ୍ନରେ ରହିଗଲା । ନୃତ୍ୟ ଶେଷରେ ଖୁସିହୋଇ କେତେ ବନ୍ଧୁ କେତେ ଗିଫ୍ଟ ଦେଲେ । ତାକୁ ଧରିବା କଷ୍ଟକର ହୋଇଥିଲା । ତୁ ଖାଲି ବ୍ୟସ୍ତ ଥିଲୁ ପଚାରିବାରେ - ନାଚ କେମିତି ହେଲା ? କେତେ ଯେ କ୍ୟାମେରା ତୋ'ର ଫଟୋ ଉତ୍ତୋଳନ କରିଥିଲେ କୁହାନଯାଏ । ଶେଷରେ ଆରମ୍ଭ ହେଲା ଖାଇବା ପର୍ବ । ମନେପଡୁଛି କଣ୍ଢେଇ, ତୋ' ପାଖରେ ଯେଉଁ ଅଙ୍କଲ୍ ଆଉ ଆଣ୍ଟି ବସିଥିଲେ, ତାଙ୍କ ଝିଅ ଆନି ତୋତେ ଖାଲି ଅପଲକ ନୟନରେ ଚାହିଁରହି କହିଥିଲା - "ନାନୀ ଖୁବ୍ ବିଉଟି ଫୁଲ୍ ଡାନ୍ସ" । ତା'ପରେ ମୁଁ ଆଉ ତାକୁ ଦେଖିନି । ଖାଇବା ପରେ ତୋ' ଡାଡ଼ି ସବୁ ଗିଫ୍ଟ ନେଇ କାର୍‌ର ପଛସିଟ୍‌ରେ ରଖିଦେଲେ । ଆଉ ତୁ କହିଲୁ - "ମୁଁ ଗିଫ୍ଟ ପାଖରେ ବସିବି ।" ଠିକ୍ ବାପାଙ୍କ ପଛରେ ତୁ ବସିଲୁ ଏହି କଣ୍ଢେଇଟି ଧରି ।

ତା' ପରେ ? ? ?

ତା' ପରେ କ'ଣ ହେଲା ମୁଁ ଜାଣେନି । ମୋ' ସେନ୍ସ ଆସିବାରୁ ମୁଁ ଆଗେ ତୋତେ ଖୋଜିଲି । ତୁ ବସିଥିଲୁ ପଛସିଟ୍‌ରେ । ଆଉ ଝରଝର ରକ୍ତ ବୋହି ଯାଉଥିଲା ତୋ' କପାଳରୁ । ତା'ପରେ ହସ୍ପିଟାଲ୍‌ର ବେଡ୍‌ରେ ମୁଁ ନିଜକୁ ଆବିଷ୍କାର କଲି । ଡାଡିଙ୍କର ହାତ, ଗୋଡ଼ ବ୍ୟାଣ୍ଡେଜ ହୋଇଥିଲା । କିନ୍ତୁ ତୋତେ ଦେଖିଲିନି । ଯେତେ ପଚାରିଲି ଡାଡି କହିଲେ - "ତୁମେ ଆଗ ଭଲ ହୋଇଯାଅ, ତା'ପରେ କଣ୍ଢେଇ ପାଖକୁ ଯିବ । ଜାଣୁ କଣ୍ଢେଇ, ମୁଁ



ତୋତେ ଖୋଜି ଖୋଜି ଏପରି ଏକ ସ୍ଥାନରେ ପହଞ୍ଚିଲି ଯେଉଁଠି ତୁ ଜଡ଼ହୋଇ ପଡ଼ି ରହିଥିଲୁ । ତୋ' ଅଙ୍ଗରେ ଥିଲା ସେହି ଲାଲ୍ ଶାଢ଼ୀ । କଣ୍ଢେଇ ! ମୁଁ ଭାବିଲି ତୁ ଶୋଇ ଯାଇଛୁ, ହଲେଇଦେଲି ତୋ' ଦେହକୁ । କିନ୍ତୁ ଏ କ'ଣ ? ଦେହଟା ହେମାଳ । ତୋତେ ନେଇଯିବା ପାଇଁ କେତେ କାନ୍ଦିଲି- ସେମାନେ ଦେଲେନି । ମୁଁ ଘରକୁ ଏକା ଫେରିଆସିଲି । ଡାଡି ତ ପଥର ପାଲଟି ଯାଇଥିଲେ । ସେ ଆକ୍ସିଡେଣ୍ଟ କଥା ସେ ଭୁଲିପାରୁ ନଥିଲେ । ଦୀର୍ଘ ଦୁଇଦିନ ପରେ ତୁ ଆସିଥିଲୁ । କିନ୍ତୁ ସେ କଣ୍ଢେଇ ସୁପ୍ତ ଥିଲା । ଚଳଚଞ୍ଚଳ ନୟନ ଦୁଇଟି ମୁଦି ହୋଇଯାଇଥିଲା । ଘୁଙ୍ଗୁରର ଶବ୍ଦ ଆଉ ଶୁଭୁ ନଥିଲା । କଣ୍ଢେଇ ! ତୋ' ପାଖରେ ଥିଲା ଏହି କଣ୍ଢେଇଟି । ଶେଷ ଦୃଶ୍ୟ ମୁଁ ଆଉ ଦେଖିପାରୁନି । କ୍ରେମେସନ୍ ଗ୍ରାଉଣ୍ଡର ଦୃଶ୍ୟ - ଭାରତୀୟ ହେଲେ ମଧ୍ୟ ଆମେରିକୀୟ ରୀତିରେ ତୋତେ କାଠବାକ୍ସ ଭିତରେ ସମାଧି ନେବାକୁ ପଡ଼ିଲା । ସେଦିନର ସମସ୍ତ ଗିଫ୍ଟ ମୁଁ ତା'ରି ଭିତରେ ସଜାଡ଼ି ଦେଇଥିଲି । ତୋ' ଘୁଙ୍ଗୁର ନୀରବ ନିଥର ହୋଇ ରହିଗଲା ତୋ' ପାଦ ପାଖରେ । କେତେ ଅଙ୍କଲ ଆଉ ଆଣ୍ଟି ଆସି ଫୁଲତୋଡ଼ା ରଖିଦେଲେ ତୋ' ନିର୍ଜୀବ ଶରୀର ଉପରେ, ଆଉ ନିଦ୍ରା ଚକ୍ଷୁରେ ସବୁ ଜାଣୁଥିଲୁ ବୋଧହୁଏ । କାରଣ, ତୋ' ମୁଖମଣ୍ଡଳରେ କୌଣସି କଷ୍ଟର ଚିହ୍ନ ନଥିଲା । ତୁ ହୁଏତ ପାଞ୍ଚ ବର୍ଷର ଖେଳାଲୀଳା ଶେଷକରି ଚାଲିଗଲୁ ସେହି ନିରାକାରଙ୍କ ସମୀପକୁ । ନିଷ୍ପାପ ପ୍ରାଣ ତୋ'ର, କ'ଣ ବା ସଂସାରକୁ ଜାଣିଲା ! ମୋ' କୋଳ, ମୋ' ଘର ସବୁ ଶୂନ୍ୟ ହେଲା । ମୋ'ର ହୃଦୟ ଶୂନ୍ୟ ହେଲା । ମଣିଷେ ଉଚ୍ଚା ଗର୍ତ୍ତ ମଧ୍ୟରେ ତୁ ରହିଗଲୁ ଚିରଦିନ, ମୁଁ ଆଉ ରହିପାରିଲି ନାହିଁ । କଣ୍ଢେଇ ନେଇ ଚାଲିଆସିଲି ଏହି ଓଡ଼ିଶାକୁ । ମୁଁ ତୋତେ ଛାଡ଼ିଦେଇ ଆସିନି ମାଁ । ନେଇଆସିଛି ତୋ'ର ଆତ୍ମାକୁ । ତୁ ପୁଣି ଆସିବୁ ମୋ'ର ଏହି ଗର୍ଭକୁ । ଜନ୍ମ ଜନ୍ମ ଧରି ତୁ ଜନ୍ମ ହେବୁ ଆଉ ମୁଁ ତୋ'ର ମା' ହେବି । ଏଥର ମୁଁ ତୋ'ର ଦେହକୁ ବାନ୍ଧି ରଖିବି ମୋ' ସ୍ନେହ ରଜ୍ଜୁରେ । କଣ୍ଢେଇ ମୋ' କଥା ଶୁଣୁଛୁ ? ?

ଆଲେଖିକା, ଶହିଦନଗର
ଭୁବନେଶ୍ୱର

# ସେମାନେ ଥକି ପଡ଼ିଥିଲେ

■ ଭଗବାନ ମହାନ୍ତି

ସନିଆଁ ଆଉ ବାଉଲା । ଥକି ପଡ଼ିଥିବା ବୟସର ବୋଝ ମୁଣ୍ଡେଇ ନଇଁ ପଡ଼ିଥିବା ବୁଢ଼ା ଦି'ଜଣ । ଚମ ଧୁଡ୍ରୁଧୁଡ୍ରୁ ଦେହ । ଖଂକଳା ପେଟ । ମୁଣ୍ଡରେ ଗୋଛାଏ ଲେଖା ବାବୁରି ବାଳ । ନୁଖୁରା, ଅସଜଡ଼ା ଜଣକର ଝୋଟ ତ ଆଉ ଜଣକର ଅଧା ପାଚିଲା । ମୁହଁରେ ମେଞ୍ଚାଏ ଲେଖା ଦାଢ଼ୀ । ଅକାଳେ ସକାଳେ କ୍ଷୁର ଟିକିଏ ବାଜେତ କେବେ ବାଜେନା଼ି । ଜଣେ କାନକୁ ଭଲ ଶୁଣିପାରେନା, ଆଉ ଜଣଙ୍କର ଆଖିକୁ ଦେଖାଯାଏନାଁ ଭଲ । ଜଣେ ଶୁଣେ ଅନ୍ୟ ଜଣକ କାନରେ, ଆରେକ ଦେଖେ ଅନ୍ୟଜଣକ ଆଖିରେ । ଜଣେ ଠୋସ୍ ଠାସ୍ କଥା କହୁଥିଲା ବେଳେ ଆର ଜଣକ ଥଂଗେଇଲା ପରି ଖନେଇ ଖନେଇ କୁହେ । କମରରେ ଦରମଇଳା ଲୁଂଗି ଖଣ୍ଡେ ଲେଖା ବେଢ଼େଇ, ଦେହରେ ଛିଣ୍ଡା ଗେଂଜିଟାଏ ଲେଖା ଗଳେଇ ଦେଇଥାନ୍ତି ସେମାନେ । କାନ୍ଧରେ ସାତପୁରୁଣା ଗାମୁଛା ଖଣ୍ଡେ ଲେଖା ପକାଇଥାନ୍ତି, ଦଦରା ବାଉଁଶ ବାଡ଼ି ଖଣ୍ଡେ ଲେଖା ଉପରେ ନଇଁଲା ଦେହକୁ ଭରାଦେଇ ସେମାନେ ଆସନ୍ତି । ସାଙ୍ଗହୋଇ, ଠକ୍ ଠକ୍ କରି, ଆଉ ବସନ୍ତି । ଶୀତ ଥୁରୁଥୁରୁ ଦିନରେ ହେଉ ଅବା ଖରା ଝାଉଁଳା କି ମେଘ ଟପଟପ ଦିନରେ ହେଉ ।

ଆମ ବାଡ଼ିପଟ ରାସ୍ତା ଆରପଟେ ପୋଖରୀଟାଏ ଅଛି । ହୁଡ଼ା ଉପରେ ପୁରୁଣା କଦମ୍ବ ଗଛଟାଏ । ତାରି ମୂଳରେ ଇଟା ସିମେଣ୍ଟ ପଲସ୍ତରା ବେଦିଟାଏ ବନ୍ଧା ହୋଇଛି । ଉପରେ ଟିଣ ଛାତ ଖଣ୍ଡେ, ଗାଁର ବସ୍ ଷ୍ଟପେଜ ସେଡ୍ । ଖରା ବର୍ଷାରେ ଲୋକେ ଏଇଠି ବସି ଗାଡ଼ିକୁ ଅପେକ୍ଷା କରନ୍ତି । ଯିବେ ଅବା ଓହ୍ଲାଇବେ । ସେଇ ବେଦିଟା ଉପରେ ବୁଢ଼ା ଦି'ଜଣ ବସନ୍ତି ଆସି । ଗାଡ଼ି ଯିବା ଆସିବା ସହିତ ସେମାନଙ୍କର କିଛି ଯାଏଆସେ ନଥାଏ । ପଶିଗଲା ପେଟ ପାଇଁ ଦାନା ଗଣ୍ଡା କର ଚିନ୍ତା ଘାରିଥାଏ ସେମାନଙ୍କୁ । – 'ଆଜି କୁଆଡ଼େ ଯିବା ?'

ସାମନା ବାଡ଼ି ଫାଟକ ପାଖରେ ମୁଁ ଠିଆ ହୋଇଥାଏ ବେଳେ ବେଳେ । ସେଦିନ ବି ଠିଆ ହୋଇଥିଲି । ଦେଖୁଥିଲି ରାସ୍ତାର ଗହଳି ଚହଳି, ଶୁଣୁଥିଲି ସେମାନଙ୍କର କଥା । – 'ଆଜି କୁଆଡ଼େ ଯିବା ସନିଆଁ ?' ବାଉଲା ପଚାରିଲା ।

ଆଜି ଚାଲ ଗୋବିନ୍ଦ ପଲେଇ ଦୁଆରକୁ । ତା ପୁଅ କଲିକତାରୁ ଆଇଚି । ଭଲମନ୍ଦ କିଛି ଆଣିଥିବ । ବିଲେଇ କପାଳକୁ ଶିକା ଛିଣ୍ଡିଲା ପରି ଆମ ଆଂଜୁଳାରେ ଯଦି କିଛି ପଡ଼େ !

– 'ଆବେ ସେଟା ଶୁଣ୍ଡାଟାଏ ରେ । ତା ମୁହଁ ଚାହିଁଲେ ଯଶ ନାହିଁ । ଏପେଟ ଆଜି ଦିନସାରା ଖଂକଳା ରହିବ । ନିଜେତ ଠକି ଖିଆଟା, ତୋତେ କଣ ଦେବ । ଗାଁରେ ପୁଣି ସାର୍ ହୋଇଛି, ସାର ନାଁ ସାରୁ । ଆଜି କାଲିତ ସ୍କୁଲର ପିଅନ ଠାରୁ ବଗିଚାର ମାଳୀଯାଏଁ ସମସ୍ତେ ସାର । ମେଟ୍ରିକଟାଏ କୌଣସି ମତେ ପାଶ୍ କରି, ରାମ ମଳିକ ଭାଷାରେ ବଲମଟେରି ପଢ଼ି, ଧରାଧରିରେ ଗାଁ ସ୍କୁଲରେ କିରାଣୀ ଥିଲା । ସେତିକି ରେ ନିଜକୁ ସବ୍‌ଜାନ୍‌ତା ବିଚାରେ । ଗୋଟାଏ ସଉଦାଗରୀ ଜାହାଜରେ ସୁଇପର କାମ କରୁଥିବା ପାତୁଳିର କାଳିଆଡ଼ମ ପରି ଇଂଲିଶ୍ ଫେଁଟାଏ । ଗାଁ ଲୋକଙ୍କ ଆଗରେ ଢ଼ୋଲ-ଢ଼ାକ



ପିଟେ । ହେଁସରେ ପୁଣି ହେଁସେ ଛୁଆ ତାର । ସେମାନଙ୍କ ପେଟକୁ ତ ଯୋଗାଇ ପାରୁନି, ତୋ ମୋ ପରି ଲୋକଙ୍କ ପେଟକଥା ସିଏ କଣ ବୁଝିବ । 'କାହିଁକି ଏମିତି ବାରଦୁଆରେ ମାଗି ଖାଉଛ ବୋଲି କହି ଯଦି ବିଣ୍ଡାଏ ଇଂଲିଶ ତୋପାଟିରେ ଗୁଂଜି ଦେବନା, ତୋତେ ଆସିବାକୁ ବାଟ ମିଳିବନି, ବୁଝିଲୁ ?

– 'ତେବେ ଚାଲ ଆଜି ନଥିଆ ସାହାଣୀ ଘରକୁ ଯିବା । ପଇସା ବାଲା ଲୋକ । ପୁଅ –ଝିଅ ସମସ୍ତେ ରୋଜଗାରିଆ । ଗାଁରେ ଚାଷବାସ ସାଙ୍ଗକୁ ପଞ୍ଚାୟତର ମାଛ ପୋଖରୀଟାଏ ପଚାଶ ହଜାର ଟଙ୍କାରେ ନିଲାମ ନେଇଛି ଏବେ–' ।

– 'ତୋ ତୁଣ୍ଡରେ ଆଜି ଏମିତିକା ଲୋକ ଗୁଡ଼ାଙ୍କ ନାଁ ସବୁ କେମିତି ପଇଟୁଛିକିରେ ? ତା ଦୁଆରେ ଦୁଃଖୀ ରଂକିଏ କେବେ ପତ୍ର ପକାଇବାର କି ହାତ ପାତିବାର ତୁ ଦେଖିଛୁ କେବେ ? ବାଟ ଭିକାରୀଙ୍କୁ ପରା ଦୂରଦୂର ମାରମାର କରେ । ନିଜେ ପରା ଦୋକତା ଟିକିଏ, ଖଇନି ଟିପେ ଯାକୁତାକୁ ମାଗେ । –'

– ' ତୁ ଯଦି ସବୁ କଥାକୁ ଆଜି ଏମିତି ନାକଟ କରିବୁ, ତେବେ ତ ଆଜି ହରି ଭରସା । ଗାଁରେ ଆଜି କାହାରି ମେଳା-ମଉଛବ, ଶ୍ରାଦ୍ଧ-ବାହା ନାହିଁ । ଆଚ୍ଛା, କଥାଟାଏ ମନେ ପଡ଼ିଲା, ଚାଲ ଦଧିବାମନ ମଠକୁ– ।'

– 'ଆରେ ସେଠିତ ମୁଣ୍ଡ ଗଣିତ ପାଳି ରୋଷେଇ । ପୂଜାରୀ, ରୋଷେୟା, ପାଳିଆ ଆଉ ମଠ ମେନେଜରକୁ ଛାଡ଼ି ଜଣେ ଅଧେ ଅତିଥିଙ୍କ ପାଇଁ ବ୍ୟବସ୍ଥା ଥାଏ ଅବଶ୍ୟ । ଆମେତ ହେଲେ ନିତିମଗା । କଉ ଅତିଥିରେ ଗଣା କି, ଆମ ପାଇଁ ଥୁଆ ହୋଇଥିବ ସେଠି ?"

– ଆଜି ତେବେ ଆମର କପାଳଟା ଫଟା । ଟୁନା ମାହାନ୍ତିକୁ କିରୋଗ ଘୋଟିଛି କେଜାଣି, ଖାଲିତ କଟକ ଦଉଡ଼ିଲା । ଯଉଦିନ ଗଲା, ତା ଭାରିଜା ବି ତା ସାଙ୍ଗରେ, ଘରେ ଥିବି, କିଏ ଆଉ ଅନେଇବ, ଆଜି ଆମ ପେଟକୁ ? ମା' ବୋଲି ଡାକଟାଏ ମାରିଦେଲେ ତା ଭାରିଜା ପୁଅ ପରି କଅଁଳେଇ ଡାକି ଘରେ ଶାଗ-ମୁଗ ଯାହା କରିଥାଏ ମୁହଁ ସାମ୍ନାରେ ଥୋଇଦିଏ

ଆଣି ।

- ସନିଆଁ କହିଲା, 'ଖାସା ନାଁଟାଏ କହିଲୁ ଏଥର । ଦୁଃଖୀରଂକିଙ୍କ ପେଟ ଚିହ୍ନିଲାବାଲା । ଠାକୁରଙ୍କୁ ଡାକବେ, ତାକୁ ସିଏ ଭଲ କରି ଦିଅନ୍ତୁ । ଆମେ ଏଇମିତି ତା ଦୁଆରକୁ ଯାଉଥାଉଁ ଆଉ ଖାଉଥାଉଁ । ଏଇ ଦେଖୁନୁ କାଲିଠୁ ଯାଇଛି ଯେ ଏଯାଏ ଫେରିନି । ଆମେ ଆଜି 'କଣ ଖାଇବା'ର ପଞ୍ଚାକ୍ଷରୀ ଜପୁଥିବା ।'

ସେମାନଙ୍କ କଥାସବୁ ଶୁଣି ଭାବିଲି, କାହିଁକି ଏତେ ଦୁଃଖର ପାହାଡ଼ ଚାପି ହୋଇଯାଇଛି ଏମାନଙ୍କ ଉପରେ । ଏଇ ଜନ୍ମରେ ନାଁ ଗଲା ଜନ୍ମରେ, କି ଅପରାଧଟାଏ କରିଥିଲେ କି ଏମାନେ, ନିରାଶ୍ରୟତ ନୁହଁନ୍ତି ଏମାନେ । ମୁଣ୍ଡ ଗୁଂଜିବା ପାଇଁ ଚାଳଖଣ୍ଡେ ଲେଖା ଆଉ ପୁଅ ଭାରିଜାବି ଅଛନ୍ତି । ଗରୀବ ହେଲେବି ଦେହ ମେହନତି କରି ପେଟ ପୋଷିବାର ସାମର୍ଥ୍ୟ ଅଛି ସେମାନଙ୍କର । ତଥାପି ବୁଢ଼ା ଦି'ଜଣ ଏତେ ନିଉଛଣା ଜୀବନ କାହିଁକି କାଟୁଛନ୍ତି ।

ସନିଆଁ ଜାତିରେ ପାଣ, ବାଉଲା ଗୋଖା (ମତ୍ସ୍ୟଜୀବି) । ଏକଦା ସେମାନଙ୍କର ବାପଗୋସାପ ସମାଜରେ ଅବହେଳିତ, ଅଛବ ଗୋଷ୍ଠିର ଥିଲେ । ସାହା ଭରସା କିଛି ନଥିବାରୁ ଗାନ୍ଧିଜୀ ସେମାନଙ୍କୁ ନୂଆ ନା'ଟାଏ ଦେଇଥିଲେ ହରିଙ୍କର ଜନ 'ହରିଜନ' । ଏବେ ସେ କାଳ ନାହିଁ । ସମ୍ମାନର ସହିତ ସମାଜରେ ମୁଣ୍ଡ ଟେକି ଠିଆ ହେବାର ଅଧିକାର ମିଳିଛି ସେମାନଙ୍କୁ । ଲୋକଙ୍କ ମନରୁ ବି ସେମାନଙ୍କ ପ୍ରତି ଥିବା ଘୃଣାଭାବ ହଜିଗଲାଣି । ଆଉ ଅଛୁଆଁ ନୁହନ୍ତି ସେମାନେ । ନାନା ସରକାରୀ ସାହାଯ୍ୟ ବି ମିଳୁଛି ସେମାନଙ୍କୁ । ତଥାପି କାହିଁକି ସନିଆଁ ଆଉ ବାଉଲାମାନଙ୍କ ପେଟ-ପିଠିକୁ ଦାନାକନା ଜୁଟୁନି । ପର ଦୁଆରେ ହାତ ପାତୁଛନ୍ତି ।

ସନିଆଁ କୁହେ, ତା ପୁଅବୋହୂ ତାକୁ କାଳେ ଅଲଗା କରି ଦେଇଛନ୍ତି । ତା ଭାରିଜା ବି ସେମାନଙ୍କ ପଟିଆ ହୋଇ ତାଠାରୁ ଅଲଗା ହୋଇଯାଇଛି । ସରକାରୀ ବାର୍ଦ୍ଧକ୍ୟ ଭତ୍ତା ଯାହାଟା ମିଳେ ସେମାନେ ଛଡ଼େଇ ନିଅନ୍ତି ତାଠାରୁ । ତା ବି.ପି.ଏଲ୍. କାର୍ଡଟାକୁ ବି ହାତେଇ ନେଇଛନ୍ତି । ଯାହା ମୁଠାଏ ତା ମୁହଁ ପାଖରେ ଆଣି ଥୁଅନ୍ତି, କେବେ ପେଟକୁ ଅଣ୍ଟେ ତ କେବେ ଅଣ୍ଟେ ନାଁ । ସେମାନଙ୍କ ହାତ ଟେକାକୁ ଅନିସା କରିବା ଠାରୁ ବାରଦୁଆର ବୁଲି ସିଏ ଜୀଇ ରହିଛି ଖାଲି- ହଁ, ଖାଲି ବଞ୍ଚିବାର ନିଶାରେ ।

ବାଁଉଲା ଅବସ୍ଥାବି ଏକାପରି ଗୋଟିଏ ବୋଲି ପୁଅଟାର । କଲିକତା ଯାଇଁ କି କାମଟାଏ କଉଠି କରୁଥିଲା କେଜାଣି ଭଲ ଦି'ପଇସା କମଉଥିଲା । ବାପା-ମାଙ୍କ କଥା ବି ବୁଝୁଥିଲା । ଏବେ କଉ ରିଫଉଜୀ ଝିଅଟାକୁ ବାହାହୋଇ ପାଶୋରି ଦେଇଛି ବାପ-ମାଙ୍କୁ । ଗାଁ ନାଁ ଧରୁନି । ଝିଅଟିଏ ଥିଲା ବାଉଲାର ତାକୁ ବାହା କରେଇ ଗୋଟାଏ ଅକର୍ମାକୁ ଘରଯୋଇଁଆ ରଖି ଭାବିଥିଲା ସାହାଟିକିଏ ହେବ ବୋଲି । କିନ୍ତୁ ଯାର ନିଜ ରକ୍ଷଣେ ଅସମ୍ଭବ, ସେ କାହୁଁ ଆନେ ସଂପାଦିବ । ଭାରିଜା ତାର ପରଘରେ ଖଟି ଯାହା ଦି'ପଇସା ଆଣେ ଗୋଟାଏ ପେଟକୁ ନିଅଣ୍ଟ । ପେଟକୁ ଲାଗିଲେ ମଣିଷ ମନରେ ପାପବୁଦ୍ଧି ଜୁଟେ । ସେଥିପାଇଁ ବାଉଲା ସହିତ ଅଧିକାଂଶ ଦିନ ଝଗଡ଼ା କରେ ସିଏ । ବେଳେ ବେଳେ ତା ଉପରକୁ ହାତ ବି ଉଠାଏ ।

ମନେ ମନେ ଚିନ୍ତା କଲି, - ନିଜକୁ ଜାତିଆ ବୋଲାଉଥିବା ମଣିଷ ସମାଜ, ଅମଣିଷ ପଣିଆ କରି ଏଇ ଅଜାତିଆ ଗୋଷ୍ଠିର ଲୋକ ସବୁଙ୍କୁ ଏତେ ତଳକୁ ଚାପି ଦେଇଥିଲେ ଯେ ସେମାନେ ଆଜି ବି ମୁଣ୍ଡ ଉଠାଇ ପାରୁ ନାହାନ୍ତି । ମଣିଷକୁ ମଣିଷ ହେବା ପାଇଁ ଯେଉଁ ଶିକ୍ଷା-ଦୀକ୍ଷା ଆଉ ସଂସ୍କାର ଦରକାର, ସରକାରଙ୍କ ଶତଚେଷ୍ଟା ସତ୍ତ୍ୱେ ବି ଏ ଯାଏଁ ପୁରାମାତ୍ରାରେ ପାଉ ନାହାନ୍ତି ସେମାନେ । ନିଜ ପାଇଁ ନିଜେ ସଚେତନ ନହେଲେ ଅନ୍ୟମାନଙ୍କ ସହିତ ସମାନସ୍ତରକୁ ଆସିବା ପାଇଁ ସେମାନଙ୍କୁ ଆହୁରି କେତେ ଦଶନ୍ଧି ଲାଗିବ କିଏ ଜାଣେ ।

ଯାହାବି ହେଉ ବୁଢ଼ା ଦି'ଜଣଙ୍କ ପାଇଁ ଆଖିଜୋଡ଼ାକ ମୋର ଓଦାଓଦା ଲାଗିଲା ସେଦିନ । ବୟସ ଥିଲା ବେଳେ ଖଟୁଥିଲେ, ଖାଉଥିଲେ, ପୁଅ ଭାରିଜାଙ୍କ ଭଲମନ୍ଦ ବି ବୁଝୁଥିଲେ । ନିଜର ଗେରସ୍ତ ପଣିଆ, ବାପପଣିଆ ଜାହିର କରୁଥିଲେ ସେମାନଙ୍କ ଉପରେ । ସେମାନେ ବି ମୁଣ୍ଡ ପୋତି ଦେଉଥିଲେ । ଆଜି ନିପାରିଲା ହୋଇଯାଇଛନ୍ତି ବୋଲି ନିରିମାଖି ଦିନଟିଏ ଲେଖା ପରି ନିଜ ସଂସାରରେ ନିଜେ ଅଲୋଡ଼ା ହୋଇ ପଡ଼ିଛନ୍ତି ।

- ପାଖକୁ ଡାକିଲି, ବଡ଼ କଷ୍ଟରେ ଉଠି ବାଡ଼ିଢ଼ିରା ମାରିମାରି ଆସିଲେ ସେମାନେ । କହିଲ, - 'ଟୁନା ମାହାନ୍ତି, କଟକରୁ ନ ଫେରିଲା ଯାଏଁ ତୁମେ ଦି'ଜଣ ଆମ ଘରେ ଖାଇବ, - ହଁ ଆଜିଠାରୁ ।'

ମୁଁ ଯେ ସେମାନଙ୍କୁ ପାଖକୁ ଡାକି ଏମିତିକା ଜୀବନ ପଶିଲା ପରି କଥାଟାଏ କହିଦି, ସେମାନେ ଆଦୌ ଆଶା କରିନଥିଲେ । ସବୁଦିନ ଦେଖୁଥିଲି ସେମାନଙ୍କୁ । ଶୁଣିଛା ନଶୁଣିଲା ପରି ଶୁଣୁଥିଲି ସେମାନଙ୍କର କଥା । - 'କଣ ବୁଢ଼ା ଦି'ଜଣ ଗପୁଛନ୍ତି କେଜାଣି ।' ସେମାନଙ୍କ ଜୀବନ ଯେ ଏତେ ଯନ୍ତ୍ରଣାରେ ଭରା, ଜାଣିବାକୁ ଚେଷ୍ଟା କରିନଥିଲି କେବେ । ସେମାନେ ବି କେବେ ମୁହଁ ଟେକି ଅନାଉଁ ନଥିଲେ ମୋ ଆଡ଼କୁ । ଆଜି ମନଧ୍ୟାନ ଦେଇ ଶୁଣିଲା ପରେ ସିନା ଜାଣିଲି, ଆଉ ଡାକିଲି । ଆସିଲେ ସେମାନେ, କୃତ୍ୟ କୃତ୍ୟ ହେଲାପରି ଜୁହାରଟାଏ ଲେଖା ପକେଇଲେ, ଆଉ ପରେ ପରେ ଆମ ଦୁଆରେ ପହଞ୍ଚିଗଲେ ଆସି ।

ସେଇ ଦିନଠୁ ଟୁନା ମାହାନ୍ତି କେବେ କେମିତି ସ୍ତ୍ରୀକୁ ସାଙ୍ଗରେ ଧରି ବାହାରକୁ କୁଆଡ଼େ ଗଲେ, ବାଉଲା ଆଉ ସନିଆଁ ଆମ ଘରେ ଆସି ଅତିଥି ବନିବାଟା ଗୋଟାଏ ଧରାବନ୍ଧା ଭିତରକୁ ଚାଲିଆସିଲା ।

ସେଦିନ ମୋ ବାପାଙ୍କର ଶ୍ରାଦ୍ଧତିଥି ଥାଏ । ସାଇ ଭାଇ

ପତର ପକେଇବେ ବୋଲି ଖାଦ୍ୟପେୟର ବ୍ୟବସ୍ଥାଟା ଥିଲା ଅନ୍ୟଦିନ ଠାରୁ ଅଲଗା । ଯୋଗକୁ ଚୁନା ମାହାନ୍ତି ଘରେ ନଥିବାରୁ ସନିଆଁ ଆସି ପହଞ୍ଚିଗଲା । ତାକୁ ଏକଲା ଦେଖି 'ବାଉଲା କୁଆଡ଼େ ଗଲା' ବୋଲି ପଚାରନ୍ତେ କହିଲା, 'ସିଏ ଶୋଇଛି ଆଜ୍ଞା ।' 'ଏତେବେଳ ଯାଏ କାହିଁକି, କଉଠି ଶୋଇଛି' ବୋଲି ପଚାରିବାରୁ କହିଲା – 'ନଈକୂଳ ସେଇ ବାଲିକୁଦଟା ପାଖରେ । ତା ସାଇଭାଇଏ ତାକୁ ନେଇ ସକାଳୁ ସକାଳୁ ସେଠି ଶୁଆଇ ଦେଇ ଆସିଛନ୍ତି ପରା । ତା ନିଦ କଣ ଆଉ ଭାଂଗିବ । ଭଲ ମରଣଟାଏ ଆଜ୍ଞା, ଘାଣ୍ଟିଗୋଳେଇ ହୋଇନି ।'

ମନଟା ଖରାପ ଲାଗିଲା ଭାରି । ସନିଆଁର ଦୁଃଖି ଜୀବନରେ ବାଉଲା ଥିଲା ସାଥିଟିଏ –ମିତଟିଏ । ଯୁଆଡ଼େ ଯାଆନ୍ତି କାଶିଆ-କପିଳା ଜୋଡ଼ି । ଅଥଚ ସନିଆଁର କଥାରୁ ମନେହେଲା ବାଉଲାର ମନଟାକୁ ସିଏ ଯେମିତି ଖୁବ୍ ହାଲୁକା ଭାବରେ ନେଇଛି, ଆଖିରେ ଲୁହ ଟୋପାଏ ବି ନାହିଁ । କହିଲା କଣ ଜାଣନ୍ତି ? – 'ଯା' ହେଉ ଏଣିକି ବେଶି ଦିମୁଠା ଖାଇବାକୁ ମିଳିବ ମୋତେ ।'

– କାହିଁକି, ଆଗରୁ ତୁମ ଦି'ଜଣକୁ ଯାହାଟା ଦିଆଯାଉଥିଲା କଣ ନଅଣ୍ଟିଆ ହେଉଥିଲା କି ?

– 'ନାଇଁ ବାବୁ, ବାବୁଆଣୀ ସିନା ତୁମ ଘର ହିସାବରେ ବାଢ଼ି ଦେଉଥିଲେ, ହେଲେ ତୁମ ପେଟ ଆଉ ଆମ ଗରୀବଙ୍କ ପେଟ ଭିତରେ ଫରକଟା ସିଏ କେମିତି ଜାଣିବେ । ପଛରେ ମାଗିବାକୁ ଶରମ ଲାଗୁଥିଲା । 'ନାହିଁ ମାମୁଁ ଠାରୁ କଣା ମାମୁଁ' ଭଲ ଭାବି ସେତିକିରେ ଖୁସି ହୋଇ ଚଳେଇ ନେଉଥିଲୁ ।'

ସେଇ ଦିନଠୁ ମୋ ସ୍ତ୍ରୀ ଦି'ଜଣକୁ ଅଲଗା ଅଲଗା ଯେତିକି ଲେଖାଏଁ ଦେଉଥିଲେ, ଏକଲା ସନିଆଁ ପତରରେ ସେତିକି ଲେଖାଏ ଦେଲେ । ମନା କରେନାଁ ସନିଆଁ । ପ୍ରଥମେ ଯେଉଁଦିନ ଦେଖିଲି, ତାଜୁବ ହେଲି, ଦି'ଜଣଙ୍କ ଖାଦ୍ୟକୁ ଗୋଗ୍ରାସରେ ଖାଇଦେଲା ସନିଆଁ । ସତେ ଯେମିତି ବାଉଲାର ଭୋକିଲା ଭୂତଟା । ତା ଉପରେ ସବାର ହୋଇଯାଇଛି ।

ଦିନ ଗଡ଼ି ଚାଲିଲା । ସନିଆଁର ଆସିବାଟା ବି ବନ୍ଦ ହୋଇଗଲା ଦିନେ । ଚାଲବୁଲ ତ ଦୂରର କଥା, ସିଏ ଏବେ କାଳେ କତରାଲଗା ହୋଇଯାଇଛି । ଶୁଣିଲି, ତା ପୁଅ ଭାରିଜା ଗୁହାଳ ଘରର ଗୋଟାଏ କଣକୁ ଛିଣ୍ଡା ମଶିଣା ଖଣ୍ଡେ ବିଛେଇ ଶୋଇ ଦେଇଛନ୍ତି । ମଶା ଡାଆଁସ ଭିତରେ ସିଏ ସେଇଠି ପଡ଼ିଛି । ମୁହଁ ପାଖରେ କିଏ କେବେବେଳେ ମୁଠାଏ ଆଣି ଦେଉଛି ତ କେତେବେଳେ ନାହିଁ, – 'ମରଣ ହେଉନି ବୁଢ଼ାକୁ ।'

ସେମାନଙ୍କ ବିମୁଖପଣିଆକୁ ଦେଖି ସନିଆଁ ହୁଏ ତ ଚିନ୍ତା କରୁଥିବ, – 'ସଂସାରରେ ଯେଉଁମାନଙ୍କୁ ଦିନେ ସିଏ ଆପଣାର ମଣିଥିଲା, ଆଜି ସେମାନଙ୍କ ପାଖରେ ସିଏ ଏତେ ପର ହୋଇଗଲା କେମିତି !' ବାଉଲା ବି ସ୍ୱାର୍ଥପର ଟାଏ । ନିଜେ ଖୁସିରେ ଚାଲିଗଲା ଅଥଚ ତାକୁ ସାଙ୍ଗରେ ଡାକିଲାନି । ବାଉଲାର ସଂସାର ପ୍ରତି ଆପଣାପଣ ଆଉ ବଞ୍ଚିରହିବାର ନିଶାକୁ ଠାକୁରେ ବୋଧହୁଏ ତୁଟାଇ ଦେଇଥିଲେ । ତେବେ ତାର ତୁଟାଇନେନି କାହିଁକି ? ଠାକୁରଙ୍କ ଉପରେ ଅଭିମାନ ଗୁଡ଼ାକ କୁଢ଼େଇ ପକେଇଲା ସିଏ । – ତାର ଅଭିମାନ କାତର ଡାକଟା ଠାକୁରଙ୍କ କାନଯାଏଁ ପହଞ୍ଚିଗଲା ବୋଧହୁଏ । ଦିନ କେଇଟା ହେଲା ପାଣି ଟୋପାଏ ବି ପାଟିକୁ ନେଇ ନଥିବା ବାଉଲାକୁ ସଂସାରରୁ ଫେରାଇ ନେବାପାଇଁ ସିଏ ବ୍ୟବସ୍ଥାଟା କରି ବସିଲେ ।

ସନିଆଁ ଆଉ ବାଉଲା । ସଂସାରକୁ ଆସିଥିଲେ, ଜଣେ ଯାଇଛି ତ ଆଉ ଜଣେ ଗୋଡ଼ ଟେକିଛି । କିଏ କ'ଣ ପାଇଁ ସେମାନଙ୍କୁ ଏଠିକି ପଠାଇଥିଲା, ଯେଉଁଥି ପାଇଁ ପଠେଇଥିଲା, ସେ କାମ ସେମାନେ ତୁଲେଇଛନ୍ତି କି ନାଁ, ସେମାନେ ଜାଣିନଥିଲେ କିଛି । ଆଗରୁ କେବେ ଆସିଥିଲେ, ନାଁ, ଏଇ ପ୍ରଥମ ଥର, ଅବା ପୁଣି ଆସିବେ କି ନାଁ, ସେ କଥା ବି ସେମାନଙ୍କୁ ଅଜଣା । ଏ ପ୍ରଶ୍ନ ସବୁର ଉତ୍ତର କେବଳ ସେମାନେ କାହିଁକି ପ୍ରାୟତ ସବୁ ମଣିଷଙ୍କ ପାଇଁ ଅଜଣା । ଯଦିଓ ସମସ୍ତ ପ୍ରଶ୍ନର ଉତ୍ତର ଅବଶ୍ୟ ରହିଛି । ସନିଆଁ ଆଉ ବାଉଲା ପରି ମଣିଷ, ପୁଳାଏ ଲେଖା ଯନ୍ତ୍ରଣା ଏଠି ଭୋଗି ଯାଉଛନ୍ତି – ଜୀବନ ଯନ୍ତ୍ରଣା ।

ମନେ ମନେ ଠାକୁରଙ୍କୁ କହିଲି, – ' ପ୍ରଭୁହେ, ନେଇଯାଉଛ, ନେଇଯା, ଆଉ ପଠାଅନା ଏମାନଙ୍କୁ । ଯଦି ପଠାଇବ, ଯେଉଁ ଜୀବନ ସେମାନେ ଏଠି ବିତାଇଗଲେ, ତାର ଓଲଟା ଜୀବନ ଦେଇ ପଠାଅ– ସୁଖର ଜୀବନ । ଭାବବେଶରେ ଚିନ୍ତାଟାଏ କଲିସିନା, ପରକ୍ଷଣରେ ସଂବିତ୍ ଫେରିପାଇଲି । ଠାକୁର ଯେମିତି ହସୁଛନ୍ତି ଆଉ କହୁଛନ୍ତି, ' ଓଲଟା ଜୀବନ ଦେଇ ପଠାଇଲେ ସେମାନେ ଏଠି ଆସି ଓଲଟା କାମ କରିବେ ନାହିଁ ତ । ଏବେ ମୋତେ ଡାକି ଡାକି ଥକି ପଡୁଛନ୍ତି, ସେତେବେଳେ ଆଦୌ ଡାକିବେ ନାହିଁ, – ଭୁଲିଯିବେ ।' ହୁଏତ ଠିକ କଥାଟାଏ କହୁଛନ୍ତି ଠାକୁର,– ଦୁଖରେ ମଣିଷ ଡାକେ ତାଙ୍କୁ, ସୁଖରେ ପାଶୋରି ଦିଏ ।

କିନ୍ତୁ ଯିଏ ଦୁଃଖରେ ଡାକେ, ଆଉ ସୁଖରେ ବି – ।

ଗ୍ରାମ/ପୋ:ପେଗରପଡ଼ା
ଭାୟା:ଓଲାଭର -୭୫୪୨୨୭
ଜିଲ୍ଲା-କେନ୍ଦ୍ରାପଡ଼ା
ମୋ:୮୮୯୫୦୧୬୮୩୨

# କୋଣାର୍କରେ ରାସଲୀଳା

■ ମହାନ୍ତି ଗୋପୀନାଥ

ରାସ ପୂର୍ଣ୍ଣମୀ। ମେଘମୁକ୍ତ ଆକାଶରେ ପୂର୍ଣ୍ଣମୀର ଚାନ୍ଦ। ଚନ୍ଦ୍ରର ଶୀତଳ ଜ୍ୟୋତ୍ସ୍ନା ସମଗ୍ର ଜଗତ ଉପରେ ବିଚ୍ଛୁରିତ। ଧୀରେ ଧୀରେ ଅପସରି ଯାଉଛି ରାତ୍ରୀର ଘନ ଅନ୍ଧକାର। ଏହା କେବଳ ବୃକ୍ଷଲତା ଉହାଡ଼ରେ ପ୍ରତୀୟମାନ। କୋଣାର୍କ ପାଷାଣର ଭଗ୍ନ ମନ୍ଦିରଟିଏ। ସେଠି ମନ୍ଦିର ନାହିଁ, ଅଛି କେବଳ ମୁଖଶାଳା। ଶୀତଳ ଜ୍ୟୋତ୍ସ୍ନାର ପ୍ରଲେପସିକ୍ତ କରିଦେଇଛି ପାଷାଣର ପ୍ରତିଟି ରେଣୁକୁ। ଅଦୂରରେ ସମୁଦ୍ରର ଉତ୍ତାଳ ତରଙ୍ଗ, ଚନ୍ଦ୍ରର ଆକର୍ଷଣରେ ସେ ସତେ ଯେମିତି ମତୁଆଲା। ସୁସୁପ୍ତ ପ୍ରାଣୀ ଜଗତ ଓ ଉଦ୍ଭିଦ ଜଗତ ଆଜି ଜାଗରଣରେ ଉନ୍ମାଦ। ରସାପ୍ଲୁତ ପୃଥିବୀ ସୃଷ୍ଟି କରିଛି ସଜୀବ ଓ ନିର୍ଜୀବ ସୃଷ୍ଟିରେ ସ୍ପନ୍ଦନ। କ୍ଲାନ୍ତିରେ ଭରିଦେଇଛି ଶିହରଣ ଓ ମନରେ ସୃଷ୍ଟି କରିଛି ଶତ ବର୍ଷର କ୍ଷୁଧା। କୋଣାର୍କର ଶିଳାଖଣ୍ଡ ବା ଏଥିରୁ ବାଦ୍ ଯାଆନ୍ତା କିପରି। ଛାଇ ଆଲୋକର ମଧୁର ଆଲୋଡ଼ନ ମଧ୍ୟରେ ଜୀବନ୍ୟାସ ପାଏ ପ୍ରତିଟି ଶିଳାଖଣ୍ଡ, ସ୍ପନ୍ଦିତ ହୋଇଉଠେ ତା'ର ପ୍ରତିଟି ରେଣୁ। କାରଣ ପାଷାଣର ମଧ୍ୟ ପ୍ରାଣ ଥାଏ, ଆତ୍ମା ଥାଏ। ନିର୍ଜନ ରାତ୍ରୀର କୋଳରେ ଯେତେବେଳେ ଜୀବଜଗତ ସୁପ୍ତ ସେତେବେଳେ ଜୀଇଁ ଉଠନ୍ତି କୋଣାର୍କର ପ୍ରତିଟି ଶିଳାଖଣ୍ଡ। ଶିଳାଖଣ୍ଡର ପ୍ରତିଟି ଭାସ୍କର୍ଯ୍ୟ ଜୀବନ୍ୟାସ ପାଇ ମୂର୍ତ୍ତିମନ୍ତ ହୋଇଯାଆନ୍ତି। ପାଷାଣ ଖୋଦିତ ଅଶ୍ୱ, ଗଜ, ପଶୁପକ୍ଷୀ, ବୃକ୍ଷଲତା, ପତ୍ରପୁଷ୍ପ, ଦେବାଦେବୀ, ନରନାରୀ ସମସ୍ତେ ଦଣ୍ଡାୟମାନ ହୋଇଯାଆନ୍ତି ରକ୍ତ ମାଂସର ଶରୀର ନେଇ। ସେମାନେ ନିଃଶବ୍ଦ ରାତିରେ କଥା ହୁଅନ୍ତି, ଗୀତ ଗାଆନ୍ତି, ନୃତ୍ୟ କରନ୍ତି। ପୂଜା ମହୋତ୍ସବର ମନ୍ତ୍ରପାଠ ବି ଶୁଭେ। ନର୍ତ୍ତକୀ ପାଦର ନୂପୁର ନିକ୍ୱଣ ନିର୍ଜନ ରାତ୍ରୀ ନୀରବ ନିଃଶବ୍ଦତାକୁ ଭଙ୍ଗ କରି ଧ୍ୱନୀତ ହୋଇ ତରଙ୍ଗାୟିତ ହୋଇଉଠେ; ମର୍ଦ୍ଦଳର ଧ୍ୱନି, ତାଳେ ତାଳେ ନାଚିଯାଆନ୍ତି ଲାସ୍ୟମୟୀ ନର୍ତ୍ତକୀବୃନ୍ଦ।

କୋଣାର୍କର ନାଟ ମନ୍ଦିରରେ ଭିନ୍ନ ଭିନ୍ନ ଭଙ୍ଗୀରେ ମୂର୍ତ୍ତିମାନ କାହିଁ କେତେ ଶହ ବର୍ଷ ଧରି ଏପରି ଦଣ୍ଡାୟମାନ। ପାର୍ଶ୍ୱରେ ବିଭିନ୍ନ ଭଙ୍ଗୀରେ ବାଦ୍ୟଯନ୍ତ୍ରଧାରୀ, ନାରୀ ଓ ପୁରୁଷମାନଙ୍କର କମନୀୟ ମୂର୍ତ୍ତି। ନର୍ତ୍ତକୀର ନୃତ୍ୟର ମୁଦ୍ରା ବିନ୍ୟାସ ଓ ଭାବାବେଗର ଦୃଷ୍ଟିଭଙ୍ଗୀ ଖୁବ୍ ଆକର୍ଷଣୀୟ। ନୃତ୍ୟର ଭଙ୍ଗୀରେ ନିତମ୍ବ ଓ ମସ୍ତକ ବିପରୀତ ଦିଗାମୁଖୀ, ପାଦ ଦ୍ୱୟ ଛନ୍ଦାକୃତି। ମୂର୍ତ୍ତିମାନଙ୍କର ବିଭିନ୍ନ ଭଙ୍ଗୀ ଯଥା ଅଳସା, ଦର୍ପଣା, ପାର୍ଶ୍ୱମର୍ଦ୍ଦନ, ଅର୍ଚ୍ଚନା, ବିରାଜ, ପ୍ରଣତା, ଅଭିମାନ ଆଦି ମନମୁଗ୍ଧକାରୀ। ସମସ୍ତେ ସେମାନେ ଆଜି ଜାଗ୍ରତ, ସହସ୍ର ବର୍ଷର ସ୍ଥାଣୁତ୍ୱ ଆଜି ପରାଭୂତ। ଜ୍ୟୋତ୍ସ୍ନାରେ ସ୍ନିଗ୍ଧ ପ୍ରଲେପରେ ସେମାନେ ସମସ୍ତେ ସଜୀବ। ସେମାନେ ଖାଲି ଦେହଧାରୀ ମଣିଷ ନୁହନ୍ତି, ପ୍ରତ୍ୟେକ ଯୌବନ ପ୍ରାପ୍ତ। ଯୌବନର ପ୍ରତିଟି ଉଦ୍ଦାମତା ସେମାନଙ୍କର ସୌଷ୍ଠବ ଅଙ୍ଗରେ ପରିସ୍ଫୁଟିତ।

ମନୁଷ୍ୟ ଅତୃପ୍ତ, ଅନ୍ତହୀନ ତା'ର କାମନା। ଯନ୍ତ୍ରଣାର ମଧ୍ୟ ବିରତି ନାହିଁ। ଜୀବନ୍ତ ମୂର୍ତ୍ତିମାନଙ୍କ ହୃଦୟରେ ଆଜି ସହସ୍ର ବର୍ଷର ଅତୃପ୍ତ କ୍ଷୁଧା। ସେଇ ଆଦିମ କ୍ଷୁଧା ମୂର୍ତ୍ତିରେ ସତେକି ପ୍ରସ୍ଫୁଟିତ। ଉଚ୍ଚାଟ ମନ, ଅସ୍ଥିର ହୃଦୟ, ବହ୍ନିମାନ କାମନା। ସେଇ ନାରୀ ପୁରୁଷର ଯୁଗଳ ମୂର୍ତ୍ତି। ଆଜି ସେ ରକ୍ତ ମାଂସଧାରୀ ମଣିଷ। କ୍ରମାଃ ଚକ୍ଷୁପତା ଉନ୍ମିଳିତ। ସେମାନେ ପରସ୍ପରକୁ ବାରମ୍ବାର ହୁଏତ ନିରେଖିଛନ୍ତି। ଶହ ଶହ ବର୍ଷର ତନ୍ଦ୍ରା ଭାଙ୍ଗିଛି, ସ୍ଥାଣୁତ୍ୱ ଦୂର ହେଉଛି। ଆଖି ଆଗରେ ଭାସି ଉଠୁଛି ଅତୀତ ବିଜୟର ସୁମଧୁର ଗାଥା।

ଉତ୍କଳର ରାଜା ନରସିଂହ ଦେବ। କୋଣାର୍କ ମନ୍ଦିର ତାଙ୍କର କୃତି। ରାଜୀ ଦେଶରେ ବାର ଶହ ବଢ଼େଇ ନିଜ ଗାଁ, ଘର ଛାଡ଼ି କୋଣାର୍କ ମନ୍ଦିର ଗଢ଼ିବାରେ ନିବିଷ୍ଟ। ନିରବଚ୍ଛିନ୍ନ କାମ ଚାଲିଛି ଶିଳ୍ପୀମାନଙ୍କର। ଶିଳ୍ପୀଗଣ ଆଜି ବ୍ରହ୍ମଚର୍ଯ୍ୟ ଜୀବନରେ ବ୍ରତୀ। ଘରେ ସ୍ୱାମୀମାନେ ସେମାନଙ୍କ ମଙ୍ଗଳ ମନାସି ଖାଦ୍ୟପେୟ, ବସ୍ତ୍ର, ବସତି, ସ୍ୱାସ୍ଥ୍ୟ ସୁରକ୍ଷାର ସମସ୍ତ ଦାୟିତ୍ୱ ରାଜାଙ୍କର; କିନ୍ତୁ ଶିଳ୍ପୀ ମନର ନିଭୃତ କୋଣରେ ଗୁଞ୍ଜରି ଉଠୁଛି ତା'ର ପ୍ରାଣପ୍ରିୟାର ଲୋତକଭରା ପ୍ରତୀକ୍ଷାମାଣା ଚକ୍ଷୁଯୁଗଳ।

ଶିଳ୍ପୀ ନିହଣ ମୁଗୁରରେ ଶିଳାରେ ଶିଳାରେ ପଦ୍ମ ଫୁଟାଏ, ତନୁରେ ତନୁରେ ଲେଖେ ଯୌବନର ଉଦ୍ଦାମତ୍ତା। ନିରବଚ୍ଛିନ୍ନ ସାଧନାର ଫଳ ପ୍ରକାଶିତ ହୁଏ ପ୍ରସ୍ତର ଗାତରେ, ବହୁବିଧ ପ୍ରତିମୂର୍ତ୍ତି ଗଢ଼ଣରେ। ସକଳ ଶକ୍ତିର ଆଧାର ସୂର୍ଯ୍ୟ ଦେବତା, ରଥାରୁଢ଼ ରାଜା ନରସିଂହ ଦେବ, ରାଣୀ ସୀତାଦେବୀ, ରାଜନ୍ୟବର୍ଗଙ୍କ ଜୟଯାତ୍ରା, ହାତୀ, ଘୋଡ଼ା, ଫୁଲ, ଲତା, ହରିଣ, ଠେକୁଆ, ବେଙ୍ଗ, ପାତ୍ରମନ୍ତ୍ରୀ, ସୈନ୍ୟସାମନ୍ତ – ସମସ୍ତଙ୍କ ପ୍ରତିମୂର୍ତ୍ତି ଆଜି ସଜୀବ। ଚାହାଣି ସେମାନଙ୍କର ମର୍ମସ୍ପର୍ଶୀ। ସର୍ବୋପରି ଲାସ୍ୟମୟୀ ସୁନ୍ଦରୀ ନାରୀମୂର୍ତ୍ତି ମଧ୍ୟ ସେମାନଙ୍କର ଅମର କୃତି। ଛାଡ଼ି ଆସିଥିବା ଗୃହବଧୂର ସୁନ୍ଦର ରୂପକୁ ଶିଳ୍ପୀ ନିପୁଣ ହାତରେ

ପ୍ରସ୍ଫୁଟିତ କରିପାରିଛି । ଶତ ଶତ ବର୍ଷର ବିରହ ଭାବନାକୁ ପ୍ରସ୍ତର ଗାତ୍ରରେ ରୂପ ଦେଇପାରିଛି । ପାଷାଣ ପ୍ରତିମାରେ ସେ ସୁନା ପଦ୍ମ ଫୁଟାଇ ସୃଷ୍ଟି କରିପାରିଛି କାଳଜୟୀ କଳାର ପାହାଡ଼ ।

ଅପରାହ୍ଣର ଛାଇ ଲମ୍ବି ଲମ୍ବି ଯାଏ ଦୂରକୁ । ସମୁଦ୍ରର ଶୀତଳ ପବନ ମୂର୍ତ୍ତିମାନଙ୍କ ତନୁରେ ସୃଷ୍ଟି କରେ ଉନ୍ମାଦନା । ଦିନର କୋଳାହଳ ପରେ ଶିଳ୍ପୀ ହାତରେ ନିହାଣ ମୁଗୁରର ଠକ୍ ଠକ୍ ଶବ୍ଦ କମିଯାଉଥାଏ । ଚାରିଆଡ଼େ ଖେଳିଯାଏ ନୀରବତା, ନିସ୍ତବ୍ଧତା । ମୂର୍ତ୍ତିମାନେ ଆକୁଳ ନେତ୍ରରେ ଅନାଇ ରହିଥାନ୍ତି ସେମାନଙ୍କର ବାରଶହ ସ୍ରଷ୍ଟାଙ୍କୁ । ସେମାନଙ୍କ ଆଖିରେ ଆଖିରେ ଫୁଟି ଉଠୁଥାଏ ଅକୁହା କଥା, ମନଗହନର ଅକୁହା ଭାଷା, ବର୍ଷ ବର୍ଷ ଧରି ଛାତି ତଳେ ଚାପି ହୋଇ ରହିଥିବା ସୂକ୍ଷ୍ମ ହୃଦୟର ଗୁରୁଭାର । ମୂର୍ତ୍ତିମାନେ ପଚାରନ୍ତି ହେ ସ୍ରଷ୍ଟା । "ଆମର ମୁକ୍ତି କେବେ ? ଏ ପ୍ରତୀକ୍ଷାର ଅନ୍ତ କେବେ ?"

ଶିଳ୍ପୀ ମନ ସବୁ ବୁଝେ, ସବୁ ଜାଣେ, ଦରଦୀ ହୃଦୟ ତା'ର ଗୁମୁରି ଗୁମୁରି କାନ୍ଦି ଉଠେ । ପଲକେ ପଲକେ ଭାସି ଉଠେ ତା' ପ୍ରିୟାର ମୁଖଚନ୍ଦ୍ର । ମନେ ପଡ଼ିଯାଏ ପତ୍ନୀ ସହ ବିତାଇଥିବା ସବୁ ଅନ୍ତରଙ୍ଗ ମୁହୂର୍ତ୍ତମାନ । ତା'ର କାନରେ ବାଜିଯାଏ ବିଦାୟ ବେଳାର ତା'ର ଅସ୍ପଷ୍ଟ ଅକୁହା କଥାମାନ । ଶିଳ୍ପୀକୁ ସେ ଚାହିଁ ରହିଥାଏ ଅବଗୁଣ୍ଠନ ଖୋଲି ।

ଶିଳ୍ପୀ ଭାବିଯାଏ ପ୍ରାଣପ୍ରିୟାର ଅପେକ୍ଷମାଣ ଲୋତକସିକ୍ତ ଚକ୍ଷୁ । ସେ ଆଖିରୁ ଝରିପଡୁଥିବ ଅବିରତ ଅଶ୍ରୁ । କାହାର ଅଜାଣତରେ ତାକୁ ସେ ପୋଛି ଦେବ ବେଦନାର ଓଠରେ ହସଫୁଟାଇ । ସେବା ବ୍ରତରେ ନିଜକୁ ବ୍ରତୀ କରି ଶାଶୁ, ଶ୍ୱଶୁର, ନଣନ୍ଦ, ଦିଅର, ପୁଅ, ଝିଅ ସମସ୍ତଙ୍କ ସେବାରେ ସେ ଆଜି ନିୟୋଜିତ । ଦିନ ଶେଷ ହୁଏ, ରାତ୍ରୀ ଆସେ । ରାତ୍ରୀର ଅଖଣ୍ଡ ନିସ୍ତବଧତାରେ ଥରି ଉଠେ ତା'ର ପ୍ରିୟତମାର ସୁନ୍ଦର ସୁଢ଼ଳ ତନୁ । ଦିନର କ୍ଳାନ୍ତ ଶରୀର ଚାହେଁ ଟିକେ ବିଶ୍ରାମ, ପ୍ରିୟତମର ସ୍ପର୍ଶ ଓ ନାସାର ଉଷ୍ମ ନିଃଶ୍ୱାସ । ସେ ଖୋଜେ ବଳିଷ୍ଠ ବାହୁର ବନ୍ଧନ, ତା'ର ଶରୀରର ଭାର ।

ସେ ସବୁ ସ୍ୱପ୍ନ ପ୍ରାୟ - କେବଳ କଳ୍ପନାବିଳାସ । ଦିନ ନୁହେଁ, ମାସ ନୁହେଁ କିମ୍ବା ବର୍ଷ ନୁହେଁ । ବର୍ଷ ବର୍ଷ ଧରି ଏ ପ୍ରତୀକ୍ଷା । ବର୍ଷ ବର୍ଷର ଏ ନୀରବ ଜିଜ୍ଞାସା ଶିଳ୍ପୀକୁ ହତବାକ୍ କରିଦେଇଥିଲା । ସେ ଶିଳ୍ପୀର ଅକୁହା ଭାଷାକୁ ଅନୁଭବ କରିଥିଲା । ତା' ଆଖିର ନୀରବ ଚାହାଣି ମର୍ମକୁ ଭେଦ କରୁଥିଲା । କିନ୍ତୁ କହୁଥିଲା, 'ନା ନା, ପ୍ରିୟା, ମୁଁ ତୁମକୁ ଜୀବନ୍ୟାସ ଦେଇ ଏ ସଂସାରର ଦାବାନଳରେ ଜଳିବାକୁ ଦେବିନାହିଁ । ଜରା, ବ୍ୟାଧି, ମୃତ୍ୟୁର ଊର୍ଦ୍ଧ୍ୱରେ ତୁମକୁ ଅନନ୍ତ କାଳଯାଏ ରଖିବାକୁ ମୁଁ ପ୍ରୟାସୀ । ସବୁଦିନ ପାଇଁ ତୁମେ ପଥରର ମୂର୍ତ୍ତି ହୋଇ ରହିଯାଅ । ଜୀବନ୍ୟାସ ପାଇଲେ ତୁମର ସୁନ୍ଦର ତନୁ କ୍ଷୀଣ ହେବ, ବିରହରେ ତୁମେ ଦଗ୍ଧ ହେବ । ଅନିତ୍ୟ ସଂସାର ଖୁବ ନିଷ୍ଠୁର । ସୌନ୍ଦର୍ଯ୍ୟକୁ ପ୍ରଶଂସା କରେ, କିନ୍ତୁ ଉପଭୋଗରେ ସୌନ୍ଦର୍ଯ୍ୟ ନଷ୍ଟ ହୁଏ । ତୁମେ ପଥର ପାଲଟି ସେମିତି ରହିଥାଅ । ମୁଁ ପଥରର କଠିନତାରେ ଫୁଟାଇ ଚାଲିବି ତୁମ ତନୁରେ ପଦ୍ମ ।

୧୩ଶ ଶତାବ୍ଦୀର କଥା । ଉତ୍କଳରେ ଚତୁର୍ଦ୍ଦିଗରେ ମୁସଲମାନ ରାଜତ୍ୱ । ପ୍ରତିଟି ମୁହୂର୍ତ୍ତ ଉତ୍କଳର ସ୍ୱାଧୀନତା ଶକ୍ତିଶାଳୀ ମୁସଲମାନ ସେନା ଦ୍ୱାରା କବଳିତ ହେବାରେ ଜନମାନସ ଆତଙ୍କିତ । ରାଜା ନରସିଂହ ଦେବଙ୍କ ଦ୍ୱାରା ବଙ୍ଗର ମୁସଲମାନ ରାଜା ପରାହତ । ଦାକ୍ଷିଣାତ୍ୟରେ ଉତ୍କଳ ରାଜାଙ୍କର ବିଜୟର ବାନା ଫରଫର । ଏହି ବିଜୟ ଉଲ୍ଲାସର ସ୍ମରଣ ପାଇଁ କଳାର କୋଣାର୍କର ସୃଷ୍ଟି । ମୁଖ୍ୟ ମନ୍ଦିର ମଧ୍ୟ ଭାଗରେ ସୂର୍ଯ୍ୟ ଦେବତାଙ୍କର ଆସ୍ଥାନ । ଉଦୟର ପ୍ରଥମ କିରଣ ସ୍ପର୍ଶ କରେ ଆସ୍ଥାନ ବେଦୀକୁ ।

ବିଜୟୀ ରାଜା ଯୁଦ୍ଧ କ୍ଷେତ୍ରରୁ ପ୍ରତ୍ୟାବର୍ତ୍ତନ କରି ଭିନ୍ନ ବେଶରେ ଅର୍ଦ୍ଧରାତ୍ରରେ ନଗର ପରିଭ୍ରମଣ କରନ୍ତି । ପ୍ରଜାମାନଙ୍କର ସୁଖ ଦୁଃଖର ପ୍ରକୃତ ତଥ୍ୟ ସଂଗ୍ରହ କରିବା ରାଜାଙ୍କର କାର୍ଯ୍ୟ । ଗଙ୍ଗ ବଂଶ ରାଜତ୍ୱରେ ନ ଥାଏ ଚୋରୀ ଡକାୟତିର ଭୟ । ରାଜ୍ୟରେ ସୁଖ ଶାନ୍ତି ବିରାଜମାନ । ଦୁଃଖ ବୋଲି କିଛି ନ ଥାଏ, ନ ଥାଏ ଅସନ୍ତୋଷ । ମୁସଲମାନ ଅନୁପ୍ରବେଶକାରୀଙ୍କୁ ରାଜ୍ୟ ମଧ୍ୟକୁ ପ୍ରବେଶ ନ କରାଇବା ପାଇଁ ରାଜ ପ୍ରହରୀ ସର୍ବଦା ସତର୍କ । ପ୍ରହରୀମାନଙ୍କର କାର୍ଯ୍ୟର ତଦାରଖ ପାଇଁ ମଧ୍ୟ ରାଜାଙ୍କର ଏହି ଅନ୍ଧାରୀ ବିଜେ ଉଦ୍ଦିଷ୍ଟ ।

ସେଦିନର ସେହି ଜ୍ୟୋତ୍ସ୍ନାସ୍ନାତ ରଜତଧବଳ ରାତ୍ରୀ । ଜ୍ୟୋତ୍ସ୍ନାଲୋକରେ ପ୍ରସ୍ଫୁଟିତ ପୁଷ୍ପ ସୁସ୍ପଷ୍ଟ । ଗ୍ରାମର ସୀମାନ୍ତରେ ଅଶ୍ୱକୁ ବାନ୍ଧି ରାଜା ପୁରୋହିତ ବେଶରେ ଗ୍ରାମ ମଧ୍ୟରେ ବିଚରଣ କରୁଥାନ୍ତି । ସମ୍ମୁଖ ଭାଗରେ ଦେବାଳୟ । ତା'ର ପ୍ରାଚୀରର ଅପରପାର୍ଶ୍ୱରେ କୂପ । ଅବଗୁଣ୍ଠିତ କିଶୋରୀଟିଏ ଜ୍ୟୋତ୍ସ୍ନାଲୋକରେ ମନ୍ଥର ଗତିରେ କୂପ ନିକଟକୁ ଯାଉଛି । କାଖରେ ତା'ର ପିତଳର ଗରାଟିଏ । ଅପେକ୍ଷମାଣ କିଶୋରୀ ନିଜର ସାନ ଦିଅରର ବାଟକୁ ଚାହିଁ ରହିଥାଏ । ବେଳ ଗଡ଼ିଯାଉଛି । ଆଜି ତାଙ୍କର ଆସିବାରେ ଡେରି । ବେଶ୍ ବିବ୍ରତମନା ଜଣାଯାଉଥିଲା ସେ । ବାହାରେ କାହାର ପଦଧ୍ୱନୀ । ବୋଧହୁଏ ତା'ର ଦିଅର ଆସିଗଲେ । କାଳବିଳମ୍ବ ନ କରି

କିଶୋରୀ ଜଣକ କୂପ ମଧ୍ୟକୁ କ୍ଷେପଣ କଲେ ଗରାଟିକୁ। ଗରାଟି ପାଣିରେ ଭର୍ତ୍ତି, କିନ୍ତୁ ଖୁବ୍ ଭାରି ଭାରି। ଏହାକୁ ଉପରକୁ ଟେକିବା କିଶୋରୀର କ୍ଷମତାର ବାହାରେ। ହଠାତ୍ ପାଣିଭର୍ତ୍ତି ଗରାଟିର ଭାରରେ କିଶୋରୀଟି କୂପ ଭିତରକୁ ଟାଣି ହୋଇଗଲାଣି। ଯେ କୌଣସି ମୁହୂର୍ତ୍ତରେ ସେ କୂଅରେ ପଡ଼ିଯାଇପାରେ। ହଠାତ୍ ଛଦ୍ମବେଶୀ ପୁରୋହିତଙ୍କର ବଳିଷ୍ଠ ବାହୁ ବେଷ୍ଟନୀରେ କିଶୋରୀ ଚମକି ଉଠିଲେ। ପୁରୋହିତ ସୁଠାମ ବଳିଷ୍ଠ ହାତ ଦୁଇଟି ପାଣି ଭରା ଗରାଟିକୁ ଉପରକୁ ଘେନିଆସିଲା। ଆସନ୍ନ ବିପଦରୁ ରକ୍ଷା ପାଇଗଲେ କିଶୋରୀ। ବ୍ୟସ୍ତ ମୁଦ୍ରିତ ଚକ୍ଷୁରୁ ତାଙ୍କରି ବୁନ୍ଦା ବୁନ୍ଦା ଅଶ୍ରୁ ଚିବୁକ ଉପରକୁ ଗଡ଼ିପଡ଼ିଲା। ଭୟରେ, ଲଜ୍ଜାରେ ଓ ଦୁଃଖରେ ତା'ର ଶରୀର ଆଜି ଆନ୍ଦୋଳିତ, ନାସାରେ ଖର ନିଃଶ୍ୱାସର ବେଗ। କିନ୍ତୁ ଛଦ୍ମବେଶୀ ପୁରୋହିତଙ୍କ ଶରୀରରେ ଏକ ଅପୂର୍ବ ଶିହରଣ। କିଶୋରୀଙ୍କ ଚକ୍ଷୁରୁ ଅଜାଣତରେ ପୁରୋହିତଙ୍କ ହାତରେ ପଡ଼ିଯାଇଥିବା ଦୁଇଟୋପା ଉଷ୍ମ ଲୁହ ଏବଂ ତାଙ୍କ ପ୍ରଶସ୍ତ ବକ୍ଷରେ ଆଲୁଳାୟିତ କେଶର ଭାର ସୃଷ୍ଟି କରୁଥିଲା ଅପୂର୍ବ ଉନ୍ମାଦନା।

ହଠାତ୍ ଛଦ୍ମବେଶୀ ପୁରୋହିତଙ୍କର ସଂବିତ୍ ଫେରିଆସିଲା। ସେ ଯେ ରାଜ୍ୟର ରାଜା। ଏ ଜାତିର ସଂସ୍କୃତି ଓ ମାତୃଜାତିର ପ୍ରାଣକର୍ତ୍ତା ସେ। ରାଜୋଚିତ କର୍ମ ତାଙ୍କ ହୃଦୟକୁ ଆନ୍ଦୋଳିତ କଲା। ପୁରୋହିତ କିଶୋରୀକୁ ଅଭୟ ବାଣୀ ଦେଲେ, "କିଶୋରୀ ତୁମେ ଆସନ୍ନ ବିପଦରୁ ମୁକ୍ତ।"

ହତବାକ୍ କିଶୋରୀ ପ୍ରକୃତିସ୍ଥ ହେଲେ। ଧୀରେ ଓଢ଼ଣାଟି ଟାଣି ପୁଣି ଧୀର ଅଥଚ କୋମଳ କଣ୍ଠରେ ଉତ୍ତର ଦେଲେ, "ମୁଁ କିଶୋରୀ ନୁହେଁ, ବଧୂ।"

ପୁରୋହିତ ପ୍ରଶ୍ନ କଲେ, "କା ପାଇଁ ତୁମର ଏ କଠୋର ପ୍ରତୀକ୍ଷା ଦେବୀ?" କିଶୋରୀ ଉତ୍ତର ଦେଲେ, "ସ୍ତ୍ରୀର ପ୍ରତୀକ୍ଷା କେବଳ ତା'ର ପତି ପାଇଁ। ସେ ପ୍ରତୀକ୍ଷାର କେବେ କ'ଣ ଅନ୍ତ ଥାଏ ? ସେ ପ୍ରତୀକ୍ଷା ଜନ୍ମଜନ୍ମାନ୍ତରର।" ପୁରୋହିତ ପ୍ରଶ୍ନ କଲେ, "ଏତେ ରାତିରେ ପଥପ୍ରାନ୍ତରେ ଏପରି କ'ଣ ସ୍ୱାମୀକୁ ପ୍ରତୀକ୍ଷା କରାଯାଏ ? ଏ ସଂଶୟ ମୋର ଦୂର କର ରମଣୀ ?"

କିଶୋରୀ କୋମଳ କଣ୍ଠରେ ଉତ୍ତର ଦେଲା, "କିଏ ତୁମେ ବିଦେଶୀ ? ଦେବଦୂତ ଭଳି ମୋତେ ବିପଦରୁ ଉଦ୍ଧାର କଲ।"

ପୁରୋହିତ ଉତ୍ତର ଦେଲ, "ମୁଁ ଜଗନ୍ନାଥଙ୍କର ଜଣେ ସାମାନ୍ୟ ସେବକ। ଦୂର ଗ୍ରାମରେ ମୋର ଘର। ବନ୍ଧୁ ଘରକୁ ଯାଉଥିଲି। ହଠାତ୍ ତୁମକୁ ଏଠାରେ ଦେଖି ଏ ମନରେ କୌତୂହଳ ଜାତ ହେବାରୁ ମୁଁ ଏଠାକୁ ଆସିଲି।"

କିଶୋରୀଟି ଦୁଇ ହାତଯୋଡ଼ି କାହା ଉଦ୍ଦେଶ୍ୟରେ ପ୍ରଣାମ ଜଣାଇଲା ଏବଂ କହିଲା, "ଜଗତର ନାଥ ଜଗନ୍ନାଥ ମୋତେ ବଞ୍ଚାଇଲେ। ଆପଣ ହେଲେ ମାଧ୍ୟମ।" ତା'ପରେ କହିଲା, "ମୁଁ ଆସିଥିଲି ପାଣି ନେବା ପାଇଁ, ଶାଶୂଙ୍କର ନିର୍ଦ୍ଦେଶ, କୂଅ ପାଣିରେ ହିଁ ଘର ଲିପା ପୋଛା ହେବ। ସବୁଦିନ ଏ ଗରାରେ ମୁଁ ପାଣି ନିଏ।"

"ଏତେ ବଡ଼ ଗରାରେ ତୁମେ କୂଅରୁ ପାଣି କାଢ଼?" ଆଶ୍ଚର୍ଯ୍ୟ ହେଲେ ପୁରୋହିତ।

କିଶୋରୀଟି କହିଲା, "ସବୁ ଦିନେ ମୋ ଦିଅର ମୋତେ ପାଣି କାଢ଼ିବାରେ ସାହାଯ୍ୟ କରନ୍ତି। ତା'ପରେ ପାଣି ନେଇ ମୁଁ ଘର ଲିପେ। ଏକଥା ଶାଶୂ ଜାଣିପାରନ୍ତିନି, କିନ୍ତୁ ମୋ ଉପରେ ସେ ଖୁସି ହୁଅନ୍ତି। ଆଜି କିନ୍ତୁ ଦିଅରଙ୍କ ଆସିବାକୁ ଅପେକ୍ଷା କରିଥିଲି। ଆପଣଙ୍କ ପାଦଶବ୍ଦ ଶୁଣି ଭାବିଲି ସେ ଆସିଗଲେ ବୋଲି। ଆପଣଙ୍କ ପାଇଁ ମୁଁ ଆଜି ବଞ୍ଚିଲି।"

ପୁରୋହିତ ପଚାରିଲେ, "ଶାଶୂ ତୁମକୁ କାହିଁକି ଏତେ କଷ୍ଟ ଦିଅନ୍ତି ?"

କିଶୋରୀ କହିଲା, "ନା, ଶାଶୂ ମୋତେ କଷ୍ଟ ଦିଅନ୍ତିନି।"

"ତେବେ ଏ କଷ୍ଟ ପାଇଁ ଦାୟୀ କିଏ?" ପଚାରିଲେ ପୁରୋହିତ। ନମ୍ର ଅଥଚ ଦୃଢ଼ ସ୍ୱରରେ କିଶୋରୀଟି କହିଲା, "ମୋର ଦୁଃଖର କାରଣ ହେଉଛନ୍ତି ସ୍ୱୟଂ ମହାରାଜ ନରସିଂହ ଦେବ। ସେ ମୋ ଭଳି ବାରଶହ ଶିଳ୍ପୀବଧୂମାନଙ୍କର ଦୁଃଖର କାରଣ ହୋଇଛନ୍ତି। ମୁଁ ଯେତେବେଳେ ଶାଶୂ ଘରକୁ ଆସିଲି ତା' ପୂର୍ବରୁ ମୋ ସ୍ୱାମୀ ଚାଲିଯାଇଥିଲେ କୋଣାର୍କ ମନ୍ଦିର ଗଢ଼ିବା ପାଇଁ। ମୋ ସ୍ୱାମୀଙ୍କୁ ମଧ୍ୟ ମୁଁ ଦେଖି ନାହିଁ। ପାଷାଣୀ ନାୟିକାମାନଙ୍କ ଗହଣରେ ସେ ମଧ୍ୟ ବର୍ଷ ବର୍ଷ ଧରି ନିଜକୁ ହଜାଇ ଦେଇଛନ୍ତି। ତାଙ୍କର ଅନୁପସ୍ଥିତି ପାଇଁ ମୁଁ ଶାଶୂଙ୍କ ପାଖରେ ଦୋଷୀ। ସେ ମୋତେ ସୁଲକ୍ଷଣା ବୋଲି ବିଚାର କରନ୍ତିନି। ସେ ଅତିଶୟ ଦୁଃଖରେ ଭାଙ୍ଗି ପଡ଼ିଲେଣି। ଆଉ ବା କେତେ ଦିନ ସେ ବଞ୍ଚିବେ ?"

ପୁରୋହିତ ପ୍ରଶ୍ନ କଲେ, "ତମେ କ'ଣ ଚାହଁ ? ତୁମ ସ୍ୱାମୀ ତୁମ ପାଖକୁ ଫେରି ଆସନ୍ତୁ ବୋଲି।" କିଶୋରୀଟି ଦୃଢ଼ ଅଥଚ ଗମ୍ଭୀର ସ୍ୱରରେ କହିଲା, "ନା ନା ମୁଁ ସେ କଥା ଚାହେଁନା। ମୋ ପରି ମଧ୍ୟ ବାର ଶହ ଶିଳ୍ପୀବଧୂ ଏକଥା ମଧ୍ୟ ଚାହାନ୍ତିନି।

ଗଢ଼ାହେବ ପୃଥିବୀ ବିଖ୍ୟାତ ସୂର୍ଯ୍ୟ ମନ୍ଦିର। ଉତ୍କଳ କଳାର ଏ ଚରମ ନିଦର୍ଶନ। ଏଥିରେ ଶିଳ୍ପୀ କୁଳ ଅମର ହୋଇ ରହିବେ। ସେଇଥିରେ ଆମର ଆନନ୍ଦ। ଆମେ ସମସ୍ତେ ସେଥିରେ ଖୁସି।"

"ଆଉ ତେବେ ତୁମର ଦୁଃଖ ରହିଲା କେଉଠି ?" ପଚାରିଲେ ପୁରୋହିତ।

"ସବୁ ସହିନେବାକୁ ମୁଁ ଚେଷ୍ଟା କରିଛି। ମୋ ସ୍ୱାମୀ ତ କଷ୍ଟରେ ରହିଥିବେ। ମୁଁ କାହିଁକି ଏ କଷ୍ଟ ସହିପାରିବିନି", ଉତ୍ତର ଦେଲା କିଶୋରୀ।

"ବାର ଶହ ଶିଳ୍ପୀଙ୍କର ଖାଦ୍ୟପେୟ, ବସ୍ତ୍ର, ବସତି, ସ୍ୱାସ୍ଥ୍ୟ, ସୁରକ୍ଷାର ସମସ୍ତ ଦାୟିତ୍ୱ ତ ନେଇଛନ୍ତି ମହାରାଜ। ରାଜକୋଷରୁ ଅଜସ୍ର ଟଙ୍କା ଏଥିପାଇଁ ବ୍ୟୟ ହେଉଛି। ତେବେ ତମ ସ୍ୱାମୀ କଷ୍ଟରେ ଅଛନ୍ତି ବୋଲି ତମେ ଜାଣିଲ କେମିତି ?" କିଶୋରୀ କହିଲା, "ହଁ, ଶିଳ୍ପୀମାନଙ୍କର ସମସ୍ତ ଖର୍ଚ୍ଚ ମହାରାଜା ବହନ କରୁଛନ୍ତି। ତାଙ୍କର ସମସ୍ତ ଅଭାବ ମଧ୍ୟ ପୂରଣ କରୁଛନ୍ତି। କିନ୍ତୁ ଶିଳ୍ପୀ ମନର ଅଭାବକୁ ମହାରାଜା ଜାଣିପାରୁଛନ୍ତି କି ? ମହାରାଣୀ ଶିଳ୍ପୀମାନଙ୍କର ପେଟର ଭୋକ ବୁଝୁଛନ୍ତି। କିନ୍ତୁ ଶିଳ୍ପୀ ହୃଦୟର ହା ହୁତାଶ, ଶିଳ୍ପୀ ପ୍ରିୟାର ବିରହ ବେଦନା ସେମାନଙ୍କର ମାନସିକ କଷ୍ଟକୁ ମହାରାଜା କେବେ ବୁଝିବାକୁ ଚେଷ୍ଟା କରିଛନ୍ତି କି ? ଖାଦ୍ୟ, ବସ୍ତ୍ର, ଜମି, ଭତ୍ତା କ'ଣ ଶିଳ୍ପୀ ଓ ଶିଳ୍ପୀବଧୂମାନଙ୍କର ବିରହ ବେଦନାର ଜ୍ୱାଳାକୁ ଉପଶମ କରିପାରିବ ?"

ସ୍ତବ୍ଧ ହେଲେ ନରପତି, ଏ ପ୍ରଶ୍ନ ତାଙ୍କ ମନକୁ କେବେ ଆନ୍ଦୋଳିତ କରିନଥିଲା। ନୀରବତା ଭଙ୍ଗ କରି କିଶୋରୀ କହିଲା, "ଶିଳ୍ପୀ କ'ଣ ରକ୍ତ ମାଂସଧାରୀ ମଣିଷ ନୁହେଁ, ତା' ଭିତରେ କ'ଣ କାମନାବାସନାର ମୃତ୍ୟୁ ହୋଇଛି ରାଜ ଇଚ୍ଛାରେ ? ଶିଳ୍ପୀ ମଣିଷ, ଶିଳ୍ପକଳା ହିଁ ତା'ର ଜୀବନ। କିନ୍ତୁ ସାଧାରଣ ଦେହୀ ମଣିଷର ସମସ୍ତ କାମନା, ବାସନା, ଦେହଭୋଗ ତା'ର ମଧ୍ୟ କାମ୍ୟ। ଈଶ୍ୱରଙ୍କ ସୃଷ୍ଟିରେ ଏହା ହିଁ ବିରାଟ ସତ୍ୟ। ଏହି କାମନାରୁ ଉଦ୍ଭବ ହୁଏ ସୃଷ୍ଟି। ପ୍ରକୃତି ଓ ପୁରୁଷର ମିଳନକୁ କିଏ ବା ଅସ୍ୱୀକାର କରିପାରିବ ?"

ସଜୀବ ଓ ନିର୍ଜୀବ - ଉଭୟର ଆତ୍ମସତ୍ତା ଥାଏ। ସେମାନେ ମଧ୍ୟ ସ୍ନେହ ଓ ପ୍ରେମ ରଜ୍ଜୁରେ ବନ୍ଧା। ସ୍ନେହ ଆଉ ପ୍ରେମରେ ନିର୍ଜୀବ ମଧ୍ୟ ସଜୀବ ହୋଇଉଠେ, ଜୀବନ୍ୟାସ ପାଏ। ପଥର ଦେହରେ ସିନ୍ଦୂର ଲେପନ କରି ପୂଜା କଲେ, ସେ ଦେବତାରେ ପରିଣତ ହୋଇଯାଏ। ସେଇ ନିର୍ଜୀବ ଦେବତା ସଜୀବର ସମସ୍ତ କାମନା ପୂରଣ କରେ। ତାକୁ ବିପଦରୁ ରକ୍ଷା କରେ, ତା' ଜୀବନରେ ସୁଖର ସମୃଦ୍ଧି ଭରିଦିଏ।

ଆଜି ଜ୍ୟୋତ୍ସ୍ନା ଶୀତଳ ରାତ୍ରିର ମଧୁର ପ୍ରଲେପରେ କୋଣାର୍କର ଲାସ୍ୟମୟୀ ଶିଳ୍ପୀମାନେ ଜୀବନ୍ତ ହୋଇ ଉଠିଛନ୍ତି। ସେମାନେ ଶହ ଶହ ବର୍ଷର ତନ୍ଦ୍ରାରୁ ମୁକ୍ତ। ସେମାନେ ଆଜି ଜୀବନ୍ତ ଏବଂ ପୁଲକିତ। ଯୌବନର ମାଦକତାରେ ସତେକି ସେମାନେ ଆଜି ମତ୍ତ। ସୁପ୍ତ କାମନା, ବାସନା ଆଜି ଜାଗ୍ରତ। ଶିଳ୍ପୀ ଓ ଶିଳ୍ପୀବଧୂଗଣମାନଙ୍କର ଦୀର୍ଘ ବାରବର୍ଷର ଦେହର କ୍ଷୁଧା ମନ ଗହୀରର କାମନା ବାସନା ଆଜି ରୂପ ନେଇଛି। ଆଜି ହାସ୍ୟରୋଳରେ ଝଙ୍କୃତ କୋଣାର୍କ। ଉଲ୍ଲସିତ ନୂପୁରର ନିକ୍ୱଣରେ ଲାସ୍ୟମୟୀ ନାୟିକାମାନଙ୍କର ଦେହର ଅଳସ ଭଙ୍ଗୀ ଦୃଷ୍ଟିର ନିବିଡ଼ତା ସୃଷ୍ଟି କରିଛି ଏକ ଅପୂର୍ବ ଭାବାବେଗ। ସୌନ୍ଦର୍ଯ୍ୟରେ ମହୋତ୍ସବ ରଚନା କରୁଛନ୍ତି। [ବୀ ... ]

ରାତ୍ରି କ୍ରମଶଃ ଗଭୀର ହେଉଛି। ଜ୍ୟୋତ୍ସ୍ନାବିଧୌତ ରଜନୀ ବିଳସିତ ନୃତ୍ୟରେ ମତ୍ତ ପ୍ରାୟ। ଅନ୍ତହୀନ ଉନ୍ମାଦନା ନୃତ୍ୟର ତୀବ୍ରତାରେ ପ୍ରକାଶିତ। ମଦାଳସାର ନୃତ୍ୟ ନୂପୁର ଅହରହ କୈଣିତ ହୋଇଉଠୁଛି। ଅଳସୀ ରାତ୍ରି ନିଦ୍ରା ପରିହରି ବ୍ୟାପ୍ତିର ସାଗରରେ ସମାପ୍ତିର ଆତ୍ମନିବେଦନ କରୁଛି।

ନୃତ୍ୟର ତାଳେ ତାଳେ ନର୍ତ୍ତକ ନର୍ତ୍ତକୀଙ୍କର ନୂପୁର ପ୍ରତିଧ୍ୱନିତ ହୋଇଉଠୁଛି। ସମୁଦ୍ରର ଉତ୍ତାଳ ଊର୍ମି ଶିଖରରେ ପ୍ରତିଟି ଶିଳାଖଣ୍ଡରେ ସାକ୍ଷରିତ ହେଉଛି ଅବଗୁଣ୍ଠିତା ଶିଳ୍ପୀବଧୂଙ୍କର ଅନ୍ତର୍ଦାହର ସ୍ୱୀକାରୋକ୍ତି।

ରାତ୍ରିର ଶେଷ ପ୍ରହର। ଆକାଶରେ ଶୁଭ୍ର ତାରାର ଉଜ୍ଜ୍ୱଳ ଆଲୋକ। ରାତ୍ରି କ୍ରମଶଃ ଝାପ୍‌ସା ଆଲୋକରେ ଆଲୋକିତ। ମୂର୍ତ୍ତି, ନର୍ତ୍ତକ ନର୍ତ୍ତକୀମାନେ ସ୍ୱସ୍ଥାନରେ ପୁନଃ ଅଧୀରୂଢ଼। ସେମାନେ ପୁନଶ୍ଚ ପାଷାଣୀ। ଆସନ୍ନ ପୂର୍ଣ୍ଣମୀର ଜ୍ୟୋତ୍ସ୍ନା ବିଧୌତ ରଜନୀକୁ ଉପଭୋଗ କରିବା ପାଇଁ ସେମାନଙ୍କର ପ୍ରତୀକ୍ଷା ମାତ୍ର।

ପ୍ଲଟ ନଂ. ୧୮, ଭିଆଇପି ଏରିଆ,
ନୟାପଲ୍ଲୀ, ଭୁବନେଶ୍ୱର-୧୫

# ଲକ୍ଷଦ୍ୱୀପର ସୁରମ୍ୟ ପ୍ରବାଳ ଦ୍ୱୀପପୁଞ୍ଜ

■ ଡ. ଅରୁଣ କୁମାର ରଥ, ଆଇ.ଏ.ଏସ୍. (ଅବସରପ୍ରାପ୍ତ)



କୋଚିନଠାରୁ ଅଗାତି ପର୍ଯ୍ୟନ୍ତ ବିମାନ ଯାତ୍ରା ସମୟରେ ଆକାଶ ମାର୍ଗରୁ ଅତୀବ ମନୋରମ ଦୃଶ୍ୟ ଦେଖିବାକୁ ମିଳେ। ଦିଗନ୍ତ ବିସ୍ତାରିତ ନୀଳ ଆକାଶ ତଳେ ଆରବ ସାଗରର ନୀଳ ଜଳରାଶି ପୃଷ୍ଠଭୂମିର ଶୋଭାବର୍ଦ୍ଧନ କରିଥାଏ। ଏ ପରିବେଶରେ ଛୋଟ ଡୋର୍ନିୟର ବିମାନରେ ଯାତ୍ରା ଏକ ସ୍ମରଣୀୟ ଅନୁଭୂତି। ସାଗର ଲହଡ଼ିରେ ସୂର୍ଯ୍ୟକିରଣ ପ୍ରତିବିମ୍ବିତ ହୋଇ ଲକ୍ଷ ଲକ୍ଷ ସୂର୍ଯ୍ୟର ଶୋଭା ସୃଷ୍ଟି କରେ। ଆମ ବିମାନର ଚାଳକ ଏବଂ ଅନ୍ୟ ସଦସ୍ୟମାନେ ଆମ୍ଭମାନଙ୍କର ପୁରୁଣା ବନ୍ଧୁ ଭଳି ଆଦର ସତ୍କାର କଲେ। ମୁଖ୍ୟ ବିମାନଚାଳକ ତାଙ୍କର ସମୟରୁ କିଛି ସମୟ ବାହାର କରି ବିମାନ ଯାତ୍ରୀମାନଙ୍କ ସହ ନିଜର ଅତିଥି ପରି ବାର୍ତ୍ତାଳାପ କରୁଥିଲେ। ଏହି ମାର୍ଗରେ ପ୍ରଥମ ଥର ଯାତ୍ରା କରୁଥିବା ଆମ ଭଳି ଯାତ୍ରୀଙ୍କର ଗାଇଡ୍ ରୂପେ ମଧ୍ୟ କାର୍ଯ୍ୟ କରୁଥିଲେ।



ଲକ୍ଷଦ୍ୱୀପ ଯିବା ବାଟରେ ଆମକୁ ବାମପାର୍ଶ୍ୱକୁ ଦେଖିବାକୁ ଅନୁରୋଧ କରାଗଲା। ଆମେ ସେତେବେଳେ ଏକ ସ୍ମରଣୀୟ ଦୃଶ୍ୟ ଦେଖିଲୁ। ତାହା ଥିଲା ଏକ ପ୍ରବାଳ ଦ୍ୱୀପ। ଏକ କ୍ଷୁଦ୍ର ଦ୍ୱୀପ ଯାହା ଥିଲା ପ୍ରାୟ ଦୁଇ କିଲୋମିଟର ଓସାର ଏବଂ ତିନି କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ। ସୁନ୍ଦର ପ୍ରବାଳ ଦ୍ୱୀପଟି ସାଗର ମଧ୍ୟରେ ଦୃଶ୍ୟମାନ ହେଉଥିଲା। ଦ୍ୱୀପଟି ସବୁଜ ନାରିକେଳ ବୃକ୍ଷରାଜି ଦ୍ୱାରା ଗାଢ଼ ସବୁଜ ରଙ୍ଗରେ ରଙ୍ଗାୟିତ। ପ୍ରବାଳ ବଳୟ ମଧ୍ୟରେ ସ୍ୱଚ୍ଛ ଈଷତ୍ ନୀଳରଙ୍ଗର ଜଳ ଏବଂ ତା'ର ଚତୁଃପାର୍ଶ୍ୱରେ ଗାଢ଼ ନୀଳରଙ୍ଗର ସମୁଦ୍ର ଜଳ ଅବସ୍ଥିତ। ଲକ୍ଷଦ୍ୱୀପ ଯାତ୍ରାବେଳେ ବିମାନପଥରେ ଏପରି ଅନ୍ୟ କେତେକ ପ୍ରବାଳ ଦ୍ୱୀପର ଦୃଶ୍ୟ ଯାତ୍ରୀଙ୍କୁ ସ୍ମରଣୀୟ କରିଦିଏ। ଲକ୍ଷଦ୍ୱୀପର ଅର୍ଥ ହେଉଛି ଅସଂଖ୍ୟ ଦ୍ୱୀପମାନଙ୍କର ରାଜ୍ୟ।

କେନ୍ଦ୍ରଶାସିତ ଲକ୍ଷଦ୍ୱୀପ ସତେଇଶଟି ସୁରମ୍ୟ ପ୍ରବାଳ ଦ୍ୱୀପକୁ ନେଇ ଗଠିତ। ଏଥି ମଧ୍ୟରୁ କେବଳ ଦଶଟି ଦ୍ୱୀପରେ ଲୋକମାନେ ବାସ କରନ୍ତି। ଦ୍ୱୀପଗୁଡ଼ିକର ସମୁଦାୟ କ୍ଷେତ୍ରଫଳ ହେଉଛି ମାତ୍ର ବତିଶ ବର୍ଗ କିଲୋମିଟର। ଦ୍ୱୀପପୁଞ୍ଜରେ ବାସ କରୁଥିବା ଅଧିବାସୀମାନଙ୍କର ସଂଖ୍ୟା ପ୍ରାୟ ଷାଠିଏ ହଜାର। କ୍ଷେତ୍ରଫଳ ବହୁତ କମ୍ ହେଲେ ମଧ୍ୟ ଏହି ଦ୍ୱୀପ ସମୂହ ଭାରତର ଅର୍ଥନୀତି ପାଇଁ ମହତ୍ୱପୂର୍ଣ୍ଣ। ଏହି କ୍ଷୁଦ୍ର ଦ୍ୱୀପ ସମୂହ ଯୋଗୁଁ ଆରବ ସାଗରର ବିରାଟ କ୍ଷେତ୍ର ଭାରତ ଦ୍ୱାରା ନିୟନ୍ତ୍ରିତ। ଆନ୍ତର୍ଜାତିକ ନିୟମାନୁଯାୟୀ କୌଣସି ଦେଶ ତା'ର ସମୁଦ୍ର ତଟଠାରୁ ବାର ମାଇଲ ପର୍ଯ୍ୟନ୍ତ ଅଞ୍ଚଳକୁ ସ୍ୱତନ୍ତ୍ର ଭାବରେ ସ୍ୱନିୟନ୍ତ୍ରଣରେ ରଖିପାରିବ। ତାହା ବ୍ୟତୀତ ସମୁଦ୍ରତଟଠାରୁ ଦୁଇ ଶହ କିଲୋମିଟର ଦୂର ପର୍ଯ୍ୟନ୍ତ ଅଞ୍ଚଳ ଉପରେ ଅର୍ଥନୈତିକ ନିୟନ୍ତ୍ରଣ ରଖିପାରିବ। ଲକ୍ଷଦ୍ୱୀପ ଯୋଗୁଁ ପ୍ରାୟ କୋଡ଼ିଏ ହଜାର ବର୍ଗ କିଲୋମିଟର ପର୍ଯ୍ୟନ୍ତ ସାମୁଦ୍ରିକ କ୍ଷେତ୍ର ଭାରତର ପୂର୍ଣ୍ଣ ନିୟନ୍ତ୍ରଣରେ ରହିଛି। ଏହାଛଡ଼ା ଆରବ ସାଗରର ଚାରି ଲକ୍ଷ ବର୍ଗ କିଲୋମିଟର ଅଞ୍ଚଳ ଉପରେ ଭାରତର ଅର୍ଥନୈତିକ ଅଧିକାର ସାବ୍ୟସ୍ତ ହୋଇଛି।

ଅଗାତି ଲକ୍ଷଦ୍ୱୀପରେ ଏକମାତ୍ର [illegible] ବିମାନ ବନ୍ଦର ରହିଛି। ଏହି ବନ୍ଦରଟି କେବଳ କ୍ଷୁଦ୍ର ବିମାନ ଚଳାଚଳ ପାଇଁ ଉପଯୁକ୍ତ। କୋଚିନଠାରୁ ବିମାନଦ୍ୱାରା ଯାତ୍ରା କରିବାର ଏକ ଘଣ୍ଟା ପରେ ଆମ୍ଭେମାନେ ଅଗାତିରେ ପହଞ୍ଚିଲୁ। ସେଠାରୁ କାଭାରି ପର୍ଯ୍ୟନ୍ତ ପବନହଂସ ହେଲିକପ୍ଟର ଯୋଗେ ଯାତ୍ରା କଲୁ। କାଭାରି ଲକ୍ଷଦ୍ୱୀପର ରାଜଧାନୀ। ଏଠାରେ ପ୍ରାୟ ଦଶ ହଜାର ଲୋକ ବସବାସ କରନ୍ତି। ଆକାଶମାର୍ଗରେ ଅଗାତିଠାରୁ କାଭାରି ପର୍ଯ୍ୟନ୍ତ କେବଳ ତିରିଶ ମିନିଟର ସମୟ ଲାଗିଲା। ଏହି କେନ୍ଦ୍ରଶାସିତ ଅଞ୍ଚଳ ଲକ୍ଷଦ୍ୱୀପ ପ୍ରଶାସକଙ୍କ ଦ୍ୱାରା ପ୍ରଶାସିତ। ପ୍ରଶାସକଙ୍କୁ ସହଯୋଗ କରିବା ପାଇଁ ଡେପୁଟି କମିଶନର ଏବଂ ସୁପରିଟେଣ୍ଡେଣ୍ଟ ଅଫ୍ ପୋଲିସ୍ କାର୍ଯ୍ୟ କରନ୍ତି। ଏହି ଦ୍ୱୀପଗୁଡ଼ିକ ଭାରତର ସ୍ଥଳଭାଗଠାରୁ ଅନେକ ଦୂରରେ ଅବସ୍ଥିତ। ଆରବ ସାଗର ମଧ୍ୟରେ ପରସ୍ପରଠାରୁ ବିଚ୍ଛିନ୍ନ ଭାବରେ ଅବସ୍ଥିତ। ଏହି

ଦ୍ୱୀପାଞ୍ଚଳରେ ବାସ କରୁଥିବା ଅଧିବାସୀମାନେ ଅନେକ ପ୍ରକାରର ଅସୁବିଧା ଭୋଗିଥାନ୍ତି । ଏଠାକାର ଅଧିବାସୀମାନଙ୍କୁ ଆଦିବାସୀ ଘୋଷିତ କରାଯାଇଛି । ଏଠାରେ ପ୍ରାୟ ମୁସଲମାନ ସଂପ୍ରଦାୟର ଲୋକେ ବସବାସ କରନ୍ତି । ଲୋକମାନେ ମାଲାୟାଲାମ୍ ଭାଷାରେ କଥାବାର୍ତ୍ତା କରିଥାନ୍ତି । କେବଳ ମିନିକଏ ଦ୍ୱୀପର ଅଧିବାସୀମାନେ ମାହି ଭାଷାରେ କଥାବାର୍ତ୍ତା କରିଥାନ୍ତି । ମାହି ମିନିକୟ ଦ୍ୱୀପର ପଡ଼ୋଶୀ ଦେଶ ମାଳଦ୍ୱୀପର ଭାଷା ।

ଲକ୍ଷଦ୍ୱୀପର ଅନେକ ବୈଶିଷ୍ଟ୍ୟ ଅଛି । ଏହି କେନ୍ଦ୍ରଶାସିତ ଅଞ୍ଚଳରେ ଜନସଂଖ୍ୟା ଦେଶର ସମସ୍ତ ପ୍ରଦେଶ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଜନସଂଖ୍ୟାଠାରୁ କମ୍ । କିନ୍ତୁ ଏହି କେନ୍ଦ୍ରଶାସିତ ଅଞ୍ଚଳର ସାକ୍ଷରତା ହାର ୮୮ ପ୍ରତିଶତ । କେରଳ ଏବଂ ମିଜୋରାମ ପରେ ଏହା ସାକ୍ଷରତା ହାରରେ ସର୍ବଭାରତୀୟ ସ୍ତରରେ ତୃତୀୟ । ମିନିକଏର ସାକ୍ଷରତା ହାର ହେଉଛି ୯୩ ପ୍ରତିଶତ ଯାହାକି କେରଳର ସାକ୍ଷରତା ହାର (୯୧)ଠାରୁ ଅଧିକ । ଲକ୍ଷଦ୍ୱୀପର ମାତ୍ର ଦଶଟି ଦ୍ୱୀପର ଜନସଂଖ୍ୟା ଅପେକ୍ଷାକୃତ ଅଧିକ । ଏଠାକାର ଜନସଂଖ୍ୟାର ଘନତା ଭାରତର ବିଭିନ୍ନ ଅଞ୍ଚଳମାନଙ୍କର ମଧ୍ୟରେ ଚତୁର୍ଥ ସ୍ଥାନ ଅଧିକାର କରିଛି । ଲିଙ୍ଗ ଅନୁପାତ ନାରୀମାନଙ୍କ ସପକ୍ଷରେ ଯାଏ । ପ୍ରତି ୧୦୦୦ ପୁରୁଷରେ ୯୪୭ଟି ନାରୀ । ନାରୀଙ୍କ ଜନସଂଖ୍ୟାର ପ୍ରତିଶତ ଦିଲ୍ଲୀଠାରୁ ମଧ୍ୟ ଅଧିକ ।

ଲକ୍ଷଦ୍ୱୀପର ଏକ ମନୋରମ ଐତିହାସିକ ପୃଷ୍ଠଭୂମି ଅଛି । ଖ୍ରୀଷ୍ଟାବ୍ଦ ନବମ ଶତାବ୍ଦୀରେ କେରଳରେ ଚେରାମାନ ପେରୁମଲ ନାମକ ରାଜା ରାଜୁତି କରୁଥିଲେ । ସେ ବୃଦ୍ଧାବସ୍ଥାରେ ଇସ୍‌ଲାମ୍ ଧର୍ମ ପ୍ରତି ଆକୃଷ୍ଟ ହେଲେ । ଏକଦା ରାଜା ରାଜ୍ୟ ଛାଡ଼ି ସାଧାରଣ ଲୋକ ପରି ମକ୍କାକୁ ଯିବା ପାଇଁ ସ୍ଥିର କଲେ । ସେ ଏକ ଆରବ ବଣିକର ଜାହାଜରେ ଗୁପ୍ତ ଭାବରେ ଯାତ୍ରା କଲେ । ଏହା ଜାଣିବା ପରେ ପେରୁମଲଙ୍କ ବନ୍ଧୁ ରାଜା ଚିରାକାଲ ରାଜାଙ୍କୁ ଫେରାଇ ଆଣିବା ପାଇଁ ଯୋଜନା କଲେ । ସେ କାନାନୋର୍‌ଠାରୁ କିଛି ସାହସୀ ସୈନିକମାନଙ୍କୁ ପଠାଇ ରାଜାଙ୍କୁ ଫେରାଇ ଆଣିବାକୁ ଆଦେଶ ଦେଲେ । ଏହି ଅନୁସନ୍ଧାନକାରୀ ଦଳ ଆରବ ସାଗରରେ ଭୟଙ୍କର ଝଡ଼ର ସମ୍ମୁଖୀନ ହେଲା । ସେମାନେ ରାଜା ଯାତ୍ରା କରୁଥିବା ଜାହାଜକୁ ଖୋଜି ପାଇପାରିଲେ ନାହିଁ । ଏହା ପରିବର୍ତ୍ତେ ସେମାନେ ସଂଯୋଗବଶତଃ ପ୍ରବାଳ ଦ୍ୱୀପ ବାଙ୍ଗାରାମ୍‌ରେ ପାଦଦେଲେ । ସେମାନେ ରାଜାଙ୍କୁ ନ ପାଇପାରି ଶୂନ୍ୟହସ୍ତରେ ଫେରିଲେ । ଫେରିବା ପଥରେ ସେମାନେ ଅନ୍ୟ ଏକ ସୁନ୍ଦର ପ୍ରବଳ ଦ୍ୱୀପକୁ ଦେଖିବାକୁ ପାଇଲେ । କାନାନୋର୍ ଫେରି ସେମାନେ ରାଜାଙ୍କୁ ଏହି ଦ୍ୱୀପଗୁଡ଼ିକ ବିଷୟରେ ବର୍ଣ୍ଣନା କଲେ । ରାଜା ସେହି ଦ୍ୱୀପଗୁଡ଼ିକୁ ସ୍ୱନିୟନ୍ତ୍ରଣାଧୀନ କରିବାକୁ ଇଚ୍ଛା ପ୍ରକଟ କଲେ । ରାଜା କିଛି ପ୍ରଜାଙ୍କୁ ସେଠାରେ ଯାଇ ବସତି ସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେଲେ । ବିଶ୍ୱାସ କରାଯାଏ ଯେ, ଅମନୀ ଦ୍ୱୀପରେ ପ୍ରଥମ ବସତି ସ୍ଥାପିତ ହୋଇଥିଲା । ତାହାପରେ ଅନ୍ୟ ଦ୍ୱୀପଗୁଡ଼ିକରେ ବସତି ସ୍ଥାପନ ହେବାରେ ଲାଗିଲା ।

ଖ୍ରୀଷ୍ଟାବ୍ଦ ୧୫୦ରେ ଇଜିପ୍ଟରେ ରାଜା ଟୋଲେମୀଙ୍କ ଦ୍ୱାରା ଲିଖିତ ଭୂଗୋଳ ପୁସ୍ତକରେ ଲକ୍ଷଦ୍ୱୀପ ବିଷୟରେ ଉଲ୍ଲେଖ ଅଛି । ମାର୍କୋପୋଲୋ (ଖ୍ରୀଷ୍ଟାବ୍ଦ ୧୨୫୪-୧୩୨୪) ମଧ୍ୟ ତାଙ୍କର ପରିଭ୍ରମଣରେ ଏହି ଦ୍ୱୀପଗୁଡ଼ିକ ବିଷୟରେ ଲେଖିଛନ୍ତି । ଆଧୁନିକ ସମୟରେ ଏହି ଦ୍ୱୀପ ସମୂହ ପର୍ତ୍ତୁଗୀଜମାନଙ୍କ ନିୟନ୍ତ୍ରାଧୀନକୁ ଆସିଥିଲା । ସେମାନେ ଏଠାରୁ ଅନେକ ଧନରତ୍ନ ଲୁଣ୍ଠନ କରିବା ସହ ଏଠାକାର ଅନେକ ଅଧିବାସୀଙ୍କୁ ମଧ୍ୟ ହତ୍ୟା କରିଥିଲେ । ପରବର୍ତ୍ତୀ ସମୟରେ ଏହି ଦ୍ୱୀପସମୂହ ଟିପୁ ସୁଲତାନଙ୍କ ଦ୍ୱାରା ଶାସନାଧୀନ ଥିଲା । ଶେଷରେ ବ୍ରିଟିଶ ସରକାରଙ୍କ ଅଧୀନକୁ ଆସିଲା ଏବଂ ଭାରତ ସାଧୀନ ହେବା ପର୍ଯ୍ୟନ୍ତ ଇଂରେଜମାନଙ୍କ ଦ୍ୱାରା ଶାସିତ ହୋଇଥିଲା ।

ଏହି ପ୍ରବାଳ ଦ୍ୱୀପଗୁଡ଼ିକର ସୃଷ୍ଟି କିପରି ହେଲା, ତାହା ଅନେକ ଦିନ ପର୍ଯ୍ୟନ୍ତ ରହସ୍ୟାବୃତ୍ତ ରହିଥିଲା । ଅନେକ ବର୍ଷର ଗବେଷଣା ପରେ ସର୍ବଶେଷରେ ଚାର୍ଲସ୍ ଡାରଉଇନ୍ ଏହି ପ୍ରବାଳ ଦ୍ୱୀପମାନଙ୍କର ସୃଷ୍ଟି ଉପରେ ଏକ ବୈଜ୍ଞାନିକ ତତ୍ତ୍ୱ ଉପସ୍ଥାପିତ କରିଥିଲେ । ଡାରଉଇନ୍ ପ୍ରବାଳ ଦ୍ୱୀପମାନଙ୍କର କ୍ରମବିକାଶ କିପରି ପ୍ରମାଣ କଲେ ତାହା ଜାଣିବା କୌତୂହଳପୂର୍ଣ୍ଣ । ଡାରଉଇନଙ୍କ ପିତା ଚାହୁଁଥିଲେ ସେ ଜଣେ ଡାକ୍ତର ହୁଅନ୍ତୁ, କିନ୍ତୁ ଡାରଉଇନ ରକ୍ତ ଦେଖିଲେ ଭୟଭୀତ ହୋଇଯାଉଥିଲେ । ସେ ଉଦ୍ଭିଦ ଏବଂ ପ୍ରାଣୀମାନଙ୍କ ଉପରେ ଗବେଷଣା କରିବା ପାଇଁ ବେଶୀ ପସନ୍ଦ କରୁଥିଲେ । ପିତାଙ୍କ ଇଚ୍ଛା ବିରୁଦ୍ଧରେ ସେ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ତ୍ୟାଗ କଲେ ଏବଂ 'ବିଗୁଲ୍' ଜାହାଜର ବୈଜ୍ଞାନିକ ଦଳରେ ସାମିଲ୍ ହୋଇଗଲେ । ସେ ଜାହାଜରେ ଦକ୍ଷିଣ ଆମେରିକା ଯାତ୍ରା କଲେ । ଏହି ସମୁଦ୍ର ଯାତ୍ରା ଦୁଇ ବର୍ଷ ପାଇଁ ଯୋଜନା କରାଯାଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ଏହାର ଦୁଇବର୍ଷରୁ ପାଞ୍ଚବର୍ଷ ଲାଗିଗଲା । ଦୀର୍ଘ ସମୟ ମଧ୍ୟରେ ସମୁଦ୍ରଯାତ୍ରା ଯୋଗୁଁ ଡାରଉଇନଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟିଲା । ସେ

ଜାହାଜରେ ଅତି ଶୋଚନୀୟ ଅବସ୍ଥାରେ ସମୟ କଟାଇଲେ । କିନ୍ତୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ବେଳକୁ ଡାରଓ୍ୱିନଙ୍କ ହାତରେ ଅମୂଲ୍ୟ ତଥ୍ୟର ଭଣ୍ଡାର ଥିଲା । ଏହି ତଥ୍ୟଗୁଡ଼ିକ ବିଭିନ୍ନ ଉଦ୍ଭିଦ ଏବଂ ଜୀବଜନ୍ତୁଙ୍କ ଜୀବନଶୈଳୀ ଉପରେ ଆଧାରିତ ଥିଲା । ତାଙ୍କର ଏହି ବୈଜ୍ଞାନିକ ଗବେଷଣା ପୃଥିବୀରେ ଜୀବନର ଉତ୍ପତ୍ତି ଓ ବିବର୍ତ୍ତନର ଧାରାକୁ ପ୍ରଭାବିତ କଲା । ସେ ନିଜର ବିଶ୍ୱ ପ୍ରସିଦ୍ଧ ବହି 'ଅରିଜିନ୍ ଅଫ୍ ସ୍ପିସିଜ୍'ରେ ଏହା ଉପସ୍ଥାପନ କରିଛନ୍ତି । ଏହା ମାନବର ବିବର୍ତ୍ତନ ବିଷୟରେ ଏକ ବିପ୍ଲବକାରୀ ଚିନ୍ତାଧାରା ସୃଷ୍ଟି କରିଥିଲା ।

ଡାରଓ୍ୱିନଙ୍କ ଗବେଷଣାରୁ ଜଣାଯାଏ ଯେ, ପ୍ରବାଳ ଦ୍ୱୀପଗୁଡ଼ିକ ସୃଷ୍ଟି ହେବା ପାଇଁ ପ୍ରାୟତଃ ତିନିକୋଟି ବର୍ଷ ଲାଗିଯାଇଅଛି । ତାଙ୍କ ମତାନୁଯାୟୀ ଏହିପରି ପ୍ରବାଳ ଦ୍ୱୀପଗୁଡ଼ିକ କେବଳ ପ୍ରଶାନ୍ତ ମହାସାଗର ଏବଂ ଭାରତ ମହାସାଗରର ଉଷ୍ମ ଜଳରାଶି ଦେଖାଯାଇପାରିବ । ଉପଯୁକ୍ତ ତାପମାତ୍ରାରେ ହିଁ ପ୍ରବାଳମାନଙ୍କର ବୃଦ୍ଧି ଘଟେ । ମୃତ ଥଣ୍ଡା ଜ୍ୱାଳାମୁଖୀଗୁଡ଼ିକ ସମୟାନୁକ୍ରମେ ପ୍ରବାଳଦ୍ୱୀପର ସୃଷ୍ଟିର କାରଣ ହୋଇଛି । ଏହି ମୃତ ଜ୍ୱାଳାମୁଖୀର ରିମ୍‌ର ଚତୁଃପାର୍ଶ୍ୱରେ ପଲିପସ୍ ନାମକ ଏକ କ୍ଷୁଦ୍ର ସାମୁଦ୍ରିକ ଜୀବ ଖାଦ୍ୟ ଅନ୍ୱେଷଣରେ ଆସନ୍ତି । ଧୀରେ ଧୀରେ ଜମା ହେବା ଫଳରେ ଜ୍ୱାଳାମୁଖୀର ଚାରିପଟ ଏକ ବଳୟ ଆକାରରେ ବଢ଼ିବାକୁ ଲାଗେ । ଏହି ପଲିପସ୍‌ମାନଙ୍କ ଉପରେ ଥିବା ଶୈବାଳର ମଧ୍ୟ ବୃଦ୍ଧି ହୁଏ । ସେମାନେ ମିଳିତ ଭାବରେ କ୍ୟାଲସିୟମ୍ କାର୍ବୋନେଟ୍ ବା ଚୂନ ଉତ୍ପାଦନ କରନ୍ତି । ଏହା ଥଣ୍ଡା ଜ୍ୱାଳାମୁଖୀର ବଳୟ ଚତୁଃପାର୍ଶ୍ୱରେ ଜମା ହୁଏ । ସମୟାନୁକ୍ରମେ ଏହି ବଳୟର ବୃଦ୍ଧି ଘଟେ । ଏହା କଠିନ ହେବାରେ ଲାଗେ । ମୃତ ଜ୍ୱାଳାମୁଖୀର ଏହି ବଳୟ ପ୍ରବାଳ ବନ୍ଧରେ ପରିବର୍ତ୍ତିତ ହୁଏ । ମୃତ ଜ୍ୱାଳାମୁଖୀଟି ତଳକୁ ଦବିଯାଏ ଏବଂ ଏକ ଗହ୍ୱର ସୃଷ୍ଟି ହୁଏ । ସମୁଦ୍ର ଜଳ ବଳୟ ମଧ୍ୟରେ ରହି ଏକ ହ୍ରଦ(ଲାଗୁନ) ତିଆରି ହୁଏ । ହ୍ରଦକୁ ପକ୍ଷୀମାନଙ୍କର ଆଗମନ ହୁଏ । ପକ୍ଷୀମାନଙ୍କର ଜୈବାଶ୍ମ ତଥା ମଳ ବୁଡ଼ିଯାଇଥିବା ଜ୍ୱାଳାମୁଖୀର ଶିଖର ଭାଗରେ ଜମା ହେବାରେ ଲାଗିଲା । ଧୀରେ ଧୀରେ ଏହାର ମଧ୍ୟଭାଗ ଏକ ଦ୍ୱୀପରେ ପରିଣତ ହେବାରେ ଲାଗେ । ଏହି ପର୍ଯ୍ୟନ୍ତ ପ୍ରକ୍ରିୟା ପ୍ରକୃତରେ ଅନେକ ଜଟିଳ । ଏହା ଅତି କମ୍‌ରେ ତିନି କୋଟି ବର୍ଷ ଲାଗିଥାଏ ।

ଲକ୍ଷଦ୍ୱୀପର ପ୍ରବାଳ ଦ୍ୱୀପଗୁଡ଼ିକୁ ସୃଷ୍ଟିର ଅତ୍ୟନ୍ତ ସୁନ୍ଦର କାରୁକାର୍ଯ୍ୟ କୁହାଯାଇପାରେ । ପ୍ରତ୍ୟେକ ଦ୍ୱୀପର ମଧ୍ୟଭାଗରେ କ୍ଷୁଦ୍ର ବାଲୁକା ଅଞ୍ଚଳ ରହିଛି । ଏହି ବାଲିଗୁଡ଼ିକ କ୍ୟାଲସିୟମ କାର୍ବୋନେଟ୍‌ର ଉପସ୍ଥିତି ଯୋଗୁଁ ଧଳା ରଙ୍ଗର ଅଟେ । ସେଠାରେ ନଡ଼ିଆ ଗଛ ଓ ଘନ ସାମୁଦ୍ରିକ ଘାସ ଭରପୂର । ଦ୍ୱୀପର ମଧ୍ୟଭାଗରେ ଥିବା ହ୍ରଦର ଜଳରାଶି ନୀଳ ତଥା ସ୍ଥିର । ଦ୍ୱୀପର ଚତୁଃପାର୍ଶ୍ୱରେ କଠିନ ପ୍ରବାଳ ବଳୟ ଥିବାରୁ ସମୁଦ୍ର ତରଙ୍ଗ ଏହି ହ୍ରଦମଧ୍ୟକୁ ପ୍ରବେଶ କରିପାରେ ନାହିଁ । ଏହି ହ୍ରଦଗୁଡ଼ିକ ସୁନ୍ଦର ପ୍ରାକୃତିକ ସନ୍ତରଣାଗାର ସଦୃଶ । ଜଳ କାଚକେନ୍ଦୁ ପରି ଅତି ସ୍ୱଚ୍ଛ । ଏପରି ସ୍ୱଚ୍ଛ ଯେ, ଜଣେ ଜଳର ନିମ୍ନ ଭାଗରେ ଥିବା ମାଛ ଓ ବାଲୁକାକୁ ଦେଖିପାରିବ ।

ଲକ୍ଷଦ୍ୱୀପର ରାଜଧାନୀ କାଭାର୍ତ୍ତିଠାରେ ଆମ୍ଭେମାନେ ଲକ୍ଷଦ୍ୱୀପର ପ୍ରଶାସକଙ୍କ ସୁନ୍ଦର ବଙ୍ଗଳାରେ ରହିଲୁ । ମହାସାଗର ବିଭାଗ, ଭାରତ ସରକାରଙ୍କ ତରଫରୁ ଆମ୍ଭେମାନେ ଏକ ଡିସେଲିନେସନ ପ୍ଲାଣ୍ଟ କାଭାର୍ତ୍ତି ଦ୍ୱୀପର ଅଧିବାସୀମାନଙ୍କୁ ଉପହାର ଦେଲୁ । ଭାରତରେ ପ୍ରଥମଥର ପାଇଁ ଏହି ପ୍ରକ୍ରିୟାରେ ସମୁଦ୍ରର ଲୁଣି ଜଳରୁ ପାନୀୟ ଜଳର ଉତ୍ପାଦନ ହେଲା । ଏହାଦ୍ୱାରା ପ୍ରତିଦିନ ପ୍ରାୟ ଏକ ଲକ୍ଷ ଲିଟର ପର୍ଯ୍ୟନ୍ତ ଶୁଦ୍ଧ ଜଳ ପ୍ରାପ୍ତ ହେଲା । କାଭାର୍ତ୍ତିର ପ୍ରତ୍ୟେକ ନାଗରିକ ପ୍ରତ୍ୟହ ଦଶ ଲିଟର ବିଶୁଦ୍ଧ ଜଳ ପାଇପାରିଲେ । ନାଗରିକମାନେ ଆମ୍ଭମାନଙ୍କୁ ଏଥିପାଇଁ କୃତଜ୍ଞତା ମଧ୍ୟ ଜଣାଇଲେ ।

କାଭାର୍ତ୍ତିରେ ଏକ ରାତି ଅବସ୍ଥାନ ସ୍ମରଣୀୟ ଥିଲା । ତା' ପରଦିନ ଆମେ ହେଲିକପ୍ଟର ଯୋଗେ ବାଙ୍ଗାରମ୍ ଦ୍ୱୀପରେ ପହଞ୍ଚିଲୁ । ଏହା ପ୍ରାୟ କୋଡ଼ିଏ ମିନିଟର ଆକାଶ ଯାତ୍ରା । ବାଙ୍ଗାରାମ୍ ଦ୍ୱୀପ ପ୍ରାୟ ତିନି କିଲୋମିଟର ଦୈର୍ଘ୍ୟ ଏବଂ ଦୁଇ କିଲୋମିଟର ପ୍ରଶସ୍ତ । ରହିବା ପାଇଁ କେବଳ ଏକ କାସିନୋ ହୋଟେଲ ଅଛି । ଏହା ମୁଖ୍ୟତଃ ବିଦେଶୀ ପର୍ଯ୍ୟଟକଙ୍କ  ପାଇଁ ଉଦ୍ଦିଷ୍ଟ । ଏକ ଛୋଟ ସରକାରୀ ଅତିଥି ଗୃହ ମଧ୍ୟ ଅଛି । ଏହି ଦ୍ୱୀପରେ ଗୃହ ଗୁଡ଼ିକ ଛୋଟ ଛୋଟ କୁଡ଼ିଆ ଆକାରରେ ନିର୍ମାଣ କରାଯାଇଛି । କୁଡ଼ିଆଗୁଡ଼ିକ ହ୍ରଦର କୂଳରେ ଅବସ୍ଥିତ । ବିଜୁଳି କିମ୍ବା ଟେଲିଫୋନର ବ୍ୟବସ୍ଥା ନାହିଁ । ତେଣୁ ବର୍ହିଜଗତରୁ ବିଚ୍ଛିନ୍ନ । କେବଳ ଅଳ୍ପ ସୌରଶକ୍ତି ଆପାତକାଳୀନ ସେବା ପାଇଁ ଉପଲବ୍ଧ ଅଛି । ଏଠାରେ ଲୋକସଂଖ୍ୟା ପ୍ରାୟ ଶୂନ୍ୟ । ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ ପାଇଁ ଏହା ଏକ ଉତ୍ତମ ସ୍ଥାନ । ଆଲେକଜାଣ୍ଡର ଶେଲକାର୍କର ନିର୍ବାସିତ ଜୀବନ ଉପରେ ୱିଲିୟମ କାଉପରଙ୍କର ରଚିତ ପ୍ରସିଦ୍ଧ କବିତା ମନେ ପଡ଼େ । ଗୋପବନ୍ଧୁ ଦାଶଙ୍କ ନିର୍ଜନ ଦ୍ୱୀପରେ ନିର୍ବାସିତର ବିଳାପ କବିତା ମଧ୍ୟ

ହୃଦୟଙ୍ଗମ ହୁଏ।

ବାଙ୍ଗାରାମରେ ଆମ୍ଭମାନଙ୍କୁ ଅତ୍ୟନ୍ତ ରୁଚିକର ମାଛ ଖାଇବାକୁ ମିଳିଥିଲା। ଏହା ଆମ ସାମ୍ନାରେ ହ୍ରଦରୁ ଧରାଯାଇଥିଲା। ଟୁନା ହେଉଛଇ ଏଠାକାର ମୁଖ୍ୟ ମାଛ। ଆମ୍ଭମାନଙ୍କୁ ଜଳଖିଆ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ରି ଭୋଜନରେ ମଧ୍ୟ ମାଛ ପରଶା ଗଲା। ଆମ୍ଭେମାନେ ଏକ ଫାଇବର ଗ୍ଲାସ୍ ବୋଟ୍‌ରେ ହ୍ରଦରେ ନୌକାବିହାର କଲୁ। ଲାଇଫ୍ ଜାକେଟ୍ ପିନ୍ଧି ପହଁରିଲୁ। ସ୍ନୋର୍କେଲ୍ ମୁଖା ପିନ୍ଧି ପାଣି ଭିତରେ ପଶିଲୁ। ପାଣି ତଳେ ମାଛ ଓ ବଡ଼ ବଡ଼ କଇଁଛ ଆଦି ଦେଖିଲୁ। ମାଛ ଓ ଭାତର ମଧ୍ୟାହ୍ନ ଭୋଜନ ପରେ ହ୍ରଦକୂଳରେ ଦୁଇ ନଡ଼ିଆ ଗଛ ମଧ୍ୟରେ ଲାଗିଥିବା ଝୁଲାରେ ଶୋଇବାର ଆନନ୍ଦ ଉପଭୋଗ କଲୁ।

ବାଙ୍ଗାରାମରୁ ଆଗାତ୍ତି ଫେରିବା ପାଇଁ ଆମ୍ଭମାନଙ୍କର ହେଲିକପ୍ଟର କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପୂର୍ବ ନିର୍ଦ୍ଧାରିତ ସମୟରେ ପହଞ୍ଚି ପାରିଲା ନାହିଁ। ଆମ୍ଭମାନଙ୍କୁ ଆଗାତ୍ତିରୁ ବିମାନ ଧରିବା ଥିଲା। ସେଥିପାଇଁ ଆମ୍ଭମାନଙ୍କୁ ଏକ କ୍ଷୁଦ୍ର ଜାହାଜ ଯୋଗେ ସମୁଦ୍ର ପଥରେ ବାଙ୍ଗାରାମ୍‌ଠାରୁ ଆଗତ୍ତି ପର୍ଯ୍ୟନ୍ତ ଯାତ୍ରା କରିବାକୁ ପଡ଼ିଲା। ଏହା ଏକ ସ୍ମରଣୀୟ ଯାତ୍ରା। ସମୁଦ୍ର ଅଶାନ୍ତ ଥିଲା ଓ ସାମୁଦ୍ରିକ ଯାତ୍ରା ଥିଲା ଭୟଙ୍କର। ପ୍ରାୟ ଦେଢ଼ ଘଣ୍ଟା ସମୟ ଲାଗିଲା। ଏକ ଇଟାଲୀୟ ଦମ୍ପତି ମଧ୍ୟ ଆମ ସହିତ ଯାତ୍ରା କରୁଥିଲେ। ମୁଁ ସେମାନଙ୍କୁ ପଚାରିଲି ସେମାନେ ଇଟାଲୀର ସମୁଦ୍ର କୂଳ ଛାଡ଼ି ଲକ୍ଷଦ୍ୱୀପକୁ କାହିଁକି ବୁଲିବା ପାଇଁ ଆସିଛନ୍ତି ? କ'ଣ ଭୂମଧ୍ୟ ସାଗରୀୟ ଦ୍ୱୀପଗୁଡ଼ିକ ସୁନ୍ଦର ନୁହେଁ ? ସେମାନେ କହିଲେ ଯେ, ୟୁରୋପର ଦ୍ୱୀପଗୁଡ଼ିକ ଜନଗହଳି ବିଶିଷ୍ଟ, କିନ୍ତୁ ବାଙ୍ଗାରାମ ଅତ୍ୟଧିକ ଶାନ୍ତ ଏବଂ ସୁନ୍ଦର। ଏହି ସ୍ଥାନରେ ସେମାନେ ବିଶେଷ ଆନନ୍ଦ ଲାଭ କଲେ। ସେମାନେ ହ୍ରଦର ସ୍ୱଚ୍ଛ ନୀଳ ଜଳରେ ପହଁରିବାର ଆନନ୍ଦ ମଧ୍ୟ ଭଲ ଭାବରେ ପାଇଲେ। ରୁଚିକର ଟୁନା ମାଛର ଭରପୂର ଭୋଜନ ଖାଇଲେ। ସେମାନଙ୍କ ପାଇଁ ବାଙ୍ଗାରାମ୍‌ଠାରେ ରହଣୀ ବହୁତ ଆନନ୍ଦଦାୟକ ଥିଲା। ଆମେ ମଧ୍ୟ ରାଜି ହେଲୁ। ଆମର ଲକ୍ଷଦ୍ୱୀପ ଯାତ୍ରା ଅତ୍ୟନ୍ତ ସ୍ମରଣୀୟ ଥିଲା। ବାଙ୍ଗାରାମ୍‌ର ସୁରମ୍ୟ ପ୍ରବାଳ ଦ୍ୱୀପର ଶୋଭା ମାନସ ପଟଳରେ ସବୁଦିନ ପାଇଁ ଲିପିବଦ୍ଧ ରହିଲା।



# ଶାଗୁଣା ଓ ବାଦୁଡ଼ିର ଅଭିଶପ୍ତ ଜୀବନ କାହାଣୀ

■ ତ୍ରିନାଥ ଦାସ

ସାରା ଜୀବଜଗତରେ ଶାଗୁଣା ଓ ବାଦୁଡ଼ି ଦୁଇଟି ଅଭିଶପ୍ତ ଜୀବ । ଶାଗୁଣାର ମୁହଁ ଚାହିଁଲେ ଅଶୁଭ । ଶାଗୁଣା ସବୁ ଜୀବଜନ୍ତୁଙ୍କର ମାଂସ ଖାଉଥିଲେ ବି ତା' ମାଂସ କେହି ଖାଆନ୍ତି ନାହିଁ । ଏପରିକି ସେ ମରିଗଲା ପରେ ତା'ର ଶବକୁ ମଧ୍ୟ କେହି ଛୁଅଁନ୍ତି ନାହିଁ । ସେହିପରି ବାଦୁଡ଼ି ଯେଉଁ ମୁହଁରେ ଖାଏ ସେଇ ମୁହଁରେ ମଳତ୍ୟାଗ କରେ ଏବଂ ଦିନରେ ତାକୁ ଦେଖାଯାଏ ନାହିଁ । ଏ ଦୁହେଁ ଶିବଙ୍କଠାରୁ ଅଭିଶାପ ପାଇ ଏପରି ଜୀବନ କାଟୁଥିବା ମୂଳରେ ଏକ କାହାଣୀ ଅଛି ।

ଦିନେ ଗଙ୍ଗା ନଦୀ କୂଳରେ ଥିବା ଗୋଟିଏ ଉଚ୍ଚ ତାଳ ଗଛରେ ବାଦୁଡ଼ିଟିଏ ବସିଥିଲା । ରାଜସଭାର ବୈଦାନ୍ତିକ ନାମକ ଜଣେ ମହାନ ପଣ୍ଡିତଙ୍କର ମୃତ୍ୟୁ ହେବାରୁ ତାଙ୍କ ଶବକୁ ଏତିକି ବେଳେ କିଛି ରାଜ କର୍ମଚାରୀ ଆଣି ଗଙ୍ଗା କୂଳର ସେଇ ଗଛ ମୂଳରେ ପୋତି ଦେଇଗଲେ । କାଳମୁଖା ନାମକ ଗୋଟିଏ ଶୃଗାଳ ନିକଟସ୍ଥ ବୁଦା ମଧ୍ୟରେ ଛପି ରହି ଏ ଦୃଶ୍ୟ ଦେଖୁଥିଲା । ଶବ ବାହକମାନେ ସେଠାରୁ ଚାଲିଗଲା ପରେ କାଳମୁଖା ସେଠାକୁ ଆସି ଶବ ପୋତାଯାଇଥିଲା ଗାତକୁ ଖୋଳିଲା । ବହୁ ସମୟ ପରିଶ୍ରମ କରିବା ପରେ ଶବଟିକୁ ପଦାକୁ ବାହାର କଲା । ଏହା ଦେଖି ତାଳ ଗଛରେ ବସିଥିବା ବାଦୁଡ଼ିଟି କାଳମୁଖାର ଧୈର୍ଯ୍ୟ ଓ ପରିଶ୍ରମକୁ ପ୍ରଶଂସା କରି କହିଲା ମୁଁ ଜାଣିଛି ତୁ ଖାଦ୍ୟ ନ ପାଇ ବହୁ ଦିନରୁ ଉପବାସ ରହିଛୁ । ଏତେ ଦିନକେ ଖାଦ୍ୟ ପାଇଛୁ ଯେତେବେଳେ ମନଖୁସିରେ ପେଟ ପୁରାଇ ଖାଇ ଶାନ୍ତି ହୁଅ । କାଳମୁଖା ଶବରେ ମୁହଁ ଲଗାଇବାକୁ ଗଲାବେଳେ ହଠାତ୍ ଗୋଟାଏ ବିରାଟକାୟ ଶାଗୁଣା କେଉଁଆଡୁ ଉଡ଼ି ଆସି ସେଠାରେ ପହଞ୍ଚିଗଲା । ସେ ଶବ ପାଖକୁ ଆସିବାରୁ କାଳମୁଖା କହିଲା, ଏ ଶବକୁ ପ୍ରଥମେ ମୁଁ ଦେଖିଛି, ଏଣୁ ଏ ମୋର ଖାଦ୍ୟ, ଏଥିରେ ତୋର ଭାଗ ନାହିଁ । ଶାଗୁଣା କହିଲା, ତୁ ନୁହେଁ, ଏ ଶବକୁ ମୁଁ ପ୍ରଥମେ ଦେଖିଛି, ଏଣୁ ଏହା ମୋର ଖାଦ୍ୟ । ଏପରି ଦୁହିଁଙ୍କ ମଧ୍ୟରେ କଳି ଲାଗିଲା । କାଳମୁଖା କହିଲା, ଆମେ ଦୁହେଁ ଶ୍ମଶାନ ଦେବତା ଶିବଙ୍କର ଅତି ପ୍ରିୟ, ତେଣୁ ଦୁହେଁ ମିଶି ତାଙ୍କରି ପାଖକୁ ଯିବା । ସେ ଯାହା କହିବେ ଉଭୟେ ତାଙ୍କ କଥା ମାନିଯିବା । ଶାଗୁଣା ବି କାଳମୁଖା କଥାରେ ରାଜି ହେଲା । ଦୁହେଁ ଶିବଙ୍କ ପାଖରେ ପହଞ୍ଚି ନିଜ ନିଜର କଥା କହିଲେ । ଶବକୁ ଉଭୟେ ପ୍ରଥମେ ଦେଖିଛନ୍ତି ବୋଲି ଦାବି କରିବାରୁ କଥା ଛିଡ଼ିପାରିଲା ନାହିଁ । ଶଙ୍କର କହିଲେ ତୁମେ ଦୁହେଁ ତ ନିଜ ନିଜର ଦାବିରେ ଅଟଳ, ଏଣୁ କଥା ଛିଡ଼ିବା ପାଇଁ ସାକ୍ଷୀ ପ୍ରମାଣ ଦରକାର । ଆଚ୍ଛା, ତୁମର କେହି ସାକ୍ଷୀ ଅଛନ୍ତି କି ? ଶାଗୁଣା ମନା କଲା । କିନ୍ତୁ କାଳମୁଖା କହିଲା, ନଦୀକୂଳର ତାଳ ଗଛରେ ବସିଥିବା ବାଦୁଡ଼ିଟି ତା'ର ସାକ୍ଷୀ ଅଛି । ସେ ସବୁ ଦେଖିଛି ଏବଂ ନିଶ୍ଚୟ ସତ କହିବ ବୋଲି ତା'ର ବିଶ୍ୱାସ ଅଛି । ତାକୁ ଡାକି ଆଣିବାକୁ ମହାଦେବ କାଳମୁଖାକୁ କହିବାରୁ ଶାଗୁଣା କହିଲା, କାଳମୁଖା ଗଲେ ବହୁତ ବିଳମ୍ବ ହେବ । ତାକୁ ଆଦେଶ ଦେଲେ ସେ ସଙ୍ଗେ ସଙ୍ଗେ ଆକାଶ ମାର୍ଗରେ ଉଡ଼ିଯାଇ ବାଦୁଡ଼ିକୁ ଡାକି ଆଣିବ । ଏଥିରେ କାଳମୁଖା ବି ସମ୍ମତ ହେଲା ।

ବାଦୁଡ଼ି ପାଖରେ ପହଞ୍ଚି ଶାଗୁଣା ସବୁ ଘଟଣା କହିଲା ଏବଂ ସାକ୍ଷୀ ଦେବାକୁ ରାଜି ହୋଇ ସେ ଆସିବାକୁ ବାହାରିଲା । ଶାଗୁଣା ବାଦୁଡ଼ିକୁ କାକୁତିମିନତି ହୋଇ କହିଲା, ଭାଇ, ତୁମେ ଗୋଟିଏ ପକ୍ଷୀ ଏବଂ ମୁଁ ବି ଗୋଟିଏ ପକ୍ଷୀ । ଏଣୁ ଆମେ ଦୁହେଁ ଜାତିଭାଇ । ମୁଁ ଅନୁରୋଧ କରୁଛି, ମୋ ସପକ୍ଷରେ ତୁମେ ସାକ୍ଷୀ ଦେବ । ତୁମେ ଯଦି କହିବ ତ ସେ ଶବର ଅଧା ଭାଗ ମୁଁ ସେ କାଳମୁଖା ଶୃଗାଳକୁ ଦେଇଦେବି । ଦୁହେଁ ଆସି ପହଞ୍ଚିଲେ ମହାଦେବଙ୍କ ନିକଟରେ । ମହାଦେବ ପଚାରିବାରୁ ତାଙ୍କ ପାଖରେ ସ୍ୱଜାତି ଶାଗୁଣା ପ୍ରତି ମମତା ରଖି ବାଦୁଡ଼ି କହିଲା, ହେ ଭଗବାନ ମୁଁ କିଛି ଦେଖି ନାହିଁ । ଏଥିରେ କାଳମୁଖା ଆଶ୍ଚର୍ଯ୍ୟ ହୋଇ ଶଙ୍କରଙ୍କୁ କହିଲା ପ୍ରଭୁ, ଆପଣ ଚାହିଁଲେ ସତ ନିଶ୍ଚୟ ବାହାରିବ । ସତ ବାହାରି ସାରିବା ପରେ ମୁଁ ପଛେ ମୋ ଦାବି ଛାଡ଼ିଦେବି । ସର୍ବଗ୍ରାସୀ ଶାଗୁଣା ବରଂ ସବୁ ଖାଇବ । ଆପଣ ଟିକିଏ କୃପା କରି ସେଇ ଶବ ପାଖକୁ ଚାଲନ୍ତୁ । ସେ ଜଣେ ସତ୍ୟବାଦୀ ମହାନ୍ ପଣ୍ଡିତ ଥିଲେ । ଏଣୁ ସେ କେବେ ମିଛ କହିବେ ନାହିଁ ବୋଲି ମୋର ଦୃଢ଼ ବିଶ୍ୱାସ । ପ୍ରକୃତ ଉଦ୍‌ଘାଟନ କରିବା ଉଦ୍ଦେଶ୍ୟରେ ଭଗବାନ ଶଙ୍କର ତାଙ୍କ ବାହାନ ବୃଷଭ ଉପରେ ବସି ଗଙ୍ଗାକୂଳରେ ଥିବା ଶବ ନିକଟରେ ପହଞ୍ଚିଲେ । ଶବ ଦେହରେ ପ୍ରାଣ ସଞ୍ଚାର କରି ଯାହା ଯାହା ଘଟିଛି ସବୁ ସତ କହିବାକୁ ତାଙ୍କୁ ଆଦେଶ ଦେଲେ । ସତ୍ୟବାଦୀ ପଣ୍ଡିତ ବୈଦାନ୍ତିକ କହିଲେ, ପ୍ରକୃତରେ ମୋ ଶବକୁ ପ୍ରଥମେ କାଳମୁଖା

ଶୃଗାଳ ଦେଖିଛି। ତା'ପରେ ନାରାୟଣଙ୍କ ବାହାନ ଗରୁଡ଼ ବଂଶରେ ଜନ୍ମ ବାଦୁଡ଼ି, ସେତେବେଳେ କାଳମୁଖାକୁ ଯାହା ଯାହା କହିଥିଲା ସେ କଥା ସବୁ ଗୋଟି ଗୋଟି କରି କହି ସେ ନୀରବ ହୋଇଗଲେ।

ଏହା ଶୁଣି ମହାକୋପୀ ଶଙ୍କର ଚିତ୍କାର କରି କହିଲେ, ଶାଗୁଣା, ମୁଁ ଶ୍ମଶାନ ପତି, ତୁମ ଦୁହିଁଙ୍କୁ ସର୍ବଦା ଅଭୟ ଦେଇ ରକ୍ଷା କରିଆସିଛି। କିନ୍ତୁ ସାମାନ୍ୟ ଖାଦ୍ୟ ଲୋଭରେ ତୁ କୃତଘ୍ନ ହୋଇ ମୋ ପାଖରେ ମିଛ କଥା କହିଛୁ। ଏଣୁ ମୁଁ ଅଭିଶାପ ଦେଉଛି ଯେ, କେବଳ ତୁ ନୁହେଁ ତୋ ଶାଗୁଣା ଜାତିର ମୁହଁ ଚାହିଁଲେ ଅଶୁଭ ବୋଲି ଆଜିଠାରୁ ସମସ୍ତେ ଭାବିବେ। ତୁମେମାନେ ସମସ୍ତଙ୍କ ମାଂସ ଖାଇବ, କିନ୍ତୁ ତୁମମାନଙ୍କର ମାଂସ ଖାଇବା ତ ଦୂରର କଥା ହେଲେ ମରିଗଲା ପରେ ତୁମ ଶବକୁ କେହି ବି ଛୁଇଁବେ ନାହିଁ। ବାଦୁଡ଼ିକୁ ଚାହିଁ ଶଙ୍କର ଗର୍ଜି ଉଠି କହିଲେ ପକ୍ଷୀରାଜ ଗରୁଡ଼ ବଂଶରେ ଯେଉଁମାନେ ଜନ୍ମ ହେବେ ସେମାନଙ୍କୁ ଦିନରେ ଦେଖାଯିବ ନାହିଁ। ଯେଉଁ ମୁହଁରେ ତୁ ମିଛ କହିଛୁ ସେଇ ମୁହଁରେ ତୁମେମାନେ ଖାଦ୍ୟ ଖାଇବ ଏବଂ ସେଇ ମୁହଁରେ ମଳତ୍ୟାଗ କରିବ। ପକ୍ଷୀ ଜାତି ବୋଲି ସ୍ୱଜାତି ଶାଗୁଣା ପାଇଁ ନିଜ କଥାରୁ ଓଲଟି ଯାଇଥିବାରୁ ତୁମେମାନେ ସିଧା ବସି ନପାରି ଗଛ ଡାଳରେ ସର୍ବଦା ଓଲଟି ଝୁଲି ରହିବ।

ଆଜିଠାରୁ ଯେଉଁମାନେ ମିଛ ସାକ୍ଷୀ ଦେବେ ପରଜନ୍ମରେ ସେମାନେ ବାଦୁଡ଼ି ହୋଇ ଜନ୍ମ ହେବେ ଏବଂ ତୋ ପରି ଦୁର୍ଦ୍ଦଶା ଭୋଗ କରିବେ। ନିଜକୁ ପକ୍ଷୀ ଜାତିର ମନେ କରି ପଶୁ ଜାତିର କାଳମୁଖା ଶୃଗାଳ ପ୍ରତି ପକ୍ଷପାତ ଆଚରଣ କରିଥିବାରୁ ଅଣ୍ଡା ନ ଥିବାରୁ ତୋ ଜାତି ପକ୍ଷୀରେ ଗଣା ହେବ ନାହିଁ କିମ୍ବା ଡେଣା ପକ୍ଷୀଥିବାରୁ ପଶୁରେ ମଧ୍ୟ ଗଣା ହେବ ନାହିଁ।

ସେଇ ଦିନଠାରୁ ବାଦୁଡ଼ିମାନେ ପଶୁ ଓ ପକ୍ଷୀଙ୍କ ଭୟରେ ଗଛ ଡାଳ ଆଢୁଆଳରେ ତଳକୁ ମୁହଁ କରି ଓହଳି ଲଟକି ରହୁଛନ୍ତି। ଶାଗୁଣା ଏବଂ ବାଦୁଡ଼ି ଦେବଦେବ ମହାଦେବଙ୍କ ପାଖରେ ମିଛ କହଥିବାରୁ ତାଙ୍କଠାରୁ ଅଭିଶାପ ପାଇ ବଂଶାନୁକ୍ରମେ ଅଭିଶପ୍ତ ଜୀବନ କାଟୁଛନ୍ତି। ମିଛ କହିବା ଏବଂ ମିଛ ସାକ୍ଷୀ ଦେବା କେତେ ଯେ ସାଂଘାତିକ ଓ ଏହାର ପରିଣାମ ଯେ କେତେ ଭୟଙ୍କର ତାହା ଏଥିରୁ ଶିକ୍ଷା ମିଳେ।

ଏନ୍-୫/୩୦୮, ଆଇ.ଆର୍.ସି. ଭିଲେଜ,
ନୟାପଲ୍ଲୀ, ଭୁବନେଶ୍ୱର

*With Best Compliments from :*

# A. P. PRINTS

*SPECIALISTS IN : ALL KINDS OF TEXTILE PRINTING*

G- Block, Rajendra Park, Daultabad, Gurgaon
Mobile : 9811934140



# କୁତୁକୁତିଆ ହୀନସ୍ତା

## (ରମ୍ୟ ରଚନା)

■ ଭିକାରୀ ରଥ

ଟେଲିଭିଜନର 'ଶୋ-ଇନି' ଚାନେଲରେ ଯେତେବେଳେ କାହିଁ ହେବନି 'କୋଟିପତି' କାର୍ଯ୍ୟକ୍ରମ ଚାଲେ ସୁବନା ଖାଇବା-ପିଇବା ଭୁଲିଯାଏ। ଏମିତିକି ତାଙ୍କ ବାଡ଼ିପଟ ଗୁହାଳ ଚାଳିରେ ନିଆଁ ଲାଗିଗଲା। ସାଇଟୀଯାକର ଲୋକ ଜମା ହୋଇ ନିଆଁ ଲିଭାଇଲେ। କିନ୍ତୁ ସୁବନା ଟେଲିଭିଜନ ଆଗରୁ ଉଠିନି। ସେତିକିବେଳେ ପରା ସେ କାର୍ଯ୍ୟକ୍ରମ ଚାଲିଥିଲା। ଖାସ୍ କରି ସିନେମାର ବିଖ୍ୟାତ ଅଭିନେତା ଅମୃତ ପ୍ରବଚନ ବାବୁଙ୍କର ଯୋଉଁ ଉପସ୍ଥାପନା... କାଖ ସନ୍ଧିରେ ଆଙ୍ଗୁଠି ପୂରାଇ କେଞ୍ଚିବା ପରି କୁତୁକୁତିଆ ଲାଗେ ସୁବନାକୁ।

ଏଠି ଚୁମ୍ବକରେ ଆମ୍ଭର ନାୟକ ସୁବର୍ଣ୍ଣ ତରଙ୍ଗ ସୁବନାର ପୃଷ୍ଠଭୂମି ଜଣାଇବା ଜରୁରୀ ମନେ କରୁଛି। କୌଣସିମତେ ପାସ୍ ପିଲାଙ୍କ ତାଲିକାର ସବା ଶେଷରେ ରହି ଆଣ୍ଠେଇ, ଗୁରୁଣ୍ଡି, ଘୁସୁରି ଘୁସୁରି ଯୁକ୍ତ ଦୁଇ ପାସ୍ କଲା ବେଳକୁ ବାପା ମରିଗଲେ। ଏଇ ପାଠରେ ଚାକିରୀ ନ ମିଳିବାରୁ ଜମିବାଡ଼ି ଅଢ଼େଇ ଏକରକୁ ଆଶ୍ରା କରି ପେଟପାଟଣାର ବୋଝ ବୋହିବାକୁ ଅଗତ୍ୟା ମନସ୍ଥ କଲା। ଭଉଣୀଟି କୋଉ କାଳୁ ବାହା ହୋଇସାରିଛି। ଘରେ କେବଳ ବିଧବା ମାଆ ଆଉ ସିଏ। ଅବଶ୍ୟ ନୂଆ ଲୋକଟିଏ ସ୍ଥାୟୀ ଭାବରେ ଘରକୁ ଆଣିବାର ଯୋଜନା ଚାଲିଛି।

କାର୍ଯ୍ୟକ୍ରମର ଚତୁର୍ଥ ପର୍ଯ୍ୟାୟ ଆରମ୍ଭ ହୋଇଯାଇଛି। ଦୈନିକ ଅମୃତ ବାବୁ ଟି.ଭି. ପରଦାରେ ଗୋଟିଏ ପ୍ରଶ୍ନ ପଚାରିବେ। ସଠିକ୍ ଉତ୍ତରଦାତାଙ୍କ ମଧ୍ୟରୁ ଜଣଙ୍କୁ ଏକ ଲକ୍ଷ ଟଙ୍କା ପୁରସ୍କାର ଦିଆଯିବ। ମାସକ ପରେ ଯିଏ ସବୁ ପ୍ରଶ୍ନର ଠିକ୍ ଉତ୍ତର ଦେଇଥିବ, ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ମୁଖ୍ୟ କାର୍ଯ୍ୟକ୍ରମକୁ ଡକାଯିବ। ସେଠି ସବୁ ପ୍ରଶ୍ନର ଉତ୍ତର ଦେଲେ କୋଟିପତି। ଖୋଦ୍ ଅମୃତ ବାବୁ ଭାଗ୍ୟବାନଙ୍କୁ କୁଣ୍ଢାଇ ନିଜ ଦସ୍ତଖତରେ ଚେକ୍ ଦେବେ।

କେବଳ ଏଇଥିପାଇଁ କଷ୍ଟେମଷ୍ଟେ ପଇସା ଯୋଗାଡ଼ କରି ସୁବନା ଗୋଟାଏ ମୋବାଇଲ୍ କିଣିଛି। ଦୈନିକ ଟି.ଭି.ରେ ପ୍ରଶ୍ନ ପଚରା ଗଲେ ସିଏ ଅନ୍ତତଃ ଦଶଟା ଏସ୍.ଏମ୍.ଏସ୍. ପଠାଏ। ତା'ର ଯୁକ୍ତି ହେଲା, ଗଛରେ ପାଚିଲା ଆମ୍ବ ଝୁଲୁଛି। ଦେଶର ଲକ୍ଷ ଲକ୍ଷ ଲୋକ ତାକୁ ଟେକା ମାରୁଛନ୍ତି। ଯିଏ ଯେତେ ଅଧିକ ଟେକା ମାରିବ ତା' ପାଇଁ ଆମ୍ବ ଝଡ଼ାଇବାର ସୁଯୋଗ ବେଶୀ।

ଅବଶ୍ୟ 'ଶୋଇନି' ଚାନେଲ ଏ ବାବଦରେ ଦୈନିକ କୋଟି କୋଟି ଟଙ୍କା ଆୟ କରି ମାତ୍ର ଲକ୍ଷେ ଟଙ୍କା ଖଇରାତ କରେ। ଶାବଳ ନେଇ ଛୁଞ୍ଚ ଦାନ କରିବାର ବଦାନ୍ୟତା। ଛଅ ସାତ ଶହ କୋଟି ଟଙ୍କା ଆୟ କରି ପୁରସ୍କାର ଆକାରରେ ମୋଟ୍ ପାଞ୍ଚ ଛଅ କୋଟି ଟଙ୍କା ଦେଇଦେଲେ କାମ ଫତେ। ଅଧିକ ଲୋକଙ୍କୁ ପୁରସ୍କାର ଦେବା ପାଇଁ ଅମୃତ ବାବୁ ମଧୁର ବଚନ କହି ଯ୍ୟାତ୍ରୁ ସ୍ୟାତ୍ରୁ ଗପ କରି କାର୍ଯ୍ୟକ୍ରମର ଅନ୍ୟ ସମୟ ହଜମ କରିଯାଆନ୍ତି। କହିବା ବାହୁଲ୍ୟ, ଦୈନିକ ପୁରସ୍କାର ପାଇଥିବା ଲୋକଙ୍କର ନାମ ଓ ଠିକଣା ଘୋଷଣା କରାଯାଏ ନାହିଁ। ରାତି ପାହିଲେ ଅମୃତ ବାବୁଙ୍କ ଦର୍ଶନ ପାଇବା ପାଇଁ ତାଙ୍କ ବଙ୍ଗଳା ଆଗରେ ଲୋକଙ୍କ ଭିଡ଼। ଖାଇବା ପିଇବା, ଝାଡ଼ା-ପରିଶ୍ରା ଭୁଲି ଗେଟ୍‌ର ଦୁଇପଟେ ଚାତକ ପରି ଲୋକେ ଚାହିଁଥାନ୍ତି। କାଳେ ଅମୃତ ବାବୁ ସେ ବାଟେ ଯିବା ଆସିବା ବେଳେ ତାଙ୍କ ଆଡ଼କୁ ଚାହିଁ କାର୍ ଭିତରୁ ହାତ ହଲାଇ ଦେବେ, ତାଙ୍କ ଚଉଦ ପୁରୁଷ ଉଦ୍ଧାର ହୋଇଯିବ। 'କାହିଁକି ହେବନି କୋଟିପତି' କାର୍ଯ୍ୟକ୍ରମରେ ତାଙ୍କ ପାଖରେ ଚଉକିରେ ବସି, ତାଙ୍କ ସହିତ ମୁହାମୁହିଁ କଥାବାର୍ତ୍ତା ହୋଇ ହାତ ମିଳାଇ ଦେଲେ ନିର୍ବାଣ ପ୍ରାପ୍ତି ବୋଲି ଜାଣ। ଆଉ ପୁନର୍ଜନ୍ମ ନାହିଁ। ସେଥିପାଇଁ ମନସ୍ତତ୍ତ୍ୱବିତ୍‌ମାନେ କହନ୍ତି, ଦେଶର ଶତକଡ଼ା ଷାଠିଏ ଭାଗ ଲୋକ ଅଧା ପାଗଳ। (ସିଜୋଫ୍ରେନିଆ ରୋଗରେ ପୀଡ଼ିତ) କିଏ କ୍ରିକେଟ ଖେଳାଳୀ, ସିନେମାବାଲାଙ୍କ ପଛରେ ଧାଇଁଛି ତ କିଏ ବାବା-ମାତାଙ୍କ ପଛରେ ପାଗଳ।

ଆସନ୍ତୁ, ଏଥର ସୁବନା ପାଖକୁ ଯିବା। ଘର ସଉଦା ପଇସା ମୋବାଇଲ ରିଚାର୍ଜ ବାବଦ ସରିଗଲା ବେଳକୁ 'ଶୋଇନି' ଚାନେଲରୁ ଫୋନ୍ ଆସିଲା, ସିଏ ଦୈନିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଏକ ଲକ୍ଷ ଟଙ୍କା ଜିତିଛି। ସୁବନାର ଖୁସି ଆଉ ଦେଖେ କିଏ ? ଯେତେ ଯିଏ ହାବୁଡ଼ିଲା, ତାକୁ ସୁସମାଦ ଜଣାଇଲା। ଭିକାରୀଟା ଭିକ ମାଗିବାକୁ ଆସିଥିଲା। ତାକୁ ଦୁଇ ଟଙ୍କା ଦାନ କରି ନିଜର ଅତିରିକ୍ତ ବଦାନ୍ୟତାର କାରଣ ଜଣାଇ ଦେଲା। ଏପରିକି ଗୁହାଳକୁ ଯାଇ ଗାଈକୁ ଗୋଟାଏ ରୁଟି ଖୁଆଇ, ମୁଣ୍ଡିଆ ମାରି ତା' କାନରେ ଖୁସି ଖବର କହିଦେଲା, ଯେତେହେଲେ ଗୋମାତା ନିଜ ଘରର ଏକାନ୍ତ ଆପଣାର। ତାହାର ମଧ୍ୟ ଅନୁକ୍ତ ଆଶିର୍ବାଦ ଥାଇପାରେ।

ସାଇଟୋକା, ସାଙ୍ଗସାଥୀ ନଛୋଡ଼ ବନ୍ଧା । ଅମୃତ ବାବୁଙ୍କ ହାତରୁ ଲକ୍ଷେ ଟଙ୍କା ପାଇବ । ସେଥିରୁ ପାଞ୍ଚ ହଜାର ସାଙ୍ଗସାଥୀଙ୍କ ପାଇଁ ଖର୍ଚ୍ଚ କଲେ କ୍ଷତି କ'ଣ ? ସୁବନାର ଯଶ ଓ ଗୌରବ କେହି ତ ନେଇଯାଇ ନାହିଁ । ଗାଆଁ ଲୋକେ ଠାକୁରାଣୀଙ୍କ ପାଖରେ ଗୋଟାଏ ଜନ୍ତାଳ କରାଇବାକୁ ଅଡ଼ି ବସିଛନ୍ତି । ରୋଷେଇ ପାଇଁ କାଠ ଓ ଖାଇବା ପାଇଁ କଦଳୀ ପତ୍ର ଯୋଗାଇ ଦେବାକୁ ସେମାନେ ପ୍ରସ୍ତୁତ ଅଛନ୍ତି ।

ଏସବୁ ପରେ ସବୁଠାରୁ ବଡ଼ କଥା, ପ୍ରାୟ ଦେଢ଼ ଶହ ଭଳି ଓଡ଼ିଶାର ବିଭିନ୍ନ ଠାକୁର ଠାକୁରାଣୀଙ୍କ ପାଖରେ ସୁବନା ମାନସିକ କରିଛି । ଦେବତା ଦ୍ରୋହୀ ହେବାଠାରୁ ବଡ଼ ବିପଦ ଆଉ କିଛି ନାହିଁ । ଏଇ ପରା, କେରଳର ପଦ୍ମନାଭ ମନ୍ଦିରର ଭଣ୍ଡାର ଘରର ତାଲା ଖୋଲି ଯୋଉ ମନ୍ଦିର କର୍ମଚାରୀ ପ୍ରଥମ କରି ଘର ଭିତରକୁ ପଶିଥିଲା, କେଇଦିନ ପରେ ସିଏ ଠୋ କରି ମରିଗଲା । ସିଏ ପୁଣି ଠାକୁରଙ୍କର ନିଷ୍ଠାପର ଭକ୍ତ ଥିଲା ।

ଭୋଜିଭାତ ଓ ଜନ୍ତାଳ ପାଇଁ ଟଙ୍କା ଯୋଗାଡ଼ କରିବା ପାଇଁ ସୁବନା ବୋଉର ବାହା ବେଳର ସୁନାହାର ବିକିଲା । ତଥାପି ନିଅଣ୍ଟ ପଡ଼ିବାରୁ ଘରୁ ଚାଉଳ ଦେଇ ଜନ୍ତାଳ କାମ ଉଠାଇଲା ।

ଫୋନ୍ ଆସିଥିଲା – ପୁରସ୍କାର ଅର୍ଥ ପାଇବା ପାଇଁ ନିଜର ବ୍ୟାଙ୍କ ଜମା ଖାତାର ପୂର୍ଣ୍ଣ ବିବରଣୀ ଜଣାଅ । ନତୁବା, ତୁରନ୍ତ 'ଶୋଇନି' କାର୍ଯ୍ୟାଳୟକୁ ଆସି ପୁରସ୍କାର ରାଶି ନେଇଯାଅ । ସୁବନା କିଏ ଆଉ ବ୍ୟାଙ୍କ କିଏ ? ବରଂ ଭଲ ହେବ, ସିଧା ମୁମ୍ବାଇ ଯାଇ ଅମୃତ ବାବୁଙ୍କ ହାତରୁ ଟଙ୍କା ଥଳିଟା ଗ୍ରହଣ କରିବ । ଅମୃତ ବାବୁ ଟିକେ ଦେହରେ ଘଷି ହୋଇଗଲେ ଦେହଟା ମଲାପାଏ ମହ ମହ ବାସିବ । ମୁମ୍ବାଇ ସହର ଦେଖା ସାଙ୍ଗକୁ କେତେ କେତେ ନାୟକ ନାୟିକାଙ୍କର ଦର୍ଶନ ମିଳିଯିବ । ମନ୍ଦିର ମାଳିନୀ କ୍ଷେତ୍ରରେ ଦିଅଁ ଦର୍ଶନର ଅଭାବ ନଥାଏ ।

ହେଲେ ... ସୁବନା ବୁଝିଲା, ଯାହିତାହି ରହିବା ଖାଇବାକୁ ମିଶାଇଲେ ମୁମ୍ବାଇ ଯାଇ ଫେରିବା ପର୍ଯ୍ୟନ୍ତ ସାତ ଆଠ ହଜାର ଟଙ୍କା ଦରକାର । ତରବରିଆ ଭାବରେ ଚାରିଗୁଣ୍ଠ ଜମି ବିକି ଆଠ ହଜାର ଟଙ୍କା ଯୋଗାଡ଼ କଲା । ହଜାରେ ଟଙ୍କା ମାଆ ହାତରେ ଧରାଇ ଦେଇ ବାକିତକ ଧରି ମୁମ୍ବାଇ ବାହାରିଲା । ସାଙ୍ଗରେ ଶହ ଶହ ବରାଦ । ଭଉଣୀ, ଭିଣୋଇ ଓ ଭଣଜାର ବରାଦ ସବୁଠାରୁ ଅଧିକ । ମନେ ମନେ ଭାବିଛି, ନିଜ ପାଇଁ ପାଞ୍ଚ ସାତ ହଜାର ଟଙ୍କା ଦେଇ ଭଲ ଘଣ୍ଟା କିଣି ଆଣିବ । ମାଟ୍ରିକ୍ ପଢ଼ା ବେଳର ହାତ ଘଣ୍ଟାଟା ପୁରୁଣା ହୋଇଗଲାଣି । ଲକ୍ଷେ ଟଙ୍କା ତ ମିଳିବ । ସେଥିରୁ ପନ୍ଦର କୋଡ଼ିଏ ହଜାର ମଧ୍ୟ ବଳେଇ ଘରକୁ ଆଣି ପାରିଲେ ଚାରିଗୁଣ୍ଠ ବିକ୍ରି ତ ଜମି ଯାଗାରେ ଛଅ ଗୁଣ୍ଠ ଜମି କିଣିପାରିବ ।

ମୁମ୍ବାଇରେ ପହଞ୍ଚି ଖୋଜାଖୋଜି ପରେ 'ଶୋଇନି' ଚାନେଲ ଠାବ କଲା । ସେଠିକାର ଆଡା ଆଖଡ଼ା ଚାକଚକ୍ୟ ଦେଖି ତା' ଆଖି ଖୋସି ହୋଇଗଲା । ସୁବନା ବୁଦ୍ଧିଆ ପଢ଼ି ସାଙ୍ଗରେ ଭୋଟର ପରିଚୟ ପତ୍ର ଓ ମୋବାଇଲ (ଯେଉଁ ମୋବାଇଲକୁ ଚାନେଲବାଲା ଫୋନ୍ କରିଥିଲେ) ନେଇ ଯାଇଥିଲା । ଖଣ୍ଡିଆ ହିନ୍ଦୀରେ ନିଜର ମୌଳିକତା ପ୍ରମାଣ କଲା ପରେ ଚାନେଲବାଲା ସହାସ୍ୟ ବଦନରେ ସୁବନା ହାତକୁ ପାଞ୍ଚ ହଜାର ଟଙ୍କାର ଜମାଖାତାରେ ଜମା ଯୋଗ ଚେକ୍ ବଢ଼ାଇ ଦେଲେ । ଲକ୍ଷେ ଟଙ୍କାର ପ୍ରାପ୍ତି ସ୍ୱୀକାର ପରେ ମାତ୍ର ପାଞ୍ଚ ହଜାର ଟଙ୍କାର ଚେକ୍ ପାଇ ଆଶ୍ଚର୍ଯ୍ୟ ହୋଇ ସୁବନା ସେମାନଙ୍କୁ କାରଣ ପଚାରିଲା । ଚାନେଲବାଲା ବୁଝାଇଦେଲେ, ପ୍ରଥମେ ଆୟକର ବାବଦ ଚାଳିଶି ହଜାରେ କଟିଗଲା । ତା'ପରେ ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠି, ରେଡକ୍ରସ୍ ପାଣ୍ଠି, ମୃତ ସୈନିକଙ୍କର ବିଧବା କଲ୍ୟାଣ ପାଣ୍ଠି, ବିକଳାଙ୍ଗ ଥଇଥାନ ପାଣ୍ଠି, ବୃଦ୍ଧାଶ୍ରମ ପରିଚାଳନା ପାଣ୍ଠି, ବନ୍ୟପ୍ରାଣୀ ସୁରକ୍ଷା ପାଣ୍ଠି, ବନ ଉନ୍ନୟନ ପାଣ୍ଠି, ଦୃଷ୍ଟିହୀନ କଲ୍ୟାଣ ପାଣ୍ଠି, ଅନ୍ଧ-ମୂକ-ବଧିର ସଂସ୍ଥାପନ କୋଷ, ନିର୍ବାଚନରେ ପରାଜିତ ନେତାଙ୍କର ଥଇଥାନ ପାଣ୍ଠି, ସହର ପରିମଳ ବିକାଶ ପାଣ୍ଠି ଇତ୍ୟାଦି ବାବଦ କଟିଯିବା ପରେ ବଳକା ପାଞ୍ଚ ହଜାର ପାଇଁ ଚେକ୍ ଦିଆଗଲା । ସବୁ ପାଣ୍ଠି ପାଇଁ ନିଆଯାଇଥିଲେ ପୁରସ୍କାର ବିଜେତାଙ୍କୁ ବରଂ ହାତରୁ କିଛି ଦେବାକୁ ପଡ଼ନ୍ତା । ମାତ୍ର ବିଜେତାମାନଙ୍କୁ ନିରୁତ୍ସାହିତ ନ କରିବା ପାଇଁ ସର୍ବାଧିକ ପାଞ୍ଚ ହଜାର ଟଙ୍କା ଦିଆଯାଉଛି ।

ସେତେବେଳକୁ ମୁମ୍ବାଇରେ ସୁବନାର ଅଢ଼େଇ ଦିନ କଟିଲାଣି । ଗାଆଁ ପର୍ଯ୍ୟନ୍ତ ଯିବାକୁ ହେଲେ ଆହୁରି ପକ୍କା ଦୁଇ ଦିନର କଥା । ପଇସା ସରିଲାଣି । ମୁମ୍ବାଇ ପୋଲିସର ରୋଲବାଡ଼ି କେଞ୍ଚା ଖାଇ ହାତଗୁଞ୍ଜା ଦେଇ ଦୁଇ ରାତି ଫୁଟ୍‌ପାଥ୍‌ରେ ଶୋଇଛି ।

ଘରେ ପହଞ୍ଚିଲା ବେଳକୁ ଗୋଟାଏ ଦିନ ଖାଡ଼ା ଖାଡ଼ା ଉପାସ । କଂସାଏ ବାସି ପଖାଳ ଠୁଙ୍କିଦେଇ ଚାରିକାତ ମେଲାଇ ଶୋଇବାକୁ ଚେଷ୍ଟା କଲା । ତଥାପି ନିଦ ଆସୁନି । ଦେବତାଙ୍କର ମାନସିକ କେମିତି ପୂରଣ ହେବ ? ସେମାନଙ୍କର ଦୋଷ କ'ଣ ? ସେମାନେ ତ ଲକ୍ଷେ ଟଙ୍କା ଦେଇଥିଲେ ? ସେମାନେ କ'ଣ କାଟି ରଖିବାକୁ ଚାନେଲ୍‌ବାଲାଙ୍କୁ କହିଥିଲେ ?

ଫ୍ଲାଟ୍ ନଂ-୧୬, ଧରମ୍‌ପାଲି କଂପ୍ଲେକ୍ସ,
(ସବ୍‌ଜିମୁଣ୍ଡ ପାଖ), ମହୀପାଲ୍‌ପୁର,
ନୂଆଦିଲ୍ଲୀ-୧୧୦୦୩୭

# ଶ୍ରେଷ୍ଠ ସମ୍ପତ୍ତି

■ ବିନୋଦିନୀ ନନ୍ଦ



କବାଟ ଖୋଲି ଦେଖିବା ବେଳକୁ ଦୁଇ ହାତରେ ଦୁଇଟି ଫଳ ଭର୍ତ୍ତି ବେଗ୍ ଧରି ଠିଆ ହୋଇଥିଲେ ସନାତନ ବାବୁ।

ପତ୍ନୀଙ୍କୁ ସାମ୍ନାରେ ଦେଖି ଟିକେ ରସିକତା କରି କହିଲେ, ଜାଣିଚ, ଘରୁ ହାଟକୁ ଯିବା ଭିତରେ ମୋ ସାଙ୍ଗ କେତେଜଣ ମୋ ପିତୃଦତ୍ତ ନାମ ସନାତନ ପରିବର୍ତ୍ତେ ସତ୍ୟବାନ ଡାକିବା ଆରମ୍ଭ କରିଦେଲେଣି। ଫଳମୂଳ ତ ନେଇ ଆସିଚି। ଏଥର କୁରାଢ଼ୀଟି ଦେଲେ ଜଙ୍ଗଲକୁ ଯାଇ କାଠ ଆଣିବା କାମ ବି କରିଦିଅନ୍ତି।

ଡାକର ପିଲା ଭୋଲା ବାବୁଙ୍କ କହିବା ରହସ୍ୟଟି ବୁଝି ନପାରି ସତକୁ ସତ କୁରାଢ଼ୀଟି ଆଣି ହାଜର।

ହସିଦେଲେ ସ୍ୱୟଂପ୍ରଭା କହିଲେ, ସହରରେ ଆଉ ଜଙ୍ଗଲ କାହିଁ ଯେ କାଠ ଆଣିବାକୁ ଯିବ ? ବରଂ କାହା ବାଡ଼ିରୁ ଯାଇ ଆମ୍ବ ଡାଳଟିଏ ନେଇ ଆସ, କାମରେ ଲାଗିବ।

ସକାଳୁ ଖରାରେ ସିଝି ସିଝି ପୁଣି ଦାମ୍ କଷାକଷି କରି ଶହେ ଟଙ୍କାର ଫଳକୁ ଦୁଇ ଶହ ଟଙ୍କା ଦେଇ ମୁଣ୍ଡକୁ ପିତ ଚଢ଼ିଯାଇଥିଲା ସନାତନ ବାବୁଙ୍କର। କୁରାଢ଼ୀଟି ଦେଇ ଭୋଲା ମୁଡ଼୍ଟିକୁ ପୁରାପୁରି ଭାଙ୍ଗି ଦେଲା। ସେଥିରେ ପୁଣି ଜଳନ୍ତା ନିଆଁରେ ଘିଅ ପକାଇଲା ପରି ସ୍ତ୍ରୀଙ୍କ ଉପହାସ। ଗୋଟିଏ କାମ ନ ସରୁଣୁ ଆଉ ଗୋଟିଏ କାମର ବରାଦ।

ନିଜର ଭୁଲ ବୁଝିଗଲେ ସ୍ୱୟଂପ୍ରଭା। ତରତର ହୋଇ ଦହି ସରବତ୍ ଗ୍ଲାସ୍‌ଟିଏ ବଢ଼ାଇ ଦେଲେ ସେ ସ୍ୱାମୀଙ୍କ ହାତକୁ।

ଥଣ୍ଡା ପାଣି ଟିକେ ପେଟରେ ପଡ଼ିଯିବାରୁ ମୁଣ୍ଡ ବି ଥଣ୍ଡା ହୋଇଗଲା ବୋଧହୁଏ। ପେଣ୍ଟ ସାର୍ଟ ପିନ୍ଧା ସନାତନ ବାବୁ କାନ୍ଧରେ କୁରାଢ଼ୀ ପକାଇ ହସି ହସି ଚାଲିଗଲେ ନାଟକୀୟ ଭଙ୍ଗୀରେ।

ବାପାଙ୍କ ରୁଦ୍ର ମୂର୍ତ୍ତି ଦେଖି ସେଠାରେ ନିର୍ବାକ୍ ହୋଇ ଠିଆ ହୋଇଥିବା ଝିଅ ଓ ବୋହୂ ମଧ୍ୟ ହସି ପକାଇଲେ, କଳିଯୁଗ ସତ୍ୟବାନଙ୍କ ରୂପ ଦେଖି।

ଏହି ତ ତାଙ୍କର ଚାଳିଶ ବର୍ଷର ଦାମ୍ପତ୍ୟ ଜୀବନ। ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଘେରରେ ଭରପୂର ସଂସାର। ପରସ୍ପର ସ୍ନେହ ମମତାରେ ବନ୍ଧା, ଏହି ତ ତାଙ୍କର ସ୍ୱର୍ଗ।

ଅତୀତକୁ ଫେରିଗଲେ ସ୍ୱୟଂପ୍ରଭା।

ଚାଳିଶ ବର୍ଷ ତଳେ ଶାଶୁ, ନଣନ୍ଦଙ୍କ ଗହଣରେ ହାତେ ଓଢ଼ଣା ଦେଇ ନବବଧୂ ସ୍ୱୟଂପ୍ରଭା ଆରମ୍ଭ କରିଥିଲେ ଏହି ବ୍ରତ। ଲକ୍ଷ୍ମୀନାରାୟଣଙ୍କ ନିକଟରେ ସଂକଳ୍ପ କରାଇ ବ୍ରାହ୍ମଣ ସେଇ ଯେ ବ୍ରତ ଡୋର ବାନ୍ଧି ଦେଲେ ତାଙ୍କ ହାତରେ, ସେଇ ଦିନଠାରୁ ଆଜି ପର୍ଯ୍ୟନ୍ତ ଅନେକ ଅସୁବିଧା ସତ୍ତ୍ୱେ ବ୍ରତ କରିବା କେବେ ବି ବନ୍ଦ ହୋଇନି।

ସେତେବେଳେ ଏ ବ୍ୟାଙ୍କ ବାଲାନ୍ସ, ବିରାଟ ବଙ୍ଗଳା, ଗାଡ଼ି, ଏ ପୁଅ-ଝିଅ କେହ ବି ନ ଥିଲେ ତାଙ୍କ ପାଖରେ। ତେବେ ବି ବଞ୍ଚିବାର ଆଗ୍ରହ ଥିଲା; ଜୀବନ ସଂଗ୍ରାମରେ ଲଢ଼ିବା ପାଇଁ ସାହସ ଓ ଶକ୍ତି ଥିଲା। ଆଜି ବାର୍ଦ୍ଧକ୍ୟର ଚାପରେ ଥକି ପଡ଼ିଲେଣି ସେ । ଏବେ ସ୍ୱାମୀ କି ପିଲାଙ୍କୁ ଛିଙ୍କ ଟିକେ ହେଲେ ଛାତିରେ ତାଙ୍କର ଛନକା ପଶିଯାଉଛି। ସବୁବେଳେ ସେଇ ଗୋଟିଏ ପ୍ରାର୍ଥନା ଠାକୁରଙ୍କ ପାଖରେ ଶୁଆ ପରି ଘୋଷୁଥାଆନ୍ତି ସ୍ୱୟଂପ୍ରଭା - ପ୍ରଭୁ ହେ, ମୋ ସ୍ୱାମୀ ପିଲାଙ୍କୁ ଘଣ୍ଟ ଘୋଡ଼ାଇ ରଖିଥାଅ। ଆଉ ସେମାନଙ୍କ ହସ ଖୁସି ଦେଖୁ ଦେଖୁ ଏ ଜୀବନଟି ଚାଲିଯାଉ ଶଙ୍ଖା, ସିନ୍ଦୂର ନେଇ ସଧବା ବେଶରେ।

ଶାଶୁ ଆଜି ଆଉ ଏ ଦୁନିଆରେ ନାହାନ୍ତି। ସେ ଛାଡ଼ିଯାଇଥିବା ଶୂନ୍ୟ ଆସନଟିରେ ଏବେ ଶାଶୁ ସାଜି ବସିଛନ୍ତି ନିଜେ ସ୍ୱୟଂପ୍ରଭା। ଗତକାଲି ଓ ଆସନ୍ତାକାଲି ଦୁହିଁଙ୍କ ମଧ୍ୟସ୍ଥଳର ବର୍ତ୍ତମାନ ହେଉଛନ୍ତି ସେ। ଦୁଇ ପିଢ଼ି ମଧ୍ୟରେ ସମାନତା ରକ୍ଷା କରି ଆଜି ବି ନିଜ ପରମ୍ପରାକୁ ବଞ୍ଚାଇ ରଖିଛନ୍ତି ସେ।

ଠିକ୍ ବାରଟା ବେଳକୁ ନାରୀମାନେ ନିଜ ନିଜର ପୂଜାଥାଳି, କଳସ ଓ ଦୀପ ଠାକୁରଙ୍କ ଚତୁର୍ଦ୍ଦିଗରେ ସଜାଇଦେଲେ। ପାଦରେ ଅଳତା, ମଥାରେ ସିନ୍ଦୂର, ହାତରେ ଶଙ୍ଖା, ନୂଆ ଶାଢ଼ୀ ଓ ଗହଣାରେ ସଧବା ସ୍ତ୍ରୀମାନଙ୍କର କି ଅପୂର୍ବ ଶୋଭା। ମୁଣ୍ଡରେ ଓଢ଼ଣା ଦେଇ ନତମସ୍ତକ ହୋଇ ଠାକୁରଙ୍କ ନିକଟରେ ବସି ନିଜ ନିଜ ପତିମାନଙ୍କ ମଙ୍ଗଳ ପାଇଁ ପ୍ରାର୍ଥନା କରୁଥିଲେ ସେମାନେ।

ବ୍ରାହ୍ମଣ ଆସିଲେ ପୂଜା ଆରମ୍ଭ ହେଲା, କହି ପଢ଼ା ହେଲା। ଧୂପ, ଦୀପ, କର୍ପୂର ବାସ୍ନାରେ ଚତୁର୍ଦ୍ଦିଗ ମହକି ଉଠିଲା।

ଶଙ୍ଖ ହୁଳହୁଳିରେ ସ୍ଥାନଟି ମୁଖରିତ।

ଠାକୁରଙ୍କୁ ଦେଖି ମନେ ହେଉଥିଲା ସତେ କି ବୈକୁଣ୍ଠପୁରରୁ ଲକ୍ଷ୍ମୀନାରାୟଣ ସ୍ୱୟଂ ଓହ୍ଲାଇ ଆସିଛନ୍ତି ଧରାକୁ!

ପୂଜା ସମାପ୍ତ ହେଲା। ବ୍ରାହ୍ମଣଙ୍କୁ ଦକ୍ଷିଣା ଦେଇ ଓ ମୁଣ୍ଡିଆ ମାରି ଚାଲିଗଲେ ସମସ୍ତେ। ମୁଗ ବଟୁରାରେ ନଡ଼ିଆ କୋରା, କଦଳୀ, ଦହି, ଚିନି ଓ ଆମ୍ବରସ ମିଶ୍ରଣର କି ତୃପ୍ତିକର ଭୋଗ! ସେଥିରେ ପୁଣି ସପୁରୀ, ଲିଚୁ, ପଣସ, ଖଜୁରୀ ଆଦି ଅନେକ ପ୍ରକାର ଫଳଭୋଗ। ଘରେ ସମସ୍ତେ ଭାତ ନ ଖାଇ ଭୋଗ ଖାଇ ରହିଗଲେ ଖୁସିରେ। ଖିଆପିଆ ପରେ ଘର ସଜାଡୁ ସଜାଡୁ ଅପରାହ୍ନ ଚାରିଟା। ଉପର ଥାକରୁ ପୁରୁଣା ଜହ୍ନମାମୁଁଟିଏ ଟାଣି ଆଣି ଥକିପଡ଼ିଥିବା ଶରୀରକୁ ଟିକେ ବିଶ୍ରାମ ଦେବା ପାଇଁ ପଲଙ୍କରେ ଲୋଟେଇ ଦେଲେ ସ୍ୱୟଂପ୍ରଭା। ଭାବିଥିଲେ ବହିର ଅକ୍ଷର ଉପରେ ନଜର ବୁଲାଉ ବୁଲାଉ ଅନ୍ୟ ଦିନ ପରି କିଛି ସମୟ ଶୋଇଯିବେ।

କିନ୍ତୁ ବହି ଖୋଲୁ ଖୋଲୁ ବହି ଭିତରୁ ଖସିପଡ଼ିଲା କାଗଜଟୁକୁରା ଖଣ୍ଡେ। ଗୋଟାଇ ନେଇ ଅପଲକ ନେତ୍ରରେ ବେଶ୍ କିଛି କ୍ଷଣ ଚାହିଁ ରହିଲେ ସେ କାଗଜଟିକୁ। ଆଶ୍ଚର୍ଯ୍ୟ ନ ହୋଇ ରହିପାରିଲେନି ସ୍ୱୟଂପ୍ରଭା।

ତିରିଶ ବର୍ଷ ତଳେ ସାବିତ୍ରୀ ବ୍ରତ ପାଇଁ ବାପା ପଠାଇଥିବା ମନିଅର୍ଡର ଫର୍ମର ତଳେ ଲେଖାଥିବ ଦୁଇଧାଡ଼ିର ଚିଠି। ଦୀର୍ଘ ତିରିଶ ବର୍ଷ ଭିତରେ ଦୁଇ, ତିନି ଥର ସରକାରୀ ଘର ବଦଳାଇ ଏବେ ଆସି ନିଜ ଘରେ ରହିଲେଣି ସେମାନେ। ପୁରୁଣା ଅନେକ ବହି ବୁଲା ରଦ୍ଦି କାଗଜବାଲା ନେଇଗଲାଣି। ଅଥଚ, ତିରିଶ ବର୍ଷ ତଳର ପୁରୁଣା ଜହ୍ନମାମୁଁ ବହିଟି ଓ ତା' ଭିତରେ ଆତ୍ମଗୋପନ କରି ରହିଥିବା କାଗଜ ଟୁକୁରାଟି ଯେମିତି ସେମିତି ଅଛି। ଆଜି ଏଇ ସାବିତ୍ରୀ ବ୍ରତ ଦିନ ହିଁ ତାଙ୍କୁ ଏଇଟି ମିଳିବାର ଥିଲା। ଲୁହ ଛଳ ଛଳ ଝାପ୍‌ସା ଦୃଷ୍ଟିରେ ଅନେକ ଥର ସେ ପଢ଼ିଲେ ଚିଠିଟିକୁ।

"ମା'ରେ ଗତ ଛୁଟିରେ ତ ଆସିଲୁନି, ଦୁର୍ଗାପୂଜାରେ ନିଶ୍ଚୟ ଆସିବୁ। ତୁମ ସମସ୍ତିଙ୍କୁ ଦେଖିବା ପାଇଁ ମନ ବ୍ୟାକୁଳ ହେଉଛି।"

ନିଜକୁ ଆଉ ସମ୍ଭାଳି ପାରିଲେନି ସ୍ୱୟଂପ୍ରଭା। ହାହାକାରର ଏକ ଢେଉ ଓହ୍ଲାଇ ଆସିଲା ତାଙ୍କର ଦୁଇଗାଲ ଦେଇ।

ସେଇ ପୂଜାଛୁଟିରେ ସମସ୍ତେ ଯିବେ ବୋଲି ମନସ୍ଥ କରିଥିଲେ। କିନ୍ତୁ ବାପାଙ୍କ ହାର୍ଟ ଆଟାକ୍‌ର ଖବର ପାଇଁ ପୂଜା ପୂର୍ବରୁ ହିଁ ଯିବାକୁ ପଡ଼ିଲା ତାଙ୍କୁ। ଯେଉଁ ବାପାଟିର ହୃଦୟ ତାଙ୍କୁ ଦେଖିବା ପାଇଁ କାନ୍ଦୁଥିଲା, ସେହି ବାପାଙ୍କର ମର ଶରୀରଟି ଦେଖିବା ମଧ୍ୟ ତାଙ୍କ ଭାଗ୍ୟରେ ଜୁଟିଲାନି।

ତାଙ୍କୁ ଅପେକ୍ଷା ନ କରି ଅନ୍ତିମ ସଂସ୍କାର ସାରିଦେଇଥିଲେ ଭାଇମାନେ। ଅନେକ କାନ୍ଦିଥିଲେ ସ୍ୱୟଂପ୍ରଭା। ହେଲେ ତାଙ୍କ ପିଠିରେ ହାତ ଥାପି ପ୍ରବୋଧନା ଦେବା ପାଇଁ ବାପା ଆଉ ନଥିଲେ ଏ ଦୁନିଆରେ!

ସମୟର ଚକ କାହାକୁ ଅପେକ୍ଷା ନ କରି ଗଡ଼ିଚାଲିଛି। ତିରିଶ ବର୍ଷ ତଳେ ସେ ନିଜେ କେମିତି ଦିଶୁଥିଲେ ତାଙ୍କର ମନେ ବି ପଡୁନି। ମୁଣ୍ଡର ବାଳ ଏବେ ଧଳା ହେଲାଣି। ଚଷମାରେ ମୋଟା ଲେନ୍ସ ଲାଗିଲାଣି। ବୟସର ଛାପ ପଡ଼ିଲାଣି ମୁହଁରେ। ଛୋଟ ବଡ଼ ଅନେକ ଘଟଣା ଆଗପରି ଆଉ ଦାଗ ପକାଉନି। ଏ ଭିତରେ କେତେ କ'ଣ ଓଲଟପାଲଟ ହୋଇଗଲାଣି, କିଏ ତା'ର ହିସାବ ରଖିଛି? ଯେଉଁ ପୁତୁରା ଝିଆରୀଙ୍କୁ ନିଜେ ସିଏ କାଖେଇ ବୁଲୁଥିଲେ, ସେମାନେ ଆଜି ନିଜ ପିଲାଙ୍କୁ କାଖେଇ ବୁଲିଲେଣି। ନିଜ ଜନ୍ମଭୂମି, ନିଜ ଗାଁ ମାଟିରେ ତିରିଶ ବର୍ଷ ହେଲା ତାଙ୍କର ପାଦ ପଡ଼ିନି। ସେଇ ଛୋଟ ସୁନ୍ଦର ଗାଁଟି ଆଜି କ'ଣ ଆଉ ସେମିତି ଥିବ?

ଦୀର୍ଘ ନିଃଶ୍ୱାସ ଛାଡ଼ିଲେ ସ୍ୱୟଂପ୍ରଭା। ଅତୀତର ସ୍ମୃତିଗୁଡ଼ିକ ମନେପଡ଼ିଲା ତାଙ୍କର। ପାଞ୍ଚ ଭାଇରେ ଏକମାତ୍ର ଭଉଣୀ ସ୍ୱୟଂପ୍ରଭା, ବାପା ମା'ଙ୍କର ଅଳିଅଳୀ ଝିଅ ଓ ଭାଇମାନଙ୍କର ସୁନାନାକୀ ଭଉଣୀ। ମା' ତ ଅନେକ ଆଗରୁ ଚାଲିଯାଇଥିଲେ। ବାପାଙ୍କ ପଛେ ପଛେ ବାପଘରର ସୁଖ ବି ସରିଗଲା ଯେମିତି ତାଙ୍କ ପାଇଁ। ଘରର ପୁରୁଣା ଚାକରାଣୀ ରଘୁଆ ମା' ତାଙ୍କୁ ଦେଖି ବାହୁନି ବାହୁନି ଅନେକ କାନ୍ଦିଲା। ବଖାଣିଗଲା ବାପାଙ୍କ ଜୀବନ ଅବସାନର ଦୁଃଖଭରା କାହାଣୀ। ସେଦିନ ଦ୍ୱିପ୍ରହରରେ ଆମ୍ଭର ହୋଇଥିଲା ଘମାଘୋଟ ବାକ୍‌ଯୁଦ୍ଧ। ଏକ ପକ୍ଷରେ ପାଞ୍ଚ ଭାଇ ଓ ଅନ୍ୟ ପକ୍ଷରେ ହୃଦରୋଗୀ ବାପା ଏକା। ବାପାଙ୍କର ଏକା ଜିଦ୍, ତାଙ୍କର ସବୁ ଭୂ-ସମ୍ପତ୍ତି ସମାନ ଛଅ ଭାଗ ହେବ। ଝିଅ କ'ଣ, ପୁଅ କ'ଣ ତାଙ୍କ ପାଇଁ ସମସ୍ତେ ସମାନ। ସମ୍ପତ୍ତି ପାଞ୍ଚ ଭାଗ କରି ଝିଅ ପ୍ରତି ଅନ୍ୟାୟ କରିବେନି ସେ। ଅନ୍ତତଃ ସେ ବଞ୍ଚିଥିବା ପର୍ଯ୍ୟନ୍ତ ଏହା କେବେ ବି ସମ୍ଭବ ହେବନି।

ଯେଉଁ ଭାଇମାନେ ତାଙ୍କୁ ଏତେ ଭଲ ପାଉଥିଲେ,

ଯେଉଁମାନଙ୍କ ପାଇଁ ସାଇପଡ଼ିଶା ବନ୍ଧୁବାନ୍ଧବଙ୍କ ଭିତରେ ଛାତି ଫୁଲାଇ ଚାଲୁଥିଲେ ବାପା, ସେହି ଭାଇମାନେ ହଠାତ୍ କିପରି କୌରବ ବଂଶର ଦୁର୍ଯ୍ୟୋଧନ ପାଲଟିଗଲେ, ସବୁ ଶୁଣି ମଧ୍ୟ ନିଜ କାନକୁ ବିଶ୍ୱାସ କରିପାରୁ ନଥିଲେ ସ୍ୱୟଂପ୍ରଭା।

ଭାଇମାନଙ୍କର ଏକା ଜିଦ୍, ସୂଚ୍ୟଗ୍ର ମେଦିନୀ ମଧ୍ୟ ସେମାନେ ଦେବେନି ଭଉଣୀକୁ। ଗୋଟିଏ ଯୁକ୍ତି ସେମାନଙ୍କର - କ'ଣ ତା'ର ନାହିଁ? ଗାଡ଼ି, ବଙ୍ଗଳା, ଚାକର, ପୂଝାରୀ ସବୁ ତ ଅଛି। ରାଣୀ ପରି ଅଛି ସେ। ତାକୁ ସମ୍ପତ୍ତିରୁ ଭାଗ ଦେଇ ସେମାନେ ନିଜ ଅଧିକାରରୁ ବଞ୍ଚିତ ହେବେ କାହିଁକି? ଦୀର୍ଘ ଚାରିଘଣ୍ଟାର ସଂଘର୍ଷ। ଖାଇବା ପିଇବା ସବୁ ବନ୍ଦ। ସତୁରି ବର୍ଷର ଜଣେ ହୃଦରୋଗୀ, ନିଃସହାୟ ବୃଦ୍ଧ କେତେ ବା ସମ୍ଭାଳିବେ! ଜୀବନ ସଂଗ୍ରାମରେ ହାରିଗଲେ ସେ। ଟଳି ପଡ଼ିଲେ ସେହି ଭୂମି ଉପରେ।

ଆଖି ବୁଜିଦେଲେ ଚିରଦିନ ପାଇଁ।

ଯୁଦ୍ଧର ଅବସାନ ହେଲା। କାଉଁରିଆ କାଠି ଥିଲେ ବାପା, ଭାଙ୍ଗିଗଲେ ସିନା ନଇଁଲେ ନାହିଁ। ସବୁ ଶୁଣି ବଡ଼ଭାଇଙ୍କୁ କହିଲେ ସ୍ୱୟଂପ୍ରଭା - ଛୋଟ ଭଉଣୀଟିକୁ ଆଜି ପର୍ଯ୍ୟନ୍ତ ଚିହ୍ନି ପାରିଲନି ତୁମେ। ବାପାଙ୍କ ସମ୍ପତ୍ତି ପାଇଁ କେବେ ବି ମୋର ଲୋଭ ନ ଥିଲା, କି ଆଜି ବି ନାହିଁ। ସମ୍ପତ୍ତି ପାଇଁ ବାପାଙ୍କ ସହିତ ଗଣ୍ଡଗୋଳ କରିବା ଆଗରୁ ଥରେ ତ ତାଙ୍କ ସହିତ ପରାମର୍ଶ କରିଥାଆନ୍ତ। ଥରେ ତ ମୋତେ ପଚାରିଥାଆନ୍ତ ସ୍ୱୟଂପ୍ରଭା। ତୁ କ'ଣ ଚାହୁଁଛୁ?

ଖାଲି ଟିକିଏ ସ୍ନେହ ଛଡ଼ା କିଛି ତ ଚାହୁଁ ନଥିଲେ ସେ ଭାଇମାନଙ୍କଠାରୁ। କହିଥିଲେ ଯେ କୌଣସି କାଗଜରେ ମଧ୍ୟ ଆଖିବୁଜି ଦସ୍ତଖତ କରିଦେବା ପାଇଁ ସେ ତିଳେ ମଧ୍ୟ କୁଣ୍ଠାବୋଧ କରି ନଥାନ୍ତେ।

ଅଥଚ କିଛିଟା ଭୂସମ୍ପତ୍ତି ପାଇଁ କେତେ ବଡ଼ ଅଘଟଣଟିଏ ଘଟି ନଗଲା। କେତେ ବଡ଼ ପାପର ଭାଗୀ ହୋଇଗଲେ ଭାଇମାନେ।

ମୁହଁ ଖୋଲି ପିତୃହନ୍ତା ବୋଲି ଭାଇମାନଙ୍କୁ କହିପାରିଲେନି ସିନା, କିନ୍ତୁ ହୃଦୟରେ ଆଜି ବି ସେ ଭାଇମାନଙ୍କୁ ତାଙ୍କ ହୀନକର୍ମ ପାଇଁ କ୍ଷମା କରିପାରି ନାହାନ୍ତି।

ସତୁରି ବର୍ଷର ବୃଦ୍ଧଙ୍କର ହୃଦ୍‌ଯନ୍ତ୍ରକ୍ରିୟା ବନ୍ଦ ହୋଇ ମୃତ୍ୟୁ ହେବା ଏମିତି ବି କିଛି ଅସାଧାରଣ କଥା ନୁହେଁ। ଅସ୍ତ୍ରଶସ୍ତ୍ରରେ ଆଘାତ କଲେ ସିନା ଶରୀର ଉପରେ କ୍ଷତ ଚିହ୍ନ ଥାଏ ପ୍ରମାଣ ଦେଖାଇବା ପାଇଁ। କିନ୍ତୁ ଭାଇମାନଙ୍କର ନିଷ୍ଠୁର ବାକ୍ୟବାଣରେ ବାପାଙ୍କ ହୃଦୟ ଭିତରେ ଯେଉଁ ବିରାଟ କ୍ଷତ ସୃଷ୍ଟି ହୋଇଥିଲା, ତା'ର କି ପ୍ରମାଣ ସେ ଦେଖାଇପାରିବେ ଦୁନିଆଁକୁ? ଭାଇମାନଙ୍କୁ ପିତୃହନ୍ତା ବୋଲି ବର୍ଣ୍ଣନା କଲେ ନିଜେ ହିଁ ପାଗଳୀର ଆଖ୍ୟା ପାଇବେ।

ଭାବିଲେ, ବାପା ମରିଗଲେନି ଯେ ତରିଗଲେ। କାହା ପାଇଁ ଆଉ ଲଢ଼ିବେ?

ଚୁପ୍ ରହିଗଲେ ସ୍ୱୟଂପ୍ରଭା।

ବାପାଙ୍କ ମୃତ୍ୟୁ ପାଇଁ ବନ୍ଧୁବାନ୍ଧବଙ୍କ ଆଗରେ ଅରଣ୍ୟରୋଦନ କରୁଥିଲେ ଭାଇମାନେ। ହୃଦୟ କାନ୍ଦୁଥିଲା ସ୍ୱୟଂପ୍ରଭାଙ୍କର। ଆଖିରୁ ଲୁହ ନୁହେଁ, ଲହୁ ଝରୁଥିଲା।

ବିଜୟ ଦର୍ପରେ ବାପାଙ୍କର ପଞ୍ଜାବୀ ପକେଟରେ ହାତ ପୂରାଇ ବାପାଙ୍କ ଆଲମାରୀର ଚାବି ପେନ୍ଥାଟି ସାହସର ସହିତ କାଢ଼ି ଆଣିଲେ ବଡ଼ ଭାଇ ଧର୍ମରାଜ ଯୁଧିଷ୍ଠିର। ଧର୍ମକୁ ଆଖିଠାରି ଆରମ୍ଭ ହୋଇଗଲା ଶୁଦ୍ଧିକ୍ରିୟାର ପ୍ରହସନ। ମାଛ ତେଲରେ ମାଛ ଭାଜି ଦେଇ ବାଣ୍ଟ ବାଣ୍ଟ ନେଲେ ଭାଇମାନେ। କାହାରି ପାସ୍‌ବୁକ୍ ଖାଲି ହେଲାନି।

ବଳରେ ବଳୀୟାନ୍ ଦ୍ୱିତୀୟ ଭାଇ ଭୀମଙ୍କ ଭୟରେ ସମସ୍ତଙ୍କ ପାଟି ବନ୍ଦ। ରଘୁଆ ମା'ଟ ଛାର୍ ଚାକରାଣୀଟିଏ! ବନ୍ଧୁବାନ୍ଧବ କି ସାଇଭାଇ, କେହି ବି ଅନ୍ୟାୟ ବିରୁଦ୍ଧରେ ପଦେ କହିବାକୁ ସାହସ କଲେ ନାହିଁ। ପର ଘର କଥାରେ ମୁଣ୍ଡ ପୂରାଇ ସେମାନଙ୍କର ବା ଲାଭ କ'ଣ? ଏକମାତ୍ର ଭଉଣୀଙ୍କୁ ହିଁ ସେମାନଙ୍କର ଭୟ ଥିଲା। ସେ ହିଁ ଜଣେ ସେମାନଙ୍କୁ ଦାଣ୍ଡରେ ଅପଦସ୍ତ କରିବା ପାଇଁ କେବେ ବି ପଛଘୁଞ୍ଚା ଦେବ ନାହିଁ।

ତୃତୀୟ ଭାଇ ଅର୍ଜୁନ ମହାଭାରତର ଅର୍ଜୁନଠାରୁ ମଧ୍ୟ ଅତ୍ୟନ୍ତ ବୁଦ୍ଧିମାନ। ମହାଭାରତରେ ଅର୍ଜୁନ ତ ଗୋଟିଏ ଚକ୍ଷୁରେ ଲକ୍ଷ୍ୟଭେଦ କରି ତାଳପତ୍ର ସନ୍ଧିରେ ଥିବା ମାଛର ଆଖିରେ ତୀର ମାରିଥିଲେ। ଇଏ କିନ୍ତୁ ଆହୁରି ଚାଲାକ୍। ଦୁଇ ଚକ୍ଷୁ ବନ୍ଦ କରି ଏପରି ଲକ୍ଷ୍ୟ କରି ତୀକ୍ଷ୍ଣ ଶରଟିଏ ନିକ୍ଷେପ କରିଦେଲା ଯେ ତାହା ଠିକ୍ ଯାଇ ବାଜିଲା ଭଉଣୀର ହୃଦୟ ସନ୍ଧିରେ।

ସେତିକି ଅପମାନ ହିଁ ଯଥେଷ୍ଟ ଥିଲା ସ୍ୱାଭିମାନୀ ଭଉଣୀଟିକୁ ରାସ୍ତାରୁ ହଟେଇବା ପାଇଁ। ନିଜ ଅପମାନ ସିନା ନୀରବରେ ସହିଯାଇଥାଆନ୍ତେ ସ୍ୱୟଂପ୍ରଭା, କିନ୍ତୁ ସ୍ୱାମୀଙ୍କ ଅପମାନ ଯେ ତାଙ୍କ ପକ୍ଷରେ ସହିବା ଅସମ୍ଭବ ଥିଲା।

ଦଶ ଦିନରେ ପିନ୍ଧିବା ପାଇଁ ଭାଇ ଭାଉଜଙ୍କ ପରି ତାଙ୍କ ପାଇଁ ମଧ୍ୟ ଆସିଥିଲା ଦାମୀ ଲୁଗା। ମେଚିଙ୍ଗ ସାୟା, ବ୍ଲାଉଜ୍,

ଚଡ଼ି, ଗଞ୍ଜି ଦେଖି ଗାଁ ଲୋକେ ବି ହତଭମ୍ବ ହୋଇଯାଇଥିଲେ। କିନ୍ତୁ ସ୍ୱାମୀଙ୍କ ଆଡ଼େ ନଜର ପଡ଼ିବା ମାତ୍ରେ ଆଖି ତାଙ୍କର ଛଳ ଛଳ ହୋଇଗଲା। ଭାଇମାନେ ଏକମାତ୍ର ଭଉଣୀ ଉପରେ ପ୍ରତିଶୋଧପରାୟଣ ହୋଇ ଏତେ ତଳକୁ ଖସିଯାଇପାରିବେ, ବିଶ୍ୱାସ କରିପାରୁ ନଥିଲେ ସ୍ୱୟଂପ୍ରଭା। ଆଶ୍ଚର୍ଯ୍ୟ ହୋଇ ଚାହିଁଥିଲେ ସ୍ୱାମୀଙ୍କୁ।

ମାଟି ରଙ୍ଗର ମୋଟା ଧୋତି। ଧୋତି ପୁଣି ଏତେ ଛୋଟ ଯେ କଛା ମାରିଲେ ଆଣ୍ଠୁ ଲୁଚୁନି। ଚଡି ଗଞ୍ଜି ତ ଦୂରର କଥା; ଦେହରେ ପକାଇବା ପାଇଁ ଗାମୁଛା ଖଣ୍ଡେ ବି ନାହିଁ। ମୁହଁ ଶୁଖାଇ ମୁଣ୍ଡ ପୋତି ପୁଙ୍ଗୁଳା ଦେହରେ ଚାଲିଥାନ୍ତି ସେ ଭାଇମାନଙ୍କ ପଛେ ପଛେ। ସତେ ଯେପରି କେହି ଜଣେ ମୂଲିଆ।

ଜଳନ୍ତା ଦିଆସିଲିଟିଏ ଯେପରି କିଏ ପକାଇ ଦେଲା ତାଙ୍କ ଦାମୀ ଶାଢ଼ୀ ଉପରେ। ହୁତ୍‌ହୁତ୍ ହୋଇ ଜଳୁଥିଲେ ସ୍ୱୟଂପ୍ରଭା, ଶତ ସହସ୍ର ସର୍ପ ଦଂଶନର ଜ୍ୱାଳା ଅନୁଭବ କରୁଥିଲେ ସେ ହୃଦୟ ଭିତରେ।

ପିମ୍ପୁଡ଼ିମାନେ ଧାଡ଼ି ବାନ୍ଧି ଚାଲିଲା ପରି ଗୋଟିଏ କ୍ୟୁ ରେ ଚାଲୁଥିବା ଦଶକୁଡ଼ିଆ ଭାଇବନ୍ଧୁଙ୍କ ମଧ୍ୟରେ ଅଗ୍ରଣୀ ଥିବା ପଞ୍ଚୁ ପାଣ୍ଡବଙ୍କୁ ଖୋଜିବାକୁ ପଡ଼ିଲାନି ସ୍ୱୟଂପ୍ରଭାଙ୍କୁ। ଅନ୍ୟମାନଙ୍କଠାରୁ ବାରି ହୋଇଯାଉଥିଲେ ସେମାନେ। ଚଡ଼ି, ଗଞ୍ଜି ସହିତ ଧୋବ ଫର ଫର ପାଦ ଉପରେ ପଡୁଥିବା ଫାଇନ୍ ଧୋତି ଓ ଦେହରେ ପକାଇଛନ୍ତି ଧୋବ ଫର ଫର ଚଦର। ଦୁଇ ହାତକୁ ଛାତିରେ ଜାକି, ଚାଲିଛନ୍ତି ଧୀର ଗମ୍ଭୀର ସାହୁକାରର ଭଙ୍ଗୀରେ।

ଏକମାତ୍ର ଜ୍ୱାଇଁଙ୍କୁ ଜଳଦାନରେ ମିଳିଲା କାଚ ଗ୍ଲାସ୍‌ରେ ଗୋଟିଏ ଗ୍ଲାସ୍ ପାଣି ଓ ପାଞ୍ଚ ଟଙ୍କା। ଭୂମିଦାନରେ ମିଳିଲା ଦନାଏ ମାଟି ଓ ପାଞ୍ଚ ଟଙ୍କା। ଦଶକୁଡ଼ର ଅପମାନଠାରୁ ଏ ଅପମାନଟି ଆହୁରି ବାଧିଲା ସ୍ୱୟଂପ୍ରଭାଙ୍କୁ। ଲିଭି ନଥିବା ନିଆଁରେ ଆହୁରି ଘିଅ ଢାଳିଦେଲେ ଭାଇମାନେ। ହେଲେ କାହା ଆଗରେ ସେ ଗୁହାରି କରିବେ? ଭାଇମାନଙ୍କ ପାଇଁ ତ ତାଙ୍କ ଶ୍ୱଶୁରମାନଙ୍କ ପରିବାର ହିଁ ସବୁକିଛି। ବଡ଼ ତିନି ଭାଇଙ୍କ ବ୍ୟବହାର ତ ସ୍ୱଚକ୍ଷୁରେ ଦେଖିଛନ୍ତି ସମସ୍ତେ। ସାନ ଦୁହେଁ ସେମାନଙ୍କର ଆଜ୍ଞାବହ ଭୃତ୍ୟ ମାତ୍ର, ଦାସାନୁଦାସ।

ସବୁ ଅପମାନ ସହିଗଲେ ସ୍ୱୟଂପ୍ରଭା ନୀରବରେ। ଦନାଏ ମାଟି ଓ ପାଣି ଗ୍ଲାସ୍ ସେଠାରେ ପଡ଼ିରହିଲା ସେମିତି ମୂକସାକ୍ଷୀ ପରି। ଫେରିବା ପୂର୍ବରୁ ତାଙ୍କୁ ମିଳିଥିବା ଶାଢ଼ୀ, ସାୟା ଓ ବ୍ଲାଉଜ୍ ରଘୁର ସ୍ତ୍ରୀକୁ ଦେଇଦେଲେ ସେ ଉପହାର ଭାବରେ। ସ୍ୱାମୀଙ୍କ ଧୋତି ଓ ଦାନ ମିଳିଥିବା ଦଶ ଟଙ୍କାରେ ଆଉ ଦଶ ଟଙ୍କା ମିଶାଇ ବାପାଙ୍କ ସେବାର ପାରିଶ୍ରମିକ ହିସାବରେ ଦେଇଦେଲେ ରଘୁଆକୁ ଏବଂ ଚୁପ୍‌ଚାପ୍ ଫେରିଆସିଲେ ସେମାନେ।

ତା'ପରେ ଚିଠି ତ ଛାଡ଼, ଫୋନ୍ ଆସିବା ବି ବନ୍ଦ ହୋଇଗଲା। ବନ୍ଦ ହୋଇଗଲା ସାବିତ୍ରୀ ବ୍ରତ ପାଇଁ ବାପା ପଠାଉଥିବା ଶହେ ଟଙ୍କା।

ସ୍ୱାମୀଙ୍କୁ ନିଜ ଦୁଃଖ କେବେ ଜଣାଇବାକୁ ସାହସ କରନ୍ତିନି ସ୍ୱୟଂପ୍ରଭା। ଯଦି କେବେ ଅସତର୍କ ମୁହୂର୍ତ୍ତରେ ପାଟିରୁ ପଦେ ବାହାରିପଡ଼େ ବାପଘର ବିଷୟରେ, ତେବେ ତାଙ୍କ ଘରର ଶାନ୍ତ ବାତାବରଣରେ ସୃଷ୍ଟି ହୋଇଯାଏ ପ୍ରବଳ ଝଡ଼ ତୋଫାନ। ଭାବନ୍ତି, ଅପମାନ ଜର୍ଜରିତ ମନଟି ତାଙ୍କର ସ୍ୱାର ଦୁଃଖ ବା ବୁଝିବ କିପରି? ନିଜ ଦୁଃଖକୁ ହୃଦୟ ଭିତରେ ଚାପିଦିଅନ୍ତି।

ବାପାଙ୍କ ମୃତ୍ୟୁ ବାର୍ଷିକୀ ଖବର ପାଇ ସ୍ୱାମୀ ନ ଗଲେ ମଧ୍ୟ ପିଲାମାନଙ୍କୁ ଧରି ଚାଲିଗଲେ ସ୍ୱୟଂପ୍ରଭା। ଆଶା କରିଥିଲେ ବାପ ଘର ସଂପର୍କରେ ପଡ଼ିଯାଇଥିବା ଗଣ୍ଠିଟି ହୁଏତ ସମୟର ସ୍ରୋତରେ କେତେବେଳେ ଖୋଲିଯାଇପାରେ। କିନ୍ତୁ ଥରେ ଛିଣ୍ଡିଗଲେ ଜୀବନସାରା ଶତଚେଷ୍ଟା କଲେ ମଧ୍ୟ ଆଉ ଯୋଡ଼ିବା ସମ୍ଭବ ହେବନି।

ଏଥର କିନ୍ତୁ ଭାଉଜମାନଙ୍କ ଅପେକ୍ଷ ଭାଇମାନଙ୍କ ବ୍ୟବହାରରେ ଅତିଷ୍ଠ ହୋଇଗଲେ ସ୍ୱୟଂପ୍ରଭା। ସାଧବ ଘର ତଅପୋଇଠାରୁ ମଧ୍ୟ ହୀନ ଅବସ୍ଥା। ତାଙ୍କ ପାଇଁ ନା ବାପଘରେ ରହିବାକୁ ସ୍ଥାନ ଥିଲା ନା ଥିଲା ଭାଇମାନଙ୍କ ହୃଦୟରେ।

ସ୍ନେହ କାଙ୍ଗାଳୁଣୀ ସ୍ୱୟଂପ୍ରଭା ବାପଘର ସୁଖରୁ ବଞ୍ଚିତ ହୋଇଗଲେ ସବୁଦିନ ପାଇଁ।

ଦୀର୍ଘ ଚାରିବର୍ଷ ପରେ ପତ୍ନୀ ଓ ପିଲାମାନଙ୍କ ସହିତ ପହଞ୍ଚିଗଲା ସାନଭାଇ। ସତେ କି ଆକାଶରୁ ଚନ୍ଦ୍ର ଖସିପଡ଼ିଲେ ସ୍ୱୟଂପ୍ରଭାଙ୍କ ହାତରେ।

ଖୁସିର ସୀମା ରହିଲାନି ତାଙ୍କର। ଅଭିମାନର ଅଶ୍ରୁ ଦୁଇଧାର ବୋହିଗଲା। ଏତେ ଦିନ ପରେ ଭଉଣୀଟି ତୋର ମନେ ପଡ଼ିଲା - ଆବେଗରେ ଦଉଡ଼ିଯାଇ କୁଣ୍ଢାଇ ପକାଇଲେ ସେ ସାନ ଭାଇକୁ।

ଭଉଣୀଟି ମନେ ପଡ଼ିଲାନି ଯେ ଏଲ୍.ଟି.ସି. ନେଇ ଓଡ଼ିଶା ଭ୍ରମଣରେ ଆସିଥିଲା, ହୋଟେଲ ଖର୍ଚ୍ଚ ବଞ୍ଚାଇବା ପାଇଁ ଭଉଣୀ ଘରେ ଓହ୍ଲାଇ ପଡ଼ିଛି। ଦିଅଁ ଦେଖା ବି ହେବ, କଦଳୀ

ଖିଆ ବି ହେବ। ବିଦ୍ରୂପ ମିଶା ସ୍ୱରରେ କହିଲେ ତାଙ୍କର ସ୍ୱାମୀ। ସମସ୍ତେ ଭାବିଥିବେ, ଶଳା ଭିଣୋଇଙ୍କ ଥଟ୍ଟା ପରିହାସ, କିନ୍ତୁ ଆକ୍ଷେପଟି ଠିକ୍ ବୁଝୁଥିଲେ ସ୍ୱୟଂପ୍ରଭା।

ଯାହା ବି ହେଉ ଆସିଛି ତ? କଥାରେ ପୂର୍ଣ୍ଣଚ୍ଛେଦ ପକାଇଦେଲେ ସେ। ମନ ତଳେ ଚାପିରଖିଥିବା କେତେ କଥା ଭାଇକୁ କହିବେ କହିବେ ହୋଇ କହିପାରିଲେନି। ଶାଶୁ କିନ୍ତୁ ତାଙ୍କ ମନକଥା ଜାଣିଲା ପରି ହଠାତ୍ ପଚାରିଦେଲେ - ବାପା, ମା' ନାହାନ୍ତି ହେଲେ ପାଞ୍ଚ ପାଞ୍ଚଟା ଭେଣ୍ଡା ଭାଇ ତ ଅଛ। ଏତେ ବଡ଼ ବଡ଼ ଚାକିରି କରୁଛ। ଭଉଣୀକୁ ସାବିତ୍ରୀ ବ୍ରତ ଟଙ୍କା କେତୋଟି ମଧ୍ୟ ବନ୍ଦ କରିଦେଲ। କେତେ ଅନ୍ୟାୟ କରୁଛ, ଧର୍ମ ସହିବଟି?

ହଠାତ୍ ଏପରି ଅପ୍ରତ୍ୟାଶିତ ଆକ୍ରମଣ ପାଇଁ ଭାଇ ବୋଧହୁଏ ପ୍ରସ୍ତୁତ ନ ଥିଲା। ଆଚମ୍ଭିତ ହୋଇ ସମସ୍ତଙ୍କୁ ଚାହିଁଲା କିଛି କ୍ଷଣ ପାଇଁ। ଠିକ୍ ପରମୁହୂର୍ତ୍ତରେ ଏପରି ବ୍ୟବହାର କଲା, ଯେମିତି ସେ କିଛି ଜାଣିନି। ବଡ଼ ଭାଇଙ୍କ ମୁଣ୍ଡରେ ସବୁ ଅଠା ବୋଳିଦେଇ ନିଜକୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଦେଲା ସେ। କଥା କଥାରେ ଭାଇଙ୍କୁ ବିଦ୍ରୂପ, କଥା କଥାରେ ଏତେ କାମ ପାଇଁ ଧିକ୍କାର କରୁଥିଲା ସେ ବଡ଼ ଭାଇଙ୍କି।

ସିଗାରେଟ ପାନ ଖାଇ ଶହ ଶହ ଟଙ୍କା ଉଡ଼ିଯାଉଛି ତାଙ୍କର। ଜାଣିଥିଲେ ସେ ଅନେକ ଦିନ ଆଗରୁ ସାବିତ୍ରୀ ବ୍ରତ ପାଇଁ ଟଙ୍କା ପଠାଇ ସାରନ୍ତାଣି। ମନରେ ଟିକେ ସାନ୍ତ୍ୱନା ପାଇଲେ ସ୍ୱୟଂପ୍ରଭା। ପାଞ୍ଚ ଭାଇରୁ ଯଦି ଜଣେ ବି ତାଙ୍କ ଦୁଆରେ ଠିଆ ହେଲା, ସେତିକି ତାଙ୍କ ପାଇଁ ଯଥେଷ୍ଟ। ଉପରକୁ କିଛି ନ କହିଲେ ବି ମନରେ ଭାବିଲେ ସ୍ୱୟଂପ୍ରଭା। ତୋ ଶହେ ଟଙ୍କା ନେଇ ମୁଁ କେବେ ବି ଋଣୀ ହେବିନି। ତୋ ଶହେ ଟଙ୍କାରେ ଅନେକ ସୁଧ ମିଶାଇ, କେଉଁ ରାସ୍ତାରେ ହେଲେ ତୋତେ ଫେରାଇଦେବି।

ଦୁଇଦିନ ରହି, ପୁଣି ଅଳ୍ପଦିନ ଭିତରେ ଆସିବାର ଶପଥ କରି, ଚାଲିଗଲେ ସେମାନେ। ଗଲାବେଳେ ନୂଆଲୁଗା ପାଇ ଓ ବନ୍ଧୁବର୍ଗଙ୍କରେ ଆପ୍ୟାୟିତ ହୋଇ ଭୂରି ଭୂରି ପ୍ରଶଂସା ମଧ୍ୟ କଲେ।

ଋତୁଚକ୍ର ତା'ର ନିୟମ କେବେ ବି ଭଗ୍ନ କରେନି।

ପ୍ରତ୍ୟେକ ବର୍ଷ ସାବିତ୍ରୀ ବ୍ରତ ଠିକ୍ ସମୟରେ ଆସେ ଓ ପୁଣି ଚାଲିଯାଏ। ପ୍ରଥମେ ପ୍ରଥମେ ପୋଷ୍ଟ ପିଅନ୍‌ର ସାଇକେଲ ଘଣ୍ଟି ଶବ୍ଦ ଶୁଣିଲେ ଦଉଡ଼ି ଯାଉଥିଲେ ସେ ଦାଣ୍ଡକୁ। ଗାଁରୁ ବସ୍ ଆସିବା ସମୟ ହୋଇଗଲେ ମନଟା ତାଙ୍କର ଅସ୍ଥିର ହୋଇଯାଉଥିଲା। କିଛି କାମ ବାହାନାରେ ଦାଣ୍ଡଆଡ଼ୁ ଟିକେ ବୁଲି ଆସନ୍ତି ସ୍ୱୟଂପ୍ରଭା। କାଳେ କିଏ ଆସିଯିବେ କି?

ଆଶା ତାଙ୍କର ଆଶାରେ ରହିଗଲା। ନା ଆସିଲା ମନିଅର୍ଡର, ନା ଆସିଲେ ଭାଇମାନେ। ଏ ଭିତରେ ଅନେକ ବର୍ଷ ବିତିଗଲାଣି।

ଆଗପରି ସେ ଆଉ ପ୍ରତୀକ୍ଷା କରନ୍ତିନି। ତେବେ ବି ସାବିତ୍ରୀ ବ୍ରତ ଦିନ ବିନା କାରଣରେ ମନଟା ତାଙ୍କର ଖରାପ ହୋଇଯାଏ। ଆଖି ଆପେ ଆପେ ଓଦା ହୋଇଯାଏ। ସ୍ୱାମୀ ପିଲାଙ୍କୁ ଲୁଚାଇ ଲୁଗାକାନିରେ ଆଖି ପୋଛି ନିଅନ୍ତି ସ୍ୱୟଂପ୍ରଭା। ନିଜ ଇଚ୍ଛା ବିରୁଦ୍ଧରେ ଛାତି ଥରାଇ ଦୀର୍ଘଶ୍ୱାସ ବାହାରି ଆସେ ଭାଇମାନଙ୍କୁ ଅଭିଶାପ ଦେଇ। ରାକ୍ଷୀ ବନ୍ଧନ ଦିନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତିରେ ବାନ୍ଧି ଦିଅନ୍ତି ରାକ୍ଷୀ ଆଉ ଭାଇ ରୂପରେ ଆସି ବିପଦ ବେଳେ ତାଙ୍କୁ ରକ୍ଷା କରିବା ପାଇଁ କେତେ ପ୍ରାର୍ଥନା କରନ୍ତି ଆକୁଳ ହୋଇ।

ଗାଁରୁ କେହି ସାଇ ଭାଇ ଆସିଲେ ଖବର ମିଳେ ଭାଇମାନଙ୍କର। ଏ ଭିତରେ ଭୂସମ୍ପତ୍ତି ନିଜ ନିଜ ଭିତରେ ବାଣ୍ଟିନେଇ ଚାଲିଗଲେଣି ସମସ୍ତେ ନିଜ ନିଜ ଚାକିରି ଜାଗାକୁ।

ମା' ନାଁରେ ଥିବା ଭୂସମ୍ପତ୍ତିର ଭାଗବଣ୍ଟା ବେଳେ ଝିଅର ଦସ୍ତଖତ ବି ଦରକାର ହେଲାନି। ଓକିଲ୍ ବେଶ୍ କିଛି ପଇସା ଦକ୍ଷିଣା ନେଇ ଲେଖିଦେଲେ କେବଳ ପାଞ୍ଚ ଭାଇଙ୍କ ନାଆଁ। ଭାଇମାନେ କେଉଁଠି ଥାଆନ୍ତି, ତାଙ୍କ ଠିକଣା ବି କେବେ ଦିଅନ୍ତିନି ସ୍ୱୟଂପ୍ରଭାଙ୍କୁ। ନିଜେ ଭାଇମାନଙ୍କ ଉପରେ ରାଗିଲେ ବି ସେ ଅନ୍ୟ କାହା ଆଗରେ ଭାଇମାନଙ୍କର ନିନ୍ଦା କରିପାରନ୍ତିନି। କେହି ଗାଁ ଲୋକ ଭାଇମାନେ ଆସୁଛନ୍ତି କି ନାହିଁ ପଚାରିଦେଲେ ଟିକେ ଧୀର ସ୍ୱରରେ 'ଅନେକ ଥର ଆସିଲେଣି' କହିଦିଅନ୍ତି।

କ'ଣ ଭାବିବେ ବାହାର ଲୋକ? ପାଞ୍ଚ-ପାଞ୍ଚଟା ଭାଇ ଖରାପ ହୋଇଗଲେ, ଆଉ ତୁ ଏକା ଭଲ? ବିନା ଦୋଷରେ ମଧ୍ୟ ବେଳେ ବେଳେ ନିଜକୁ ଓ ନିଜ ଭାଗ୍ୟକୁ ଦୋଷ ଦିଅନ୍ତି ସ୍ୱୟଂପ୍ରଭା।

ବାପା, ମାଆ ମରିଗଲା ପରେ ବିବାହିତା ଝିଅର ଅସ୍ତିତ୍ୱ ଆଉ କ'ଣ ରହେ ବାପ ଘରେ! ନିଜକୁ ନିଜେ ସାନ୍ତ୍ୱନା ଦିଅନ୍ତି ସେ।

ଟୁକୁରା କାଗଜଟିକୁ ଚାହିଁଲେ ସ୍ୱୟଂପ୍ରଭା। କିଛି ବି ପରିବର୍ତ୍ତନ ହୋଇନି ଏତେ ବର୍ଷ ପରେ। ଏ ଶହେ ଟଙ୍କାରେ ତାଙ୍କର ଲୁଗା କି ବ୍ରତ ଖର୍ଚ୍ଚ କିଛି ବି ହୁଏନି। ତେବେ ବି ଏ ଟଙ୍କା କେତୋଟି ପାଇଁ ତାଙ୍କ ଆତ୍ମା ବାହୁନି ବାହୁନି କାନ୍ଦେ।

ଏ ଟଙ୍କା କେତୋଟି ତାଙ୍କ ପାଇଁ କେବଳ ଟଙ୍କା ନୁହେଁ। ଏହା ଗୋଟିଏ ଝିଅ ପାଇଁ ତା' ବାପଘର ସଂପର୍କର ଯୋଗସୂତ୍ର। ଏହା କେବଳ ଖଣ୍ଡେ ଟୁକୁରା କାଗଜ ତ ନୁହେଁ, ମନେ ହେଉଥିଲା ଯେପରି ଏହା ତାଙ୍କ ବାପଘରର ପରିଚୟ ପତ୍ର।

ତାଙ୍କୁ ଦେଖି ଯେପରି କାଗଜଟି ଉପହାସ କରି କହୁଥିଲା - ତୁ ଅମୁକ ଗ୍ରାମର ଝିଅ, ତୁ ଅମୁକ ଲୋକର ଝିଅ। ଏକଥା ଭୁଲିବାକୁ ଶତଚେଷ୍ଟା କଲେ ମଧ୍ୟ ତୁ ବିଫଳ ହେବୁ। ଏ ରକ୍ତର ସଂପର୍କ କ'ଣ ତୁ ଭୁଲିପାରିବୁ ସ୍ୱୟଂପ୍ରଭା, ଏ ପରା ଜନ୍ମ ଜନ୍ମାନ୍ତରର।

ଧୈର୍ଯ୍ୟର ବନ୍ଧ ତାଙ୍କର ଭାଙ୍ଗିଗଲା। ବୟସର ଦମ୍ଭ କୁଆଡ଼େ ଉଭେଇଗଲା ତକିଆରେ ମୁହଁ ଗୁଞ୍ଜି କଇଁ କଇଁ ହୋଇ କାନ୍ଦୁଥିଲେ ସ୍ୱୟଂପ୍ରଭା। ତାଙ୍କର ସ୍ୱାମୀ, ପୁଅ ହୁଏତ ଲକ୍ଷ ଲକ୍ଷ ଟଙ୍କା ଥୋଇଦେବେ ତାଙ୍କ ପାଖରେ। କିନ୍ତୁ ଏ ଟୁକୁରା କାଗଜଟିରେ ଯେଉଁ ଆତ୍ମସନ୍ତୋଷ, ଏ ଟଣା ଟଣା ଅକ୍ଷର କେତୋଟିରେ ଯେଉଁ ଆକର୍ଷଣ, ସେମାନେ କ'ଣ ଦେଇପାରିବେ ତାଙ୍କୁ ?

ହଠାତ୍ ପୃଷ୍ଠ ଦେଶରେ କାହା ହସ୍ତର ମୃଦୁ ସ୍ପର୍ଶ ଅନୁଭବ କଲେ ସ୍ୱୟଂପ୍ରଭା। ମନେ ହେଉଥିଲା ପିଠି ଥାପୁଡ଼ାଇ କିଏ ଯେପରି ତାଙ୍କୁ ଆଶ୍ୱାସନା ଦେଉଛି।

ଚମକି ପଡ଼ିଲେ ସେ। ସ୍ୱାମୀ ପିଲାମାନଙ୍କ ପାଖରେ ନିଜର ଦୁର୍ବଳତା ଧରାପଡ଼ିଗଲା କି ଆଉ ? ପଣତ କାନିରେ ଆଖି ଲୁହକୁ ପୋଛିନେଇ ତକିଆରୁ ମୁହଁ ଉଠାଇ କୋଠରୀର ଚାରିଆଡ଼େ ଦୃଷ୍ଟି ନିକ୍ଷେପ କଲେ। କାହାକୁ ପାଇଲେନି। ହଠାତ୍ କାନ୍ଥରେ ଟଙ୍ଗା ହୋଇଥିବା ବାପାଙ୍କ ଫଟୋ ଉପରେ ନଜର ପଡ଼ିଗଲା। ତା' ଭିତରୁ ସତେ ଯେପରି ଏକ ଜ୍ୟୋତି ବାହାରୁଥିଲା। ମନେ ହେଉଥିଲା, ଫଟୋ ଭିତରେ ନିଜେ ବାପା ଆତ୍ମପ୍ରକାଶ କରିଥିଲେ ଓ ହସ ହସ ମୁହଁରେ କହୁଥିଲେ -

ବାପଘରକୁ ଯାଉନୁ ବୋଲି କାନ୍ଦୁଛୁ ସ୍ୱୟଂପ୍ରଭା। ସେ ଘରେ କ'ଣ ଆଉ ତୋର ବାପା ଅଛି ନା ଆଗପରି ଆଉ ସୁଖ ଶାନ୍ତି ଅଛି ? କୁଳାଙ୍ଗାର ପୁଅମାନେ ତୋ ବାପାର ମର ଶରୀରଟିକୁ ସିନା ଯନ୍ତ୍ରଣା ଦେଲେ; ଶରୀରଟିକୁ ସିନା ପୋଡ଼ି ଜାଳିଦେଲେ ହେଲେ ତୋ ବାପାର ସେମାନେ କ'ଣ କିଛି କରିପାରିଲେ ? ଆତ୍ମା ପରା ଅମର, ଅଦାହ୍ୟ।

ଅନ୍ୟାୟ ଭାବରେ ତୋଠାରୁ ଭୂସମ୍ପତ୍ତି ଛଡ଼ାଇ ନେଲେ ଭାଇମାନେ। ସେସବୁ କ'ଣ ସବୁଦିନ ରହିବ ? ତାହା ତ ଅସ୍ଥାୟୀ। ସେଥିରେ କ'ଣ ଶାନ୍ତି ଅଛି ? ତୋ ପ୍ରତି ମୁଁ କେବେ ବି ଅନ୍ୟାୟ କରିନି ସ୍ୱୟଂପ୍ରଭା। ଅଯାଚିତ ଭାବରେ ମୁଁ ମୋର ଷଷ୍ଠ ଭାଗ ଓ ଶ୍ରେଷ୍ଠ ସମ୍ପତ୍ତି 'ଆଶୀର୍ବାଦ'ଟି ତୋତେ ହିଁ ଅର୍ପଣ କରିଦେଇଛି। ଭଗବାନ ତୋତେ ନିଶ୍ଚୟ ସୁଖୀ କରିବେ।

ସ୍ୱୟଂପ୍ରଭା ଚାହିଁଥିଲେ ହତଭମ୍ବ ହୋଇ।

ଝିଅ ବୋହୂଙ୍କ ପାଖରେ ନିଜର ଦୁର୍ବଳତାଟିକୁ ପ୍ରକାଶ କରିବାକୁ ଚାହାନ୍ତିନି ସେ। ସାମାନ୍ୟ କାଗଜ ଟୁକୁରାର ଅସାମାନ୍ୟତା ଏତେ ସୂକ୍ଷ୍ମ ଯେ ତାହା କାହାକୁ ବୁଝାଇ ହେବ ନାହିଁ କି କହି ବି ହେବ ନାହିଁ। କହିଲେ ଝିଅ ବୋହୂ ତାଙ୍କୁ ପାଗଳୀ ବୋଲି ଭାବିବେ। ଦିନେ ବାପଘରର ଅସ୍ତିତ୍ୱଟିକୁ ଭୁଲିବା ପାଇଁ ଆପ୍ରାଣ ଚେଷ୍ଟା କରୁଥିଲେ ସ୍ୱୟଂପ୍ରଭା, କିନ୍ତୁ ଆଜି ବାପାଙ୍କର ଶେଷ ଚିହ୍ନ, ଶେଷ ସ୍ମୃତିଟିକୁ ଯତ୍ନରେ ରଖିଦେଲେ ସେ ଗଡରେଜ୍ ଆଲମାରୀ ଲକର ଭିତରେ।

ଏହି ଟୁକୁରା କାଗଜଟି ଅନ୍ୟମାନଙ୍କ ପାଇଁ ମୂଲ୍ୟହୀନ ହୋଇପାରେ, ହେଲେ ତାଙ୍କ ପାଇଁ ଯେ ଏହା ଅନେକ ମୂଲ୍ୟବାନ।

ଡି/ ୩୦୬, କୋଏଲନଗର,
ରାଉରକେଲା।

*With Best Compliments from :*

**SURAJ CHAKRAPANI**

221, BABA FARIDPURI, WEST PATEL NAGAR, NEW DELHI – 110008
M: 9910909793

# ମୋ ବିଚାରରେ ଆଜିର କବିତା

■ ଡଃ ନିଶାମଣି ମିଶ୍ର

ଯେତେ ବଡ଼ ନାମକରା ଲେଖକ, ସେ କବି ହୁଅନ୍ତୁ, ଗାଳ୍ପିକ ହୁଅନ୍ତୁ, ଔପନ୍ୟାସିକ ହୁଅନ୍ତୁ ବା ନାଟ୍ୟକାର ହୁଅନ୍ତୁ, ସମସ୍ତଙ୍କର ସାରସ୍ୱତ ପ୍ରତିଭାର ଆଦ୍ୟ ସ୍ଫୁରଣ ହେଉଛି କବିତା । କାରଣ, ମନର ଭାବକୁ ଫୁଟାଇବାର ସବୁଠାରୁ ସହଜ ମାଧ୍ୟମ ହେଉଛି କବିତା । ଆମ ଧର୍ମ, ସଂସ୍କୃତି ଓ ପରମ୍ପରା ଏଇ କବିତା ଭିତରେ ଆଜିଯାଏ ବଞ୍ଚିରହିଛି ଓ ରହିଥିବ । କେଉଁ ଆଦିମ କାଳରୁ ଗଡ଼ି ଆସୁଥିବା ଢଗ, ଢମାଳୀ, ପ୍ରବଚନ ଏବେ ମଧ୍ୟ ଆମ ଉପରେ ପ୍ରଭାବ ବିସ୍ତାର କରୁଛି । କବିତା ସଂପର୍କରେ କିଛି ଲେଖିଲା ବେଳେ କବି ରାଧାମୋହନ ଗଡ଼ନାୟକଙ୍କର କେଇଟି ପଂକ୍ତି ମନେ ପଡ଼େ । ତାଙ୍କ ମତରେ -

'କବିତା ହୁଏନି ବନ୍ଧୁ ପଦ ସଙ୍ଗେ ଯୋଡ଼ି ଦେଲେ ପଦ
କବିତା ହୁଏନି ବନ୍ଧୁ ସୁର ଧରି ଗାଇ ଦେଲେ ଛାନ୍ଦ
କବିତା ପ୍ରାଣର ବ୍ୟଥା ହୃଦୟର ବିଦଗ୍ଧ ମମତା
ଶୋକର ସଜଳ ଶ୍ଳୋକ ବେଦନାର ବିପ୍ଳବର କଥା
ପପିୟା ହିଆର ରକ୍ତେ ଗୋଲାପ ସେ ଲାଲ୍ ହେଲାପରି
କବିତା ଜୀବନ୍ତ ହୁଏ ପ୍ରେରଣାର ରସ ଉତ୍ସ ଧରି ।'

ଏଥିରୁ ଜଣାପଡ଼ିଲା ଯେ କବିତା ଲେଖିବା ପାଇଁ ହୃଦୟର ବିଦଗ୍ଧତା ଓ ପ୍ରେରଣାର ଉତ୍ସ ଆବଶ୍ୟକ । ଏହିପରି ପ୍ରେରଣା ଆସିବାରୁ ମୁଁ ମଧ୍ୟ ପିଲାଦିନେ କେତେଗୁଡ଼ିଏ କବିତା ଲେଖି ପକାଇଥିଲି । ସ୍କୁଲରେ ପଢ଼ିଲା ବେଳେ ମୁଁ ଓ ଜଗନ୍ନାଥ ପ୍ରସାଦ ଦାସ (ବର୍ତ୍ତମାନର ପ୍ରତିଷ୍ଠିତ କବି) ସାଙ୍ଗ ହୋଇ କଟକ ଆକାଶବାଣୀରୁ କେତେଗୁଡ଼ିଏ କବିତା ପ୍ରଚାର କରିଥିଲୁ । ସେ କବିତା ଲେଖା ଛାଡ଼ିଲେ ନାହିଁ, ମୁଁ କିନ୍ତୁ ଭାଗ୍ୟଚକ୍ରର ଆବର୍ତ୍ତନରେ କବିତା ଛାଡ଼ି ପ୍ରବନ୍ଧ, ସମାଲୋଚନରେ ମନ ବଳାଇଲି । କବିତା ଲେଖିଲି ନାହିଁ ସିନା କିନ୍ତୁ ସେଗୁଡ଼ିକୁ ପଢ଼ିବା ଓ ବିଚାର ଆଲୋଚନା କରିବାରେ ମନ ବଳାଇଲି । ସାହିତ୍ୟର ଛାତ୍ର ଓ ଅଧ୍ୟାପକ ଭାବରେ ସେ କାଳର ସାରଳା ଦାସଙ୍କଠାରୁ ଆରମ୍ଭ କରି ଏ କାଳର ସଚଳା ଦେବୀଙ୍କ ପର୍ଯ୍ୟନ୍ତ ସବୁ କବିତା ମୁଁ ପଢ଼ିଛି । କବିତା ସୁନ୍ଦରୀ କିପରି ସେ କାଳର ଆଭୂଷଣ ଓ ଆବରଣ ସବୁ ଫିଙ୍ଗି କ୍ଷୀପ୍ର ଗତିରେ ଆଗକୁ ଆଗକୁ ଦୌଡ଼ୁଛନ୍ତି, ତାହା ମଧ୍ୟ ଲକ୍ଷ୍ୟ କରୁଛି ।

ଏଇଠି ଟିକିଏ ଆଗ କାଳର କବିତା କଥା ବିଚାର କରିବା । ସାହିତ୍ୟର ଇତିହାସକାରମାନେ ଓଡ଼ିଆ ସାହିତ୍ୟକୁ ମୋଟାମୋଟି ତିନୋଟି ଯୁଗରେ ବିଭକ୍ତ କରିଥିଲେ । ଯଥା - ପ୍ରାଚୀନ ସାହିତ୍ୟ, ମଧ୍ୟଯୁଗୀୟ ସାହିତ୍ୟ ଓ ଆଧୁନିକ ସାହିତ୍ୟ । ଏବେ ପୁଣି ଉତ୍ତର ଆଧୁନିକ ସାହିତ୍ୟ ବୋଲି ଆଉ ଗୋଟିଏ ଯୁଗର ନାମକରଣ ହେଲାଣି । ଆମର ପ୍ରାଚୀନ ଯୁଗଟି ଥିଲା ଧର୍ମ, ଦର୍ଶନ, ନୀତି, ଆଦର୍ଶର ଯୁଗ । ପୁରାଣ ସାହିତ୍ୟର ପ୍ରଭାବ ଏଥିରେ ଅଧିକ ଦେଖିବାକୁ ମିଳେ । ଆମ ପ୍ରାଚୀନ ସାହିତ୍ୟ ମଧ୍ୟ ଏଥିରୁ ମୁକ୍ତ ହୋଇପାରି ନାହିଁ । ସାରଳା ଦାସଙ୍କଠାରୁ ଆରମ୍ଭ କରି ପଞ୍ଚସଖାଙ୍କ ଶେଷ ପର୍ଯ୍ୟନ୍ତ କେବଳ ଧର୍ମ, ଦର୍ଶନ, ନୀତି, ଆଦର୍ଶକୁ ନେଇ ସାହିତ୍ୟ ରଚିତ ହେଲା । ପୌରାଣିକ ଉପାଖ୍ୟାନକୁ କାବ୍ୟ କବିତାର ବିଷୟବସ୍ତୁ ରୂପେ ଗ୍ରହଣ କରାଗଲା । ସାଧୀନ ଉତ୍କଳବାସୀ ସେଇ ସାହିତ୍ୟରୁ ଆନନ୍ଦ ପାଇଲେ । ସନ୍ଧ୍ୟା ବେଳେ ଭାଗବତ ଟୁଙ୍ଗୀରେ ବସି ଭାଗବତ ଶୁଣି ନିଜର ନୈତିକ ଚରିତ୍ରକୁ ବଳିଷ୍ଠ କରି ଗଢ଼ିଲେ ।



ଏହାପରେ ମଧ୍ୟଯୁଗୀୟ ସାହିତ୍ୟ ସୃଷ୍ଟି ହେଲା ମୋଗଲ ସାମ୍ରାଜ୍ୟ ସମୟରେ । ସାଧୀନଚେତା ଉତ୍କଳବାସୀ ପରାଧୀନତାର ବନ୍ଧନରେ ରହି ମାନସିକ ନିର୍ଯ୍ୟାତନା ଭୋଗିଲେ । ଜୀବନ ଦୁର୍ବିସହ ହୋଇପଡ଼ିଲା । ବାସ୍ତବତା ତାଙ୍କୁ ଦୁଃଖ ଦେଲା । ବଞ୍ଚି ରହିବା ପାଇଁ କଳ୍ପଲୋକର ଆଶ୍ରୟ ନେବାକୁ ଆଗ୍ରହୀ ହେଲେ । ସୁରା-ସାକୀର ଆଦର ବଢ଼ିଲା । ମୋଗଲମାନଙ୍କର ବିଳାସବ୍ୟସନ ତାଙ୍କୁ ପ୍ରୋତ୍ସାହନ ଦେଲା । ଫଳରେ ଧର୍ମ, ଦର୍ଶନ, ପୁରାଣଶାସ୍ତ୍ର ଅପେକ୍ଷା 'ପ୍ରେମସୁଧାନିଧି', 'ଲାବଣ୍ୟବତୀ' ତାଙ୍କୁ ଅଧିକ ଆନନ୍ଦ ଦେଲା । ଏହି ସମୟର କବି ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ ପ୍ରଭୃତି କାଳ୍ପନିକ ଓ ରାଧା-କୃଷ୍ଣଙ୍କର ପରକୀୟା ପ୍ରୀତିକୁ ଭିତ୍ତିକରି ବହୁ ଶୃଙ୍ଗାରୀ କାବ୍ୟ ରଚନା କଲେ । ଏହି ଯୁଗକୁ କୁହାଗଲା କାବ୍ୟଯୁଗ ବା ରୀତିଯୁଗ । ଶବ୍ଦ ଗୁମ୍ଫନର ହଟଚମଟ, ଆଳଙ୍କାରିକତା, ରସ, ଛାନ୍ଦ ଓ ରାଗ ରାଗିଣୀ ମଧ୍ୟରେ ଏହି ସମୟର କାବ୍ୟ ପାଠକ ଓ ଶ୍ରୋତାମାନଙ୍କୁ ବେଶ ମୁଗ୍ଧ ଓ ଚକିତ କରି ରଖିଲା । ସାଙ୍ଗୀତିକତା ହେଉଛି ଏହାର

ଅନ୍ୟତମ ବୈଶିଷ୍ଟ୍ୟ। ଏହାର ପଦଗୁଡ଼ିକ ଶିକ୍ଷିତ ଅଶିକ୍ଷିତ ନିର୍ବିଶେଷରେ ସମସ୍ତେ ମନେ ରଖି ବୋଲିବାକୁ ଲାଗିଲେ। ପଣ୍ଡିତ ଗୋପବନ୍ଧୁଙ୍କ ମତରେ ବିଲରେ ହଳ ବୁଲାଉଥିବା ଚଷାଠାରୁ ଆରମ୍ଭ କରି ନୃତ୍ୟରଙ୍ଗେ ବାରଙ୍ଗନା ଓ ସଭାରେ ପଣ୍ଡିତ ପର୍ଯ୍ୟନ୍ତ ସଭିଙ୍କ ମୁହଁରେ ଏହା ଶୁଣାଗଲା। ଏବେ ମଧ୍ୟ ଓଡ଼ିଶୀ ସଙ୍ଗୀତ କହିଲେ ସେଇ ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ, ଗୋପାଳକୃଷ୍ଣ, ବନମାଳୀ, କବିସୂର୍ଯ୍ୟଙ୍କ ସଙ୍ଗୀତକୁ ସମସ୍ତେ ବୁଝନ୍ତି। ସେତେବେଳେ ସଂସ୍କୃତରେ ମଧ୍ୟ ଏହିପରି କାବ୍ୟ ରଚିତ ହେଉଥିଲା ଏବଂ ପ୍ରାକୃତ ଭାଷାରେ ଏପରି ଉଚ୍ଚାଙ୍ଗ କାବ୍ୟ ରଚିତ ହୋଇପାରିବ ନାହିଁ ବୋଲି ପଣ୍ଡିତମାନଙ୍କର ଦମ୍ଭୋକ୍ତିର ପ୍ରତିବାଦରେ ଉପେନ୍ଦ୍ର ଓ ଅଭିମନ୍ୟୁ ଓଡ଼ିଆରେ ତତ୍ତୁଲ୍ୟ କାବ୍ୟ ରଚନାରେ ମନ ବଳାଇଲେ ବୋଲି କେହି କେହି ସମାଲୋଚକ ମତ ଦିଅନ୍ତି। ସେଇଥିପାଇଁ ହୁଏତ ଅଭିମନ୍ୟୁ ଗାଇଛନ୍ତି -

'ଟାଣ ଚଣା ଚର୍ବଣ ନାରଦ କଲା ପରି
ଟେକ ଓଜୁ ଭାଙ୍ଗିବ ଅବଶ୍ୟ ଶ୍ରମ କରି।'

ଏହାପରେ ଆସିଲା ଆଧୁନିକ ଯୁଗ। ସାହିତ୍ୟ ହେଉଛି ଯୁଗର ପ୍ରତିଛବି। ସମାଜ ଓ ଜୀବନର ରୂପ ସାହିତ୍ୟରେ ହିଁ ପ୍ରତିଫଳିତ ହୋଇଥାଏ। ଇଂରେଜ ଶାସନ କାଳରେ ଆମ ସମାଜ ଓ ଜୀବନର ରୂପ ବଦଳିଗଲା। ଦୁଇ ଦୁଇଟି ବିଶ୍ୱଯୁଦ୍ଧର ପ୍ରଭାବ, ପାଶ୍ଚାତ୍ୟ ଶିକ୍ଷା ସଭ୍ୟତାର ପ୍ରଭାବ ଆମ ମନକୁ ଓ ଦୃଷ୍ଟିକୋଣକୁ ବାସ୍ତବାଭିମୁଖୀ କରିଦେଲା। ଆଉ ମଧ୍ୟଯୁଗୀୟ କାବ୍ୟ ଆମକୁ ଆନନ୍ଦ ଦେଲା ନାହିଁ। ଜଣେ ଆଧୁନିକ କବିଙ୍କ ଭାଷାରେ -

'ଚାରିପାଖେ ଜମା ମୋର ଅସଂଖ୍ୟ ଜଞ୍ଜାଳ
କୁହ କବି ଏ ଜୀବନେ କାହିଁ ଅବସର ?
କରଜ ହୋଇନି ଶୁଝା,
ପରିବାର ରୋଗ ଆଉ ଯନ୍ତ୍ରଣା ଜର୍ଜର।'

(ଜାନକୀ ବଲ୍ଲଭ ମହାନ୍ତି - 'ଉପେନ୍ଦ୍ର ଭଞ୍ଜ', ନବଭାରତ - ୧୯୪୯)

ଏହି ବାସ୍ତବବାଦୀ କାବ୍ୟ ପ୍ରତିକ୍ରିୟାର ଉଚ୍ଚାରଣରୁ ଆଧୁନିକ ଜୀବନର ରୂପଟିକୁ ଦେଖିହୁଏ। ଏଇ ପରିସ୍ଥିତିରେ ଭଞ୍ଜକବି ଓ ତାଙ୍କର ସରସ ଓ ସୌଖୀନ ସୃଷ୍ଟି ଆଧୁନିକ କାବ୍ୟ ଜିଜ୍ଞାସା ନିକଟରେ ମଳିନ ହୋଇଯିବା ସ୍ୱାଭାବିକ। କବିବର ରାଧାନାଥ କାବ୍ୟ କବିତାରେ ଆଧୁନିକତା ଫୁଟାଇବା ପାଇଁ ପ୍ରଥମେ ଚେଷ୍ଟା କରିଥିଲେ ସୁଦ୍ଧା ମଧ୍ୟଯୁଗୀୟ କାବ୍ୟ ପ୍ରଭାବରୁ ସଂପୂର୍ଣ୍ଣ ମୁକ୍ତ ନଥିଲେ। ବରଂ ଗଦ୍ୟ ସାହିତ୍ୟରେ ଫକୀରମୋହନ ଆଧୁନିକ ଜୀବନ-ବୈଚିତ୍ର୍ୟକୁ ଅତି ବାସ୍ତବ ଓ ଜୀବନ୍ତ ଭାବରେ ଫୁଟାଇ ପାରିଛନ୍ତି। ଏହା ପରେ ସ୍ୱାଧୀନତା ଆନ୍ଦୋଳନ, ଦେଶାତ୍ମବୋଧ ଓ ଜାତୀୟ ଚେତନା ଆମ ପ୍ରାଣକୁ ବିଚଳିତ କଲା। ସତ୍ୟବାଦୀ ଗୋଷ୍ଠୀର କବିବୃନ୍ଦ ଏଇ ଚେତନାକୁ ଉଜ୍ଜୀବିତ କରିବା ପାଇଁ କାବ୍ୟ କବିତା ସୃଷ୍ଟି କଲେ। ପଣ୍ଡିତ ନୀଳକଣ୍ଠ କବି ରାଧାନାଥଙ୍କୁ କଟୁ ସମାଲୋଚନା କରିବାକୁ ଲାଗିଲେ। ପଣ୍ଡିତ ଗୋପବନ୍ଧୁ ଗାଇଲେ -

'ଦେଶର ସ୍ୱରାଜ ପଥେ ଯେତେ ଗାଡ଼
ପୁରୁ ତହିଁ ପଡ଼ି ମୋର ମାଂସ ହାଡ଼।

ଯୋଗୀ ଅରବିନ୍ଦ ନିଜ ଅନୁଭୂତିରୁ କହିଥିଲେ - 'The work of the poet depends not only on himself and his age, but on the mentally of the nation to which he belongs and the spiritual and asesthetic tradition and environment which is creates for him.' - The future Poetry

ଅର୍ଥାତ କବିତା କେବଳ କବିଙ୍କ ଉପରେ ନିର୍ଭର କରେ ନାହିଁ। ଜାତୀୟ ମାନସ ଏବଂ ଏଥିରୁ ସୃଷ୍ଟ ଆଧ୍ୟାତ୍ମିକ, ବୌଦ୍ଧିକ ତଥା ସୌନ୍ଦର୍ଯ୍ୟର ପରମ୍ପରା ଓ ପରିବେଶ ଉପରେ ମଧ୍ୟ ନିର୍ଭର କରେ। ୧୯୨୧ ପରେ ଭାରତୀୟ ଜାତୀୟ ଜୀବନରେ ଯେଉଁ ଆଲୋଡ଼ନ ଓ ଆଶଙ୍କା ସୃଷ୍ଟି ହେଲା ସେ ସମୟରେ କବି ବାଞ୍ଛାନିଧି ମହାନ୍ତି, ଜାତୀୟ କବି ବୀରକିଶୋର, ନିତ୍ୟାନନ୍ଦ ମହାପାତ୍ର ପ୍ରଭୃତିଙ୍କ କବିତାରେ ତାହାର ପ୍ରତିଛବି ଦେଖିବାକୁ ମିଳେ। ଏହି ସମୟରେ ବିଶ୍ୱକବି ରବୀନ୍ଦ୍ରନାଥଙ୍କ କବିତାର ଝଙ୍କାର ସାରା ବଙ୍ଗଦେଶରେ ଝଙ୍କୃତ ହେବାକୁ ଲାଗିଲା। କ୍ରମଶଃ ତା'ର ହାୱା ଆମ ଦେଶକୁ ମଧ୍ୟ ପ୍ରସାରିତ ହେଲା। କେତେକ ତରୁଣ ଯୁବକ ଓଡ଼ିଆ କବିତାକୁ ସେଇ ଢାଞ୍ଚାରେ ଲେଖିବାକୁ ମନ ବଳାଇଲେ। ସେମାନଙ୍କୁ କୁହାଗଲା 'ସବୁଜ ଗୋଷ୍ଠୀ'। ଏହି କବିମାନେ ତରୁଣ ବୟସରେ କବିତା ଲେଖିଥିବାରୁ ଜୀବନର ପୂର୍ଣ୍ଣାନୁଭୂତିର ଚିତ୍ର ଏଥିରେ ନାହିଁ। ପ୍ରେମ ଥିଲା କବିତାର ମୁଖ୍ୟ ବିଷୟବସ୍ତୁ। ଉଦ୍ଦାମ ଯୌବନରେ ମତୁଆଲା ହୋଇ ପରମ୍ପରା ପ୍ରତି ବୀତସ୍ପୃହ ଏବଂ ଜରାଜୀର୍ଣ୍ଣକୁ ଉପେକ୍ଷାଭାବ ମଧ୍ୟ ଏମାନଙ୍କ କବିତାରେ ଲକ୍ଷ୍ୟ କରାଯାଏ। ଜଣେ କବି ଗାଇଛନ୍ତି।

'ସବୁଜ ପରୀ ଆସ
xxxx
ଯୌବନର ମନ୍ତ୍ରେ ସଖି, ଜୀର୍ଣ୍ଣ ଜରା ନାଶ'

(ସବୁଜ ପରୀ - ଅନ୍ନଦା ଶଙ୍କର)

ସେହିପରି ଆଉ ଜଣେ କବି ଗାଇଛନ୍ତି - 'ସକଳ ଜୀର୍ଣ୍ଣ, ସକଳ ଜରା, କାହିଁକି ଚାହୁଁ ପଛେ ? ଅର୍ଦ୍ଧମୃତ କେବେ କି କାହିଁ ସବୁଜ ସୃଷ୍ଟି ରଚେ ?'

(ସବୁଜ ବନ୍ଧୁ ପ୍ରତି - ବୈକୁଣ୍ଠନାଥ)

ସବୁଜ କବିତାର ଏକ ଦୁର୍ବଳତା ହେଉଛି ପଳାୟନ ମନୋବୃତ୍ତି । ଏ ପଳାୟନ ପୁଣି ଅଦ୍ଭୁତ ଧରଣର । ଜୀବନକୁ ଖୋଜିବା ପାଇଁ ଜୀବନଠାରୁ ପଳାୟନ । ମାନବବାଦର ପ୍ରତିଷ୍ଠା ପାଇଁ ସମାଜରୁ ପଳାୟନ । ଶାନ୍ତି ପାଇଁ ପୃଥିବୀରୁ ପଳାୟନ, ପ୍ରେମ ପାଇଁ ବାସ୍ତବ ରାଜ୍ୟରୁ ପରୀମହଲକୁ ପଳାୟନ । ସବୁଜ କବିତା ସଂପର୍କରେ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରହୀଙ୍କ ମତ ହେଉଛି - 'ସେମାନଙ୍କ ଭାଷାରେ ହୁଏତ ଫୁଟିଲା ଫୁଲର ଚଷମା ଅଛି । ଛନ୍ଦରେ ଉନ୍ମାଦକାରୀ ଝଙ୍କାର ଅଛି; କିନ୍ତୁ ତାହା ବଙ୍ଗ ଭାଷାର ଏତେ ନିକଟବର୍ତ୍ତୀ ହୋଇପଡ଼ିଛି ଯେ ହଠାତ୍ ବାରି ହୁଏନା ତାହା ଓଡ଼ିଆର ନିଜସ୍ୱ କି ନା ।' (ଆଧୁନିକ ଓଡ଼ିଆ ସାହିତ୍ୟର ବାଣିଜ୍ୟ ମୂଲ୍ୟ - ଶଙ୍ଖ - ୧ମ ବର୍ଷ / ୮ମ ସଂଖ୍ୟା) ଡକ୍ଟର ପାଣିଗ୍ରାହୀଙ୍କର ଏହି ମତରେ ମୁଁ ସଂପୂର୍ଣ୍ଣ ଏକମତ ।

ଏହାପରେ କବିତାରେ ମୁକ୍ତଛନ୍ଦର ପ୍ରଚଳନ ହୋଇଛି । ମୁକ୍ତ ଛନ୍ଦର ପ୍ରଚଳନ ମାର୍କିନ କବି Walt Whitman କହନ୍ତି ଯେ, ପ୍ରାଚୀନ ଛନ୍ଦର ବନ୍ଧନରୁ ମୁକ୍ତି ନ ପାଇଲେ ଆଧୁନିକ କବିତା କେବେହେଲେ ଆଧୁନିକ ଜୀବନର ଭାବ ପ୍ରକାଶ କରିପାରିବ ନାହିଁ । ମୁକ୍ତଛନ୍ଦ ସାଙ୍ଗକୁ ରୂପକଳ୍ପ, ଚିତ୍ରକଳ୍ପ, ରୂପକ, ପ୍ରତୀକ ପ୍ରଭୃତି ନୂତନ ଆଙ୍ଗିକ ସହିତ ଆଧୁନିକ କବିତା ଦ୍ରୁତଗତିରେ ଆଗେଇ ଚାଲିଲା । କିନ୍ତୁ ଦୁଃଖର ବିଷୟ ହେଉଛି, କେତେକ କବିଙ୍କ ହାତରେ ଏହା ଉଦ୍ଭଟ ସ୍ୱେଚ୍ଛାଚାର ଓ ବିଲକ୍ଷଣରେ ପରିଣତ ହୋଇଛି । ସଂପୂର୍ଣ୍ଣ ଗଦ୍ୟ ରଚନାକୁ କବିତା ରୂପେ ଚଳାଇ ନେବାକୁ ମଧ୍ୟ କେହି କେହି ଚେଷ୍ଟା କରି ଅଛନ୍ତି । ଏହାଛଡ଼ା ଆଉ ଗୋଟିଏ କଥା ମଧ୍ୟଯୁଗୀୟ କାବ୍ୟ କବିତାକୁ କେହି କେହି ସମାଲୋଚକ ଅଶ୍ଳୀଳ ଓ କ୍ଲିଷ୍ଟ ବୋଲି ଆକ୍ଷେପ କରିଅଛନ୍ତି । କିନ୍ତୁ ମୋର ମନେ ହୁଏ, ଆଧୁନିକ କବିତାରେ ଥିବା କ୍ଲିଷ୍ଟତା ଓ ଅଶ୍ଳୀଳତା ସେଗୁଡ଼ିକ ଅପେକ୍ଷା ଆହୁରି ଉଦ୍ଭଟ । ମଧ୍ୟଯୁଗୀୟ କାବ୍ୟ କବିତାର ଅଶ୍ଳୀଳତା ଲୁଚିକରି ରହିଥିଲା । କିନ୍ତୁ ବର୍ତ୍ତମାନର କବିତାରେ ସେଗୁଡ଼ିକ ଫୁଟିକରି ଦିଶୁଛି । ମଧ୍ୟଯୁଗୀୟ କବିତାରେ କ୍ଲିଷ୍ଟ ଶବ୍ଦ ଯୋଜନା ମଧ୍ୟରେ ଭାବ ସ୍ୱଚ୍ଛ ଓ ସ୍ପଷ୍ଟ ଜାଣିହୁଏ; କିନ୍ତୁ ବର୍ତ୍ତମାନର କବିତାରେ ସହଜ, ସରଳ ଭାଷା ମଧ୍ୟରେ ଭାବ ସଂପୂର୍ଣ୍ଣ ଅସ୍ପଷ୍ଟ । ବେଳେ ବେଳେ ଏହା ମୋତେ ରାଜାଙ୍କର ଅଦୃଶ୍ୟ ପୋଷାକ ପିନ୍ଧିଲା ପରି ('The Invisible Robe' ଗଳ୍ପଟି ପ୍ରାୟ ସମସ୍ତେ ଜାଣିଥିବେ) ମନେ ହୁଏ । ହୁଏତ ପୋଷାକକୁ ଦେଖିଲା ପରି ଜ୍ଞାନ, ବୁଦ୍ଧି ଓ ଦୃଷ୍ଟିଶକ୍ତି ମୋର ନଥାଇ ପାରେ । ରୂପକଳ୍ପ, ପ୍ରତୀକ, ଚିତ୍ରକଳ୍ପ ପ୍ରଭୃତି ପ୍ରୟୋଗ କରିବାରେ ଆଜିର କବିତା କିନ୍ତୁ ବେଶ ଉନ୍ନତି ଲାଭ କରିପାରିଅଛି । ବରଂ ଏହା ଏକ ବୈପ୍ଳବିକ ସମୃଦ୍ଧି ଆଣିବାରେ ସମର୍ଥ ହୋଇଛି । ସଚ୍ଚି ରାଉତରାୟଙ୍କ ଠାରୁ ଆରମ୍ଭ କରି ରମାକାନ୍ତ ରଥ, ସୀତାକାନ୍ତ ମହାପାତ୍ର, ରାଜେନ୍ଦ୍ର ପଣ୍ଡା, ପ୍ରତିଭା ଶତପଥୀଙ୍କ ପର୍ଯ୍ୟନ୍ତ ସବୁ କବିଙ୍କ କବିତାରେ ଏହା ଏକ ଆକର୍ଷଣୀୟ ବିଭବ ରୂପେ ଗୃହୀତ ହୋଇଅଛି । କବି ରମାକାନ୍ତ ରଥଙ୍କ କବିତାରୁ ଏହାର କେତୋଟି ଉଦାହରଣ ଦେଲି ।

'ହତାଶ ଓ ଏକାକିନୀ ପତ୍ନୀପରି ଖୋଲିଦେଇ ଫାଶ ତା ଜୁଡ଼ାର, / ସନ୍ଧ୍ୟା ବସିଅଛି' - (ସ୍ୱର୍ଗାରୋହଣ)

'ମୁଁ ଦେଖୁଛି ରାସ୍ତାକୋଣ ଅପରାହ୍ନ
ଧୈର୍ଯ୍ୟଶାଳୀ ପାନବାଲା ପରି ବସିଛି ।' (ସେ ସକଳ ମୃତ୍ୟୁ)

'ବିଜୁଳି ନୂଆ ମାଠିଆରେ ଲମ୍ବା ଫଟା ଦାଗପରି ଆକାଶରେ ବୁଲୁଥିଲା ।' (ଅତିଥି ସତ୍କାର)

ଏ ପ୍ରକାର ଚିତ୍ରକଳ୍ପ ବା ରୂପକଳ୍ପ ପ୍ରୟୋଗ କରି ରମାକାନ୍ତଙ୍କର ସଂପୂର୍ଣ୍ଣ ସ୍ୱକୀୟ ଶୈଳୀ ଏବଂ ସେଥିପାଇଁ ସେ ଆଜି ମଧ୍ୟ କବି ପ୍ରଶସ୍ତି ଲାଭ କରୁଅଛନ୍ତି ।

୧୯୭୦ ଓ ୧୯୮୦ ମସିହା ପରେ କବିତା ଆଉ ଗୋଟିଏ ନୂଆମୋଡ଼ ନେଲା । ଏହାକୁ କେହି କେହି 'ଉତ୍ତର ଆଧୁନିକ' କବିତା ବୋଲି କହନ୍ତି । ଏହି ସମୟର କେତେକ ନାମକରା କବି ହେଲେ - ହୃଷୀକେଶ ମଲ୍ଲିକ, ହୃଦାନନ୍ଦ ପାଣିଗ୍ରାହୀ, ପ୍ରସନ୍ନ ପାଟ୍ଟଶାଣୀ, ମନୋରମା ମହାପାତ୍ର, ଅଶ୍ୱିନୀ କୁମାର ମିଶ୍ର ଇତ୍ୟାଦି । ଏମାନେ ଓଡ଼ିଆ କବିତାକୁ ପାଶ୍ଚାତ୍ୟ ପ୍ରଭାବରୁ ମୁକ୍ତ କରି ଓଡ଼ିଶାର ମାଟି ପବନରେ ଗଢ଼ିବାକୁ ଚେଷ୍ଟା କଲେ । ଶବ୍ଦ ଯୋଜନାରେ ମଧ୍ୟ ବିଦେଶୀ ଓ ପଡ଼ୋଶୀ ଶବ୍ଦ ଛାଡ଼ି ଖାଣ୍ଟି ଓଡ଼ିଆ ଗାଉଁଲି ଶବ୍ଦ ପ୍ରୟୋଗ କରି କବିତାକୁ ସରଳ ଓ ସ୍ୱାଭାବିକ କରିବାକୁ ଚେଷ୍ଟା କଲେ । ଅନେକ କବି ଗାଁ ଦାଣ୍ଡକୁ ଫେରିଗଲେ । ଗାଁର ସେଇ ଝଙ୍କାଳିଆ ବରଗଛ ଡାଳରେ ଗୋଡ଼ ଲମ୍ବାଇ ବସିଥିବା ଚିରୁଗୁଣୀ, ଗଛମୂଳରେ ଥିବା ଠାକୁରାଣୀ, ଧାନ

କ୍ଷେତ, ସୋରିଷ ଫୁଲ, ଧାନ ସାଉଁଟା ଝିଅ ଏଇସବୁ ହେଲା ତାଙ୍କ କବିତାର ବିଷୟବସ୍ତୁ। ପ୍ରତୀକ, ଉପମା, ଚିତ୍ରକଳ୍ପ ପ୍ରୟୋଗ ପାଇଁ ସେମାନେ ଗାଁ ମାଟିରୁ ଉପାଦାନ ସଂଗ୍ରହ କରିଅଛନ୍ତି। ଗୋଟିଏ ଉଦାହରଣ ଦେଉଛି -

'ଗୁମାନ ଚାଲିବା ଝିଅ ଶିଖିଲୁ କୋଉଠୁ
ଖରାବେଳ ଶିଖେଇ ଦେଲାକି ?
ମୁରୁକି ହସିବା ଝିଅ ଶିଖିଲୁ କୋଉଠୁ
ଧାନକ୍ଷେତ ଶିଖେଇ ଦେଲାକି ?
ମୁହଁ ଥମ ଥମ ଝିଅ ଶିଖିଲୁ କୋଉଠୁ
ନୂଆମେଘ ଶିଖେଇ ଦେଲାକି ?
(ଧାନ ସାଉଁଟା ଝିଅ - ହୃଷିକେଶ ମଲ୍ଲିକ)

ଏ ପ୍ରକାର ଉଦ୍ୟମ ଅତି ପ୍ରଶଂସନୀୟ। ଓଡ଼ିଆ କବିତାରୁ ଓଡ଼ିଶା ମାଟି, ପାଣି, ପବନର ଚିତ୍ର ପାଇବା ଆନନ୍ଦର କଥା। କବିମାନଙ୍କର କଲମ ମୁନ ଆହୁରି ଟାଣ ହେଉ।

ଆଜିକାଲି ସାହିତ୍ୟ ସଭା ସମିତିରେ କବିତା ପାଠୋତ୍ସବ ଗୋଟିଏ ମୁଖ୍ୟ କାର୍ଯ୍ୟକ୍ରମ ହୋଇଛି। କେତେ କେତେ ତରୁଣ କବି ଓ କବୟିତ୍ରୀଙ୍କ କବିତା ଶୁଣି ଭାରି ଖୁସି ଲାଗୁଛି। ସାହିତ୍ୟ ଆଜି ବହୁମୁଖୀ ହୋଇଯାଇଛି। ଅନେକ ସାହିତ୍ୟ ପତ୍ରିକା ପ୍ରକାଶ ପାଉଛି। ସେଥିରେ ପ୍ରବନ୍ଧ ଓ ଗଳ୍ପ ଅପେକ୍ଷା କବିତାର ସଂଖ୍ୟା ଅଧିକ। ଏହା ଶୁଭ ଲକ୍ଷଣ। କିନ୍ତୁ କବିତାର ଗୁଣାତ୍ମକ ମାନ ବଢ଼ାଇବା ଦିଗରେ କବିମାନେ ଟିକିଏ ସଚେତନ ହେବା ଉଚିତ। ଆଜିର ଯେଉଁ କବିତା ସବୁ ଲେଖା ହେଉଛି, ତା'ର ସ୍ଥାୟିତ୍ୱ କେତେ ? ସମୟର ସ୍ରୋତରେ ସେ ତା'ର ଚିରନ୍ତନ ମୂଲ୍ୟ ବଜାୟ ରଖିପାରିବ କି ନାହିଁ ? ଏସବୁ ଚିନ୍ତା କରିବା, କବି, ପାଠକ, ପତ୍ରିକା ସଂପାଦକମାନଙ୍କର କର୍ତ୍ତବ୍ୟ। ଏହି ପରିପ୍ରେକ୍ଷୀରେ ମୁଁ କେତେକ ପତ୍ରିକାର ସଂପାଦକ/ସଂପାଦିକାଙ୍କୁ ଭେଟି ପ୍ରଶ୍ନ କରିଛି - ଏତେ ନିମ୍ନମାନର କବିତା କାହିଁକି ସ୍ଥାନ ପାଉଛି ? ଉତ୍ତରରେ ଶୁଣିଛି - 'ପତ୍ରିକାକୁ ବଞ୍ଚାଇବା ପାଇଁ'। ପତ୍ରିକା ପ୍ରକାଶନ ପାଇଁ ଯେଉଁମାନେ ଆର୍ଥିକ ସାହାଯ୍ୟ କରୁଅଛନ୍ତି ସେମାନଙ୍କର କବିତା ଯେତେ ନିମ୍ନମାନର ହେଲେ ସୁଦ୍ଧ ପ୍ରକାଶ ନ କଲେ ନ ହୁଏ। ଆଉ କେତେକ ନାମକରା କବି, ଯାହା ଦିପଦ ଲେଖି ଦିଅନ୍ତି ପଛକେ, ତାଙ୍କ ନାଁ ପତ୍ରିକାରେ ରହିଲେ ତା'ର ମାନ ବଢ଼ିବ। ବ୍ୟବସାୟିକ ଦୃଷ୍ଟିରୁ ଯୁକ୍ତିଗୁଡ଼ିକ ମନ୍ଦ ନୁହେଁ, କିନ୍ତୁ ମୋ ମତରେ ଏପରି ପତ୍ରିକା ପ୍ରକାଶ ନ ପାଇବା ଭଲ। ଏଇ ସବୁ ଦିଗପ୍ରତି ଧ୍ୟାନ ରଖି ସାବଧାନତାର ସହ ଚାଲିଲେ କବିତାର ଭବିଷ୍ୟତ ଯେ ଉଜ୍ଜ୍ୱଳ ହେବ, ଏଥିରେ ସନ୍ଦେହ ନାହିଁ।

୪୮୫/ ୨, ଶହୀଦନଗର, ଭୁବନେଶ୍ୱର।

**With Best Compliments from :**

**ASHOK KUMAR PRADHAN**

# M/S P K PRADHAN & CO.

**EXPERTISE IN SANITARY / PLUMBING CONTRACTS**

**F-173, SHER SINGH BAZAR, KOTLA MUBARAKPUR,**
**NEW DELHI 110003**
**MOBILE : 9810270011**

# ବିଜ୍ଞାନ ସମ୍ମତ "କ୍ରିୟାଯୋଗ"

■ ତ୍ରିଲୋଚନ ମଥାନ

"କ୍ରିୟାଯୋଗ" ଶବ୍ଦଟି ଏକ ନୂତନ ଶବ୍ଦ ନୁହେଁ। ବିଭିନ୍ନ ପୁରାଣ ଶାସ୍ତ୍ରରେ ଏହାର ବହୁଳ ଭାବରେ ଆଲୋଚନା କରାଯାଇଛି। ଲୟଯୋଗ, ରାଜଯୋଗ, ହଠ ଯୋଗ ପ୍ରଭୃତି ଯୋଗ ସାଧନା କୌଶଳ ପରି "କ୍ରିୟାଯୋଗ" ମଧ୍ୟ ଏକ ସହଜ ସାଧନା କୌଶଳ ଏବଂ ବିଜ୍ଞାନ ସମ୍ମତ ମଧ୍ୟ। ଏହି ଲୁପ୍ତ ଯୋଗ ସାଧନା କୌଶଳକୁ ଭଗବାନ ବାବାଜୀ ମହାରାଜ ତାଙ୍କର ପ୍ରିୟ ଶିଷ୍ୟ ଯୋଗୀରାଜ ଶ୍ରୀ ଶ୍ୟାମଚରଣ ଲାହିଡ଼ି ମହାଶୟଙ୍କୁ ହିମାଳୟରେ ଦିକ୍ଷାଦାନ କରି ପୁର୍ନବାର ଜନ କୈଲ୍ୟାଣ ନିମନ୍ତେ ପ୍ରକାଶ କରିଥିଲେ। ପରବର୍ତ୍ତି ଅବସ୍ଥାରେ କ୍ରିୟାଯୋଗୀ ଯୁକ୍ତେଶ୍ୱର ମହାରାଜ। ପରମହଂସ ଯୋଗାନନ୍ଦ, ପରମହଂସ ହରିହରା ନନ୍ଦଗିରି ଓ ଅନ୍ୟାନ୍ୟ ବହୁ କ୍ରିୟାଯୋଗୀ ଉକ୍ତ ଯୋଗ ସୂତ୍ରକୁ ଜନ କୈଲାଣ ନିମିତ୍ତ ଭାରତ ଓ ଭାରତ ବାହାରେ ବହୁଳ ପ୍ରଚାର ଓ ପ୍ରସାର କରି ଲୋକ ଲୋଚନକୁ ଆଣିଛନ୍ତି। କାଳକ୍ରମେ ଓଡ଼ିଶା ସମେତ ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଶ୍ଚାତ ଦେଶ ମାନଙ୍କରେ କ୍ରିୟାଯୋଗ ଧ୍ୟାନ କେନ୍ଦ୍ରମାନ ପ୍ରତିଷ୍ଠା ହୋଇ ଜାତିଧର୍ମ ବର୍ଣ୍ଣ ଲିଙ୍ଗ ନିର୍ବିଶେଷରେ ସ୍ୱୀକୃତି ପ୍ରାପ୍ତ ଯୋଗୀ ଓ ଯୋଗାଚାର୍ଯ୍ୟ ମାନଙ୍କ ଦ୍ୱାରା ଦିକ୍ଷା ସହିତ ସାଧନା କୌଶଳ ଶିକ୍ଷା ଦିଆଯାଉଅଛି। ଏହା ଖୁବ ସହଜ ଓ ଆନନ୍ଦ ଦାୟକ ସାଧନା କୌଶଳ। ଏହି ଯୋଗ ସାଧନା ଫଳରେ କେବଳ ଯେ ଜଣେ ବ୍ୟକ୍ତିର ବୌଦ୍ଧିକ ଜ୍ଞାନର ବିକାଶ ହେଉଛି ତା ନୁହେଁ ବରଂ ଶାରୀରିକ ଓ ମାନସିକ ସ୍ତରରେ ମଧ୍ୟ ଆଶାତୀତ ଉନ୍ନତି ହେଉଛି। ଜଣେ କ୍ରିୟାଯୋଗ ସାଧକ (କ୍ରିୟାବାନ)ଙ୍କ ସହିତ ମିଶିଲେ ତାହା ଭଲ ଭାବରେ ଅନୁମାନ କରିହୁଏ। ଆସନ୍ତୁ ସଂକ୍ଷେପରେ କ୍ରିୟାଯୋଗ କଣ ଓ ଏହାର ଆବଶ୍ୟକତାକୁ ଆଲୋଚନା କରିବା।

କ୍ରିୟାଯୋଗ ଦୁଇଟି ଶବ୍ଦର ସମାହାର। କ୍ରିୟା + ଯୋଗ। କ୍ରିୟାର ଅର୍ଥ ମଣିଷ ତାର ଶରୀରସ୍ଥ ନବଦ୍ୱାର ଦେଇ ଦୈନନ୍ଦିନ ଯେତେ କର୍ମମାନ ସମ୍ପନ୍ନ କରୁଛି ତାକୁ ହିଁ 'କ୍ରି' କୁହାଯାଏ ଏବଂ ଯେଉଁ ଆତ୍ମା ଏହି କର୍ମମାନ କରାଉଛି ତାହା "ୟା"। କ୍ରିୟାର ଅର୍ଥ କରୁଛି ଓ କରାଉଛି। ଭାଗବତରେ ଅଛି "କରି କରାଉ ଅଛି ମୁହିଁ, ମୋ ବିନୁ ଆନ ଗତିନାହିଁ। ଏହି ଆତ୍ମା ସବୁକିଛି କରୁଛି ଓ କରାଉଛି ମଧ୍ୟ।

"ଯୋଗ"ର ଅର୍ଥ "ଜୀବ ଆତ୍ମନି ଏବଂ ଐକ୍ୟଂ", ଜୀବ ବା ମଣିଷ ସେହି ଆତ୍ମରୂପୀ ଈଶ୍ୱରଙ୍କ ସହ ଯୁକ୍ତ ହୋଇ ପରମ ଆନନ୍ଦ ଲାଭ କରିବା ହିଁ "କ୍ରିୟାଯୋଗ"।



ଶିଶୁଟିଏ ଜନ୍ମନେଇ ବଡ଼ହୁଏ। ସଂସାରିକ ଜୀବନ ମଧ୍ୟରେ ଚାପି ହୋଇ ଅନାବଶ୍ୟକ କାମନା ବାସନା ଦ୍ୱାରା ଆଶକ୍ତ ହୋଇପଡ଼େ। ଜୀବନ କାଳ ମଧ୍ୟରେ ବିଭିନ୍ନ ଦୁଃଖ ଯନ୍ତ୍ରଣା ସହିତ ଶାରୀରିକ କ୍ଲେଶମାନ ସହି ସହି ଜୀବନକୁ ହାଃ ହୁତାସ ମଧ୍ୟରେ କଟାଇବାକୁ ପଡ଼େ। ଏହାର ମାଧ୍ୟମ ବା ଯୋଗସୂତ୍ର ହେଉଛି ମନ। ଏହି ମନକୁ ଆୟତକୁ ଆଣି ଶୃଂଖଳିତ ସଂସାରିକ ଜୀବନ ଯାପନ କରି ସମାଜରେ ନିଜକୁ ଜଣେ ଉତ୍ତମ ବ୍ୟକ୍ତି ଭାବରେ ପ୍ରତିଷ୍ଠା କରିବା ସଂଗେ ସଂଗେ ସମାଜ ଓ ଦେଶର ମଙ୍ଗଳ କରିବା ହିଁ କ୍ରିୟାଯୋଗ ମୁଖ୍ୟ ଲକ୍ଷ୍ୟ।

ଏହି "କ୍ରିୟାଯୋଗ"ର ସାଧନା କୌଶଳ ଅତି ସହଜ ହେଲେ ମଧ୍ୟ ଏହା ଗୁରୁଦତ୍ତ ବିଦ୍ୟା। ଏହି ସାଧନା ପାଇଁ କୌଣସି ଖାଦ୍ୟପେୟ ସାଂସାରିକ ଜୀବନ, ଲିଙ୍ଗ, ଜାତି ଧର୍ମର ପ୍ରତିବନ୍ଧକ ନାହିଁ। ଆବାଳ ବୃଦ୍ଧ ବନିତା ପ୍ରେମ ଭକ୍ତି ଓ ଶ୍ରଦ୍ଧାର ସହ ଦୈନିକ ୧୦/୧୫ ମିନିଟ ଏହି ଯୋଗ ସାଧନା କଲେ ବୌଦ୍ଧିକ ଜ୍ଞାନ ବିକାଶ ସହ ଶରୀରସ୍ଥ ଉତ୍ପନ୍ନ ବିଭିନ୍ନ ରୋଗ ବ୍ୟାଧି ମଧ୍ୟ ଦୂର ହୋଇଯାଏ। ବିଶେଷ କରି ବାତପିତ୍ତ କଫ ଜନିତ ସମସ୍ତ ପ୍ରକାର ବ୍ୟାଧି ଦୂରେଇ ଯାଇଁ ଅପାର ଆନନ୍ଦ ଅଧିକାରୀ କରେ।

ଏହି ଗୁରୁଦତ୍ତ ସାଧନା କୌଶଳ ପାଇଁ ଗୃହତ୍ୟାଗ ବା ନିର୍ଜ୍ଜନ ସ୍ଥାନର ଆବଶ୍ୟକତା ନାହିଁ। ଗୃହସ୍ଥ ଜୀବନ ମଧ୍ୟରେ ରହି ଗୃହ ହିଁ ସାଧନାର ପରମ କ୍ଷେତ୍ର। କେବଳ କ୍ରିୟାଯୋଗୀ ଗୁରୁଙ୍କଠାରୁ ଦିକ୍ଷା ଓ ଶିକ୍ଷା ଲାଭ କରି ଶ୍ରଦ୍ଧା ଓ ପ୍ରେମର ସହିତ ଦୈନିକ ଅଳ୍ପ ସମୟ ସାଧନା କଲେ ଅବଶ୍ୟ ଏହାର ଫଳ ଅନୁଭବ କରି ପାରିବ। ଏହା ମୋର ବ୍ୟକ୍ତିଗତ ଅନୁଭୂତି ମଧ୍ୟ।

ଆମର ପରମ ସୌଭାଗ୍ୟ ଓଡ଼ିଶାର ପୁରୀ, ଭୁବନେଶ୍ୱର, ଜଗତପୁର, ରାଉରକେଲା ଓ ଅନ୍ୟାନ୍ୟ କେତେକ ସ୍ଥାନରେ "କ୍ରିୟାଯୋଗ ଧ୍ୟାନ କେନ୍ଦ୍ର" ମାନ ପ୍ରତିଷ୍ଠା କରାଯାଇ ସେଠାରେ ସ୍ୱୀକୃତିପ୍ରାପ୍ତ ଯୋଗାଚାର୍ଯ୍ୟମାନେ ଦୈନଦିନ ଯୋଗ ସାଧନା କୌଶଳ ଶିକ୍ଷା ଦେଉଛନ୍ତି। ହଜାର ହଜାର ଭକ୍ତ ଏହି ସୁବିଧା ପ୍ରାପ୍ତ ହୋଇ ଜୀବନକୁ ଧନ୍ୟ କରୁଛନ୍ତି।

ଏ/୨୧୧, କୋଏଲନଗର, ରାଉରକେଲା

# ମାନସିଂହଙ୍କ କାବ୍ୟ କବିତାରେ ମହାନୁଭବତାର ପରିଚୟ

■ ଅଧ୍ୟାପକ ଭଗବାନ ପଟେଲ

ବିଂଶ ଶତାବ୍ଦୀର ମଧ୍ୟଭାଗରେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଭାବରେ ମାୟାଧର ମାନସିଂହ ଯେଉଁ ଶକ୍ତି ଓ ସାମର୍ଥ୍ୟର ଅଭ୍ରାନ୍ତ ପରିଚୟ ପ୍ରଦାନ କରିଯାଇଛନ୍ତି, ତା'ର ତୁଳନା ବିଶ୍ୱ ସାହିତ୍ୟରେ ବିରଳ ପ୍ରାୟ । ଆଜୀବନ ଜଣେ ସତ୍ୟନିଷ୍ଠ ଓ ମହାନୁଭବ ସାହିତ୍ୟ ସାଧକ ଭାବରେ ଓଡ଼ିଶା ସାହିତ୍ୟ ଉନ୍ନତି, ଅଗ୍ରଗତି ତଥା ଐଶ୍ୱର୍ଯ୍ୟ ବିମଣ୍ଡନ କରିବା ଦିଗରେ ତାଙ୍କର ସାଧନା ଓ ସିଦ୍ଧିର ଆକଳନ କରାଯିବା ଏକାନ୍ତ ଆବଶ୍ୟକ ବୋଲି ମନେ ହୁଏ । କାଳିନ୍ଦୀ ଚରଣ ପାଣିଗ୍ରାହୀ, କୁନ୍ତଳା କୁମାରୀ ସାବତ, ରାଧାମୋହନ ଗଡ଼ନାୟକ, ସଚ୍ଚିଦାନନ୍ଦ ରାଉତରାୟ, ଅନନ୍ତ ପଟ୍ଟନାୟକ, ବିନୋଦ ଚନ୍ଦ୍ର ନାୟକ ଆଦି ସାରସ୍ୱତ, ଶାଶ୍ୱତ ତଥା ସୃଜନଶୀଳ ପ୍ରତିଭାଙ୍କ ସହିତ ସମସ୍ୱରରେ ଆପଣାର ସାକ୍ଷର ଛାଡ଼ିଯାଇଛନ୍ତି କବି ମାୟାଧର ମାନସିଂହ । କାବ୍ୟଶିଳ୍ପୀ ମାୟାଧର ମାନସିଂହ ମୁଖ୍ୟତଃ ପ୍ରେମ ଓ ପ୍ରଣୟର କବି ଭାବରେ ପରିଗଣିତ ହେଲେ ମଧ୍ୟ ତାଙ୍କ କାବ୍ୟ କବିତାରେ ଜାତୀୟବାଦୀ ଚେତନା, ମର୍ତ୍ତ୍ୟପ୍ରୀତି, ସ୍ୱଦେଶ ଚିନ୍ତା, ପଲ୍ଲୀ ଜୀବନର ନିଛକ ପ୍ରତିଛବି ତଥା ଗାନ୍ଧୀ, ଗୋପବନ୍ଧୁ ଆଦିଙ୍କ ପରି ମହାନୁଭବ ବ୍ୟକ୍ତିବିଶେଷ୍ୟରେ ଜୀବନ ଚିତ୍ର ଆଜିର ପୁଙ୍ଖଳ ଭାବରେ ଚିତ୍ରିତ ହୋଇଥିବାର ଜଣାଯାଏ । ଓଡ଼ିଆ କାବ୍ୟ ଜଗତରେ ସେ ଜଣେ ଅମର ବିନ୍ଧାଣୀ । ତାଙ୍କର ଲେଖନୀରେ ଓଡ଼ିଶାର ନଦନଦୀ, ପାହାଡ଼ ପର୍ବତ, କେଦାର କାନ୍ତାର ଆଜି ଫୁଟିଉଠିଛି ସ୍ୱତଃସ୍ଫୁର୍ତ୍ତ ରୀତି ଓ ନୀତିରେ । ସେ ଜଣେ ଜାତୀୟ ଜୀବନ ରୂପକାର । ସ୍ୱଦେଶପ୍ରେମ ହେଉଛି ତାଙ୍କ କାବ୍ୟ କବିତାର ମୂଳର ନିର୍ଯ୍ୟାସ । ପ୍ରକୃତି ପ୍ରତି ଗଭୀର ଅନୁରାଗ ଓ ମାନବିକତାର ସ୍ୱର ଓ ସାକ୍ଷରରେ ତାଙ୍କର ସୃଷ୍ଟି ସମ୍ଭାର ମୂର୍ତ୍ତିମନ୍ତ ଏବଂ ମାଧୁର୍ଯ୍ୟ ବିମଣ୍ଡିତ । ତାଙ୍କର ବହୁମୁଖୀ ପ୍ରତିଭାର ଆକଳନ ତଥା ଅନୁଶୀଳନ କରିବାକୁ ଯାଇ ସମାଲୋଚକ ଡ. ଶ୍ରୀଚରଣ ମହାନ୍ତି ତାଙ୍କର 'ମାୟାଧର ମାନସିଂହ : ଜୀବନଟା ଯାକ ସହିବାକୁ ହେଲା ପୀରତି ଦାଉ' ପ୍ରବନ୍ଧରେ ଯଥାର୍ଥରେ ଆଲୋକମୟ ମାନସିଂହଙ୍କ ଜୀବନଦର୍ଶନ ସଂପର୍କରେ କହନ୍ତି, "ଓଡ଼ିଆ ସାହିତ୍ୟରେ ମାନସିଂହ ପ୍ରେମ ଓ ପ୍ରଣୟର କବି । ନିଜ ଜୀବନରେ ଘଟିତ ପ୍ରେମାନୁଚିନ୍ତାକୁ ସେ ସ୍ୱଷ୍ଟ ଭାବରେ କରିଛନ୍ତି ପରିପ୍ରକାଶ । ଜୟ କରିଛନ୍ତି ଅଗଣିତ ଯୁବମନ କିନ୍ତୁ ତାଙ୍କ ପ୍ରେମ କବିତା ଭବ ଓ ଛନ୍ଦରେ ଏପରି ଲାଳିତ୍ୟ ବହନ କରିଥିଲା ଯେ



ବୟସ୍କମାନେ ବି ସେ ସଂପଦ ଗ୍ରହଣ କରିବାକୁ ପଶ୍ଚାତପଦ ହେଉ ନଥିଲେ । ସେ ପ୍ରେମରେ ଅଶ୍ଲୀଳତା ନଥିଲା, ଥିଲା ହୃଦୟରେ ହୃଦୟ ମିଶିବାର ଜାଦୁକାରୀ ଚିତ୍ର, ଯାହା କାଳକୁ ଜୟ କରି ହୋଇଛି କାଳଜୟୀ ।" ଓଡ଼ିଶା ସାହିତ୍ୟାକାଶରେ ଚିର ଦେଦିପ୍ୟମାନ ଉଜ୍ଜ୍ୱଳ ନକ୍ଷତ୍ର ସଦୃଶ ମାୟାଧର ଯେ ଚିର ଉଦ୍‌ଭାଷିତ ଏହା ଅସ୍ୱୀକାର କରାଯାଇ ନପାରେ । ବହୁ କାରଣରୁ ତାଙ୍କର 'ଧୂପ' (୧୯୩୧)ରେ ପ୍ରକାଶିତ ହୋଇ ଓଡ଼ିଶା କାବ୍ୟ ଜଗତରେ ଯେଉଁ ଆଲୋଡ଼ନ ଓ ଉନ୍ମାଦନା ସୃଷ୍ଟି କରିପାରିଥିଲା ତା'ର ପଶ୍ଚାତଭାଗରେ ଥିଲା ଇଂରାଜୀ ସାହିତ୍ୟର ରୋମାଣ୍ଟିକ କାବ୍ୟାଦର୍ଶର ନିଛକ ଓ ସଂପୂର୍ଣ୍ଣ ପ୍ରତିଫଳନ । 'ଧୂପ' କବିତା ଗ୍ରନ୍ଥର ମୁଖବନ୍ଧ ରଚନା କରିବାକୁ ଯାଇ ମାନସିଂହ ଯଥାର୍ଥରେ ମହାନୁଭବତାର ପରିଚୟ ପ୍ରଦାନ କରିଛନ୍ତି । ତାଙ୍କ ମତାନୁସାରେ, "କାବ୍ୟଯୋଗ୍ୟ ଅନୁଭୂତି ଲେଖକର ଜୀବନରେ ଘଟିଥିଲେ ହେଁ ଇଂରେଜ କବିମାନଙ୍କ ସଙ୍ଗେ ପରିଚୟ ଘଟି ନଥିଲେ । ସେ ଅନୁଭୂତି ଏ ପ୍ରକାର ଆତ୍ମପ୍ରକାଶ କରିବାକୁ ଲେଖକର ସାହସ ହେଲା ।" ମାୟାଧର ମାନସିଂହ ଜଣେ ବହୁପାଠୀ କବି ଭାବରେ ସୁପରିଚିତ । ବିଶେଷ କରି ଇଂରାଜୀ ସାହିତ୍ୟର କୀଟ୍‌ସ୍, ସେଲୀ, ବାଇରନ୍, ଓ୍ୱର୍ଡ୍‌ସ୍‌ୱାର୍ଥ, ସେକ୍ସପିୟର ତଥା ଅନ୍ୟାନ୍ୟ ବହୁ ପ୍ରତିଷ୍ଠିତ ପ୍ରତିଭାଧର କବିଙ୍କ କାବ୍ୟାଦର୍ଶନରେ ଅନୁପ୍ରାଣିତ ପୂର୍ବକ ରୋମାଣ୍ଟିକ ବାସ୍ତବବାଦୀ (Romantic Realism) ଚିନ୍ତାଧାରାର ପରିପ୍ରକାଶ ଘଟାଇପାରିଛନ୍ତି ଆପଣାର ସୃଷ୍ଟିସମ୍ଭାର ମଧ୍ୟରେ ।

ଆଜୀବନ ସାହିତ୍ୟ ସେବାରେ ନିଜକୁ ନିୟୋଜିତ ପୂର୍ବକ ସାମାଜିକ ଅନ୍ୟାୟ, ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ତାଙ୍କର ଜୀବନାଦର୍ଶର ପ୍ରମୁଖ ଅଂଶ ଥିଲା । ସାହିତ୍ୟ ପ୍ରତି ଗଭୀର ଅନୁରାଗ ତାଙ୍କୁ ଜଣେ ମହାନୁଭବତାରେ ପରିପୂର୍ଣ୍ଣ ମଣିଷ ଭାବରେ ଗଢ଼ିତୋଳି ପାରିଥିଲା । ସାଧାରଣ ଭାବରେ ଜୀବନଯାପନ କରିବା ସଂଗେ ସଂଗେ ଏକ ଆଡ଼ମ୍ବରଶୂନ୍ୟ ଚିନ୍ତା ଓ ଚେତନା ମଧ୍ୟରେ ବଞ୍ଚିବା ତାଙ୍କର ମୂଳମନ୍ତ୍ର ରୂପେ ପରିଗଣିତ ହେଉଥିଲା । ଫେଡେରିକ୍ ଜେଶସନ୍ ତାଙ୍କର ପୁସ୍ତକ

'ଦି କଲଚରାଲ ....'ରେ ଲେଖିଛନ୍ତି, "Post-modernism emarges as a specific reaction against the established form of high modernism." ଏଣୁ ଉତ୍ତର ଆଧୁନିକତା ହେଉଛି ଆଧୁନିକ ଚିନ୍ତାଧାରା ବିରୋଧରେ ଏକ ଶକ୍ତିଶାଳୀ ପ୍ରତିକ୍ରିୟା ମାତ୍ର । ଏ ଦୃଷ୍ଟିରୁ ବିଚାର କଲେ ମାୟାଧର ମାନସିଂହ ହେଉଛନ୍ତି ଆଧୁନିକ ଯୁଗର ପ୍ରତିନିଧି ସ୍ଥାନୀୟ କବି, ସେ ଆଦୌ ଉତ୍ତର ଆଧୁନିକତାକୁ ଗ୍ରହଣ କରିପାରି ନାହାନ୍ତି । ସୁତରାଂ, ମାୟାଧର ଆଦୌ କାବ୍ୟ ସମ୍ଭାର ମଧ୍ୟରେ ଭାରତୀୟ ପରମ୍ପରା, ସଂସ୍କୃତି ଓ ସଂଘଟିର ଅପୂର୍ବ ସମାହାର ମୋର ଦୃଷ୍ଟି ପଥାରଢ଼ ହୋଇଥାଏ ଅନାୟସରେ । ବିଂଶ ଶତାବ୍ଦୀରେ ସାହିତ୍ୟର ସ୍ୱର ଏବଂ ସ୍ୱାକ୍ଷର ସଂପର୍କରେ ସମାଲୋଚକ ଡ. ବାସୁଦେବ ବାରିକ ତାଙ୍କର 'ଜୀବନ ଦର୍ଶନରେ କବିତା' ପ୍ରବନ୍ଧରେ ଯଥାର୍ଥରେ ଉଲ୍ଲେଖ କରି ଯାଇଛନ୍ତି ଯେ, "ସେହିପରି ଭାରତରେ ଜାତୀୟତାର ବିକାଶ ପାଇଁ ଅସଂଖ୍ୟ ଓଡ଼ିଆ କବିତା ରଚିତ ହୋଇଛି, ମଧୁସୂଦନ ଦାସ, ଗୋପବନ୍ଧୁ, ନୀଳକଣ୍ଠ, ଗୋଦାବରୀଶ ମିଶ୍ର ଓ ଗୋଦାବରୀଶ ମହାପାତ୍ରଙ୍କ ଦ୍ୱାରା । ସବୁଜ ସାହିତ୍ୟରେ କବିମାନେ ସାମାଜିକ, ସାଂସ୍କୃତିକ ଓ ସାହିତ୍ୟିକ ବୈଶିଷ୍ଟ୍ୟକୁ ଯଥାର୍ଥ ଭାବରେ ରୂପ ଦେଇଛନ୍ତି । ଏହାଛଡ଼ା କାନ୍ତକବି ଲକ୍ଷ୍ମୀକାନ୍ତ, କୁନ୍ତଳା କୁମାରୀ, ମାୟାଧର ମାନସିଂହ, କବି ଶେଖର ଚିନ୍ତାମଣି, ରାଧାମୋହନ ଗଡ଼ନାୟକ ଏବଂ ପ୍ରଗତିବାଦୀ ଯୁଗର ସ୍ରଷ୍ଟାମାନେ ଓଡ଼ିଆ ସମାଜ, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ବହୁ ନୂଆ ସନ୍ଧାନ ଦେଇଛନ୍ତି । ଫଳରେ ଓଡ଼ିଆ କବିତା ହୋଇଛି ଋଦ୍ଧିମନ୍ତ ।" ସୁତରାଂ ମାୟାଧର ମାନସିଂହ ଜଣେ ଉଦାର, ଦରଦୀ ତଥା ମାନବବାଦୀ କାବ୍ୟଶିଳ୍ପୀ ଭାବରେ ଓଡ଼ିଆ କାବ୍ୟ ଇତିହାସରେ ଯେଉଁ ସ୍ୱର ଓ ସ୍ୱାକ୍ଷର ଛାଡ଼ିଯାଇଛନ୍ତି, ପଦ୍ମ କାଳଗର୍ଭରେ କେବେହେଲେ ଲୀନ ହେବ ନାହିଁ । ଅଧିକନ୍ତୁ ଜଣେ ମାନବିକ ମୂଲ୍ୟବୋଧର ବାର୍ତ୍ତାବହ ଭାବରେ ବଞ୍ଚିବେ କୋଟି ଅନନ୍ତ କାଳ ପର୍ଯ୍ୟନ୍ତ । ତାଙ୍କର ଦିବ୍ୟଦୃଷ୍ଟି ସବୁବେଳେ ସତ୍ୟାନୁସନ୍ଧାନରେ ନିବଦ୍ଧ ରହିଅଛି । ସେ ସତ୍ୟର ପୂଜାରୀ ଓ ସୌନ୍ଦର୍ଯ୍ୟର ଏକନିଷ୍ଠ ଉପାସକ । ପ୍ରେମ ବିନା ଜୀବନ କାହିଁ? ଯେଉଁଠାରେ ମଣିଷ ପ୍ରତି ମଣିଷର ଆନ୍ତରିକତା, ନିସର୍ଗ ଭାବରେ ଭଲ ପାଇବାର ପରମ୍ପରା ସୃଷ୍ଟି କରାଯାଇପାରି ନାହିଁ, ସେଠାରେ ମଣିଷର ଜୀବନ ନିରର୍ଥକ ଓ ଶୂନ୍ୟଗର୍ଭ ପରି ମନେ ହୁଏ । 'ଧୂପ' କବିତା ସଂକଳନରେ କବି ମାଧୁର୍ଯ୍ୟ ବିମଣ୍ଡିତ ହୋଇ ଅମୂର୍ତ୍ତ ମୁହୂର୍ତ୍ତକୁ କିପରି ସୁନ୍ଦର, ସରସ ଓ ମଧୁମୟ ଭାବରେ ବର୍ଣ୍ଣନା କରିଯାଇଛନ୍ତି ତା'ର ପଟାନ୍ତର ନାହିଁ । ଏଣୁ ପ୍ରଣୟର କବି ମାୟାଧରଙ୍କ ଭାଷାରେ -

"ଏଇ ସହକାର ତଳେ
ସେଦିନ ପ୍ରିୟା କର-କଂକଣ ଭିଡ଼ିଥିଲା ମୋର ଗଳେ
ଚାନ୍ଦିନୀ ରାତି ଉଠିଥିଲା ମାତି
ମଳୟ ପରଶ ପାଇ
ବନପକ୍ଷୀ ଦୂରେ କରୁଣ ମଧୁରେ,
ଯାଉଥିଲା କିବା ଗାଇ ।"
(ଏଇ ସହକାର ତଳେ - ଧୂପ)

କାବ୍ୟଶିଳ୍ପୀ ମାୟାଧର ମାନସିଂହ ପ୍ରେମର କବି । ତାଙ୍କର ପ୍ରାୟ ଅଧିକାଂଶ କବିତାର କଥାବସ୍ତୁ ପ୍ରେମାନୁଭବ ମଧ୍ୟରେ ସୀମିତ ରହିଅଛି । ଜୀବନ ଓ ଜଗତ ପ୍ରତି ସକରାତ୍ମକ ମନୋଭାବ ପୋଷଣ ପୂର୍ବକ ଏକ ଗଭୀର ମମତ୍ୱବୋଧ ଓ ସେହ୍ନ ପ୍ରବଣ ମାନସିକତା ମଧ୍ୟରେ କାବ୍ୟ କବିତାର ବିଷୟବସ୍ତୁ ଗତିଶୀଳ । ସାଧାରଣ ମଣିଷ ଜୀବନ କାରୁଣ୍ୟ, ସ୍ନେହ, ଚାତୁର୍ଯ୍ୟ ଆଦିକୁ ଏକ ନୂତନ ଶୈଳୀରେ ପରିବେଷଣ ତଥା ଉପସ୍ଥାପନ କରିବାର ମାର୍ଗଟିଏ ପ୍ରସ୍ତୁତ କରିପାରିଛନ୍ତି । ସେ ଜଣେ ଉଚ୍ଚକୋଟୀର ଜୀବନବାଦୀ କାବ୍ୟଶିଳ୍ପୀ । 'Style is the man' - ଶୈଳୀ ହିଁ ମଣିଷ । ଜୀବନ ପ୍ରତି ଏକ ଦୁର୍ନିବାର ଆକର୍ଷଣ ପ୍ରବଳ ଭାବରେ ତାଙ୍କ କବିତାରେ ହୁଏ ଦୃଶ୍ୟମାନ । ଏଣୁ କବି କଭୀର ଆତ୍ମପ୍ରତ୍ୟୟର ସହିତ ନିଜର ଗଭୀର ମହାନୁଭବତାକୁ ପ୍ରକାଶ କରିବାରେ ଯଥେଷ୍ଟ ସକ୍ଷମ ତଥା ସମର୍ଥ ହୋଇଥିବାର ଜଣାଯାଏ । କବିଙ୍କ ଭାଷାରେ,

"ପ୍ରଣୟ ହାୟ ସଖି ଚପଳ ଅତି
ବତାସି ପରି ଆସେ
ନିଖିଳ ପ୍ରାଣ ଗ୍ରାସେ ।"
(ପାଶୋର ପ୍ରଣୟ-ଧୂପ)

ପ୍ରକୃତିପ୍ରାଣ ମାନସିଂହ ଆଜୀବନ ପ୍ରକୃତିର ସହ ଗଭୀର ଆତ୍ମୀୟତା ସୃଷ୍ଟି କରିପାରିଛନ୍ତି । ଜଣେ ସଫଳ ରୋମାଣ୍ଟିକ କବି ଭାବରେ ଜଗତର ସକଳ ବସ୍ତୁ ନିକଟରେ ମାନବୀୟ ଭବସତ୍ତାକୁ ବେଶ ମାର୍ମିକ ତଥା ସଂଚରଣ ଭାବରେ ଅନୁଭବ କରିପାରିଛନ୍ତି । ରୋମାଣ୍ଟିକ ଚେତନା ସଂପର୍କରେ ଡ. ସଂଘମିତ୍ରା ମିଶ୍ର ତାଙ୍କର 'କବି ମାୟାଧଣ ମାନସିଂହଙ୍କ କବିତାରେ ପ୍ରକୃତି' ଶୀର୍ଷକ ପ୍ରବନ୍ଧରେ ଯଥାର୍ଥରେ ଲେଖିଛନ୍ତି, "ଉଚ୍ଚକୋଟୀର କଳ୍ପନା ଓ ବ୍ୟକ୍ତିଗତ ଆବେଗାନୁଭୂତିର ସାର୍ବଜନୀନ ପ୍ରକାଶ

ରୋମାଣ୍ଟିସଜିନ୍‌ର ମୂଳକଥା । 'ପ୍ରକୃତି' ରୋମାଣ୍ଟିକ କାବ୍ୟ ଚେତନାର ଅନ୍ୟତମ ବିଭବ । ଏହି ପ୍ରକୃତି ପରିଦୃଶ୍ୟମାନ ନୁହେଁ ବରଂ ଅନୁଭବର ଆଲୋକରେ ଆଲୋକିତ ଏକ ସ୍ୱତନ୍ତ୍ର ସତ୍ତା ଯିଏ ମନୁଷ୍ୟର ବଞ୍ଚିବାକୁ ଅର୍ଥମୟ କରେ । ତେଣୁ ପ୍ରକୃତି ପାଲଟିଯାଏ ଜାଗ୍ରତ ସତ୍ତାଟିଏ । ସେ ମନୁଷ୍ୟ ଦୁଃଖରେ କାନ୍ଦେ । ସୁଖରେ ଆନନ୍ଦିତ ହୁଏ । ତା'ର ଦୁର୍ଦ୍ଦିନରେ ବନ୍ଧୁ ଭଳି ପାଖରେ ଠିଆ ହୁଏ । ଶିଶୁ ଭଳି ସେ ଅଝଟ ହୁଏ । ମାଆ ଭଳି ମଧ୍ୟ ଆକଟ କରେ । ପ୍ରକୃତିର ଶକ୍ତି ମଣିଷଶକ୍ତିଠାରୁ ଅଧିକ । ତେଣୁ ସେ ମନୁଷ୍ୟକୁ ଦୈନନ୍ଦିନ ଜୀବନ ଯାତ୍ରାର ମାଳିନ୍ୟ ମଧ୍ୟରୁ ଊର୍ଦ୍ଧ୍ୱକୁ ନେବାର ଶକ୍ତି ମଧ୍ୟ ରଖେ ।" ମାୟାଧର ମାନସିଂହ ଜଣେ ନିଛକ ରୋମାଣ୍ଟିକ କବି । ରୋମାଣ୍ଟିକ ଚେତନାକୁ ଯଥାଯଥ ଭାବରେ ପରିବେଷଣ କରିବା ଦିଗରେ ନିପୁଣ ଚିତ୍ରକରଟିଏ । ତାଙ୍କର ସାରସ୍ୱତ ସୃଷ୍ଟି ସମ୍ଭାର ମଧ୍ୟରେ ଗଭୀର ମହାନୁଭବତାର ଚରମ ଓ ପରମ ନିଦର୍ଶନ ଯେଉଁଳି ଭାବରେ ଦୃଶ୍ୟମାନ ହୁଏ, ତା'ର ମନୋରମ ଦୃଷ୍ଟି ଓ ଦିଗନ୍ତକୁ ନିଶ୍ଚୟ ସ୍ୱୀକାର କରିବାକୁ ହେବ ହିଁ ହେବ । ସର୍ବୋପରି ସେ ଜଣେ ଉଚ୍ଚକୋଟିର କାବ୍ୟଶିଳ୍ପୀ ଅଟନ୍ତି ।

ଗ୍ରାମ/ ପୋ-ଦଲଦଲି, ଭାୟା - କୁଣ୍ଡୁକେଲା,
ଜିଲ୍ଲା - ସୁନ୍ଦରଗଡ଼-୭୭୦୦୧୯
ଫୋନ - ୯୮୬୧୩୬୪୩୯୫

With Best Compliments from :

# THREE ACES GLOBAL LOGISTICS PVT. LTD.

35 A , Siddhart C hambers II, Kalu Sarai, Hauz Khas, New Delhi - 110016
Phone : +91 11 26960451
Email : accounts@3acesglobal.com
AAACT0334RRST002 CHA No. R - 4/93 PAN : AAACT0334R

Website : www.3acesglobal.com

# ନାଗପୁରରେ ଓଡ଼ିଆ ଉଦ୍ୟୋଗୀ

■ ଭୁବନାନନ୍ଦ ତ୍ରିପାଠୀ

ଭାରତର ମଧ୍ୟସ୍ଥଳରେ ଅବସ୍ଥିତ ନାଗପୁର ସହର ମହାରାଷ୍ଟ୍ର ପ୍ରଦେଶର ଉପ ରାଜଧାନୀ ଭାବେ ପରିଚିତ । ଏହା ସାରା ଭାରତରେ ଏକ ବଡ଼ ରେଳ ଜଙ୍କସନ ଏବଂ ଏ ସ୍ଥାନରୁ ଉତ୍ତରରେ ଦିଲ୍ଲୀ, ଦକ୍ଷିଣରେ ଚେନ୍ନାଇ, ପୂର୍ବରେ କଲିକତା ତଥା ପଶ୍ଚିମରେ ମୁମ୍ବାଇ ସହର ସମାନ ଦୂରତାରେ ଅବସ୍ଥିତ । ମହାରାଷ୍ଟ୍ରରେ ଅବସ୍ଥିତ ହେଲେ ସୁଦ୍ଧା ଶିକ୍ଷା, ସ୍ୱାସ୍ଥ୍ୟ ଓ ବ୍ୟବସାୟଜନିତ କାମରେ ନିକଟବର୍ତ୍ତୀ ରାଜ୍ୟ ଯଥା ମଧ୍ୟପ୍ରଦେଶ, ଛତିଶଗଡ଼, ଆନ୍ଧ୍ରପ୍ରଦେଶର ବାସିନ୍ଦାମାନଙ୍କ ସହିତ ନାଗପୁର ସହରର ନିକଟ ସଂପର୍କ ରହିଛି । ଏ ସହରରେ ଓଡ଼ିଆ ଭାଷାଭାଷୀ ବାସିନ୍ଦାମାନଙ୍କ ସଂଖ୍ୟା ନଗଣ୍ୟ । ତଥାପି ବିଭିନ୍ନ କାମରେ ନିୟୋଜିତ ଓଡ଼ିଆ ଲୋକଙ୍କୁ ହିସାବକୁ ନେଲେ ପାଞ୍ଚ ହଜାର ପାଖାପାଖି ହେବେ ବୋଲି ଅନୁମାନ କରାଯାଏ ।

ଏ ସହରରେ ଜଣେ ଓଡ଼ିଆ ଯୁବ ଉଦ୍ୟୋଗୀ ନିଜର ଆସ୍ଥାନ ଜମାଇଛନ୍ତି । ଏଇଠି ନିଜର ଘର ତିଆରି କରି ବସବାସ କରିବା ସଙ୍ଗେ ସଙ୍ଗେ ନିଜ ବ୍ୟବସାୟ ପ୍ରତିଷ୍ଠାନ ଚଳାଉଛନ୍ତି । ଏ ଖବର ଶୁଣିବା ପରେ ମୋର ଉତ୍କଣ୍ଠା ବଢ଼ିଯାଇଥିଲା । ତାଙ୍କୁ ଭେଟିବା ପାଇଁ ତାଙ୍କ ବାସଗୃହ ଦେଖିବା ପାଇଁ ପ୍ରବଳ ଇଚ୍ଛା ଜାଗି ଉଠିଥିଲା । ମାତ୍ର ତାଙ୍କ ବିଷୟରେ ଶୁଣିବା ଦିନରୁ ତାଙ୍କୁ ଭେଟିବା ଦିନ ଭିତରେ ପ୍ରାୟ ବର୍ଷେ ସମୟ ପାରି ହୋଇଗଲା । ଅବଶ୍ୟ ତାଙ୍କ ବିଷୟରେ ଶୁଣିବା ପରେ ତାଙ୍କ ସହିତ ଫୋନ୍‌ରେ କଥା ହୋଇଛି, ତାଙ୍କ ବ୍ୟବସାୟ ପ୍ରତିଷ୍ଠାନ ବିଷୟରେ ବିଶେଷ ବିବରଣୀ ସଂଗ୍ରହ କରିଛି । ଭେଟ୍ ହେବା ପାଇଁ ଆନ୍ତରିକ ଚେଷ୍ଟା କରିଥିଲେ ସୁଦ୍ଧା କେବେ ସେ ରହୁ ନଥିଲେ ତ କେବେ ମୋତେ ସମୟ ମିଳୁ ନଥିଲା । ଅବଶ୍ୟ ନାଗପୁର ସହର ବାହାରେ ଲେଖକର ବାସସ୍ଥାନ (ଚନ୍ଦ୍ରପୁର) ନାଗପୁର ସହରରୁ ପ୍ରାୟ ୪ ଘଣ୍ଟାର ବାଟ ।

ଯୁବ ଉଦ୍ୟୋଗୀଙ୍କ ନାଁ ହେଲା ଗଣେଶ ଚନ୍ଦ୍ର ଦାସ । ଶ୍ରଦ୍ଧାରେ ତାଙ୍କ ପରିଚିତ ଲୋକମାନେ ଡାକନ୍ତି ଗଣେଶ ଭାଇ । ବୟସ ୪୫ ବର୍ଷ । ଜନ୍ମ ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଅଞ୍ଚଳର ଟିନା ଗ୍ରାମରେ । ଇଂଜିନିୟରିଂ ଶିକ୍ଷା ଶେଷ କରି ରାଉରକେଲା ଓ ଅନୁଗୁଳରେ ଅଳ୍ପ ଦିନ ପାଇଁ କାମ କରିବା ପରେ ସେ ବାଲେଶ୍ୱର ଇସ୍ପାତ ଆଲଏଜ୍‌ରେ ନିଜର ସ୍ଥାୟୀ ଚାକିରୀ ଜୀବନ ଆରମ୍ଭ କରିଥିଲେ । ଦୀର୍ଘ ଦଶବର୍ଷ କାର୍ଯ୍ୟକାଳ ଭିତରେ ସେ ପାୱାର ପ୍ଲାଣ୍ଟ ପରିଚାଳନାରେ ଦକ୍ଷତା ହାସଲ କରିଥିଲେ । ଅଭିଜ୍ଞତା ସଂଗ୍ରହ ଉଦ୍ଦେଶ୍ୟରେ ସେ ନିଜର କାର୍ଯ୍ୟ ଅନେକ ଥର ବଦଳାଇଛନ୍ତି । ଏହି କ୍ରମରେ ସେ ଜେ.କେ. ସିମେଣ୍ଟ (ଉଦୟପୁର), ନୀଳାଚଳ ଇସ୍ପାତ (ଡୁବୁରୀ), ଇସ୍ପାତ ମାଙ୍ଗାନିଜ ମାଇନ୍ସ (ବାଲାଘାଟ) ଓ ଏସ୍.ପି.ଜେ. ଷ୍ଟିଲ (ଭୋପାଲ) ଆଦି କଂପାନୀରେ ସେବା ଦେଇଥିଲେ । ଏଇପରି ବିଭିନ୍ନ କଂପାନୀରେ ସେବା ଦେଇ ସେ ଚାକିରୀ କ୍ଷେତ୍ରରେ ନିଜର ଅଭିଜ୍ଞତା ପରିସର ବୃଦ୍ଧି କରିଚାଲିଥିଲେ । ସେ ପାୱାର ପ୍ଲାଣ୍ଟ ପରିଚାଳନା ସହିତ ଓର୍ ମାଇନିଂ ଓ ଓର୍ ପ୍ରସେସିଂ ଆଦି କ୍ଷେତ୍ରର ବିଶେଷ ଜ୍ଞାନ ପ୍ରାପ୍ତ କରିଥିଲେ । ଚାକିରୀ କାଳ ଭିତରେ ସେ ମଧ୍ୟପ୍ରଦେଶର ବିଭିନ୍ନ ସରକାରୀ ବିଭାଗ ସହିତ ସୁସଂପର୍କ ପ୍ରତିଷ୍ଠା କରିପାରିଥିଲେ ତଥା ପରିଚାଳନା କ୍ଷେତ୍ରର ସୂକ୍ଷ୍ମ ଦିଗକୁ ବେଶ ଅନୁଧ୍ୟାନ କରିପାରିଥିଲେ । ଏଇ ସମୟରେ ତାଙ୍କ ମନରେ ସ୍ୱାଧୀନ ବ୍ୟବସାୟ କରିବା ପାଇଁ ଅଭିଳାଷ ଆସିଥିଲା । ସମୟ କ୍ରମେ ଏଇ ଅଭିଳାଷର ପରିପୂରଣ ହୋଇଥିଲା ।



ଚାକିରୀ କ୍ଷେତ୍ରରେ ଗଣେଶ ଭାଇ ମଧ୍ୟପ୍ରଦେଶର ବାଲାଘାଟରେ ରହୁଥିବା ବେଳେ କଂପାନୀର କାମରେ ବିଭିନ୍ନ ସରକାରୀ ଅଫିସ୍‌କୁ ବାରମ୍ବାର ଯିବା ଆସିବା କରୁଥିଲେ ଓ ଏଇ କାମ ଭିତରୁ ସେ ବୁଝିପାରିଲେ ମାଙ୍ଗାନିଜ ଖଣିର ଲିଜ୍ ସଂଗ୍ରହ କରିବାର ଉପାୟ । ଏଇଠି ତାଙ୍କ ମନରେ ଉଦ୍ୟୋଗୀ ହେବାର ସ୍ୱପ୍ନ ଜାଗି ଉଠିଥିଲା । ଇଚ୍ଛା ଥିଲେ ଉପାୟ ମିଳେ ନ୍ୟାୟରେ ସେ ଦୁଇଟି ମାଙ୍ଗାନିଜ ଖଣିର ଲିଜ୍ ହାସଲ କରିପାରିଲେ । ଏଇ ନୂଆ ଲିଜ୍‌ରେ ମାଇନିଂ କାମ ଆରମ୍ଭ କରିଦେଲେ । ମାଇନିଂରୁ ମାଙ୍ଗାନିଜ ପଥର ଉତ୍ପାଦନ ଓ ବିକ୍ରି ଆରମ୍ଭ ହେବା ପରେ ସେ ବୁଝିପାରିଲେ ଯେ ଚାକିରୀ ଅପେକ୍ଷା ବ୍ୟବସାୟରେ ରୋଜଗାର ପରିମାଣ କେବଳ ଅଧିକ ନୁହଁ ବରଂ ଅନେକ ଗୁଣରେ ଅଧିକ । ସେ ଏବେ ଚାକିରୀ ଛାଡ଼ିଦେଇ ଜଣେ ଖଣି ମାଲିକ ଭାବେ ଆଗେଇ ଚାଲିଲେ । ଖଣି ଦୁଇଟି ଥିଲା ମଧ୍ୟପ୍ରଦେଶର ଛିନ୍ଦୱାଡ଼ା ଜିଲ୍ଲାରେ । ଖଣି କାର୍ଯ୍ୟ ଦୁଇ ବର୍ଷ ସୁରୁଖୁରୁରେ ଚାଲିଲା । ଖଣି କାମ ପାଇଁ ମାଇନ୍ସ ନିକଟରେ ଥିବା ସୌହର ନାମକ ଏକ କ୍ଷୁଦ୍ର ସହରରେ ସପରିବାର ରହିବାକୁ ପଡୁଥିଲା । ଏଇଠି ନିଜ ଭବିଷ୍ୟତ ପାଇଁ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରି ଗଣେଶ ଭାଇ ସ୍ଥିର କଲେ ଯେ ସେ ନିଜର କାର୍ଯ୍ୟକ୍ଷେତ୍ର ନାଗପୁରକୁ ଉଠାଇନେବେ । ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଥମେ ବାସଗୃହର ଯୋଗାଡ଼ କଲେ । ବାସସ୍ଥାନ ପାଇଁ ପ୍ଲଟ କିଣିଲେ । ଏଇ କିଣା ପ୍ଲଟରେ ନିଜର ବାସଗୃହ ନିର୍ମାଣ କରି ବସବାସ

ଆରମ୍ଭ କରଛନ୍ତି ଦୁଇ ବର୍ଷ ତଳୁ ୨୦୦୯ ମସିହାରେ। ଘରର ନାଁ ନିଜ ପିତାଙ୍କ ନାଁରେ 'ରବୀନ୍ଦ୍ର କୁଞ୍ଜ' ରଖିଛନ୍ତି, ଯାହାକି ନାଗପୁର ସହରର 'ଜରିପଟକା' ଅଞ୍ଚଳରେ ନାଗଭୂମି ସୋସାଇଟିର ଅନ୍ତର୍ଗତ।

ଖଣି କାମରେ ଲାଗିଥିବା ବେଳେ ଗଣେଶ ଭାଇ ବୁଝିପାରିଲେ ତାଙ୍କ ପାଇଁ ଏ ସୀମିତ କାର୍ଯ୍ୟକ୍ଷେତ୍ର ଯଥେଷ୍ଟ ନୁହଁ, ବରଂ ଖଣି ଆରମ୍ଭ ପୂର୍ବରୁ ଯେତେକ ପ୍ରାରମ୍ଭିକ କାମ, ଯଥା - ଜାଗା ଚିହ୍ନଟ, ଖଣି ବିଭାଗ ଅନୁମତି, ଜଙ୍ଗଲ ବିଭାଗ ଅନୁମତି, ରାଜସ୍ୱ ବିଭାଗ ଅନୁମତି ଆଦି ସଂଗ୍ରହ କରିବା ସଙ୍ଗେ ସଙ୍ଗେ ପରବର୍ତ୍ତୀ ସ୍ତରରେ ପ୍ରସ୍ପେକ୍ଟିଂ ଲିଜ୍ ଓ ମାଇନିଂ ଲିଜ ସଂଗ୍ରହ କରିବା ହେଉଛି ଖଣି ଆରମ୍ଭ ପୂର୍ବ ପ୍ରସ୍ତୁତି। ଖଣି ଚଳାଇବା କାମ ତୁଳନାରେ ଖଣି ଲିଜ୍ ହାସଲ କରିବାର କାମ ଅପେକ୍ଷାକୃତ କଷ୍ଟସାପେକ୍ଷ ତଥା ସମୟସାପେକ୍ଷ। ଖଣି ଲିଜ୍ ହାସଲ କରିବା ପାଇଁ ସ୍ୱତନ୍ତ୍ର ଅଭିଜ୍ଞତା, ସ୍ୱତନ୍ତ୍ର କାର୍ଯ୍ୟଶୈଳୀ ତଥା ଅସୀମ ଧୈର୍ଯ୍ୟର ଆବଶ୍ୟକ। ଏ କ୍ଷେତ୍ରରେ ଅଭିଜ୍ଞ ଲୋକମାନଙ୍କର ଅଭାବ ଥିବା ବିଷୟକୁ ଗଣେଶ ଭାଇ ଉପଲବ୍ଧି କରିପାରିଲେ ଏବଂ ନିଜର ଅନୁଭୂତି-ଅଭିଜ୍ଞତା ଏ କ୍ଷେତ୍ର ପାଇଁ ଉପଯୁକ୍ତ ହେବ ବୋଲି ବୁଝିପାରିଲେ। ତେଣୁ ସେ ସ୍ଥିର କଲେ ଏବେ ଖଣି ମାଲିକ ଭୂମିକା ଛାଡ଼ିଦେଇ ଗ୍ରହଣ କରିବେ ନୂଆ ଏକ ଭୂମିକା। ତା'ହେଲା ମାଇନିଂ କ୍ଷେତ୍ରରେ ଉପଦେଷ୍ଟା ବା କନସଲଟାଣ୍ଟ। ଏଥିପାଇଁ ନିଜର ଦୁଇଟି ନୂଆ କଂପାନୀ ଖୋଲିଲେ, ନାଁ ଦେଲେ 'ଓର୍ ଏକ୍ସପ୍ଲୋରେସନ୍ ପ୍ରାଇଭେଟ୍ ଲିମିଟେଡ' ଏବଂ 'ଏମ୍.ଏସ୍. ମାଙ୍ଗାନିଜ ଓର୍ ପ୍ରାଇଭେଟ ଲିମିଟେଡ'। ଏଇ ଦୁଇ କଂପାନୀର ମୁଖ୍ୟାଳୟ ରଖିଲେ ନାଗପୁରରେ, ନିଜ ବାସଗୃହର ଏକ ଅଂଶରେ।

ଏଇ କନ୍‌ସଲଟାନ୍ସି କଂପାନୀର ମୁଖ୍ୟ ହେଲେ ଗଣେଶ ଭାଇ ଓ ସହଯୋଗୀ ହେଲେ ତାଙ୍କ ସ୍ତ୍ରୀ ଶ୍ୱେତପଦ୍ମା ଦାସ। କଂପାନୀ ଆରମ୍ଭ କରି ନୂଆ କ୍ଷେତ୍ରରେ ପ୍ରବେଶ କରିବା ପାଇଁ ଗଣେଶ ଭାଇଙ୍କ ପୁଞ୍ଜି ହେଲା ନିଜ ଚାକିରୀ କାଳର କିଛି ସଞ୍ଚିତ ଅର୍ଥ। ଅଧିକ ପୁଞ୍ଜି ସଂଗ୍ରହ ପାଇଁ ସେ ନିଜର ଦୁଇଟିଯାକ ମାଙ୍ଗାନିଜ ଖଣି ବିକ୍ରି କରିଦେଲେ। ପାଠକ ଜାଣି ଖୁସି ହେବେ ଯେ ମାଙ୍ଗାନିଜ ପଥରର ଚାହିଦା ବିଶ୍ୱ ଜଗତରେ ବେଶ୍ ଅଧିକ ଏବଂ ଏହା ଏକ ମୂଲ୍ୟବାନ କଞ୍ଚାମାଲ ଭାବେ ପରିଗଣିତ। ଏଣୁ ଦୁଇ ଖଣିର ବିକ୍ରିଲବ୍ଧ ଧନ ତାଙ୍କ ନିଜର ବାସଗୃହ ନିର୍ମାଣ ତଥା ଆନୁସଙ୍ଗିକ ପ୍ରସ୍ତୁତି ପାଇଁ ବିନିଯୋଗ ହୋଇଥିଲା। ଏବେ ସେଇ ପୁଞ୍ଜିକୁ ନେଇ ସେ ନିଜର କଂପାନୀକୁ ଚଳାଉଛନ୍ତି। ନୂଆ ଖଣି ଲିଜ୍‌ର ସଂଗ୍ରହ କାମରେ ଆବଶ୍ୟକ ପଦକ୍ଷେପ ନେଇ ସେ ଏବେ ଆଗେଇ ଚାଲିଛନ୍ତି। ଯେତେ ଶୀଘ୍ର ଖଣି ଲିଜ୍ ହାତକୁ ଆସିବ, ତାଙ୍କ ବ୍ୟବସାୟ ସେତିକି ବଢ଼ିବ ଓ ତାଙ୍କ ଭବିଷ୍ୟତ ଏହି ବ୍ୟବସାୟର ସଫଳତା ଉପରେ ନିର୍ଭର କରୁଛି।

ଗଣେଶ ଭାଇଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଶ୍ୱେତପଦ୍ମାଙ୍କ ସହିତ ଦୁଇ ସନ୍ତାନ, ଝିଅ ସ୍ୱୟଂଶ୍ରୀ ଓ ପୁଅ ସୋହମ ରହନ୍ତି। ପିଲା ଦୁଇଜଣ ସ୍ଥାନୀୟ ସ୍କୁଲରେ ଅଧ୍ୟୟନ କରନ୍ତି। ଗଣେଶ ଭାଇ ମା-ବାପାଙ୍କ ଚତୁର୍ଥ ସନ୍ତାନ ଏବଂ ତାଙ୍କ ମା' ଆସି ଅଧିକାଂଶ ସମୟରେ ତାଙ୍କ ପାଖରେ ରହୁଛନ୍ତି। ଗଣେଶ ଭାଇଙ୍କର ଭାଇ ଓ ଭଉଣୀମାନେ ଓଡ଼ିଶାର ଭିନ୍ନ ଭିନ୍ନ ଜାଗାରେ କାର୍ଯ୍ୟରତ ଅଛନ୍ତି। ଗଣେଶ ଭାଇ ନିଜ କର୍ମକ୍ଷେତ୍ରରେ ବ୍ୟସ୍ତ ରହିବା ସଂଗେ ସଂଗେ ନାଗପୁର ଓଡ଼ିଆ ସମାଜର ଜଣେ ସକ୍ରିୟ କାର୍ଯ୍ୟକର୍ତ୍ତା। ଏଠି ରେଳଷ୍ଟେସନର ଅନାଥ ପିଲାଙ୍କ ପାଇଁ ଗଢ଼ି ଉଠିଥିବା ଅନାଥାଶ୍ରମର ସେ ଜଣେ ପୃଷ୍ଠପୋଷକ। ନାଗପୁର ଏବଂ ଭୋପାଳ ସ୍ଥିତ ଜଗନ୍ନାଥ ମନ୍ଦିରର ସେ ଜଣେ ଟ୍ରଷ୍ଟି। ସେହିପରି ଓଡ଼ିଶାରେ ଥିବାବେଳେ ସେ ସୁଏଲପୁରରେ ତଥା ବାଲିଆ ସରସ୍ୱତୀ ଶିଶୁ ମନ୍ଦିର ଅନୁଷ୍ଠାନରେ ସଭାପତି ଓ ସଂପାଦକ ପଦ ଗ୍ରହଣ କରି ପରିଚାଳକର ଦାୟିତ୍ୱ ବହନ କରିଥିଲେ। ଓଡ଼ିଶାରେ ଘଟିଥିବା ଭିନ୍ନ ଭିନ୍ନ ଦୁର୍ବିପାକ ଯଥା ୧୯୯୯ ମସିହାର ମହାବାତ୍ୟା, ଜଳେଶ୍ୱର ଘୂର୍ଣ୍ଣିବାତ୍ୟା, ବାରିପଦା ନିଗମାନନ୍ଦ ଆଶ୍ରମ କ୍ୟାମ୍ପ ପୋଡ଼ି ଆଦି ଘଟଣାରେ ଗଣେଶ ଭାଇ କେଶବ ସେବା ସମିତିର ଜଣେ ଆଗୁଆ କର୍ମୀ ହୋଇ କାମ କରିଛନ୍ତି। କଟକ, ପୁରୀ, ଦେବଗଡ଼, ଗଜପତି ଓ କୁଚିଣ୍ଡାରେ ଥିବା ଅନାଥାଶ୍ରମଗୁଡ଼ିକୁ ଭିନ୍ନ ଭିନ୍ନ ସମୟରେ ସହଯୋଗ ରାଶି ପଠାଇଥିବା ତାଙ୍କର ଏକ ନିୟମିତ ଅଭ୍ୟାସ।

ଗଣେଶ ଭାଇଙ୍କର ସ୍ୱପ୍ନ ଅଛି, ଦୁଇ ହଜାର ପରିବାର ପାଇଁ ରୋଜଗାର ସୃଷ୍ଟି କରିବେ। ତାଙ୍କ ନଜରରେ ଆସୁଥିବା ଲୋକଙ୍କ ଭିତରେ କେହି ଅନାଥ ରହିବେ ନାହିଁ। ବିଶେଷ ଭାବେ ଅନାଥ ଶିଶୁଙ୍କୁ ଖାଦ୍ୟ, ବସ୍ତ୍ର, ବାସଗୃହ ସହିତ ଶିକ୍ଷା ଓ ସ୍ୱାସ୍ଥ୍ୟର ଯଥେଷ୍ଟ ସୁବିଧା ପ୍ରାପ୍ତ କରାଇବେ। ୧୦୦ ଶଯ୍ୟା ବିଶିଷ୍ଟ ଗୋଟିଏ ବୃଦ୍ଧାଶ୍ରମ ସ୍ଥାପନ କରିବେ। ନିଜ କଳ୍ପନାର ପରିପୂରଣ ପାଇଁ ସେ ସର୍ବଦା ତତ୍ପର। ଆଜି ୪୫ ବର୍ଷ ବୟସରେ ଗଣେଶ ଭାଇ ଜୀବନର ଏକ ଆଖିଦୃଶିଆ ସ୍ତରରେ ପହଞ୍ଚିପାରିଛନ୍ତି। ଈଶ୍ୱରଙ୍କ ଆଶୀର୍ବାଦ ଫଳରେ ସେ ଉନ୍ନତିର ସୋପାନରେ ପାହାଚ ପରେ ପାହାଚ ପାର ହୋଇ ଉପରକୁ ଉଠି ଚାଲିବେ, ଏ ଆଶା ମୁଁ ପୋଷଣ କରୁଛି। ଏଇଠି ମନେ ପଡ଼େ ଓଡ଼ିଆ ଭାଗବତର ଦୁଇ ଧାଡ଼ିର ପଦଟିଏ -

ଧନ ଅର୍ଜନେ ଧର୍ମ କରି,
ଧନେ ପ୍ରାପତ ନରହରି।

ଗଣେଶ ଭାଇଙ୍କ ନିଜ ଜୀବନରେ ଉପରୋକ୍ତ ଭାଗବତ ବାଣୀ ପାଳନ ହେଉଛି ଏହା ମନେ ହୁଏ। ଈଶ୍ୱର ତାଙ୍କୁ ଏଇପରି ସଦ୍‌ବିଚାର, ସଦ୍‌ବୁଦ୍ଧି ଓ ସତ୍‌ସାହସ ଯୋଗାଇ ଦେଉଥାନ୍ତୁ, ଏହା କାମନା।

ମହା ପ୍ରବନ୍ଧକ (ପି ଏଣ୍ଡ ଏ), ସେଲ ରିଫ୍ରାକ୍ଟରୀ ୟୁନିଟ୍,
ବୋକାର ସିଟି, ଝାଡ଼ଖଣ୍ଡ

# କଥାସମ୍ରାଟ ଫକୀରମୋହନ

■ ବିଜୟଲକ୍ଷ୍ମୀ ପଟ୍ଟନାୟକ

ସମକାଳୀନ ଓଡ଼ିଶା ଓ ଓଡ଼ିଆ ଜନମାନସର ଚିତ୍ର ଅଙ୍କନ କରି ଓଡ଼ିଆ ଭାଷା ସାହିତ୍ୟକୁ ଓ ଜାତୀୟତାକୁ ଏକ ନୂତନ ଦିଗ୍‌ଦର୍ଶନ ଦେବା ଦିଗରେ ଯେଉଁ ସାରସ୍ୱତ କ୍ରାନ୍ତିକାରୀ ସ୍ରଷ୍ଟା ଓ ସାଧକ ଗଣ ଏ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇଥିଲେ ସେମାନଙ୍କ ମଧ୍ୟରୁ ବ୍ୟାସକବି ଫକୀରମୋହନ ସେନାପତି ଅନ୍ୟତମ। ତାଙ୍କର ଜନ୍ମ ୧୮୪୩ ମସିହା ଜାନୁଆରୀ ୧୩ ତାରିଖ ପବିତ୍ର ମକର ସଂକ୍ରାନ୍ତି ଅବସରରେ। ତାଙ୍କର କବି ବ୍ୟକ୍ତିତ୍ୱର ଉନ୍ମେଷ ଘଟିଥିଲା ୧୮୭୩ ମସିହାରୁ। ଆଧୁନିକ ଶିକ୍ଷା ସଚେତନତା, ଆଧୁନିକ ଶିକ୍ଷା ବିସ୍ତାର, ପାଶ୍ଚାତ୍ୟ ଶିକ୍ଷା ଓ ସଭ୍ୟତାର ଅନୁବର୍ତ୍ତନ ପାଠ୍ୟପୁସ୍ତକ ଆନ୍ଦୋଳନ ମାଧ୍ୟମରେ ହିଁ ଗଢ଼ିଉଠିଥିଲା। ଏହି ପୃଷ୍ଠଭୂମିରେ ବ୍ୟାସକବି ଫକୀରମୋହନଙ୍କ ଅଭ୍ୟୁଦୟ। ତେଣୁ ରାଧାନାଥ, ମଧୁସୂଦନଙ୍କ ପରି ଫକୀରମୋହନଙ୍କ ଆର୍ବିଭାବ ହୁଏ ପାଠ୍ୟପୁସ୍ତକର ରଚୟିତା ଭାବରେ। ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ମଧ୍ୟରୁ ଓଡ଼ିଆ ଭାଷା ସାହିତ୍ୟ-ସଂସ୍କୃତିର ସୁରକ୍ଷା ପାଇଁ ରାଧା-ମଧୁ-ଫକୀରଙ୍କ ପରି ତ୍ରିବେଣୀର ସଙ୍ଗମରେ ହିଁ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରୟାଗ ଗଢ଼ି ଉଠୁଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବାଲେଶ୍ୱରରେ ବଙ୍ଗଳା ଭାଷା ସାହିତ୍ୟ ଓ ଅପ ସଂସ୍କୃତିର ବଳିଷ୍ଠ ପ୍ରଭାବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିର ସଂକଟ ବିଶେଷତଃ ଭାଷାଲୋପ ଆନ୍ଦୋଳନ ସମୟରେ ଫକୀର ମୋହନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

ଫକୀରମୋହନଙ୍କ ଆତ୍ମଚରିତ ସେ କାଳର ଏକ ଐତିହାସିକ ଦଲିଲ। ଫକୀରମୋହନଙ୍କ ଆଦ୍ୟ ଜୀବନର ସଂଗ୍ରାମ ଓ ସାଧନାର ସ୍ୱାଭାବିକ ପରିଣତି ସ୍ୱରୂପ ୧୮୭୧ରୁ ୧୮୯୬ ଭିତରେ ନୀଳଗିରି, ଢେଙ୍କାନାଳ, ଦଶପଲ୍ଲା, ପାଲଲହଡ଼ା ଓ କେନ୍ଦୁଝରର ଶାସକ ଭୂମିକା ଏବଂ ଏହାରି ଭିତରେ ଜନସାଧାରଣଙ୍କର ସଂସ୍ପର୍ଶରେ ଆସି ମଣିଷ ଜୀବନରେ ବାସ୍ତବ ଅନୁଭୂତି ଆହରଣର ସୁଯୋଗ ହିଁ ପରବର୍ତ୍ତୀ ଜୀବନରେ ତାଙ୍କ ସୃଷ୍ଟି ଚେତନାକୁ ସମୃଦ୍ଧ କରିଛି। ରାଧାନାଥ କାବ୍ୟ ସ୍ରଷ୍ଟା ରୂପେ, ମଧୁସୂଦନ ଗୀତିକାର ଭାବେ ଆଧୁନିକ ଓଡ଼ିଆ ସାହିତ୍ୟର ବଳିଷ୍ଠ ଭିତ୍ତିଭୂମି ଗଢ଼ିଥିଲେ ମାତ୍ର ଫକୀରମୋହନଙ୍କ ଲେଖନୀ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ସେତେବେଳେ ଅନୁକୂଳ ପରିବେଶ ପାଇ ନଥିଲା। ପରବର୍ତ୍ତୀ ସମୟରେ ପୁତ୍ର ବିୟୋଗ, ଶାସନ ଜୀବନର ଅନୁଭୂତି, ପତ୍ନୀ ବିୟୋଗର ଦୁଃଖ ତାଙ୍କ ସୃଷ୍ଟି ଚେତନାକୁ ଗଭୀର ଭାବରେ ପ୍ରଭାବିତ କରିଥିଲା। ଫକୀରମୋହନ ଗଦ୍ୟକୁ କଳାର ଶୈଳ୍ପିକ ସୌନ୍ଦର୍ଯ୍ୟରେ ବିଭୂଷିତ କରିଥିଲେ।



ବୟସରେ ଉତ୍ତରାର୍ଦ୍ଧରେ ଏଗାରଟି କ୍ଷୁଦ୍ରଗଳ୍ପ ଓ ଚାରୋଟି ଉପନ୍ୟାସ ରଚନା କରି ଫକୀରମୋହନ ଓଡ଼ିଆ ଗଦ୍ୟ ସାହିତ୍ୟର ଜନକ ଭାବରେ ପ୍ରତିଷ୍ଠିତ ହୋଇଛନ୍ତି। ଏପରି ହୋଇଥିଲେ ମଧ୍ୟ ଫକୀରମୋହନଙ୍କ କାବ୍ୟ କବିତା କୌଣସି ଗୁଣରେ ରସହୀନ ବା କଳା ସୌନ୍ଦର୍ଯ୍ୟର ନିମ୍ନମାନର ନୁହେଁ। ତାଙ୍କୁ ଲେଖକ ସତ୍ତାର ମୌଳିକ ପୃଷ୍ଠଭୂମି ଏହି କବିତାଗୁଡ଼ିକୁ ନେଇ ହିଁ ଗତିଶୀଳ। ରାଧାନାଥ ଥିଲେ ସୁନ୍ଦରର ଉପାସକ, ମଧୁସୂଦନ ଥିଲେ ଶିବିର ଉପାସକ। ମାତ୍ର ଫକୀରମୋହନଙ୍କ ସାହିତ୍ୟ ଥିଲା ସତ୍ୟରେ ପ୍ରତିଷ୍ଠିତ। ଫକୀରମୋହନଙ୍କ ପ୍ରେରଣା ଓ ପ୍ରଭାବର ମୂଳ ହେଉଛନ୍ତି ବଙ୍କିମଚନ୍ଦ୍ର। ଫକୀରମୋହନଙ୍କ ବ୍ୟକ୍ତିତ୍ୱର ବାସ୍ତବ ସ୍ୱରୂପ ଫୁଟିଥିଲା ତାଙ୍କ ପିଲାକାଳର କ୍ଷୁଦ୍ର କ୍ଷୁଦ୍ର କବିତାରେ। କବି ଫକୀରମୋହନଙ୍କ ଉତ୍କଳ ଭ୍ରମଣ କାବ୍ୟଟି ଅତି ଚିତ୍ତାକର୍ଷକ। ଏଥିରେ ଜଣେ ମଠ ମହନ୍ତଙ୍କୁ ଲକ୍ଷ୍ୟ କରି ସେ ଲେଖିଥିଲେ - "ତଥି ମଧ୍ୟେ ଥିଲେ ଜଣେ ହୟଗ୍ରୀବ ଦାସ୍, ମହାପାଜି ସଇତାନ ବଡ଼ ବଦମାସ"। ଇଂରାଜୀ ପଢୁଆ ନୂଆ ନୂଆ ବାବୁମାନଙ୍କୁ ଲକ୍ଷ୍ୟ କରି ସେ ଲେଖିଥିଲେ, "ବାବୁମାନେ ହେଲେ ଇଂରାଜୀ ପଢୁଆ, ଓଡ଼ିଆ କହିଲେ ତାଙ୍କୁ ଲାଗିବ ଅଡୁଆ।" ଦୀର୍ଘକାଳ ବିଭିନ୍ନ ରାଜ୍ୟରେ ଶାସକ ଭାବରେ କାର୍ଯ୍ୟ କରିବା ଦ୍ୱାରା ଲୋକଚରିତ୍ରକୁ ସେ ଠିକ୍ ଭାବରେ ଅନୁଧ୍ୟାନ କରିପାରିଥିଲେ। ତେଣୁ ହାସ୍ୟରସାତ୍ମକ ଭାଷାରେ ଉଦାର ମାନବିକତା, ଜୀବନବୋଧ ଜୀବନ୍ତ 'ଉତ୍କଳ ଭ୍ରମଣରେ' ପ୍ରକାଶ ପାଇଛି। ପାଶ୍ଚାତ୍ ଶିକ୍ଷା ସଭ୍ୟତାର ଅନ୍ଧ ଅନୁସରଣରେ ଉନ୍ମାଦିତ ହୋଇଥିବା ନବ୍ୟ ସଭ୍ୟ ଯୁବକମାନଙ୍କୁ ସେ ତିବ୍ର ସମାଲୋଚନା କରି ଲେଖିଛନ୍ତି -

ଯେଉଁ ପାଠ ପଢ଼ିବାରେ ଦେଇଅଛ ମନ
ନ ବିଚାର ସେ ତ ନୁହେଁ ତୁମ ଗଣ୍ଠିଧନ
ପଢ଼ ଇଂରାଜୀ କେହି ମନା କରୁନାହିଁ

କିନ୍ତୁ ବାପା କାମ କର ଜାତିକୂଳ ଚାହିଁ
ଘୃଣା କରୁଅଛ ମାତୃଭାଷା ପଢ଼ିବାକୁ
ହାୟ-ହାୟ ଲାଜକଥା କହିବି କାହାକୁ ।

ଫକୀରମୋହନଙ୍କ ସାହିତ୍ୟରେ ଅନ୍ୟ ଏକ ବିଶିଷ୍ଟ ଦିଗ ହେଉଛି ପଲ୍ଲୀ ସମାଜ । ପଲ୍ଲୀ ଜୀବନର ସୁଖ ଦୁଃଖ ହସ-କାନ୍ଦ ଓ ଚଳଣି ସଂପର୍କରେ ଚିତ୍ର ପ୍ରଦାନ କରିବାରେ ସେ, ସେ କାଳର ସମସ୍ତ ସ୍ରଷ୍ଟାଙ୍କୁ ଅତିକ୍ରମ କରିଯାଇଛନ୍ତି । 'ରେବତୀ' ଗଳ୍ପରେ ଫକୀରମୋହନ ଶ୍ୟାମବନ୍ଧୁ ମହାନ୍ତିଙ୍କ ଘରର ବିବରଣୀ ପ୍ରଦାନ କରିଛନ୍ତି । ସେହି ଗୋଟିଏ ଘରର ନକ୍ସା ଭିତରେ ଓଡ଼ିଶାର ପଲ୍ଲୀ ସମାଜର ହଜାର ହଜାର ଗୃହର ଚିତ୍ର ଆମ ଆଖି ଆଗରେ ଭାସି ଉଠେ । ସେନାପତି ସାହିତ୍ୟ ବ୍ୟକ୍ତିଗତ ଜୀବନ ଓ ସମକାଳୀନ ସମାଜର ଏକ ଶୈଳ୍ପିକ ରୂପାୟନ । ତାଙ୍କର ରଚିତ 'ମାମୁଁ' ଉପନ୍ୟାସରେ ରହିଛନ୍ତି ବହୁ ଅନ୍ତଃସ୍ରୋତା ଫଲ୍‌ଗୁ । ସରସ୍ୱତୀ ଓ ଚାନ୍ଦମଣିଙ୍କ ଠାରୁ ଆରମ୍ଭ କରି ଗେହ୍ଲେଇ ଭଳି ସାଧାରଣ ଗ୍ରାମ୍ୟ ମହିଳାମାନଙ୍କ ଭିତରେ ସ୍ରଷ୍ଟା ଅନୁଭବ କରିଛନ୍ତି ଫଲ୍‌ଗୁର ପବିତ୍ରତା । କଥା ସାହିତ୍ୟ ମାଧ୍ୟମରେ ଫକୀରମୋହନ ଓଡ଼ିଶାରେ ନାରୀ ଶିକ୍ଷାର ପ୍ରସାର ପାଇଁ ବୈପ୍ଳବିକ ଉଦ୍ୟମ ଆରମ୍ଭ କରିଥିଲେ । ମାତ୍ର ତାହା ଅସଂପୂର୍ଣ୍ଣ ରହିଗଲା । ତତ୍କାଳୀନ ଗ୍ରାମ୍ୟ ଜୀବନର ଅନ୍ଧ କୁ-ସଂସ୍କାର ଭିତରେ ବିମର୍ଷ ହୋଇପଡ଼ିଲା ସେନାପତିଙ୍କର ମାନସ କନ୍ୟା ।

କଥାସମ୍ରାଟ ଫକୀରମୋହନ ଭାରତୀୟ ଜୀବନ ଓ ଦର୍ଶନର ଏଇ ଶାଶ୍ୱତ ମୂଲ୍ୟବୋଧକୁ ପ୍ରତିଷ୍ଠା କରିବାର ଚେଷ୍ଟା କରିଛନ୍ତି ତାଙ୍କରି କଥା ଶିଳ୍ପରେ ଓ କାବ୍ୟ କବିତାରେ । ଧୂଳିମାଟିର ନିତିଦେଖା ଜୀବନ ଓ ପାର୍ଥିବ ଘଟଣା ଭିତରେ ଅପାର୍ଥିବ ସୌନ୍ଦର୍ଯ୍ୟର ଅମଳିନ ଦ୍ୟୁତିରେ ଭାସ୍ୱର ହୋଇଛି ତାଙ୍କ ସୃଷ୍ଟି । ନାନା ବିରୋଧାଭାସ ଅସଙ୍ଗତି, ଦୁଃଖଦୈନ୍ୟ ଓ ସାମାଜିକ ଶୋଷଣ କଷଣ ଭିତରେ ଶାଶ୍ୱତ ମଧୁମୟ ଜୀବନର ସତ୍ୟସନ୍ଧାନ କରିଛନ୍ତି । ଭାରତୀୟ ସଂସ୍କୃତି, ସଭ୍ୟତା ଓ ସାହିତ୍ୟକୁ କେନ୍ଦ୍ର କରି ଗଢ଼ି ଉଠିଥିବା ଜୀବନ ଓ ଦର୍ଶନର ଅଖଣ୍ଡ ପରମ୍ପରାରେ ଫକୀରମୋହନଙ୍କ ଗଭୀର ଆସ୍ଥା ଥିଲା । ନିୟତିର ଶକ୍ତିଶାଳୀ ବ୍ୟଞ୍ଜନା ଭିତରେ ମଣିଷର ଛୋଟ ଛୋଟ ଆଶା ଆକାଂକ୍ଷା କେତେ ଅକିଞ୍ଚିତ୍‌ରେ ଏକଥା ଫକୀରମୋହନ ଉପଲବ୍ଧି କରିଥିଲେ । ମାତ୍ର ଏ ଉପଲବ୍ଧି ଭିତରେ ତାଙ୍କର ଜୀବନଦୃଷ୍ଟି ନୈରାଶ୍ୟବାଦୀ ନ ହୋଇ ଗଭୀର ଆଶା ଭିତରେ ସେ ଅଖଣ୍ଡ ଜୀବନର ଶାଶ୍ୱତ ମୂଲ୍ୟବୋଧର ମହିମା ଗାନ କରିଛନ୍ତି । ସେଥିରେ ଜଣେ ଖାଣ୍ଟି ଓଡ଼ିଆ, ତାଙ୍କର ଅସଲ ନାମ ବ୍ରଜମୋହନ ମୁସଲମାନ ପୀରଙ୍କଠାରୁ ତାଙ୍କର ପ୍ରାଣ ରକ୍ଷା ହେବା ଦ୍ୱାରା ତାଙ୍କର ପିତାମହ ତାଙ୍କ ନାମକୁ ବଦଳାଇ ରଖିଲେ ଫକୀରମୋହନ । ଏହା ତାଙ୍କର ଆତ୍ମଚରିତରେ ସେ ଲେଖିଛନ୍ତି । କଳା ଓ ଜୀବନ ଓତଃପ୍ରୋତ ଭାବରେ ଜଡ଼ିତ ଏକ ତା'ର ମମତ୍ୱମୟ ପ୍ରକାଶ ହିଁ ଫକୀରମୋହନଙ୍କ ସୃଷ୍ଟି ଜଗତ । ବିଷାଦବାଦୀ କାବ୍ୟ ଚେତନାର ନାୟକ, କଥାକାର ସମ୍ରାଟଙ୍କର କବି ବ୍ୟକ୍ତିତ୍ୱ ଓ ବ୍ୟକ୍ତିଗତ ଜୀବନ ଜିଜ୍ଞାସାର ସ୍ୱରୂପ ଯଥାର୍ଥରେ ପ୍ରକଟିତ । ପରମ୍ପରାର ପୃଷ୍ଠଭୂମି ଉପରେ ନୂତନତାର ବେଦଗାନ ଫକୀରମୋହନଙ୍କ ସମାଜତତ୍ତ୍ୱର କ୍ରାନ୍ତିକାରୀ ଦୃଷ୍ଟି ଓ ଦର୍ଶନ । ତାଙ୍କ ସାହିତ୍ୟ ଯେ ମନ୍ମୟ ଆଲେଖ୍ୟ ତାହା ଅସ୍ୱୀକାର କରିହେବ ନାହିଁ ।

ଉପଜିଲ୍ଲାପାଳଙ୍କ ବାସଭବନ,
ନୂଆପଡ଼ା

*With Best Compliments from :*

# MITTAL & ASSOCIATES

# ସତ ହେଲେ ବି ମିଛ

■ ଭଗବାନ ଚନ୍ଦ୍ର ରାଉତ

ପ୍ରତିଦିନ ଅଫିସରୁ ଫେରିବା ବାଟରେ ଜଗୁ ଭାଇନା ଜଳଖିଆ ଦୋକାନରୁ ଗରମାଗରମ ଏକ ପ୍ଲେଟ ପକୋଡ଼ି ନ ଖାଇକି କପେ ସ୍ପେଶାଲ ଚା ନ ପିଇଲେ ମୁଁ ଘରକୁ ଫେରେନାହିଁ। ଅଫିସ ବନ୍ଦ ଦିନ ଜଗୁ ଭାଇନା ଦୋକାନ କଥା ମନେ ପଡ଼ିଗଲେ ପାଟିଟା ମୋର ଆପେ ଆପେ ଆଉଟୁ ପାଉଟୁ ହୁଏ। ଇଚ୍ଛା ହୁଏ ଯିବା ପାଇଁ ଦୋକାନକୁ। ସତ କଥା କହୁଛି, ଜଗୁଭାଇନା ଦୋକାନଟା ମୋ ଘରଠାରୁ ଦୂର ହୋଇ ନଥିଲେ ଛୁଟି ଦିନରେ ବି ମୁଁ ମାଡ଼ି ଯାଆନ୍ତି।

ଆଜି ମୋର ଉପରିସ୍ଥ ଅଫିସର ସରକାରୀ ଗସ୍ତରେ ବାହାରକୁ ଯାଇଥିବାରୁ ଅଫିସରେ ସେମିତି ବିଶେଷ କାମର ଭିଡ଼ ନଥାଏ। ଏଣୁ ବେଳାବେଳି ଅଫିସରୁ ବାହାରି ଆସି ଜଗୁଭାଇନା ଜଳଖିଆ ଦୋକାନ ଆଗରେ ଗାଡ଼ିର ବ୍ରେକ୍ କସିଲି। ଦୋକାନ ଭିତରକୁ ପଶୁ ପଶୁ କହିଲି କଣ ଭାଇନା ଏ ପର୍ଯ୍ୟନ୍ତ ଚୁଲିରେ କଡ଼ାଇ ବସି ନାହିଁ ଯେ।

ଜଗୁଭାଇନା ନିଜ ହାତ ବନ୍ଧା ଘଡ଼ିକୁ ଚାହିଁ ଦେଇ କହିଲା, ମାତ୍ର ତିନିଟା ତ ହୋଇଛି। ଆଜି ଏତେ ବେଳାବେଳି ଚାଲିଆସିଲୁ ଯେ ?

ଟିକିଏ ମୁରୁକି ହସି କହିଲି କଣ ସବୁଦିନେ ପାଞ୍ଚଟାରେ ଏଠାରେ ହାଜିର ହେବା ଦରକାର ? ଆଜି ଟିକିଏ ଫ୍ରି ଥିଲି ତ ବେଳାବେଳି ଚାଲି ଆସିଲି। କ'ଣ କଡ଼ାରେ ପକୁଡ଼ି ପଡ଼ିବା ଡେ଼ରିଅଛି ?

ଜଗୁଭାଇନା କହିଲା ବେସନ ଫେଣ୍ଟା ଚାଲିଛି। ଫ୍ୟାନ୍ ତଳେ ଟିକିଏ ବସି ଆରାମ କରନା, ଏବେ ଏବେ ବାହାରି ଯିବ। ଏହା କହି ଚାକର ଟୋକା ମାଧକୁ ବଡ଼ ପାଟି କରି କହିଲା, ଆରେ ମାଧ ! କୁଆଡ଼େ ଗଲୁ ? ଚୁଲିରେ କଡ଼ା ବସା। ଜାଳ ଅଯଥାରେ ନଷ୍ଟ ହେଉଛି ଯେ।

ମୁଣ୍ଡ ଓ ମୁହଁରୁ ନିଗିଡ଼ି ପଡୁଥିବା ଝାଳକୁ ରୁମାଲରେ ପୋଛୁଁ ପୋଛୁଁ ଥଣ୍ଡା ପାଣି ଗ୍ଲାସେ ଆଣିବା ପାଇଁ ମାଧକୁ ବରାଦ ଦେଇ ପାଖରେ ପଡ଼ିଥିବା ଚେୟାର ଟିକିଏ ଟାଣି ନେଇ ଫେନ୍ ଘୁରୁଥିବା ଟେବୁଲ ପାଖରେ ବସି ପଡ଼ିଲି।

ପାଣି ପିଉଁ ପିଉଁ ଦେଖିଲି ମୋର ବାଲ୍ୟ ବଂଧୁ ଅଧ୍ୟାପକ ଦେବେନ୍ଦ୍ର ମାହାନ୍ତି ଜଗୁଭାଇନା ଦୋକାନ ଭିତରକୁ ପଶି ଆସୁଛି। 



ପାଟି କରି କହିଲି ଆରେ ଦେବୁ ! ଏ ଅବେଳରେ ତୁ କିପରି ଏଠାରେ ? ଆ ଆ ଏଇଠି ବସି ଯା', କହି ପାଖରେ ପଡ଼ିଥିବା ଚେୟାରଟିଏ ତା ଆଡ଼କୁ ବଢ଼ାଇ ଦେଲି। ଜଗୁଭାଇନା ଉଦ୍ଦେଶ୍ୟରେ କହିଲି, ବୁଝିଲ ଭାଇନା ଆଜି ବେଳାବେଳି ଆସିଥିବାରୁ ତୁମର ଓ ମୋର ଉଭୟଙ୍କର ଲାଭ। ମୋର ବଂଧୁଦର୍ଶନ ସହିତ ତୁମର ଦୁଇପ୍ଲେଟ ପକୋଡ଼ି ବି ବିକ୍ରୀ ହେବ।

ଦେବେନ୍ଦ୍ର ମୁହଁରୁ ଝାଳ ପୋଛୁଁ ପୋଛୁଁ କହିଲା, ଆଷାଢ଼ ଶେଷ ହେବା ଉପରେ ବର୍ଷାର ଦେଖା ନାହିଁ। କି ଗୁଳୁଗୁଳି ପଡ଼ିଛିରେ ଅମରେନ୍ଦ୍ର। ଏ ବର୍ଷ ରାଜ୍ୟରେ ମରୁଡ଼ି ପଡ଼ିବ କିରେ ?

କହିଲି ପାଣିପାଗ ଦପ୍ତରତ ପ୍ରଚାର କରିଥିଲା, ଏ ବର୍ଷ ଓଡ଼ିଶାରେ ମୌସୁମୀ ପ୍ରବାହ ନିର୍ଦ୍ଧାରିତ ସମୟର୍ ପାଞ୍ଚଦିନ ପୂର୍ବରୁ ଆରମ୍ଭ ହେବ। କାହିଁ ପାଞ୍ଚରୁ ବଢ଼ି ବଢ଼ି ପଚିଶି ହେଲାଣି। ଆଷାଢ଼ ଆକାଶରେ ଖଣ୍ଡେ ବି ମୌସୁମୀ ମେଘ ଦେଖା ଯାଉନାହିଁ।

ଦେବେନ୍ଦ୍ର କହିଲା, ବୁଝିଲୁ ଅମରେନ୍ଦ୍ର ଆଜି କାଲି ଏ ଭେଜାଲ ଯୁଗରେ ସମ୍ବାଦ ଗୁଡ଼ାକ ବି ଭେଜାଲ ହୋଇଗଲାଣି। ତୁ କ'ଣ ସେମାନଙ୍କର ଏମିତି ବାହାପିଆ ମନ୍ତବ୍ୟକୁ ବିଶ୍ୱାସ କରୁ ?

ଆରେ ଗଣ ମାଧ୍ୟମକୁ ବିଶ୍ୱାସ କରିବୁ ନାହିଁ ତ ଆଉ କାହାକୁ ବିଶ୍ୱାସ କରିବୁ ? ସତ ହେଉ ବା ମିଛ ହେଉ ବିଶ୍ୱାସ କରିବାକୁ ତ ହେବ।

ଦେବେନ୍ଦ୍ରେ କହିଲା, ଆଜିକାଲି ଏ ଭେଜାଲ ଯୁଗରେ ନରଠାରୁ କିନ୍ନର ପର୍ଯ୍ୟନ୍ତ, ଈଶ୍ୱର ଠାରୁ ଆଲ୍ଲା ପର୍ଯ୍ୟନ୍ତ, ପାଣି ଠାରୁ ପାହାଡ ପର୍ଯ୍ୟନ୍ତ ସବୁ ଭେଜାଲ ମନେ ହେଉଛି।

ମୁଁ ଜାଣେ ଦେବେନ୍ଦ୍ର ଏମିତି ଏକ ଆଡ଼ ପାଗଳା ପ୍ରକୃତିର। ତା'ର ଏ.ଅବାଗପଣିଆ ଆଜି ନୁହେଁ ପିଲାଟି ଦିନରୁ। କଥାରୁ ନଥା ବାହାର କରିବା ତାର ଗୋଟେ ବଦ ଅଭ୍ୟାସ। ହେଲେ ଗଳ୍ପ ଲେଖିବାରେ ସିଦ୍ଧ ହସ୍ତ।

ପ୍ରସଙ୍ଗଟିକୁ ଅନ୍ୟ ଦିଗକୁ ମୋଡ଼ି ଦେବାପାଇଁ ପ୍ରୟାସ କରି ଜଗୁଭାଇନାକୁ କହିଲି, କ'ଣ ଭାଇନା ଆଜି ପେପର ଫେପର କିଛି ଆସିନାହିଁ କି ? ଆସିଛି ତ, ଟିକିଏ ଆଣନା,

ପକୋଡ଼ି ବାହାରିବା ପର୍ଯ୍ୟନ୍ତ ଏଠାରେ ନିକମା ହୋଇ ବସିବା ଅପେକ୍ଷା ହେଡ୍ ଲାଇନ ଉପରେ ନଜର ପକାଇ ଦେବା ।

ମୋ ମୁହଁରୁ କଥା ଶେଷ ନ ହେଉଣୁ ମାଧ ମୋ ହାତରେ ଧରାଇ ଦେଲା ଆଜିର ଖବର କାଗଜ "ସମ୍ବାଦ" । ମୁଁ ପେପର ପଢ଼ିବା ଆରମ୍ଭ କଲାବେଳେ ଦେବେନ୍ଦ୍ର ସିଗାରେଟ୍‌ରେ ଅଗ୍ନି ସଂଯୋଗ କଲା । ମୁଁ ସିଗାରେଟ ନ ଟାଣୁଥିବାରୁ ତଥା ସିଗାରେଟ୍ ଧୂଆଁକୁ ସହ୍ୟ କରିପାରୁ ନଥିବାରୁ ଟିକିଏ ଦୂରକୁ ଘୁଞ୍ଚିଯାଇ ପେପର ଉପରେ ଆଖି ନିବେଶ କଲି ।

ବଡ଼ ବଡ଼ ଅକ୍ଷରରେ ଛପା ଯାଇଥିବା ମୁଖ୍ୟ ସମ୍ବାଦଗୁଡ଼ିକ ଉପରେ ବିହଙ୍ଗାବୋଲୋକନ କରୁ କରୁ ପଢ଼ିବାକୁ ପାଇଲି ବିହାରର ପୂର୍ବତନ ମୁଖ୍ୟ ମନ୍ତ୍ରୀ ଲାଲୁଙ୍କ ଜାମିନ ନାମଂଜୁର । ରାବିଡ଼ି ଦେବୀ ସରକାର ବରଖାସ୍ତ ପାଇଁ ବିରୋଧୀ ଦଳର ଦାବୀ । ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କର ଅଚାନକ ବାତ୍ୟା ଅଞ୍ଚଳ ପରିଦର୍ଶନ । ପୁଣି ବାହାରିଛି ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରେମିକ ପ୍ରେମିକାକୁ ଗର୍ଭବତୀ କରାଇ ଫେରାର । ଏସବୁ ଖବର ଉପରେ ଗୁରୁତ୍ୱ ନ ଦେଇ ଆନ୍ତର୍ଜାତିକ ଖବର ଉପରେ ନଜର ପକାଉ ପକାଉ ହଠାତ୍ ଗୋଟେ ଖବର ଉପରେ ମୋର ଆଖି ଲାଖିଗଲା । ଖବରଟି ଏମିତି ଥିଲା "ଯୌତୁକ ନିର୍ଯ୍ୟାତନା ସହ୍ୟ କରି ନ ପାରି ନବ ବଧୂର ଆତ୍ମହତ୍ୟା" । ଶାଶୁ ଶଶୁର ଗିରଫ ? ଏମିତି ଖବର ଆଜିକାଲି ନିତି ଦିନିଆ ଓ ଦେହ ସୁହା ହୋଇ ଯାଇଥିଲେ ବି ଏ ଖବରଟି ମୋ ପାଇଁ ଯେମିତି ମୁଖ୍ୟ ହୋଇ ଯାଇଥିଲା ।

ହେଡ୍ ଲାଇନ ତଳକୁ ଛୋଟ ଛୋଟ ଅକ୍ଷରରେ ଲେଖା ଯାଇଥିଲା, ପୁଲିସ୍ ବିବରଣୀରୁ ପ୍ରକାଶ ଯେ, ରାଷ୍ଟ୍ରପତିଙ୍କ ଦ୍ୱାରା ପୁରସ୍କୃତ ଅବସର ପ୍ରାପ୍ତ ପ୍ରବୀଣ ଶିକ୍ଷକ ଦିବାକର ବାରିକ୍ ଓ ତାଙ୍କ ସ୍ତ୍ରୀ, ପୁଅର ଅନୁପସ୍ଥିତିରେ ନିଜର ଏକ ମାତ୍ର ପୁତ୍ରବଧୂକୁ ଯୌତୁକ ଜନିତ ନିର୍ଯ୍ୟାତନା ଦେବାରୁ ବୋହୂ ବାଧ ହୋଇ ଆତ୍ମହତ୍ୟା କରିଛି । ଶାଶୁ ଶଶୁର ଗିରଫ ହୋଇ ହାଜତରେ ଅଟକ ।

ଖବରଟି ପଢ଼ିବା ମାତ୍ରେ ମୁଁ ନିଜକୁ ନିଜେ ବିଶ୍ୱାସ କରି ପାରିଲି ନାହିଁ । ପୁଣି ଥରେ ମନ ଲଗାଇ ପଢ଼ି ପକାଇଲି । ମନେ ମନେ କହି ପକାଇଲି, ସତରେ ଦିବାକର ସା'ର୍ ଏପରି କାମ କରିଥିବେ ? କେଜାଣି କାହିଁକି ମୋର ବିଶ୍ୱାସ ହେଉନାହିଁ । କାରଣ ଦିବାକର ସାରଙ୍କ ସହିତ ଯିଏ ମିଶିଛି କି ତାଙ୍କୁ ଜାଣିଛି ସେ କେବେ ଏ କଥା ବିଶ୍ୱାସ କରିବ ନାହିଁ । ତାଙ୍କ ପରି ଜଣେ ଛାତ୍ର ବତ୍ସଳ ମିଷ୍ଟଭାଷୀ ପରୋପକାରୀ, ସମାଜସେବୀ ପ୍ରବୀଣ ଶିକ୍ଷକ ଏ ଯୁଗରେ ଶହେରେ ଗୋଟେ ମିଳିବା କଷ୍ଟକର । ସାର୍ ନିଜେ ଜାତିଆଣ ତଥା ଯୌତୁକ ପ୍ରଥାର ଘୋର ବିରୋଧୀ । ଏ ପ୍ରସଙ୍ଗରେ ଅନେକ ଗଳ୍ପ କବିତା ତଥା ପ୍ରବନ୍ଧ ସେ ନିଜେ ଲେଖିଛନ୍ତି ଓ ଛପାଇଛନ୍ତି ମଧ୍ୟ । ଅର୍ଥାତ ଆଜି ଯୌତୁକ ପାଇଁ ନିଜର ଏକ ମାତ୍ର ପୁତ୍ରବଧୂକୁ ମାରିଦେଲେ ?

ମନେ ପଡୁଛି ସେ ଦିନର କଥା । ଏହି ତ କାଲି ପରି ଲାଗୁଛି, ଗତ ଫେବୃୟାରୀ ମାସରେ ମାନେ ଆଜିକୁ ଠିକ୍ ଛଅ ମାସ ତଳେ ସାର ତାଙ୍କର ଏକମାତ୍ର ପୁଅର ବାହାଘର ବେଶ୍ ଧୁମ୍‌ଧାମ୍‌ରେ କରିଥିଲେ । ମୁଁ ବି ନିମନ୍ତ୍ରିତ ହୋଇ ସେ ବିବାହ ଭୋଜିରେ ଯୋଗ ଦେଇଥିଲି । ସେ ଦିନ ସା'ର ମୋତେ ଦେଖି କି ଖୁସି । ହାତ ଧରି ନେଇ ଯାଇଥିଲେ ପୁଅବୋହୂ ବସିଥିବା ମଣ୍ଡପ ଉପରକୁ, ନିଜର ପୁଅବୋହୂକୁ ମୋତେ ଚିହ୍ନାଇ ଦେଇ କହିଥିଲେ, ଏ ହେଉଛି ମୋର ପ୍ରିୟ ଛାତ୍ର ଅମରେନ୍ଦ୍ର ଦାସ । ପିଲାଟି ଦିନରୁ ମେଧାବୀ, ଆଜି ସେ ଜଣେ ଓଡ଼ିଶା ସରକାରଙ୍କର ପଦସ୍ଥ ଅଫିସର । ହେଲେ ଟିକିଏ ଗର୍ବ କି ଅହଙ୍କାର ନାହିଁ । ନିହାତି ସରଳ ନିଷ୍କପଟ ।

ସାରଙ୍କ ମୁହଁରେ ମୋର ପ୍ରଶଂସା ଶୁଣି ମୋତେ କେମିତି ଅଡୁଆ ଅଡୁଆ ଲାଗିଲା । ମୁଁ ଚଟାପଟ ଉପହାର ପେକେଟ୍‌ଟିକୁ ତାଙ୍କ ପୁଅ ହାତକୁ ବଢ଼ାଇ ଦେବା ଅବସରରେ ନିରେଖି ନେଇଥିଲି କନ୍ୟାଟିର ରୂପକୁ । ଆହା କି ଅନିନ୍ଦ୍ୟ ସୁନ୍ଦରୀ, ଏମିତି ସୁନ୍ଦରୀ ଝିଅ ଆମ ସହରରେ ପୁଣି ଅଛନ୍ତି ? ମନେ ମନେ ସାରଙ୍କର ଚଏସ୍‌କୁ ତାରିଫ ନ କରି ରହି ପାରିଲି ନାହିଁ ।

କଥା ପ୍ରସଙ୍ଗରେ ସାର କହିଥିଲେ " ବୁଝିଲ ଅମରେନ୍ଦ୍ର ମୁଁ କିଛି ଯୌତୁକ ମାଗିନି । ସେମାନେ ଯାହା ଖୁସିରେ ଦେଇଛନ୍ତି । ମୋର କ'ଣ ଦରକାର ଯେ ? ମନଲାଖି ଝିଅଟିଏ ପାଇଛି ତାହାହିଁ ମୋ ପକ୍ଷେ ଯଥେଷ୍ଟ । ତୋ ମନକୁ ବୋହୂ କେମିତି ପଇଲା ?

ନମ୍ରତାର ସହ କହିଥିଲି, ସାର ଆପଣ ଯେତେବେଳେ ପସନ୍ଦ କରିଛନ୍ତି, ଆଉ କାହାର ବାଛିବାର ଅଛି ? ସତେ ଯେମିତି ସାକ୍ଷାତ ଲକ୍ଷ୍ମୀ ପ୍ରତିମାଟିଏ । ପୁଅକୁ ବୋହୂ ବେଶ୍ ମେଚ୍ କରିଛି । ଅଥଚ ଆଜି ସେହି ବ୍ୟକ୍ତି ଯୌତୁକ ଲୋଭରେ ବୋହୂକୁ ଆତ୍ମହତ୍ୟା କରିବାକୁ ବାଧ କରିବ, ମୋର କାହିଁ ଟିକେ ହେଲେ ବିଶ୍ୱାସ ହେଲା ନାହିଁ ।

ଏମିତି ଏକ ଦୁଃସମ୍ବାଦ ଦେବେନ୍ଦ୍ରକୁ ଜଣାଇ ଦେବାପାଇଁ ଉତକଣ୍ଠାର ସହ ପେପର ଉପରୁ ମୁହଁ ଉଠାଇ ଦେଖିବା ବେଳକୁ

ଦେବେନ୍ଦ୍ର ଅନ୍ୟ ଏକ ଟେବୁଲ ପାଖରେ ପ୍ରଜାତନ୍ତ୍ର ସାପ୍ତାହିକୀ ପଢୁଛି । ପାଟି କରି ଡାକିଲି "ଏ ଦେବେନ୍ଦ୍ର ଆ ଆ ଦେଖ ଏଥିରେ କଣ ସବୁ ବାହାରିଛି ? ସେ କିଛି ଉତ୍ତର ନ ଦେବାରୁ ପେପରଟାକୁ ହାତରେ ଧରି ତା ପାଖକୁ ଉଠିଗଲି । କହିଲି ଆରେ ଦେଖ ଆମ ଦିବାକର ସାରଙ୍କ ନାମରେ କି ଅଜବ ଖବର ବାହାରିଛି । ସାର ଏମିତି କର୍ମ କରିଥିବେ ବୋଲି ତୁ କ'ଣ ଭାବୁଛୁ ?

ଦେବେନ୍ଦ୍ର ଏକରକମ ତାତିଗଲା ପରି କହିଲା, ଦିସ୍ ଇଜ୍ ଏ ଫଲସ୍ ଏଣ୍ଡ ଫେବ୍ରୀକେଟେଡ୍ ନିୟୁଜ । ଏ ଖବର ସମ୍ପୂର୍ଣ୍ଣ ଅସତ୍ୟ ।

ମୁଁ ବିବ୍ରତ ହୋଇ ପଚାରିଲି । ମାନେ ଆମ ସାର ଓ ତାଙ୍କ ସ୍ତ୍ରୀ ପୁରାପୁରି ନିର୍ଦ୍ଦୋଷ ।

ହଁ, ହଁ ସେମାନେ ପୁରାପୁରି ନିର୍ଦ୍ଦୋଷ । ଜଣେ ନିରୀହ ନିରପରାଧ ମଣିଷକୁ ତାର ସରଳତାର ସୁଯୋଗ ନେଇ ଏ ଯୁଗର ରାଜନୀତିଆ ମାଫିଆ ମାନେ କିପରି ମିଥ୍ୟା ବୟାନ ଦେଇ ଆଇନ୍ ଅଦାଲତର କାଠଘଡ଼ାରେ ଠିଆ କରାଇ ତାର ମଣିଷପଣିଆକୁ ତଣ୍ଟି ଚିପି ହତ୍ୟା କରନ୍ତି ଏହା ଏକ ନମୁନା ମାତ୍ର ।

ମୁଁ କିଛି ନ ବୁଝିପାରି ପୁଣି ପ୍ରଶ୍ନ କଲି "ତୁ ତାହା ହେଲେ ଏ ଖବର ଆଗରୁ ଜାଣିଛୁ ?

ଦେବ କହିଲା, ଖାଲି ଜାଣି ନାହିଁରେ ଅମରେନ୍ଦ୍ର । ଏ ଘଟଣା ସହିତ ମୁଁ ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ଜଡ଼ିତ । କହିବାକୁ ଗଲେ ମୁଁ ଏ ଘଟଣାର ଏକ ଜୀବନ୍ତ ସାକ୍ଷୀ । ଏଇଥିପାଇଁ ମୁଁ ଆଜି ଆଡ୍‌ଭୋକେଟ୍ ସାମନ୍ତରାୟଙ୍କ ପାଖକୁ ଯାଇଥିଲି । ଏ ବିଷୟରେ ପରାମର୍ଶ କରି ସାରଙ୍କୁ କିପରି ଜାମିନ୍‌ରେ ଆଣିବା ପାଇଁ, ଦୁର୍ଭାଗ୍ୟ ଯେ ତାଙ୍କର ସାକ୍ଷାତ ନ ପାଇବାରୁ ଫେରି ଆସୁଥିବା ବେଳେ ଏ ହୋଟେଲକୁ ଉଠିଥିଲି କପେ ଚା ପିଇବା ପାଇଁ । ସୌଭାଗ୍ୟକୁ ତୋ ସହିତ ମୋର ସାକ୍ଷାତ ହେଲା ।

ମୁଁ ମନେ ମନେ କହି ପକାଇଲି ଯାହା ହେଉ ଅଫିସରୁ ଆଜି ସହଳ ସହଳ ଚାଲି ଆସିବାଟା ନିରର୍ଥକ ହୋଇନାହିଁ । ପଚାରିଲି ତୁ କ'ଣ ଏବେ ସାରଙ୍କ ଘର ପାଖା ପାଖି ଘର ଭଡ଼ା ନେଇ ରହୁଛୁ କିରେ ?

ଆରେ ପାଖାପାଖି କହୁଛୁ ! ମୁଁ ଏବେ ତାଙ୍କର ନିକଟତମ ପଡ଼ୋଶୀ । ମୋ ଘରକୁ ତାଙ୍କ ଘର ଲାଗିଛି । ଏ ଘଟଣାର କାହାଣୀ ପେଡ଼ି ଶୁଣିବାକୁ ଚାହୁଁ ତ ମୋ ପାଖରୁ ଶୁଣ୍ ।

ମୁଁ ବ୍ୟଗ୍ରତାର ସହ କହିଲି, କହ ଭାଇ କହ ଘଟଣାଟା କ'ଣ ?

ଦେବେନ୍ଦ୍ର କହିଲା ଆରେ ତୁ ତ ଜାଣୁ ଆମ ଦିବାକର ସାର୍ କେତେ ସରଳ ଭଦ୍ର ଲୋକଟିଏ । ତାଙ୍କ ସ୍ତ୍ରୀ ବି ଆହୁରି ନିରୀହା । କେଡ଼େ ଖୁସିରେ ଏକମାତ୍ର ପୁଅର ବାହାଘର କରିଥିଲେ । ମାତ୍ର ସାରୁ ଭିତରେ ମାରୁ ପରି ଏହା ଭିତରେ ଯେ ଏତେ ରହସ୍ୟ ଅଛି ସେ ବିଚରା ଜାଣିବେ କିପରି ?

ସାରୁ ଭିତରେ ମାରୁମାନେ ଏ ବାହାଘର ପୂର୍ବରୁ କିଛି ଅଘଟଣ ଘଟିଥିଲା ନା କ'ଣ ?

ଅଘଟଣ ଘଟିଥିବାର ଖବର ପାଇଥିଲେ ତ ସାର୍ ଆପେ ଆପେ ଓହରି ଆସିଥାନ୍ତେ ! କନ୍ୟାଘର ଲୋକେ ଏ କ୍ଷେତ୍ରରେ ସାର୍‌ଙ୍କୁ ଧୋକା ଦେଇଛନ୍ତି ।

ମାନେ ?

ମାନେ ଆଉ କ'ଣ ? ସେ ଝିଅଟି ସାରଙ୍କର ପୁଅକୁ ବାହାହେବା ପୂର୍ବରୁ ଆଉଜଣେ ଯୁବକକୁ ଭଲ ପାଉଥିଲା । ସେତିକି ନୁହଁ ତାକୁ ବିବାହ କରିବ ବୋଲି ଝିଅଟି କୁଆଡ଼େ ତାର ବାପ ମା ଭାଇ ଭାଉଜଙ୍କୁ ମଧ୍ୟ ମନ ଖୋଲି କହି ଦେଇଥିଲା । ମାତ୍ର ପିଲାଟି କୁଆଡ଼େ ବେକାର ଓ ଚରିତ୍ରହୀନ ଥିବାରୁ ଖବର ପାଇ ପରିବାରର ଲୋକେ ସେ ପ୍ରସ୍ତାବକୁ ବିରୋଧ କରି ଅନ୍ୟତ୍ର ବିବାହ ଦେବାକୁ ପାତ୍ରଟିଏ ସଂନ୍ଧାନ କରୁଥିଲେ । ଯୁଗକୁ ସାରଙ୍କ ପୁଅ ପାଇଁ ପ୍ରସ୍ତାବ ଆସିଲା । ସାରଙ୍କର ବି ଝିଅ ପସନ୍ଦ ହୋଇଗଲା । ବୈଦୀକ ନିୟମ ଅନୁସାରେ ବାହାଘର ବି ହୋଇଗଲା । ମୁଁ ଜାଣେ ସାର୍ କୌଣସି ଜିନିଷ ଦାବୀ କରି ନାହାନ୍ତି । ଝିଅଘର ସାଇଚ୍ଛାରେ ସବୁକିଛି ଦେଇଥିଲେ ।

ସାର ଓ ତାଙ୍କ ସ୍ତ୍ରୀ ବୋହୁଟିକୁ ନିଜ ଝିଅପରି ଭଲ ପାଉଥିଲେ । ଶାଶୁ, ବୋହୂକୁ ପାଖରେ ବସାଇ ଖୁଆଇ ଦେବାର ଦେଖିଛି । ସାର୍‌ଙ୍କ କଥା ଛାଡ଼ । ସେ ତ ବୋହୂକୁ ମାଆ ବ୍ୟତୀତ ଅନ୍ୟ କିଛି ଶବ୍ଦ ବ୍ୟବହାର କରିବାରେ ମୁଁ କି ଅନ୍ୟ କେହି ଶୁଣି ନାହାନ୍ତି । ସାରଙ୍କ ଝିଅ ମିନି ସତେ ଯେମିତି ଭାଉଜ ପଣତ କାନିରେ ବାନ୍ଧି ହୋଇ ଯାଇଥିଲା । ପୋଷା ବିରାଡ଼ିଟି ପରି ସଦା ସର୍ବଦା ଭାଉଜ ଭାଉଜ କହି ବୋହୂ ପଛେ ପଛେ ଚାଲିଥାଏ । କହିବାକୁ ଗଲେ ଦିବାକର ସାର ବୋହୂଟିକୁ ଝିଅପରି ରଖିଥିଲେ ।

ମୁଁ ପଚାରିଲି ଆଚ୍ଛା ଦେବ, ବୋହୂଟି ଏତେ ସ୍ନେହଶ୍ରଦ୍ଧା ମଧ୍ୟରେ ଥାଇ ମଧ୍ୟ ଏମିତି କର୍ମ କରି ବସିଲା କାହିଁକି ?

ତୁ ତ ଜାଣୁ ଅମରେନ୍ଦ୍ର, ଲଭ୍ ଇଜ୍ ବ୍ଲାଇଣ୍ଡ । ପ୍ରେମ ହିଁ ମଣିଷକୁ ଅନ୍ଧ କରିଦିଏ । ପ୍ରେମ ପାଇଁ ତ ବାପ ପୁଅକୁ, ପୁଅ

ମାଆକୁ, ଭାଇ ଭଉଣୀକୁ, ଭଉଣୀ ଭାଇକୁ, ସ୍ୱାମୀ ସ୍ତ୍ରୀକୁ ତ ସ୍ତ୍ରୀ ସ୍ୱାମୀକୁ ହତ୍ୟା କରୁଛି । ମାତ୍ର ଏ ବୋହୂ କାହାରିକୁ ହତ୍ୟା କରି ନ ପାରି ନିଜର ଆତ୍ମଗ୍ଲାନିରେ ନିଜକୁ ହତ୍ୟା କଲା । ମାନେ ଏତେ ସୁନ୍ଦର ମଧୁର ପରିବେଶରେ ରହି ମଧ ବୋହୂଟି ପୂର୍ବର ପ୍ରେମିକକୁ ଆଦୌ ଭୁଲି ପାରି ନଥିଲା ।

ମୁଁ ଟିକିଏ ସନ୍ଦିହାନ ହୋଇ ପଚାରିଲି ଏ କଥା ତୁ ଜାଣିଲୁ କିପରି ?

ଦେବ କହିଲା ଜାଣିଲି କିପରି ? ବୋହୂଟି ମରିବା ପୂର୍ବରୁ ନିଜ ହାତରେ ତିନିଖଣ୍ଡ ଚିଠି ତିନିଜଣଙ୍କ ପାଖକୁ ଲେଖି ଯାଇଥିଲା । ଯେଉଁଥିରେ ସେ ସ୍ପଷ୍ଟ ଭାବରେ ଲେଖି ଯାଇଥିଲା ତାର ଅନ୍ତିମ ଅଭିଳାଷ ।

ତୁ ସେ ଚିଠି ଗୁଡ଼ିକୁ ପଢ଼ିଛୁ ଦେବ ?

ଖାଲି ପଢ଼ି ନାହିଁରେ ଅମରେନ୍ଦ୍ର । ସେ ଚିଠିର ଜେରକ୍ସ କପି ମୋ ପାଖରେ ଅଛି । ନେ ନିଜେ ନିଜ ଆଖିରେ ପଢ଼ି ଜାଣିପାରିବୁ ଏହାର ସତ୍ୟାସତ୍ୟ କେତେ ?

ତା ପାଖରୁ ଚିଠି ଗୁଡ଼ିକ ଆଣି ମନଧ୍ୟାନ ଦେଇ ପଢ଼ିଲି । ପ୍ରଥମ ଚିଠିଟା ଲେଖିଛି ତା ସ୍ୱାମୀ ପାଖକୁ ଯେଉଁଥିରେ ଲେଖାଥିଲା, ସ୍ତ୍ରୀ ପ୍ରତି ସ୍ୱାମୀର ଯେଉଁ କର୍ତ୍ତବ୍ୟ, ସେଥିରେ ତୁମେ ଟିକିଏ ବି ଅବହେଳା କରିନାହିଁ । ତୁମ ବ୍ୟବହାରରେ ମୁଁ ପ୍ରୀତ ହେଲେ ମଧ ମୁଁ ସ୍ୱଚ୍ଛ ପତ୍ନୀ ପ୍ରେମ ପ୍ରଦାନ କରିବାରେ ଅକ୍ଷମ । ମୋ ପରି ଜଣେ କଳଙ୍କିନୀକୁ ବିବାହ କରି ଭୁଲ କରିଛ । ମୋ ପରି କଳଙ୍କିନୀକୁ ଭୁଲିଯିବ ଓ ଦ୍ୱିତୀୟ ବିବାହ କରି ସୁଖର ସଂସାର ଗଢ଼ିବ ।

ଦ୍ୱିତୀୟ ଚିଠିଟି ଶାଶୁ ଶ୍ୱଶୁରଙ୍କୁ ମାତ୍ର ଦୁଇ ଧାଡ଼ିର । ଆପଣମାନଙ୍କ ପରି ପିତୃପ୍ରତୀମ, ଠାକୁର ତୁଲ୍ୟ ଶାଶୁଶ୍ୱଶୁର ମୋତେ ଜନ୍ମଜନ୍ମାନ୍ତରରେ ମିଳୁଥାଉ ।

ତୃତୀୟ ଚିଠିଟି ତାର ପରିବାର ବର୍ଗଙ୍କ ପାଇଁ । ମୋର ଅନିଚ୍ଛା ସତ୍ୱେ ମୋତେ ବିବାହ ଦେଇ ତୁମେ ସୁଖରେ ଥିବ । ମାତ୍ର ମୁଁ ଆଦୌ ସୁଖରେ ରହି ପାରୁନାହିଁ କି ରହିପାରିବି ନାହିଁ । ପୂର୍ବର ସ୍ମୃତି ମୋ ମନରେ ବୃଶ୍ଚିକ ଦଂଶନ କରୁଛି । ତେଣୁ ଏମିତି ଜଳିଜଳି ବଞ୍ଚିବା ଅପେକ୍ଷା ମୁଁ ମୋ ସ୍ୱଇଚ୍ଛାରେ ଆତ୍ମହତ୍ୟା କରୁଛି । ମୋର ମୃତ୍ୟୁ ପାଇଁ ଅନ୍ୟ କେହି ଦାୟୀ ନୁହଁନ୍ତି ।

ଦେବ କହିଲା ପଢ଼ିଲୁ ତ ଚିଠି ?

ମୁଁ କହିଲି, ହଁ ପଢ଼ିଲି । ଯାହା ଜାଣିଲି ସାରଙ୍କର ଏଥିରେ କିଛି ଦୋଷ ନାହିଁ । ହେଲେ ମୋ ମନରେ ସନ୍ଦେହ ହେଉଛି ଏତେ ଗୁଡ଼ାଏ ଲେଖିବା ପରେ ବି ତା ମନରେ କିଛି ପରିବର୍ତ୍ତନ ଆସିଲା ନାହିଁ । ଆଚ୍ଛା ଦେବ, ବୋହୂ ପାଖରେ ରାତିରେ କଣ କେହି ଶୋଉଥିଲେ ନା ସିଏ ଏକା ଏକା ଶୋଉଥିଲା ।

ଦେବ କହିଲା ବାହାଘରର ଏକ ମାସ ପରେ ସାରଙ୍କ ପୁଅଙ୍କୁ କିରି କ୍ଷେତ୍ରକୁ ଫେରିଯିବା ପରେ ବୋହୂ ପାଖରେ ରାତିରେ ତା ନଣନ୍ଦ ଶୋଉଥିଲା । ଆତ୍ମହତ୍ୟା କରିବା ଦିନ ମାନେ ଶନିବାର ଦିନ ସନ୍ଧ୍ୟାରେ ତା ନଣନ୍ଦ ଭୁବନେଶ୍ୱର ଚାଲିଗଲା, ଗୋଟିଏ ଇଣ୍ଟରଭିଉ ଏଟେଣ୍ଡ କରିବାକୁ । ରାତିରେ ସାରଙ୍କ ସ୍ତ୍ରୀ ତା' ପାଖରେ ଶୋଇବାକୁ ଚାହିଁବାରୁ ବୋହୂ ନାନା ଆଳ ଦେଖାଇ ଫେରାଇ ଦେଇ କହିଲା, ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ଏକା ଏକା ଶୋଇବାରେ ମୋର କିଛି ଅସୁବିଧା ହେବ ନାହିଁ । ତୁ ତ ଜାଣୁ ସାରଙ୍କର ସ୍ତ୍ରୀ କେତେ ସରଳା । ବୋହୂ କଥାକୁ ବିଶ୍ୱାସ କରି ଫେରି ଆସି ଅନ୍ୟ ଘରେ ଶୋଇଲେ । ସାର ତ ସବୁଦିନେ ଡ୍ରଇଁରୁମରେ ଶୁଅନ୍ତି ।

ରବିବାର ଦିନ ସକାଳ ସାତଟା ପର୍ଯ୍ୟନ୍ତ ବୋହୂଘର କବାଟ ନ ଖୋଲିବାରୁ ଶାଶୁ ବୋହୂକୁ ଡାକିଲେ । କିଛି ଉତ୍ତର ନ ଆସିବାରୁ କବାଟ ବାଡ଼େଇ ଡାକିଲେ । ମାତ୍ର କିଛି ପ୍ରତ୍ୟୁତ୍ତର ନ ପାଇ ସାରଙ୍କୁ କହିଲେ । ସାର ସଙ୍ଗେ ସଙ୍ଗେ ମୋ ପାଖକୁ ଧାଇଁ ଆସି ସମସ୍ତ କଥା ମୋତେ କହିବାରୁ ମୁଁ ସାରଙ୍କ ସାଥିରେ ତାଙ୍କ ଘରକୁ ଯାଇ କବାଟ ଠେଲିଲି । ମାତ୍ର କବାଟ ଭିତରପଟୁ ବନ୍ଦ । ଏଣୁ ମୁଁ ଘରପଛପଟକୁ ଯାଇ ବନ୍ଦ ଝରକା କାଚ ଦେଇ ଯାହା ଦେଖିଲି ଚମକି ପଡ଼ିଲି । ସାରଙ୍କ ବୋହୂ ଶୋଇବା ଘର ଫେନ୍ ହୁକ୍‌ରେ ଶାଢ଼ି ବାନ୍ଧି ଆତ୍ମହତ୍ୟା କରିଛି । ଫେରି ଆସି କହିଲି ସାର ସବୁ ଶେଷ ହୋଇଗଲା । ଆପଣଙ୍କର ଆଦରର ବୋହୂ ଆଉ ଏ ଜଗତରେ ନାହାଁନ୍ତି ।

ମୋ କଥା ଶୁଣିବା ମାତ୍ରେ ସାରଙ୍କୁ ବିନା ମେଘରେ ବଜ୍ରପାତ ପରି ଲାଗିଲା । କଟା ଗଛଟି ପରି ଲଥ୍ କି ତଳେ ବସି ପଡ଼ି, ବିଚରା କି ଭୁଲ କଲୁରେ କହି ମୂର୍ଚ୍ଛା ହୋଇଗଲେ । ତାଙ୍କର ବ୍ଲଡ଼ପ୍ରେସର ଆହୁରି ବଢ଼ିଗଲା । ତାଙ୍କ ସ୍ତ୍ରୀଙ୍କର ଅବସ୍ଥା ନ କହିଲେ ନ ସରେ । କାହାକୁ ସମ୍ଭାଳିବି । ମୁଁ ଓ ମୋ ସ୍ତ୍ରୀ ତଥା ପାଖପଡ଼ିଶା ମିଶି ଦୁହିଁଙ୍କୁ ସୁସ୍ଥ କଲାପରେ ସାରଙ୍କ ସମୁଦି ଘରକୁ ଖବର ପଠାଇବା ସଙ୍ଗେ ସଙ୍ଗେ ମୁଁ ନିଜେ ଥାନାକୁ ଯାଇ ଏଫ୍.ଆଇ.ଆର ଦେଲି ।

ମୁଁ କହିଲି, ଆମ ସାଙ୍ଗ ସଂଗ୍ରାମ୍ ପଟ୍ଟନାୟକ ପରା ଏବେ ଏବେ ଆନନ୍ଦପୁରରୁ ବଦଳି ହୋଇ ସେ ଥାନାର ଇନ୍‌ଚାର୍ଜ

ହୋଇଛି । ଏ କ୍ଷେତ୍ରରେ କିଛି ସାହାଯ୍ୟ କଲା ନାହିଁ କି ?

ଦେବ କହିଲା, ସେ ବିଚରା ବହୁତ ସାହାଯ୍ୟ କରିଛି । ଏଫ୍ ଆଇ ଆର୍ ପାଇବା ସଙ୍ଗେ ସଙ୍ଗେ ମୋ ସହିତ ଆସି ସମସ୍ତଙ୍କ ଉପସ୍ଥିତିରେ ଘର କବାଟ ଭାଙ୍ଗି ଶବ ଉଦ୍ଧାର ସହ ଏ ତିନିଖଣ୍ଡ ଚିଠି ଜବଦ୍ କଲା । ନିଜେ ଛିଡ଼ା ହୋଇ ଶବ ବ୍ୟବଚ୍ଛେଦ କାର୍ଯ୍ୟରେ ସାହାଯ୍ୟ କରିଛି । ସମସ୍ତ ଯୌତୁକ ଜିନିଷ ସାରଙ୍କ ସମୁଦିଙ୍କୁ ଫେରାଇ ଦେଇ ଏ ଘଟଣା କେମିତି ଆଗକୁ ନ ବଢ଼ାଇ କମ୍ପ୍ରୋମାଇଜ୍ କରିଦେବା ପାଇଁ ଦୁଇପକ୍ଷକୁ ଅନୁରୋଧ କରିଛି । କନ୍ୟାପକ୍ଷ ବି ସହମତି ପ୍ରକାଶ କରିଥିଲେ ।

ମୁଁ କହିଲି, ତେବେ ଅସୁବିଧା ରହିଲା କେଉଁଠି ଯେ ସାର ତଥା ତାଙ୍କ ସ୍ତ୍ରୀଙ୍କୁ ଏରେଷ୍ଟ କରାଗଲା ?

ଦେବ କହିଲା, ତୁ ତ ଜାଣୁ ଆଜିର ଯୁଗ । ଏକ ମାଫିଆ ଟାଉଟର ଯୁଗ । କେହି କେହି ସାରଙ୍କ ସମୁଦିଙ୍କୁ ଶିଖାଇ ଦେଲେ, ଯେ ଝିଅ ତ ଗଲା ଏହାର କ୍ଷତିପୂରଣ ସେମାନଙ୍କଠାରୁ ଆଦାୟ କରାଯାଉ । ସାରଙ୍କ ସମୁଦି ତଥା ତାଙ୍କ ପୁଅ ସେଥିରେ ଏକମତ ହୋଇ ସାରଙ୍କ ଠାରୁ ଦୁଇଲକ୍ଷ ଟଙ୍କା କ୍ଷତିପୂରଣ ଦାବୀ କଲେ । ଏତେ ଗୁଡ଼ାଏ ଟଙ୍କା ସାର୍ ପାଇବେ ବା କେଉଁଠୁ ? ପୁଣି ଏଥିରେ ତାଙ୍କର ତ କିଛି ଦୋଷ ନାହିଁ । ସ୍ୱଇଚ୍ଛାରେ ବୋହୂ ଆତ୍ମହତ୍ୟା କରିଥିବା ସତ୍ତ୍ୱେ ସାର୍ କ୍ଷତିପୂରଣ ବାବଦ ଦୁଇଲକ୍ଷ ଟଙ୍କା କାହିଁକି ବା ଦେଇଥାନ୍ତେ ? ସେ ରୋକ୍ ଠୋକ୍ ମନା କରିଦେଲେ ।

ମୁଁ ପଚାରିଲି, ତା' ପରେ କ'ଣ ହେଲା ?

ଦେବ କହିଲା, ତା ପରେ ଯାହା ହେବାର କଥା ତାହା ହିଁ ହେଲା । ସେମାନେ ଏସ୍ପିଙ୍କ ଠାରେ ଲିଖିତ ବୟାନ ଦେଲେ ଯେ ବିବାକର ବାରିକ ଓ ତାଙ୍କ ସ୍ତ୍ରୀ ପୁଅର ଅନୁପସ୍ଥିତିରେ ଆମ ଝିଅକୁ ଯୌତୁକ ଜନିତ ନିର୍ଯ୍ୟାତନା ଦେଇ ଆତ୍ମହତ୍ୟା କରିବାକୁ ବାଧ କରିଛନ୍ତି ଓ ଧମକ ଚମକ ଦେଇ ମାଡ଼ ମାରି ତାଙ୍କ ଝିଅଠାରୁ ଜବରଦସ୍ତ ଏମିତି ବୟାନ ଲେଖାଇ ନେଇଛନ୍ତି । ଉପରୁ ଆଦେଶ ଆସିଲା ସେମାନଙ୍କୁ ଆରେଷ୍ଟ କରିବା ପାଇଁ । ଆଇନ୍ ଆଦେଶ ଊର୍ଦ୍ଧ୍ୱରେ କେହି ତ ଯାଇ ପାରିବେ ନାହିଁ । ନିଜର ଅନିଚ୍ଛାସତ୍ତ୍ୱେ ସଂଗ୍ରାମ ବାଧ ହୋଇ ସାର ଓ ତାଙ୍କ ସ୍ତ୍ରୀଙ୍କୁ ଆରେଷ୍ଟ କଲା । ମୁଁ ଥାନା ହାଜତରୁ ଜାମିନରେ ଆଣିବାକୁ ଅନେକ ଚେଷ୍ଟା କରିଛି । ମାତ୍ର ମାଜିଷ୍ଟ୍ରେଟଙ୍କ ଦ୍ୱାରା ଜାମିନ୍ ନାକଚ ହୋଇଗଲା । ସାର ଓ ତାଙ୍କ ସ୍ତ୍ରୀଙ୍କୁ ଜେଲ ହାଜତକୁ ପଠାଇ ଦିଆଗଲା । ସାର ଏବେ ଜେଲରେ ।

ତୋ ଠାରୁ ଏ ଘଟଣା ଶୁଣିବା ପରେ ଯାହା ମୋର ହୃଦ୍‌ବୋଧ ହେଲା, ଆଜିକାଲି ଖବରକାଗଜ ମାନଙ୍କରେ ଯେତେ ଗୁଡ଼ିକ ଯୌତୁକ ଜନିତ ନିର୍ଯ୍ୟାତନା ଓ ବଧୂହତ୍ୟା ଖବର ପ୍ରକାଶ ପାଉଛି । ସେ ଗୁଡ଼ିକର ସତ୍ୟାସତ୍ୟ ଉପରେ ସନ୍ଦେହ ଆସିବା ସ୍ୱାଭାବିକ୍ ।

"ସବୁ ଗୁଡ଼ିକ ସମ୍ବାଦ ଯେ ଅସତ୍ୟ ବା ମିଥ୍ୟା ଏ କଥା କୁହାଯାଇ ନ ପାରେ । ଦେବ, ଗମ୍ଭିର ସ୍ୱରରେ କହିଲା" ମାତ୍ର ଅଧିକାଂଶ ଯେ ଏହି ଘଟଣା ପରି ଫେବ୍ରିକେଟେଡ୍ ଏଣ୍ଡ ଫଲସ୍ ଏ କଥା ସ୍ୱୀକାର୍ଯ୍ୟ ।

ଠିକ୍ ଏତିକି ବେଳେ ମାଧ ଦୁଇପ୍ଲେଟ ଗରମ ପକୁଡ଼ି ଓ ଦୁଇ ଗ୍ଲାସ ପାଣି ଆଣି ଆମ ଟେବୁଲ ଉପରେ ଥୋଇଦେଲା ।

ଗରମ ପକୁଡ଼ି ଦୁଇଟା ପାଟିରେ ପକାଉ ପକାଉ କହିଲି ଦେବ ତୁତ ଗଳ୍ପ ଲେଖିବାରେ ସିଦ୍ଧହସ୍ତ । ଏହି ପ୍ଲଟକୁ ନେଇ ଗୋଟେ ଗଳ୍ପ ଲେଖନା ।

ଦେବ କହିଲା, ଲେଖିବି ଯେ ପଢ଼ିବ କିଏ ? ଆଜି କାଲି ଟିଭି ଯୁଗରେ ଓଡ଼ିଆ ଗଳ୍ପ କବିତାର ପାଠକ ପାଠିକା ସଂଖ୍ୟା ବହୁତ କମି ଗଲେଣି ।

କମି ଗଲେଣି ବୋଲି କ'ଣ ସାହିତ୍ୟ ସୃଷ୍ଟି ବନ୍ଦ ହୋଇଯିବ ? ବାଗେଇ ତୁନେଇ ଗଳ୍ପଟିଏ ଲେଖ, ତାଗିଦ ଭରା କଣ୍ଠରେ କହିଲି ।

ଦେବ କହିଲା ଲେଖିବି ଯେ ଗଳ୍ପର ନାମ କ'ଣ ଦେବି କହିଲୁ ? ଗଳ୍ପଟିର ନାମ "ସତ ହେଲେ ବି ମିଛ" ।

ଘର ନଂ-ବି/୩୮୨
କୋଏଲନଗର ରାଉରକେଲା-୧୪
ଫୋନ. ୯୪୩୮୭୨୮୯୧୧

# ଆଉ ଏକ ବିପ୍ଳବ

**ସ୍ନେହଲତା ନାୟକ**



ଘରୁ ପାଞ୍ଚ ଘଣ୍ଟା ତଳୁ ଯାଇଥିଲୁ। କ'ଣ ଖାଲି ହାତରେ ଫେରିବା ପାଇଁ ? ଯଦି ଚାଉଳ ବୋହିବା ପାଇଁ କାନ୍ଧରେ ଦମ୍ ନାହିଁ ତେବେ ମୂଳରୁ ତ ମନା କରିଥାନ୍ତ। ଶ...ଅ...ଏଇ ଲୋକ କାଳେ ସ୍ୱାଧୀନତା ପାଇଁ ଲଢ଼େଇ କରୁଥିଲେ ...।

ବୋହୂର ଗର୍ଜନରେ ମୋଟେ ତଟସ୍ଥ ହେଲେନି ସନାତନ। ଅନେକ ଦିନ ଆଗରୁ ଏଇ ଶବ୍ଦର ଗୁଳି ସବୁ ତାଙ୍କ ଦେହ ମନର କୋଣ ଅନୁକୋଣରେ ଭେଦିଛି। କେତେବେଳେ ସେ ତାଙ୍କୁ କାଢ଼ି ଫୋପାଡ଼ି ଦେଇଛନ୍ତି ତ କେତେବେଳେ ହୃଦୟରେ ସାଇତି ରଖି ରାତିର ନିରୋଳା ମୁହୂର୍ତ୍ତରେ ଲୁହ ଢ଼ାଳିଛନ୍ତି। ସେ ବେଗ୍‌ଟାକୁ ପିଣ୍ଡା ଉପରେ ଥୋଇ ଦେଇ କହିଲେ -ବୋହୂ! ଆମର କୋଡ଼ିଏ ଏକର ସଂପତ୍ତି, ପୁଅ ସରକାରୀ ଅଫିସର। ନାତି ଇଞ୍ଜିନିୟରିଂ କଲେଜ୍‌ରେ ପାଠ ପଢୁଛି। ମୁଁ ବି ନିଜେ କେଉଁ ଅଭାବରେ ଅଛି ଯେ ଲାଇନ୍‌ରେ ଠିଆ ହୋଇ ଦୁଇଟଙ୍କିଆ ବିପିଏଲ୍ ଚାଉଳ ଆଣିବି। ମୋତେ ଯିଏ ଦେଖୁଥିବ ମନେ ମନେ କହୁଥିବ- ଏ ବୁଢ଼ା କେତେ ଲୋଭୀ। ଘରେ ସବୁଥାଇ ବି ଦୁଇ ଟଙ୍କିଆ ଚାଉଳ ପାଇଁ ଲାଇନ ଲଗେଇଛି। ମୋ ଆତ୍ମାକୁ ଏସବୁ ବଡ଼ ବାଧୁଛି। ଏକାମ ମୋ ଦ୍ୱାରା ହୋଇ ପାରିବନି ବୋହୂ.... ମୁଁ କାହାର ନାତି, କାହାର ପୁଅ ହୋଇ ଆଜି ହାତ ପାତିବାକୁ ଯିବି ? ଏ ଘର ଲୋକେ ଦେଇ ଶିଖିଛନ୍ତି। କାହାଠୁ ନେଇ ଶିଖି ନାହାଁନ୍ତି। ଦେଶ ପରାଧୀନ ଥିଲା ବେଳେ ଗୋଟେ ସନ ମରୁଡ଼ି ପଡ଼ିଲା ଯେ ମୋ ବାପା ଦୁଇ ଦୁଇଟା ଧାନ ଅମାର ଖୋଲି ଦେଲେ ଗରୀବଙ୍କ ପାଇଁ। ଆଜି ସରକାର ତାଙ୍କ ପାଇଁ କେତେ ସୁବିଧା କରିଛି। ଚାଉଳ ଗଣ୍ଡେ ଶସ୍ତାରେ ପାଉଛନ୍ତି। ଅଥଚ ଆମେ ଥିଲା ବାଲା ସେଥିରେ ଭାଗ ବସଉଛେ। ଭୂମିହୀନ, ବାସହୀନ ଲୋକଙ୍କ ପାଇଁ ସିନା ଇନ୍ଦିରା ଆବାସ। ଦୁଇଟଙ୍କିଆ ଚାଉଳ। ଆମେ ନେବୁ କେଉଁ ଦୁଃଖରେ ? ସନାତନଙ୍କ କଥା ବୋହୂ ଦେହରେ ଲାଗିଥିବା ନିଆଁରେ ଯେପରି ଘିଅ ଢ଼ାଳିଦେଲା। ସେ ରଡ଼ିଲା ଆହୁରି ଯୋର୍‌ରେ - ହଁ...ଅ... ସଂପତ୍ତି ଗୁଡ଼ାକ ତମର ଭାଷି ଯାଉଛି ତ ଗୋଟିଏ ଲୋକ ରୋଜଗାର କରିବ। ଖାଇଲା ବେଳକୁ ପାଞ୍ଚଟା ପେଟ। ଝିଅଙ୍କ ଘରକୁ ବର୍ଷଟା ଯାକ ଭାର ଥୋଉ। ଏ ପଟେ ବୁଢ଼ୀ ବିଧବା ଭଉଣୀକୁ ଘରେ ବସେଇଛ। ପଇସା କଉଠି ପୋତି ରଖିଲା ଭଳିଆ କଥା କହୁଛ। ଶ୍ରୀଧର ବଳଠାରୁ ତମେ କ'ଣ ବେଶୀ ପଇସା ବାଲା ? ସେ ପରା ତା' ବଂଶ ସାରା ଲୋକଙ୍କ ନାଁରେ ବିପିଏଲ କାର୍ଡ଼ କରିଛି। ଚାକର ଚାକରାଣୀଙ୍କ ନାଁରେ ଇନ୍ଦିରା ଆବାସ ବନେଇ ସେଥିରେ ନିଜେ ଧାନ ଖୁନ୍ଦିଛୁ। ତମରି ଖାଲି ସବୁ ମାଡ଼ି ଯାଉଛି ତ, ଖାଲି ବେଗ୍‌ଟାକୁ ନେଇ ପଳେଇ ଆସିଲ ମାଇଚିଆଙ୍କ ପରି...

-ହଁ... ସେଇ ଶ୍ରୀଧର ବଳ ଭଳି ଲୋକଙ୍କ ନାଁ ବି.ପି.ଏଲ ତାଲିକାରେ ଅଛି ବୋଲି ତ ସାରା ସଂସାରଟାରେ ଡିଙ୍ଗିରା ବାଜୁଛି -ଓଡ଼ିଶା ଗରୀବ ରାଜ୍ୟ। ସତରେ କ'ଣ ଏ ରାଜ୍ୟ ଗରୀବ। କାହାର କ'ଣ ଜମିବାଡ଼ି ନାହିଁ। ଧନ ସଂପତ୍ତି ନାହିଁ ? ଗରୀବ ଗୁରୁବାଙ୍କ ଧନ ଲୁଟିବା ପାଇଁ ଧାଡ଼ି ଲଗାଉଛନ୍ତି। ଏବେ ଏ ଗାଁରେ କାହାଘରେ ବିଜୁଳି ବତୀ ନାହିଁ। ଟି.ଭି, ଫ୍ରିଜ୍, କେବୁଲ ଲାଇନ ନାହିଁ। କାହାଘରେ ଯୋଡ଼େ ଛଅଟା ମୋବାଇଲ୍, ମଟର ସାଇକେଲ୍ ନାହିଁ। ଭୁବନେଶ୍ୱର, କଟକ ରାଉରକେଲାଠୁ ଆରମ୍ଭ କରି ସବୁ ଛୋଟ ବଡ଼ ସହରରେ ଇଞ୍ଜିନିୟରିଂ କଲେଜ, ଇଂରେଜୀ ମିଡ଼ିୟମ ସ୍କୁଲ ଛତୁ ଫୁଟିଲା ଭଳି ଫୁଟୁଛନ୍ତି। ତା' ପରେ ବି ଏ ଦୁଇଟଙ୍କିଆ ଚାଉଳ ପାଇଁ ପିଟାପିଟି। ଯେଉଁ ଭଉଣୀ କଥା କହି ମୋତେ ଠେଲା ମାରୁଛ ତାକୁ କ'ଣ ମାଗଣାରେ ରଖିଛ କି ? ତା'ର ପୁଅପାତି କି ଝିଅ ଖଣ୍ଡେ ଥିଲେ ସେ କାହିଁକି ଆମ ଓଳି ତଳେ ପଡ଼ିଥାଆନ୍ତା ? ସେ ମଲେ ତା'ର ସବୁ ସଂପତ୍ତିକୁ ତମେ ତ ଖାଇବ। ଗାଁ ବାଲା ଖାଇବେକି ?

ସନାତନଙ୍କ କଥାକୁ ନାତୁଣୀ ବେଶ୍ ମନଧ୍ୟାନ ଦେଇ ଶୁଣୁଥିଲା। ବଡ଼ ପାଟିରେ ତା' ମାଆକୁ ଶୁଣେଇଲା ଭଳି କହିଲା -ଇସ୍, ଜେଜେ! କି ବଢ଼ିଆ କଥା ତମେ କହିଲ। ଏଠି କ'ଣ କେହି ଗରୀବ ଅଛନ୍ତି ? କେବଳ ଗରୀବର ବାହାନା କରୁଛନ୍ତି ନା...

- ଏ ଗାନ୍ଧୀବାଦୀ ଜେଜେ ନାତୁଣୀ, ସେ ଭାଷଣ ସବୁ ରଖିଥାଅ. ଅନ୍ୟ କେଉଁଠି ଝାଡ଼ିବ। ଆଉ ତମେ ? ନିଜେ ତ ଯାହା କଲ ବୁଢ଼ା କାଳେ ମୋ ଝିଅଟାକୁ ବି ଗାନ୍ଧୀପାଠ ପଢ଼େଇଲ। ଦିଅ ଦିଅ, ସେ କାର୍ଡଟାକୁ ଦିଅ। ରଘୁକୁ ପାଞ୍ଚଟା ଟଙ୍କା ଦେଲେ ଚାଉଳ ଆଣି ମୋ ଦୁଆରେ କୁଢ଼େଇ ଦେଇଯିବ। କେହି ତ ଟିପେ

ଛାଡ଼ୁ ନାହାଁନ୍ତି । ମୁଁ କାହିଁକି ଛାଡ଼ିବି ? ସେ ଚାଉଳକୁ କ'ଣ ସବୁ ଲୋକେ ଖାଉଛନ୍ତି ? ଗୋଟେଠୁ ଆଣି ଆଉ ଗୋଟେ ଦୋକାନରେ ମପେଇ ଦେଉଛନ୍ତି । ମଝିରେ ଦି'ପଇସା ଯାହା ଭଲ ମିଳୁଛି... ।

କାର୍ଡ, ବେଗ୍ ନେଇ ଦୁମ୍ ଦୁମ୍ ହେଇ ଚାଲିଯାଉଥିବା ବୋହୂକୁ ଅନେଇ ସନାତନ ଦୀର୍ଘଶ୍ୱାସଟାଏ ଛାଡ଼ିଲେ । ବାଡ଼ିପଟ ପିଣ୍ଡା କାନ୍ଥକୁ ଆଉଜି ବସିଲେ । ଏଇଠି ପବନ ଟିକେ ସୁଲୁସୁଲୁ ବହୁଛି । ଶ୍ରାବଣ ଆସି ଶେଷ ହେବାକୁ ବସିଲାଣି, ଅଥଚ ଏବେ ବୈଶାଖ, ଜ୍ୟେଷ୍ଠ ପରି ପ୍ରଚଣ୍ଡ ତାତି ଖରା । ବର୍ଷାର ଦେଖା ନାହିଁ । ଚାଷ ଏ ପ୍ରକାର ଆରମ୍ଭ ହୋଇ ପାରିନାହିଁ । ତଳିତ ପଡ଼ି ପାରିଲାନି । ରୁଆ ବେଉଷା ହେବ କେମିତି । ଅବଶ୍ୟ ମରୁଡ଼ି ପାଇଁ ଏ ଅଞ୍ଚଳ ଲୋକଙ୍କର ଆଉ ସେତେଟା ଭୟ ନାହିଁ । ଭୋଟ ଦି'ଖଣ୍ଡ ଦେଇଛନ୍ତି । ତେଣୁ ଦୁଇ ଟଙ୍କିଆ ଚାଉଳରେ ତାଙ୍କର ହକ୍ ଅଛି ବୋଲି ଭାବୁଛନ୍ତି । ଚାଷ ହେଲେ କେତେ ନ ହେଲେ କେତେ । ଆଗ ଭଳି ଅଭାବ ନାହିଁ ଗାଁ ଗଣ୍ଡାରେ । ଢେର ବଦଳି ଗଲାଣି ଚଳଣୀ । ଭିକାରୀଟେ ଏବେ ମିଳୁ ନାହାଁନ୍ତି ଚାଉଳ କି ଭାତ ଗଣ୍ଡେ ଦେଇ ପୁଣ୍ୟ ଅର୍ଜନ କରିବାକୁ । ମଜୁରୀଆ ନାହାଁନ୍ତି କାମ କରିବାକୁ । ଯେଝାକୁ ଯିଏ ଚଉଦପା । ନିଜେ ଭାଗ ଜମି ଦୁଇମାଣ ଚଷିଦେଲେ, ଏପଟୁ ଚାଉଳ ପାଇଲେ । କିଏ ଆଉ କାହା ଦୁଆରେ ଠିଆ ହେଉଛି ଆଗୁଆ ପଇସା ନେଇ ଖଟିବାକୁ । ବନ୍ୟା ବାତ୍ୟାରେ ରିଲିଫ୍ ଚୁଡ଼ା, ଚାଉଳ ପଲିଥିନ ଆସିଲେ ନଥିଲା ବାଲା ନେଉଛନ୍ତି, ଥିଲା ବାଲା ବି ନେଉଛନ୍ତି । କେହି ତ ଟିପେ ଛାଡ଼ିବାକୁ ରାଜି ନୁହନ୍ତି । ସରକାର ଜନତାକୁ ଲୁଟୁଛି କି ଜନତା ସରକାରଙ୍କୁ ଲୁଟୁଛନ୍ତି ତାହା ଏକ ବିବାଦୀୟ ପ୍ରଶ୍ନ । ସମୟ କେବଳ ସେ କଥା ଜାଣୁଛି ଏବଂ ସେ ନିଜେ ଜଣେ ମୂକସାକ୍ଷୀ ମାତ୍ର ।

ସେ ଦିନ ଓ ଏଦିନ ଭିତରେ ଆକାଶ ପାତାଳ ଫରକ୍ । ଲୋକେ ଦେଇ ଶିଖିଥିଲେ ଦେଶ ପାଇଁ, ଜାତି ପାଇଁ, ସ୍ୱାଧୀନତା ପାଇଁ । ଟଙ୍କା, ସୁନା, ଜମିବାଡ଼ି ଘର ସଂସାର ସବୁର ଲୋଭଛାଡ଼ି ଦିନ ଦିନ ବର୍ଷ ବର୍ଷ ଧରି ଘୂରି ବୁଲୁଥିଲେ ବଣ ଜଙ୍ଗଲରେ । ନିଜ ସ୍ୱାମୀଙ୍କର ଆଦର୍ଶରେ ଅନୁପ୍ରାଣିତା କେତେ ଗୃହିଣୀ ତାଙ୍କର ସମସ୍ତ ଆଭୂଷଣ ଦାନ କରି ଦେଉଥିଲେ ଆନ୍ଦୋଳନକୁ ଆଗେଇ ନେବା ପାଇଁ । ହଠାତ୍ ତାଙ୍କ ଆଖିରେ ନାଚ ଉଠିଲା ବିନୁ ବୋଉର ଭୂଆସୁଣୀ ବେଳର ମୁହଁଟା । ବାହାଘରର ମାତ୍ର ଆଠଦିନ ପରର କଥା । ଅଷ୍ଟମଙ୍ଗଳା ଭାର ଆସିଥାଏ ଶ୍ୱଶୁର ଘରୁ । କୁଣିଆ ବନ୍ଧୁବାନ୍ଧବଙ୍କ ଗହଳିରେ ଘର ଫାଟି ପଡୁଥାଏ । ଚବିଶ ଘଣ୍ଟା ମୁଣ୍ଡରେ ହାତେ ଓଢ଼ଣା ଟାଣି ବସିଥିବା ସ୍ତ୍ରୀର ମୁହଁକୁ ସେ ଭଲକରି ଦେଖିପାରି ନଥାନ୍ତି । କିନ୍ତୁ ହାତ, ପାଦ ଅଣ୍ଟାରେ ଲଦି ହୋଇଥିବା ଟୋକେଇଏ ଗହଣାକୁ ଦେଖିଥାନ୍ତି ଭଲକରି । ପାଦରେ ମଥଲ ଝରାପାଉଁଜି ପନ୍ଦର ଭରିରୁ ଅଧିକ, ଅଣ୍ଟାରେ ଷାଠୀଏ ସତୁରୀ ଭରିର ଚନ୍ଦ୍ରହାର, ହାତରେ ବଟଫଳ, ଚୁଡ଼ି, ଆଙ୍ଗୁଠିରେ ମେଞ୍ଚାଏ ମୁଦି । ମୃତ୍ୟୁକୁ ଅପେକ୍ଷା କରିଥିବା ବାପାଙ୍କର ଶେଷ ଇଚ୍ଛାକୁ ପୂରଣ କରିବା ପାଇଁ ବାହାହୋଇ ପଡ଼ିଲେ ସିନା ଘରେ କ'ଣ ବାନ୍ଧି ହୋଇ ରହିପାରିଲେ ନୂଆ ନୂଆ ସଂସାର ଗଢ଼ିବା ଆଶାରେ ଆସିଥିବା ଝିଅଟିର ପ୍ରେମ ସୋହାଗକୁ ପୁଲକିତ ହୃଦୟରେ ଗ୍ରହଣ କରିପାରିଲେ ? ତାଙ୍କ ଦଳ ତରଫରୁ ଡାକରା ଆସିଲା ବାହାରକୁ ଯିବାପାଇଁ ସେତେବେଳେ ସ୍ୱାଧୀନତା ଆନ୍ଦୋଳନକୁ ଚଳେଇବା ପାଇଁ ଚାରିଆଡୁ ଚାନ୍ଦା ସଂଗ୍ରହ ଚାଲିଥାଏ । ଏକ ନିରୋଳା ମୁହୂର୍ତ୍ତରେ ସେଇ ନୂଆ ବୋହୂଟିକୁ ବୁଝାଇ ଦେଲେ ଦେଶ ପରାଧୀନତାର କଥା । ଆନ୍ଦୋଳନ, ବିପ୍ଳବ, ଇଂରେଜ ସରକାର ବିରୁଦ୍ଧରେ ସେମାନଙ୍କର ଲଢ଼େଇ କଥା । ବାସ୍ ଏତିକିରେ ବୋହୂଟି ତା' ମନକୁ ବେକର ହରଡ଼ ମାଳି, ଧଣିଆଫୁଲି ମାଳି, ଆଠିଣି ସୁଉକି ମାଳି, ନାକନୋଥ, ମଥାମଣି, ବାହୁର କୃଷ୍ଣଚୂଡ଼ା ଠାରୁ ଆରମ୍ଭ କରି ଚନ୍ଦ୍ରହାର ମୁଦିଯାଏ ସବୁ ଗୋଟେ ବେଗ୍‌ରେ ଭରି ତାଙ୍କ ହାତକୁ ବଢ଼େଇ ଦେଲା । ଘନ ଅନ୍ଧାରର ବୁକୁଚିରି ବାଡ଼ିପଟ ବାଉଁଶବଣ ରାସ୍ତା ଦେଇ ସେ ଫେରାର ହୋଇଗଲେ । କେବଳ ନିରୀହ ଆଖି ଯୋଡ଼ାକ ଝରକା ସେପଟେ ତାଙ୍କୁ ଚାହିଁ ରହିଥିଲା । ସତେ ଯେମିତି ଅଳି କରୁଥିଲା – ନାଇଁ, ତମେ ଯାଅନି ଅନ୍ତତଃ ମୋ'ରି ପାଇଁ ଅଟକି ଯାଅ ସାଥି.... ।

ସେଦିନର ସେ ଯୁବକ ସୁଲଭ ଉଦ୍ଦାମତା କିନ୍ତୁ ତାଙ୍କୁ ଅଟକେଇ ରଖି ପାରିଲାନି ସେ କେବଳ ଆଗେଇ ଚାଲିଲେ । ତା'ପରେ · ଦେଶ ସ୍ୱାଧୀନ ହେଲା । ବସା ଛଡ଼ା ପକ୍ଷୀ ପୁଣି ବସାକୁ ଲେଉଟିଲା ପରି ସେମାନେ ବି ସବୁ ଲେଉଟିଲେ ଆପଣା ଘର ସଂସାର ଭିତରକୁ । ବାପା ବୋଉଙ୍କ ଅନ୍ତେ ଏ ବଂଶକୁ ସେ ଉତ୍ତମ ରୂପେ ଚଳେଇ ଆସିଛନ୍ତି, ପୁଅକୁ ଶିକ୍ଷିତ କରିଛନ୍ତି । ତିନି ଝିଅଙ୍କୁ ଭଲ ଯାଗା ଦେଖି ବାହାଚୁରା ଦେଇଛନ୍ତି । ପତ୍ନୀ ତାଙ୍କୁ ଅଧାବାଟରେ ଛାଡ଼ି ଚାଲିଗଲା । ଆଜି ବି ସେଇ ନିରୀହ ଛଳ ଛଳ ଆଖି ତାଙ୍କୁ ଜୀବନ୍ତଲାଗେ । କାହିଁ ସେ ଦିନର ସେଇ ଘରଛଡ଼ା ଆନ୍ଦୋଳନକାରୀଙ୍କ ପତ୍ନୀ ଏବଂ ଆଜିର ବୋହୂ । ଜଣେ ମାଣ୍ୟଗଣ୍ୟ ଲୋକ ହିସାବରେ ଏ ସାରା ପଞ୍ଚାୟତରେ ତାଙ୍କର ନାଁ, ଅଥଚ ବୋହୂ ତାଙ୍କୁ ଯା'ତା ଉଦାହରଣ ଦେଇ ବାଧ କରୁଛି

ବିପିଏଲ୍ ଚାଉଳ ଆଣିବାକୁ । ଗରୀବଙ୍କ ପେଟରେ ଲାତ ମାରିବାକୁ, ଛି... ସତରେ ଏ ନୂଆ ପିଢ଼ୀର ଲୋକେ କ'ଣ ବୁଝୁଛନ୍ତି ତ୍ୟାଗ, ବଳିଦାନ ଦେଶ ସେବାର ଅର୍ଥ, ବାପ ଯଦି ସ୍ୱାଧୀନତା ସଂଗ୍ରାମୀ ତେବେ ସେ କେମିତି ଭତ୍ତା ଗଣ୍ଡାଏ ପାଇବ ତା' ପଛରେ ପଡ଼ି ଯାଆନ୍ତି ବଂଶ ଗୋଟାକ । ସରକାରୀ କାଗଜ ପତ୍ର ଠିକାଠାକ୍ କରି ତାଙ୍କ ଦେହରେ ଷ୍ଟାମ୍ପଟେ ମାରି ଠିଆ କରେଇ ଦଉଛନ୍ତି ଭତ୍ତା ଅଫିସ ଆଗରେ - ଦେଖ, ଆମ ବାପା ସ୍ୱାଧୀନତା ସଂଗ୍ରାମୀ। ଦେଶ ପାଇଁ, ଜାତି ପାଇଁ ନିଜ ସ୍ୱାର୍ଥକୁ ବଳି ପକେଇ ଥିଲେ । ଲଢ଼ିଥିଲେ ଇତ୍ୟାଦି ... । ତା' ବାବଦରେ କାହିଁକି ସେ ପାରିଶ୍ରମିକ ପାଇବେନି ? ତାଙ୍କୁ ଦିଅ, ତାଙ୍କୁ ନ ଦେଲେ ଆମକୁ ଦିଅ । ଆମେ ତାଙ୍କର ଦାୟାଦ । ଏଇ ଭତ୍ତା ପାଇଁ କେତେ ପରିବାରରେ ଝଗଡ଼ା । ଶେଷରେ ତାଙ୍କର ବି ସେଇ ପରିସ୍ଥିତି ହେଲା । ସେ ଭତ୍ତା ଆଣିଲେ । କିନ୍ତୁ ତାକୁ ସବୁ ପାଖ ଆଶ୍ରମ ସ୍କୁଲର ଗରୀବ ପିଲାଙ୍କ ପାଇଁ ଦାନ କରି ଦିଅନ୍ତି । ଏବେ ବି ଗାଁ, ସହରରେ ଅନେକ ଲୋକଙ୍କୁ ସେ ଭେଟନ୍ତି ଯେଉଁମାନେ ସ୍ୱାଧୀନତାର ଧାର୍‌ଧୁର୍ ନୁହଁନ୍ତି । ଦେଶର ଘଡ଼ିସନ୍ଧି ମୁହୂର୍ତ୍ତରେ ନାହିରେ ତେଲଦେଇ ଗଦି ବିଛଣାରେ ଶୋଉଥିଲେ କିନ୍ତୁ ସେମାନେ ଭତ୍ତା ନେଉଛନ୍ତି । କେତେ ଅସହାୟ ବୁଢ଼ା ବୁଢ଼ୀ ବି ଭତ୍ତା ନେଉଛନ୍ତି ଯେଉଁମାନଙ୍କର ପୁଅ ଇଞ୍ଜିନିୟର, ଡାକ୍ତର, ସରକାରୀ ଅଫିସର । କେଉଁଠି ସ୍ୱଇଚ୍ଛାରେ ତ କେଉଁଠି ବାଧ୍ୟତାମୂଳକ । ଏମିତି ଚାଲିଛି ସବୁ ଏଇ ନୂଆ ଦୁନିଆରେ ।

ଗୋଟିଚାଲା ଦେଇ ସନାତନ ଗାଁ ମୁଣ୍ଡ ଛକ ଆଡ଼କୁ ଚାଲିଲେ । ଛକ ପାଖରେ ବଡ଼ ଶିରିଶି ଗଛମୂଳେ କାଠ ବେଞ୍ଚ ଖଣ୍ଡେ । ତାଙ୍କ ଦେହ ମୁଣ୍ଡ ଭାରି ହେଲେ ସେ ସେଇ ଗଛମୂଳେ ବସି ତାଙ୍କର କୈଶୋର ଓ ଯୌବନକୁ ଦୋହରାନ୍ତି । ତା' ପାଖରେ ମଦନା ଗୁଡ଼ିଆର ଚା ଦୋକାନ । ସନାତନ ସେଠି ପହଞ୍ଚିବା ପୂର୍ବରୁ ବସିଛନ୍ତି ଶିବବାବୁ । ଶିବବାବୁ ତାଙ୍କଠୁ ବୟସରେ ବଡ଼ । ମଦନା କିନ୍ତୁ ଢେରେ ସାନ । ତଥାପି ଗୁଣ୍ଡୁଚି ମୂଷା ଭଳି ଧୂଳି ଝାଡ଼ି ସେ ବି ଦେଶ ପାଇଁ କିଛି କାମ କରିଛି । ହାଜତରେ ରହିଛି । ପରବର୍ତ୍ତୀ କାଳରେ ତା' ଗୁଡ଼ିଆ ବେପାରଟିକୁ ଆଦରି ନେଇ ଏଠି ଚା ଦୋକାନ ଖଣ୍ଡେ କରିଛି । ବାହା ସାହା ଘରରେ ଆଗୁଆ ବରାଦ ପାଏ । ତା' ହାତଟି ଭଲ, ସେଇ ବେପାରରୁ ଯାହା ପାଏ ସେଇଥିରେ ଦୁଃଖେ ସୁଖେ ଚଳେ । କିନ୍ତୁ ସଂଗ୍ରାମୀ ଭତ୍ତା ଆଣିବାକୁ କେବେ ଯାଇନି । କାହାକୁ ବି କହେନି ଅତୀତ ବିଷୟରେ । ଯିଏ ତାକୁ ବାଧ କରେ ତାକୁ ଓଲଟି କହେ -ଛିଃ... ଦେଶ ଲଢ଼ିଥିଲା ବୋଲି ପାଉଣା ନେବି ?

ସେଇ ମଦନା ଓ ଶିବ ଭାଇନାଙ୍କ ସାଙ୍ଗେ କଥା ହେଲେ ମନଟା ହାଲୁକା ହୋଇଯାଏ । ସନାତନଙ୍କୁ ଦେଖି ମଦନା ଚା ସସ୍ପେନ୍‌ରେ ଆଉ ଟିକେ କ୍ଷୀର ଢ଼ାଳିଦେଇ ଚିନି ଚିମୁଟାଏ ପକେଇ ଦେଲା । ସନାତନ ବସିଲେ ଶିବ ଭାଇନାଙ୍କ ପାଖରେ । କହିଲେ- କ'ଣ ଭାଇନା । ମାଛ ବାଲାକୁ ଅନେଇଛ ବୋଧେ । ଆଜି ଖାଇବା ବାରଟା ନା... । - ନାଇଁରେ ସନାତନ ! ମାଛ ପାଇଁ ଆସିନି, ଯାଇଥିଲି ବି.ପି.ଏଲ ଚାଉଳ ଆଣିବାକୁ, ବିବେକ ବାଧା ଦେଲା, ଫେରି ଆସିଲି । ତିରିଶ ଏକର ସଂପତ୍ତିର ମାଲିକ ହୋଇ ଦୁଇ ଟଙ୍କିଆ ଚାଉଳ ନେବି । ବାର୍ଦ୍ଧକ୍ୟ ଭତ୍ତା ନେବି ? ମୁଁ କ'ଣ ଅନାଥ ? ଅସହାୟ ? ମୋର କ'ଣ କେହି ନାହାଁନ୍ତି ? ପୁଅ ଆଛାଖାସା ଚାକିରୀ କରିଛି, କୋଇଁ ବି । ଆମେ ଘର ବୁଢ଼ାବୁଢ଼ୀ ଦୁଇଟା । କାହିଁକି ଏ ଧନ୍ଦା କରିବାକୁ ଯିବି କହିଲୁ ।

- ଧନ୍ଦା କରିବନି ତ ଚଳିବ କେମିତି ? ପୁଅ ତ ସବୁ ଜମିକୁ ବଖରା ଦେଇ ଭାଗୁଆଳୀଙ୍କଠୁ ପଇସା ଗଣି ନଉଛି । ବର୍ଷସାରା ବୁଢ଼ାବୁଢ଼ୀ ଦୁଇଟା ଖାଇବ କ'ଣ ? ସାଇ ଭାଇ ବନ୍ଧୁ ବାନ୍ଧବଙ୍କୁ ନେଇ ଚଳୁଛ । ତମର ପୁଣି ଅନ୍ୟାନ୍ୟ ଖର୍ଚ୍ଚବାର୍ଚ୍ଚ ଅଛି କି ନାହିଁ ? ବାରତିଥି ପର୍ବପର୍ବାଣୀ ଅଛି କି ନାହିଁ ? ମଦନା ଏତିକି କହି ଆଞ୍ଚରୁ ସସ୍ପେନ୍‌ଟାକୁ ଓହ୍ଲେଇ ଆଣି ଚା ଛାଣିଲା ।

ସନାତନଙ୍କୁ ଆଗରୁ ଶିବ ଭାଇନାଙ୍କ କଥା ଜଣା । ବଡ଼ ସ୍ୱାଭିମାନୀ ମଣିଷ । ଭାଙ୍ଗିବେ ପଛେ ନଇଁବେ ନାହିଁ । ଘରକଥା ସେ କେବେ ଏ ଦୁଇଜଣଙ୍କୁ କହନ୍ତି ନାହିଁ । ତଥାପି ମଦନା କଥା ତାଙ୍କ ଶୁଖିଲା ମୁହଁକୁ ଆହୁରି ଶୁଖେଇ ଦେଲା । ସନାତନ ତାଙ୍କୁ କହିଲେ -ଭାଇନା ! ତମେ କ'ଣ ମୁଁ ବି ସେଇଠୁ ଫେରୁଛି । ଖାଲି ବେଗଟା ଦେଖି ବୋହୂ ଆଜି ଚଣ୍ଡୀବେଶ ଧାରଣ କରିଛି । ତା' ଦାଉରୁ ରକ୍ଷା ପାଇବା ଲାଗି ପରା ମୁଁ ମଦନା ପାଖକୁ ଖସି ଆସିଛି । ତୁ ଭଲ କରିଛୁରେ ମଦନା ଏଇ ଚା ଦୋକାନ ଖଣ୍ଡେ କରି । ହାଏ, ଆମେ ବି ଏମିତି ଗୁମୁଟୀ ଖଣ୍ଡେ ଖଣ୍ଡେ ଧରି ବସିଥାନ୍ତୁ ଭଲା । ମଲାଯାଏ ରିଟାର୍ଡ ନକରି ନିଜ ସ୍ୱାଧୀନରେ ଚଳୁଥାନ୍ତୁ ।

- ଏ ସନାଭାଇ ! ଭାବୁଛ କି ମୁଁ ଏ ସବୁରୁ ବାଦ୍ ପଡ଼ି ଯାଇଛି । ଆମ ଘରେ ପରା ନିଇତି ଖିଟିମିଟି । ମୁଁ କିନ୍ତୁ ସଫା କହି ଦେଉଛି- ବିପିଏଲ ଚାଉଳ ମୁଁ ନେବି ନାହିଁ । ଯଦି ଘରେ ଖାଇବାକୁ, ଶୋଇବାକୁ ଜାଗା ନ ମିଳେ ତେବେ ଦୋକାନରେ ନିଜ ପାଇଁ ଖଣ୍ଡେ ଫୁଟେଇ ଦେବି । ରାତିରେ ସେଇଠି ବି ଶୋଇବି । ଯିଏ ବର୍ଷ ବର୍ଷ ଧରି ବଣ ଜଙ୍ଗଲରେ ଅଖିଆ ଅପିଆ

ବୁଲିଛି ତାକୁ ପୁଣି ଧମକ...., ମଦନାଟିକେ ତାଟି ଉଠି କହିଲା । - ଆରେ ମଦନା ! ତୋର ଏଇନେ ବଳ ବୟସ ଅଛିରେ, ଆମକୁ ପରା ଅଣି ଡେଇଁବ । ସେବା କରିବାକୁ ତମ ଦିହିଁଙ୍କ ପାଖରେ ବୁଢ଼ୀଗଣ୍ଡେ ଖଣ୍ଡେ ଅଛନ୍ତି । ହେଲେ ମୁଁ ତ ପୁରା ଉଥୁରା । ସନାତନ ଖିଁ ଖିଁ ହେଇ ହସିଲେ । ତାଙ୍କ ସହିତ ଶିବବାବୁ ଓ ମଦନା ତାଳ ଦେଲେ । ବାଟ ଚଲା ଏ ତିନି ଜଣଙ୍କୁ ଅନେଇ ଅନେଇ ଯାଉଥିଲେ । ଥଟ୍ଟାରେ ସମସ୍ତେ ଏମାନଙ୍କୁ ତ୍ରିନାଥ ଯୋଡ଼ି ବୋଲି କୁହନ୍ତି ।

ସନାତନ ପୁଣି କହିଲେ - ଆରେ ମଦନା ! ଆମେ ତ କାହାକୁ କିଛି କହି ନାହାଁନ୍ତି, ଏଇ ତାଲିକାରେ ଆମ ନାଁ ସବୁ କେମିତି ରହିଲା ? ଯେଉଁ ସରକାରୀ ବାବୁମାନେ ତାଲିକା କରୁଛନ୍ତି ସେମାନେ କ'ଣ ପରିବାରର ଆୟ ଜମିଜମା ବିଷୟରେ କିଛି ଖବର ରଖୁନାହାଁନ୍ତି ? - ହଁ...ଅ... ରଖୁନଥିବେ କାହିଁକି ? ଆରେ ଆମରି ପିଲାମାନେ ପରା ଦଳରେ ଅଛନ୍ତି । ଭୋଟ୍ ଦେଇଛୁ, ଅମକି ଢମକି କରିଛୁ କହି ଘରପିଛା ପାଞ୍ଚ ଛ'ଜଣଙ୍କର ନାଁ ଭର୍ତ୍ତି କରିଛନ୍ତି । ଗ'ଢୋକେ ପାଟିକୁ ନେଇ ଶିବବାବୁ ଉତ୍ତର ଦେଲେ । ମଦନା କହିଲା - ଭାଇନା ! ଆମେ ତ କେହି ଚାଉଳ ନେବା ନି, ଆମ ନାଁ କାହିଁକି ସେଠି ରହିବ ? ଯଦି ନାଁଟାକୁ କାଟି ଦିଅନ୍ତେ.... ।।

ସନାତନ ତାଳିଟାଏ ମାରି ଉଠି ପଡ଼ିଲେ - ଏତେ ଦିନପରେ ତୁ ମୋତେ ଠିକ୍ ବାଟ ଦେଖେଇଲୁରେ ମଦନା । ଆଜିଯାଏ ଏ ବୁଦ୍ଧିଟା ମୋର କେଉଁଠି ଥିଲା କେଜାଣି, କାଲି କ'ଣ, ମୁଁ ଆଜି ଏଇ କାମଟାକୁ କରି ଦେଉଛି ରହ । ଶିବବାବୁ କହିଲେ- ମୋ ନାଁଟା ବି କାଟି ଦେବୁରେ.... । - ତମେ ଖାଇବ କ'ଣ ଭାବିଛ ତ ? ଶେଷ ଗ୍ଲ ଦି'ଢୋକ ନେଇ ମଦନା ପଚାରିଲା ଶିବବାବୁଙ୍କୁ । ଆରେ ତୋ ଦୋକାନ ଅଛି ପରା । ଚିନ୍ତା କ'ଣ । ତୁ ଯଦି ତୋ ପାଇଁ ଗଣ୍ଡେ ଫୁଟେଇବୁ ତେବେ ଆମ ଦୁହିଁଙ୍କ ପାଇଁ ଆଉ ଦୁଇମୁଠା ଚାଉଳ ପକେଇ ପାରିବୁ ନି ? ଜଙ୍ଗଲ ଭିତରେ ବଣ କୁକୁଡ଼ାକୁ ନିଆଁରେ ପୋଡ଼ି ଆମକୁ ଖାଇବାକୁ ଦେଉଥିଲୁ । ତା ସହିତ ବଣର କେତେ ଫଳମୂଳ । ସେତେବେଳେ ତୋତେ ଚଉଦ ବର୍ଷ ହେବ ବୋଧହୁଏ । ଏବେ ଦରବୁଢ଼ା ବୟସରେ ନହେଲେ ଚାଉଳ ଗଣ୍ଡେ ଫୁଟେଇ ଦେବୁ । ବାକି ରହିଲା ଶୋଇବା କଥା, ତୋ ଦୋକାନକୁ ଲଗେଇ ଦଶ ହାତର ଗଳିଆ ଖଣ୍ଡେ କାଢ଼ି ମାଟି କାନ୍ଥ ଦେଇଦେଲେ ଗଲା । ତିନି ବୁଢ଼ାଙ୍କୁ କେତେ ବା ଜାଗା ଲୋଡ଼ା । କିନ୍ତୁ ବିପିଏଲ ତାଲିକାରୁ ନାଁ କଟେଇ ଲୋକଙ୍କୁ ଦେଖେଇ ଦେବାକୁ ପଡ଼ିବ - ଆମଠି ଏବେ ବି ଦମ ଅଛି ଲଢ଼ିବାକୁ । ଯଦି ଆମରି ଭଳି କିଛି ଥିଲାବାଲା ଲୋକେ ଏ କାମ କରନ୍ତି ତେବେ ସରକାର ଉପରେ ଚାଉଳ ପାଇଁ ଅତିରିକ୍ତ ବୋଝ ପଡ଼ନ୍ତାନି କି ଗରୀବଙ୍କ ଦାନା ବନ୍ଦ ହୁଅନ୍ତାନି । ମୁଁ ତ କହୁଛି, ଏ ଚାଉଳ କେବଳ ଦୀନ ମଜୁରୀଆ ଗରୀବ, ଆଦିବାସୀ ଏବଂ ନିହାତି ଅସହାୟ ବୁଢ଼ାବୁଢ଼ୀଙ୍କୁ ଦିଆଯାଉ । ନା କ'ଣ ଭାଇନା ! - ହଁ... ତୁ କ'ଣ, ଆମେ ବି ସେଇ କଥା କହୁଛୁ । ତୁ ଯାହା କରିବା କଥା ଏବେ କର । ଆମେ ସବୁ ତୋ ପଛରେ ଅଛୁ । ଶିବବାବୁ ସନାତନଙ୍କ ପିଠି ଥାପୁଡ଼େଇ ଦେଲେ । ସନାତନ କହିଲେ- ମଦନା ! ଦେଏ ତିନିଖଣ୍ଡ କାଗଜ । ଦରଖାସ୍ତ ଲେଖେ, କାଲି ସକାଳେ ବ୍ଲକ୍‌ରେ କାମଟା ସାରିବାକୁ ହେବ... ।

ମଦନା ବଢ଼େଇ ଦେଲା କାଗଜ କଲମ । ସୂର୍ଯ୍ୟ ବୁଡ଼ିବା ବୁଡ଼ିବା ହେଉଛି । ତାଙ୍କର ରକ୍ତିମ କିରଣରେ ଗାଧୋଇ ପଡ଼ୁଛନ୍ତି ପାହାଡ଼, ଗଛଲତା, ମଣିଷ, ସମସ୍ତେ । ସନାତନ ଚାହିଁଲେ ବିଦାୟୀ ସୂର୍ଯ୍ୟଙ୍କୁ । ହାତ ଯୋଡ଼ି କହିଲେ - ଆମେ ଅପେକ୍ଷା କରିଛୁ କାଲିର ସୂର୍ଯ୍ୟୋଦୟକୁ । ତମେ ପୁଣି ନୂଆ ହୋଇ ନୂଆ ବାର୍ତ୍ତା ନେଇ ଆସ ପ୍ରକାଶ କରିବ । କାରଣ କାଲିଠୁ ଆରମ୍ଭ ହେବ ଆଉ ଏକ ବିପ୍ଳବ ନୂତନ ପିଢ଼ୀଙ୍କ ପାଇଁ.... ।

ପୌରପାଳିକା କଲୋନୀ, ଉଦିତନଗର,
ରାଉରକେଲା

# ବର୍ତ୍ତିଳ ଆକାଶର ବିଭୋର ପକ୍ଷୀ

ଅଧ୍ୟାପକ ଡ: ଜ୍ୟୋତିର୍ମୟୀ ଜେନା



ଆକାଶ ଯେତେବେଳେ ଅରୁଣୋଦୟର ପ୍ରଥମ ଆଗମନରେ ସିନ୍ଦୁରା ଫାଟିବାର ଉତ୍ସବରେ ମଂନ୍ତ୍ରିତ ହୁଏ, ରକ୍ତ କରବୀର ରଂଗ ଆଉ ଗେରୁଆ ରଂଗର ମିଶ୍ରିତ ସମାବେଶରେ ଯେତେବେଳେ ରଂଗାୟିତ ହେଇଉଠେ ସେତେବେଳେ ପ୍ରାଚୀ ତାରାଟି ଖୁସିରେ ଯେମିତି ଆଖିମିଟିକା ମାରୁଥାଏ। ଏମିତି ଏକ ଅମୃତ ଲଗ୍ନକୁ ନିଇତି ଅପେକ୍ଷା କରେ ଏକ୍‌ଲା ପକ୍ଷୀଟି। ସାରାରାତି ଅଡୁଆ ତଡୁଆ ଏଣୁ ତେଣୁ ସପ୍ନ ଗୁଡ଼ାକ ତାକୁ ଆଲାମାଲା କରିଦିଏ। ସେଇ ଗୋଟିଏ ସପ୍ନ। ସୁବର୍ଣ୍ଣ ପଞ୍ଜୁରୀ, ତା ଭିତରେ ଡେଣା ଫଡ଼ ଫଡ଼ଉ ଥିବା ଶୁକପକ୍ଷୀ, ରୂପାତାଟିଆ, ନଡ଼ିଆ ରସ, ସବୁଜ ଲଙ୍କା...। କିନ୍ତୁ ପିଞ୍ଜରାବଦ୍ଧ ଶୁକପକ୍ଷୀ ଖୋଜୁଥିଲା ମୁକ୍ତ ଆକାଶ, ବିଶାଳ ବରଗଛ, ଲାଲ ଟହ ଟହ ବରଫଳ, ମକା କିଆରୀ, ସୂର୍ଯ୍ୟମୁଖି ଫୁଲର ବଗିଚ୍ଚା। ଏମିତି ରାତି ଗଡ଼ିଯାଏ। ଆକାଶରେ ଦୃଶ୍ୟମାନ ହୁଏ ସିନ୍ଦୁରା ଫାଟିବାର ଅମୃତମୟ ଦୃଶ୍ୟ।

ପକ୍ଷୀ ଉଡ଼ିଯାଏ ବର୍ତ୍ତିଳ ଆକାଶ ବକ୍ଷକୁ। ଗତ ରାତିର ଦୁଃସ୍ୱପ୍ନକୁ ଭୁଲି ସେ ପାଲଟିଯାଏ ବିଭୋର ପକ୍ଷୀଟିଏ। ସବୁଜ ଗୁରୁଗୁରୁ ପକ୍ଷ ଦିଇଟାକୁ ବିସ୍ତାର କରି ସେ ମନ ଇଚ୍ଛା ଉଡ଼େ। ମନଟା ତାର ହାଲୁକା ଫୁଲକା ବେଲୁନ୍‌ଟିଏ ପାଲଟିଯାଏ। ଏଣେ ମାଟିରେ ଥାଇ ଖିଲ୍ ଖିଲ୍ ହସି ଦିଏ କାଶତଣ୍ଡି ଫୁଲ, ଝର ଝର ଝରିଯାଏ ଝରଣା, ଖସ ଖସ୍ ହେଇଉଠେ ବୃକ୍ଷରାଜି, ସନ୍ ସନ୍ ବହି ଚାଲେ ପବନ।

ସୂର୍ଯ୍ୟ ଚହୁଁ ଚହୁଁ ମୁଣ୍ଡ ଉପରକୁ ଉଠନ୍ତି। ବର୍ତ୍ତିଳ ଆକାଶର ବିଭୋର ପକ୍ଷୀ ସାମାନ୍ୟ କ୍ଳାନ୍ତ ଅନୁଭବ କରେ। ଖସିଆସେ ପୃଥିବୀ ବକ୍ଷକୁ। ପହଞ୍ଚ ଯାଏ କାଶତଣ୍ଡି ଫୁଲ ପାଖରେ। ଲାଲିଆ ଚୁଞ୍ଚୁ ମାର୍ଜନ କରେ ତା ସବୁଜ ପକ୍ଷ ଦୁଇଟିରେ। ମୁକ୍ତ ପବନରେ ଡେଣାକୁ ସଜାଡ଼େ। ଝରଣାର ପାଣିପିଏ। ଉଡ଼ି ଉଡ଼ି ଚାଲିଯାଏ ବୁଢ଼ା ବରଗଛ ଅଗ ଡାଳକୁ। ଲାଲ ଟହ ଟହ ବରଫଳ ଖାଏ।

ସେତିକି ବେଳେ ମନେ ପଡ଼େ ତାର ଗତ ରାତିରେ ଦେଖିଥିବା ସପ୍ନ କଥା। ସପ୍ନର ଅର୍ଥ ସେ କିଛି କିଛି ବୁଝେ। କିଛି କିଛି ବି ଅବୁଝା ରହିଯାଏ ତା ପାଖରେ।

ଏମିତି ସମୟ ବିତିଗଲା। ଦିନେ ପକ୍ଷୀ ଦେଖିଲା ଧିରେ ଧିରେ କାଶତଣ୍ଡି ଫୁଲ ଗୁଡ଼ିକ ଶୁଖିବାରେ ଲାଗି ଗଲାଣି। ଝରଣାର ଧାର ବି କ୍ଷୀଣ ଦେହୀ ହେଇ ଯାଉଛି। ପବନରେ ଉଷ୍ଣତା ଭରି ଗଲାଣି। ସେ ଉଡ଼ିଗଲା ବରଗଛ ଅଗକୁ। ଦେଖିଲା ତାଆରି ପରି ଏକା, ଚୁପ୍‌ଚାପ୍ ବସିଥିବା ପକ୍ଷୀଟିଏ। ଏ ପକ୍ଷୀଟାର ବୋଧେ କେହି ନାହିଁ। କୋଉ ବାଣୁଆ ହାତରେ ପଡ଼ି ଯାଇଥିବେ ତା ବାପାମାଆ। ଠିକ୍ ତା ଜୀବନରେ ଘଟିଥିବା ଘଟଣା ପରି। ସେ ସେଦିନ ଜିଦି କରି ନଥାନ୍ତା ଗଛତଳେ ପଡ଼ିଥିବା ପାଚିଲା ପିଜୁଳିଟାକୁ ଖାଇବାକୁ ନା ତା ବାପାମାଆ ଚଢ଼େଇଆ ଜାଲରେ ଫିସ ଧରାପଡ଼ି ନଥାନ୍ତେ। ମନେ ପଡ଼ିଲେ ଆଜିବି ତା ଆଖିକୁ ଲୁହଚାଲି ଆସେ।

ପକ୍ଷୀ ଚାରିଆଡ଼କୁ ଆଖି ବୁଲାଇଲା। ବରଗଛରେ ବସା ବାନ୍ଧି ରହିଥିବା ଅନ୍ୟ ପକ୍ଷୀମାନେ ସେମାନଙ୍କ ସଂସାର ନେଇ ବ୍ୟସ୍ତ। ହେଲେ ସତରେ କ'ଣ ଏ ପକ୍ଷୀଟା ତା ପରି ଏକାକୀ? ଦିନେ ଗଲା, ଦୁଇ ଦିନ ଗଲା... ଏମିତି କିଛିଦିନ ବିତିଗଲା। ପକ୍ଷୀ ଦିନେ ତା ପାଖକୁ ଗଲା। ଭାବିଲା ପଚାରିବକି, ଏ ! ଏକାକୀ ବସି କଣ ଏତେ ଭାବୁଛୁ? ଏତେ ଉଦାସ ହେଇ ବସିଛୁ ଯେ? ଏଇ ଦେଖ୍, ତୋ ମୁଣ୍ଡ ଉପରେ ଏତେ ବଡ଼ ବର୍ତ୍ତିଳ ଆକାଶ। କେତେନା କେତେ ସୁନ୍ଦର। ଯାଉନୁ ଉଡ଼ି ଆସିବୁ। ମନ ଖୁସି ହେଇଯିବ। - ହେଲେ କିଛି ବି କହି ପାରିଲାନି। ଖାଲି ତା ପାଖରେ ବସି ରହିଲା। ଏମିତି କିଛିଦିନ ବିତିଗଲା। ଦିନେ ସେ ପକ୍ଷୀଟି ଏ ପକ୍ଷୀକୁ ଓଲଟା ପଚାରିଲା, ମୋ ସାଙ୍ଗେ ସାଙ୍ଗ ହବ? ଖୁସିରେ ମୁଣ୍ଡ ଟୁଙ୍ଗାରି ସମ୍ମତି ଜଣାଇଲା ଏ ପକ୍ଷୀ। ଏୟାତ ସେ ମନେ ମନେ ଚାହୁଁଥିଲା।

ତା' ପରେ ଦୁଇପକ୍ଷୀ ସାଙ୍ଗ ହେଇଗଲେ। ବର୍ତ୍ତିଳ ଆକାଶରେ ଉଡ଼ିବୁଲିଲେ। କେତେବେଳେ ଖଣ୍ଡିଉଡ଼ା, କେତେବେଳେ ଚିତାଉଡ଼ା, କେତେବେଳେ ଡ଼େଣା ସିଧାକରି ତୀକ୍ଷ୍ଣ ଭାବରେ ତଳକୁ ଖସିବା- ଏମିତି କେତେ ପ୍ରକାରର କଳା କୌଶଳ ପରସ୍ପରକୁ ଦେଖେଇଲେ। ହାଲିଆ ହେଇଗଲେ ତଳକୁ ଖସି ଆସନ୍ତି। ବିଶ୍ରାମ ନିଅନ୍ତି।

ସେମାନଙ୍କ ହସ ଖୁସିରେ ଖୁସିହେଇ ଆନନ୍ଦମୟୀ ହେଇ ଉଠିଲା ଝରଣା । କୁଳୁକୁଳୁ ନାଦରେ ଗୀତ ଗାଇଲା । କାଶତଣ୍ଡି ଫୁଲ ପୁଣି ସେମାନଙ୍କ ଧଳା ଧଳା ଦାନ୍ତ ଦେଖେଇ ହସି ଉଠିଲେ ଖିଲ୍ ଖିଲ୍ । ସେମାନେ ବରଗଛ ପାଖକୁ ଆସନ୍ତି ତା ଡାଳରେ ବସନ୍ତି । ଏମିତି ଜାଗାରେ ବସନ୍ତି ଯୋଉଠି ସେମାନଙ୍କୁ ପାଟିତୁଣ୍ଡ କରି ଗୋଳ କରିବାକୁ କେହି ଆସିବେନି । ଲାଲ୍ ଟହ ଟହ ପାଚିଲା ବରଫଳ ଖାଆନ୍ତି ।

ଏ ବଂଧୁତ୍ୱ ପୁଣି ସଂପର୍କର ନାଆଁ ନେବ । ଆଉ ବେଶୀ ଦିନ ନୁହଁ । ଏ ସବୁ ଦେଖି ଦେଖି ବରଗଛ ବୁଢ଼ା ହୋଇଗଲାଣି । ଶହ ଶହ ବର୍ଷର ବୁଢ଼ା ବରଗଛ ତାର ମୋଟା ମୋଟା ଓହଳ ଚାରିପାଖୁ ତାକୁ ମାଟି ସହିତ ଭିଡ଼ି ଧରିଛନ୍ତି ଶକ୍ତ ଖମ୍ବ ଦାରୁବ୍ରହ୍ମ ପରି । ପାଖ ଆଖର ଲୋକ କହନ୍ତି ଏ ଗଛ ସତ୍ୟଯୁଗର କଳ୍ପବଟ ।

ଆଗ ଅପେକ୍ଷା ଦୁଇ ପକ୍ଷୀ ଆକାଶରେ ଉଡ଼ିବୁଲନ୍ତି ବେଶୀ ବେଶୀ ବର୍ଣ୍ଣିଳ ଆକାଶର ବର୍ଣ୍ଣବିଭାରେ ହୋରି ଖେଳନ୍ତି । ମନକୁ ରଂଗେଇ ଦିଅନ୍ତି । ରଙ୍ଗୀନ ସ୍ୱପ୍ନ ତାଙ୍କ ଆଖି ପତାକୁ ନୀମଳିତ କରିଦିଏ । ଭୁଲିଯାନ୍ତି ସେମାନେ ସବୁ ଦୁଃଖକୁ । ଭୁଲି ଯାଆନ୍ତି ଯେ ଦୁନିଆଁରେ ସେମାନଙ୍କର କେହି ନାହାଁନ୍ତି ବୋଲି ।

ଏମିତି ସମୟ ଆସିଲା, କେହି କାହାକୁ ଦଣ୍ଡେ ନଦେଖିଲେ ରହି ପାରନ୍ତିନି । ସତେ ଯେମିତି ଦୁହେଁ, ଦୁହିଁଙ୍କ ପାଇଁ । ଯାକୁ ବୋଧ ପ୍ରେମ କହନ୍ତି । କେତେବେଳେ ଯେ ଦୁହେଁ ଦୁହିଁଙ୍କୁ ପ୍ରେମ କରି ବସିଲେ... । ହେଲେ କେହି କାହାକୁ କେବେ ପ୍ରେମ କରିବା କଥା କହି ନଥିଲେ । କିନ୍ତୁ ଚହାଣୀ, ଚଳଣୀ, ଚମକରେ... ସମଝୋଦାରୋଁ କେ ଲିଏ ଇଶାର କାଫି ହୈ... ! ସେମାନେ ଜାଣି ପାରନ୍ତି ସେମାନଙ୍କ ଭିତରେ ପ୍ରେମ ହେଇ ଯାଇଛି ବୋଲି । ପ୍ରେମ ହେଲେ ଯାହା ଯାହା ହବା କଥା ସେୟା ଘଟିଲା । ଆକାଶ ଆହୁରି ରଂଗ ଢ଼ାଳିଲା ତାଙ୍କ ବିସ୍ତାରିତ ଡେଣାରେ । କାଶତଣ୍ଡି ଫୁଲ ଆହୁରି ହସିଲା । ଝରଣା ରିମ୍‌ଝିମ୍ ତାନରେ ଗୀତ ଗାଇଲା ।

ଦିନେ ସେମାନେ ନିଷିଦ୍ଧ ଫଳ ଖାଇଲେ । ଦେହକୁ ଦେହ ଏକ କଲେ । ସେଇ ବରଗଛରେ ନୀଡ଼ଟିଏ ରଚନା କଲେ । ଏକାଠି ରହିଲେ । ବୁଢ଼ା ବରଗଛ ହସିଦିଏ । ଏ ତ ଦୁନିଆଁର ରୀତ । ସୃଷ୍ଟି ସ୍ଥିତିର ଲୀଳା ।

ସାରାଦିନ ଖେଳିବୁଲି, ଖାଇପିଇ, ହସଖୁସି ହେଇ କ୍ଲାନ୍ତ ହେଇ ଗଲାପରେ କ୍ଲାନ୍ତ ଶରୀରକୁ ତାଙ୍କ କୁନିନୀଡ଼ ଭିତରେ ବିଶ୍ରାମ ଦିଅନ୍ତି । ଦୁହେଁ ଗେଲ ହେଇ ହେଇ ଆଦି ରସରେ ମାତି ଶୋଇ ଯାଆନ୍ତି । ଏମିତି ଗଡ଼ି ଚାଲିଲା ସମୟ ।

ତାଙ୍କ ପାଖ ଆଖରେ ଥିବା ନୀଡ଼ର ପକ୍ଷୀମାନଙ୍କ ସହିତ ସେମାନଙ୍କର ବଂଧୁତା ହେଲା । ସେମାନଙ୍କ ସୁଖ ଦୁଃଖରେ ଏମାନେ ସୁଖି ଦୁଃଖି ହେଲେ । ଭଲମନ୍ଦ, ମହୋତ୍ସବରେ ନିମନ୍ତ୍ରିତ ହେଲେ । ଏଇ ନବ ଦମ୍ପତ୍ତିଙ୍କୁ ସେମାନେ ନିଜ ସ୍ନେହ ମମତାରେ ବାନ୍ଧି ପକେଇଲେ ।

ଅଦୂରରେ ଶିବ ମନ୍ଦିରଟିଏ । ମନ୍ଦିର ବେଢ଼ାରେ ଅନ୍ୟ ଦେବାଦେବୀଙ୍କ ମନ୍ଦିର । ଅପର ଦିଗରେ ମସ୍‌ଜିଦ୍‌ଟିଏ । ମନ୍ଦିରରେ ଯେତେବେଳେ ଶଙ୍ଖ ଧ୍ୱନି ଭିତରେ ଓଁକାର ଧ୍ୱନି ମନ୍ତ୍ରୀତ ହୋଇଉଠେ, ସେତେବେଳେ ମସ୍‌ଜିଦ୍‌ରୁ ଶୁଭେ 'ଆଲ୍ଲା ହୋ ଆକ୍‌ବର୍' । ପକ୍ଷୀମାନେ ବୁଝନ୍ତିନି ଏ ସବୁ ଭିତରେ ତଫାତ୍ । ଆଲ୍ଲା ତ ସେଇ ଭଗବାନ । ଈଶ୍ୱରତ ସେଇ ଏକ । ଈଶ୍ୱର ଆଲ୍ଲା ସେଇ ଜଣେ । ତେବେ ଯାକୁ ନେଇ ଏତେ ବାଦ ବିସମ୍ବାଦ ଏତେ ଦଙ୍ଗା, ଏତେ ରାଜନୀତି । କାହିଁକି ?

ଦିନେ ଖୁବ୍ ଗୁଡ଼େ ପାଟିତୁଣ୍ଡରେ ସେମାନଙ୍କ ନିଦ ଭାଂଗିଗଲା । କଥା କଣ ? ଏତେ ଦିନ ପର୍ଯ୍ୟନ୍ତ ତ ଏମିତି କେବେ ଶୁଣିନଥିଲେ, କି ଦେଖିନଥିଲେ । କେତେ ରକମର ପକ୍ଷୀ, କେତେ ଜାତିର ପକ୍ଷୀ ସେ ବରଗଛରେ ଆଶ୍ରୟ ନେଇଛନ୍ତି । କେବେ ତ କେହି ଝଗଡ଼ା କରିନ୍ତିନି । ନା ଏଠି ଅଛି ଜାତି ବିଦ୍ୱେଷ, ନା ଏଠି ଅଛି ବର୍ଣ୍ଣ ବିଦ୍ୱେଷ । ସମସ୍ତେ ଏଠି ମିଳିମିଶି ଚଳନ୍ତି ।

ନୀଡ଼ ଭିତରୁ ସେମାନେ ବାହାରି ଆସିଲେ । ସାରା ଆକାଶରେ କିଚିରି ମିଚିରି ଶବ୍ଦ କରି ପକ୍ଷୀମାନେ ଉଡ଼ି ବୁଲୁଛନ୍ତି । କୁଆଡ଼େ ଯାଉ ନାହାଁନ୍ତି । ସେମାନଙ୍କ ଆଖିରେ ଭୟ ସାଙ୍ଗକୁ ବିଦ୍ରୋହର ନିଆଁ ଜଳି ଉଠିଚି । ସେମାନେ ଏହା ସାଙ୍ଗରେ ବିପ୍ଳବ କରୁଛନ୍ତି । ବିହଙ୍ଗ ବିପ୍ଳବ ।

ବୁଝୁବୁଝୁ ଘଟଣା ହେଲା, କୋଉଠୁ ଦଳେ ସାପୁଆ କେଳା ସେଇ ବରଗଛ ମୂଳରେ ତାଙ୍କ ସାପ ପେଡ଼ିଟିମାନ ଥୋଇ ବୃକ୍ଷ ତଳେ ବିଶ୍ରାମ ନେଇଛନ୍ତି । ସେଥିରୁ ଗୋଟେ କେଳାର ସାପ ପେଡ଼ିରୁ କେମିତି ବାହାରି ଆସିଚି । ପକ୍ଷୀ ଛୁଆ ଖାଇବାକୁ ଗଛରେ ଚଢ଼ିଚି । ଏକଥା ଦେଖି ଏ ଦୁଇଜଣ ବିଚରି ଗଲେ । ଡାଳରେ ଗୁଡ଼େଇ ହୋଇ ଉପରକୁ ଧିରେ ଧିରେ ଉଠୁଚି ବିରାଟକାୟ ସାପ । ସାପ ପାଟିରେ ଥରେ ଯଦି ଚଢ଼େଇ ଛୁଆଟାଏ କି ଚଢ଼େଇ ଅଣ୍ଡାଟାଏ ପଡ଼ିଲା, ତେବେ ସାପ ଆଉ ଗଛ ଛାଡ଼ି ଯିବନି । ଗଛ କୋରଡ଼ରେ ଲୁଚି ରହିବ । ନିଇତି ଟା ମଜା ନେବ । ମାଲିକ କେଳା ବିଚରା ତାକୁ ଖୋଜିବ । କୁଆଡ଼େ ସାପ ପଳେଇଲା

ବୋଲି ଦିନା କେତେ ମନ ଦୁଃଖ କରିବ। ତାପରେ ଜାଗା ଛାଡ଼ି ଚାଲିଯିବ।

ପକ୍ଷୀମାନେ ଶେଷରେ ଗୋଟେ ଉପାୟ ପାଇଲେ। ମାର ନ ହେଲେ ମର। ପକ୍ଷୀମାନେ ଏକାସଙ୍ଗେ ସାପକୁ ଆକ୍ରମଣ କଲେ। ତାକୁ ଚଞ୍ଚୁରେ ଖୁମ୍ପିଲେ। ଗୋଡ଼ରେ ରାମ୍ପିଲେ। ତାକୁ ଲହୁଲୁହାଣ କରିଦେଲେ। ପୋଷା ସାପ ତା ଦେହରେ ବା ଶକ୍ତି କାଇଁ। ପେଡ଼ିରେ ରହି ରହି ଶକ୍ତିହୀନ ସାପ ସିଧା ତଳେ ଖସି ପଡ଼ିଲା। ତା କେଳା ମାଲିକ ଦେଖିଲା ତା ସାପ ପୁରା ଖଣ୍ଡିଆ ଖାବରା ହେଇ ଯାଇଛି, ଚଢ଼େଇଯାକ ଖୁମ୍ପିଖୁମ୍ପି ତାକୁ ରକ୍ତାକ୍ତ କରି ଦେଇଛନ୍ତି। କେଳା ବାପୁଡ଼ା ସାଙ୍ଗେ ସାଙ୍ଗେ ତା ସାପକୁ ପେଡ଼ି ଭିତରେ ପୁରେଇ ଦେଲା। ସେତିକିରେ ପକ୍ଷୀମାନେ ସନ୍ତୁଷ୍ଟ ହେଲେନି। ସେମାନଙ୍କ ଭିତରେ ଲିଡ଼ର ହେଲେ କାଉମାନେ।

ସବୁପକ୍ଷୀ ଚିତ୍କାର କଲେ- କିଏ କଲା କା' କା', କିଏ କଲା କକ୍ କକ୍, କିଏ କଲା କେଁକ୍ କେଁକ୍...ଏମିତି ବିଭିନ୍ନ କର୍କଶ ସ୍ୱର। ସେ ସ୍ୱର ଭିତରେ ଫୁଟି ଉଠୁଥିଲା ଗୋଟିଏ କଥା - ଏ ଜାଗା ଛାଡ଼ି ଚାଲିଯାଅ। ଭଲ ହବନି ନଚେତ୍।

ବରଗଛ ବି ପକ୍ଷୀମାନଙ୍କ ସପକ୍ଷରେ। ଏ ସାପୁଆ କେଳା ଦଳ ଆସିଲା ଦିନୁଁ ତା ଡାଳ ଭାଙ୍ଗି ପକଉଛନ୍ତି; ପତ୍ର ସବୁ ଛିଣ୍ଡେଇ ପକଉଛନ୍ତି; ତା ମୂଳ ମାଟି ଖୋଳି ପକଉଛନ୍ତି, ନିଆଁ ଲଗେଇ ଧୂଆଁଳିଆ କରି ପକଉଛନ୍ତି ତା ଗଛପତ୍ରକୁ। ତେଣୁ ପକ୍ଷୀମାନଙ୍କୁ ଆହୁରି ଉସୁକେଇ ଦିଏ। ଏମିତି ଛ' ସାତ ଦିନ ବିତିଗଲା।

ପକ୍ଷୀମାନେ ତାଙ୍କୁ ଭଗେଇବା ପାଇଁ ତାଙ୍କ ରହିବା ଜାଗା ଉପରେ ଝାଡ଼ା ଫେରିଲେ, ବରଫଳ ଅଇଁଠା କରି ଫିଙ୍ଗିଲେ, କିନ୍ତୁ ସେ କେଳାଦଳ ସେଠୁ ଯିବାର ନାଁ ନଉନାହାଁନ୍ତି। ବଡ଼ ଭାଳେଣି ପଡ଼ିଲା ପକ୍ଷୀମାନଙ୍କ ଭିତରେ। ଏ ପକ୍ଷୀ ଦୁଇଟି ବି ସେମାନଙ୍କ ସହ ବସି ଆଳାପ ଆଲୋଚନାରେ ଭାଗନେଲେ। ଏମାନେ କଣ କରିବେ, କେଳା ଛୁଆ ଗୁଡ଼ାକ ଏମାନଙ୍କ ବସା ଉପରକୁ ଟେକା ଫୋପାଡ଼ି ବସା ଭାଙ୍ଗିବା ଆରମ୍ଭ କରି ଦେଲେଣି।

ଉପାୟହୀନ ହୋଇ ସେମାନେ ଏକାଠି ଭଗବାନଙ୍କୁ ଡାକିଲେ। ହେ ଭଗବାନ୍! ଆମକୁ ରକ୍ଷାକର। ଆମକୁ ବଞ୍ଚାଅ। ଏତେ ବଡ଼ ବିପଦର ପାହାଡ଼ ଆମ ମୁଣ୍ଡ ଉପରେ ଭାଙ୍ଗି ପଡୁଛି। ସେ ବିପଦରୁ ଆମକୁ ମୁକ୍ତକର ପ୍ରଭୁ।

ସତେ ଯେମିତି ସେମାନଙ୍କ ଆକୁଳ ପ୍ରାର୍ଥନା ଭଗବାନ୍ ଶୁଣିଲେ। ଦିନେ ଗୁଡ଼ାଏ ପୋଲିସ ଲୋକ ଗୋଟେ ପୋଲିସ୍ ଜିପ୍‌ରେ ଭର୍ତ୍ତି ହେଇ ଆସିଲେ। ସେ କେଳାଦଳଙ୍କୁ ଆରେଷ୍ଟ କରିନେଲେ। ସେମାନଙ୍କ ନାଆଁରେ କେତେ ଦଫା କେସ୍ ଲଗେଇଦେଲେ। ପ୍ରଥମ ଦଫା- ବନ୍ୟଜନ୍ତୁ ସଂରକ୍ଷଣ ବାଲା କହିଲେ ଆଇନ୍ ଅମାନ୍ୟ କରି ଏମାନେ ସାପ ମାନଙ୍କୁ ବନ୍ଦୀକରି ରଖିଛନ୍ତି। ତେଣୁ ସାପମାନଙ୍କୁ ଜଙ୍ଗଲରେ କିମ୍ବା ହୁଙ୍କା ପାଖରେ ଛଡ଼ାଯିବ। ୨ୟ ଦଫା- ରାତିରେ ଏମାନେ ବିଭିନ୍ନ ସ୍ଥାନରେ ଚୋରୀ କରୁଛନ୍ତି, ଦିନରେ ସାପଖେଳ ଦେଖଉଛନ୍ତି। ତୃତୀୟ ଦଫା- ସାପ ମୁଣ୍ଡର ମଣି କହି ଏମାନେ ମାଛ ଆଖିକୁ ମିଛରେ ଚଢ଼ା ଦାମ୍‌ରେ ବିକ୍ରୀ କରୁଛନ୍ତି। .... ଏମିତି କେତେ ଦଫା।

ଯା'ହଉ ସେଇ କେଳା ଦଳ ଶେଷରେ ସେଠାରୁ ନିଜ ଡେରା ଉଠେଇବାକୁ ବାଧ୍ୟ ହେଲେ। ଅନ୍ୟପକ୍ଷୀ ମାନଙ୍କ ସହ ଏ ପକ୍ଷୀ ଦମ୍ପତି ଶାନ୍ତିରେ ନିଃଶ୍ୱାସ ମାରିଲେ। ଭଗବାନଙ୍କୁ ଅଶେଷ ଧନ୍ୟବାଦ ଦେଲେ।

ଦିନେ ପକ୍ଷୀଣୀ ଅନ୍ତଃସତ୍ତ୍ୱା ହେଲା। ପକ୍ଷୀର ଆନନ୍ଦ ଦେଖେ କିଏ। ଅନ୍ୟମାନଙ୍କ ନୀଡ଼ ଭିତରେ କୁନିକୁନି ପକ୍ଷୀଛୁଆ ମାନଙ୍କ କାକଳି ଶୁଣିବା ପରି ତାଙ୍କର ବି ନୀଡ଼ ଭିତରୁ କୁନି ଛୁଆଁଙ୍କ ଚେଁଚେଁ ଶବ୍ଦ ମୁଖରିତ ହବ। ପକ୍ଷୀ ସମସ୍ତଙ୍କୁ ଏକଥା କହିଲା। ସମସ୍ତେ ଭାରି ଖୁସି ହେଲେ।

ଏତେ ସମ୍ବେଦନା, ଏତେ ସଂପ୍ରୀତି ସେମାନଙ୍କ ଭିତରେ ପକ୍ଷିଣୀମାନେ ଆସିଲେ। ଅନ୍ତଃସତ୍ତ୍ୱା ମାନଙ୍କର କଣ କଣ ଖିଆଲ ରଖିବାକୁ ହେବ, ସେ ସବୁ ବୁଝେଇ ଦେଲେ। ପୁରୁଷ ପକ୍ଷୀମାନେ, ଯେଉଁମାନ ବାପ ହେଇ ଯାଇଛନ୍ତି ସେମାନେ ବି ତାଙ୍କ ସାଥି ପକ୍ଷୀଟିକୁ ଅନେକ କଥା କହିଲେ। ବାପା ହେବାକୁ ହେଲେ କ'ଣ କ'ଣ ଦାୟିତ୍ୱ ନିଭେଇବାକୁ ପଡ଼େ ଏ ସଂପର୍କରେ ଗୁଡ଼ାଏ ଉପଦେଶ ଦେଲେ। ଏ ଭଳି ସମୟ ଗଡ଼ିଗଲା।

ପକ୍ଷିଣୀ ଅଣ୍ଡା ଦେଲା। ସେ ଆଉ ନୀଡ଼ରୁ ବାହାରି ପାରିଲାନି। ପକ୍ଷୀ ଯଥା ସମୟରେ କୁନିକୁନି ପୁଅଝିଅ ଅଣ୍ଡା ଫୁଟେଇ ବାହାରକୁ ଆସିଲେ। ମାଆ ପକ୍ଷୀ ତାଙ୍କୁ ସାଇତିବାରେ ବ୍ୟସ୍ତ ରହିଲା। ବାପା ପକ୍ଷୀ ଉଡ଼ିଉଡ଼ି ଚାରିଆଡ଼ୁ ଆହାର ସଂଗ୍ରହ କରି ଆଣିଲା। ମା ବାପା ଦୁହେଁ ମିଶି ଶାବକମାନଙ୍କ କୁନିକୁନି ଚଞ୍ଚୁରେ ଖାଦ୍ୟ ଟୁକୁଡ଼ା ଟୁକୁଡ଼ା କରି ଖୁଆଇଦେଲେ।

କୁନି କୁନି ଶାବକମାନଙ୍କ ଡ଼େଣାରେ ଧିରେ ଧିରେ ପକ୍ଷୀ ଗଜୁରିଲା। ସେମାନେ ଖଣ୍ଡିଉଡ଼ା ଦେଲେ। ମା ବାପାଙ୍କର ମନରେ ଭୟ ପଶିଲା। କାଳେ ଖସି ପଡ଼ିବେ ପିଲାମାନେ।

ଖିଆପିଆ ଆହାର ନିଦ୍ରା ଭୁଲିଯାଇ ସେମାନେ ତାଙ୍କ ପିଲାମାନଙ୍କ ପାଖେ ପାଖେ ଜଗି ରହିଲେ ।

ଧିରେ ଧିରେ ଶାବକମାନେ ଉଡ଼ି ଶିଖିଲେ । ଉଡ଼ିଗଲେ ବର୍ଣ୍ଣିଳ ଆକାଶକୁ । ଉଡୁ ଉଡୁ ଏତେ ବିଭୋର ହେଇଗଲେ, ଶେଷରେ ନୀଡ଼କୁ ଫେରିବାର ଆବଶ୍ୟକତା ଅନୁଭବ କଲେନି । ବୁଢ଼ା ବୁଢ଼ୀ ବାପା ମାଆ ଦିଇଟାକୁ ବି ଭୁଲିଗଲେ । ମନରେ ଦୁଃଖୀ କଲେ । କୃଷ୍ଣ ଭଗବାନ ସ୍ୱୟଂତ ସେମିତି କଲେ । ମାଆ ଯଶୋଦା ପିତା ନନ୍ଦଙ୍କୁ ଭୁଲିଗଲେ । ଫେରି ଚାହିଁଲେନି ଥରେ । ସେଇ ଯେ ଅକ୍ରୁରର ରଥରେ ମଥୁରା ଗଲେ, କଷ୍ଟ କରିଥିଲେ ଫେରିବାକୁ, ହେଲେ କୃଷ୍ଣ ବଳରାମ ଫେରିଲେନି । ଏମିତି ମନକୁ ବୁଝେଇ ଦେଲେ ସେମାନେ । ପିଲାମାନେ ତାଙ୍କର ଯେତେ ଦୂରରେ ଥାଆନ୍ତୁ ଭଲରେ ଥାଆନ୍ତୁ । ବରଗଛ ବୁଝାଇ ଦିଏ । ଏଇ ତ ଦୁନିଆଁ ।

ଧିରେ ଧିରେ ବୟସ ବଢ଼ିବା ସାଙ୍ଗେ ସାଙ୍ଗେ ବଳ ବି ଖସିଲା । ଏଣିକି ବୁଢ଼ା ବୁଢ଼ୀ ପକ୍ଷୀ ପକ୍ଷିଣୀ ନୀଡ଼ରୁ ବେଶୀ ବାହାରନ୍ତି ନି ।

ଦିନେ ଖୁବ ଜୋରରେ ଝଡ଼ିବର୍ଷା ମାଡ଼ି ଆସିଲା । ଯାହାକୁ ମହାବାତ୍ୟା ବୋଲି ଲୋକେ କୁହାକୁହି ହେଲେ । କେତେ ଗଛ ଉପାଡ଼ି ପକେଇଲା । ଗୋରୁ ଗାଈ ଛେଳି ମେଣ୍ଢାଙ୍କୁ ଉଡ଼େଇ ଗଛରେ ଲଟକେଇ ଦେଲା । ଘରଦ୍ୱାର, ଛାତ ଉଡ଼ାଇ ନେଲା । ଇଲେକ୍‌ଟ୍ରି ଖମ୍ବ ଉପଡ଼େଇ ପକେଇଲା । ବୁଢ଼ା ବରଗଛର ଡାଳ ସବୁ ଭାଙ୍ଗି ପକେଇ କୁଆଡ଼େ ଇତସ୍ତତଃ ଫିଙ୍ଗିଦେଲା । ପକ୍ଷୀ ନୀଡ଼ ଗୁଡ଼ିକ ଭାଙ୍ଗିଗଲା । କେତେ ପକ୍ଷୀ ମରି ହଜିଗଲେ । କିଏ କାହା କଥା ବା ବୁଝୁଚି । ଏ ତ ମହାପ୍ରଳୟ ।

ପକ୍ଷୀ ପକ୍ଷିଣୀ ନିଜକୁ ପାଇଲେ ବହୁ ଉପରେ । ମାଟି ଛାଡ଼ି, ଆକାଶ ଛାଡ଼ି ସେମାନେ ନିଜକୁ ପାଇଲେ ମହାଶୂନ୍ୟରେ । ସେମାନଙ୍କ ମନରେ ନଥିଲା ଦୁଃଖ, ଶୋଚନା, ମୋହ, ଆକର୍ଷଣ, ଅନନ୍ତ ମହାଶୂନ୍ୟରେ ସେମାନଙ୍କ ଆତ୍ମା ମିଶି ଏକାକାର ହେଇ ଯାଇଥିଲା । ମାଟିରେ ପଡ଼ି ରହିଥିଲା ସେମାନଙ୍କର ମର ଶରୀର ଦୁଇଟି ।

ସି-୬, ସେକ୍ଟର-୧୯, ରାଉରକେଲା

***With Best Compliments from :***

# SKC Fabric Impex (P) Ltd.

B 222, OKhla Industrial Area,
Phase I, New Delhi -110020
Phone : 47788200 Fax : 2681226 Email : skc_fabric@yahoo.co.in, info@skc.co.in

# List of Sponsors

| | |
|---|---|
| Mr. Ranjan Biswal | Murti |
| Mr. Tanka Dhar Das | Murti |
| Mr. Sanjay Bal | Prasad ( Halwa) |
| Mr. Babuli Nayak | Pooja Samagri |
| Mr.B.S. Rawat | Prasad (Night) |
| Mr. Narender Singh Bisht | Prasad (Night) |
| Mr. Arun Sharma | Prasad (Night) |
| Mr. Pranab | Prasad (Night) |
| Mr. Ajit Barek | Drinking Water (Bottle) |
| Dr. Sanant Sahoo | Prasad ( Day) |
| Mr. B.D. Tripathi | Prasad (Night) |
| Mr. Rajnish Pandey | Prasad (Night) |
| Mr. Ashu Gupta | Prasad (Night) |
| Mr. Raj K. Sahoo | Prasad ( Night |


UNION INTERNATIONAL ACCESSORIES (PVT) LTD.
M.Y. & UNION (HK) LIMITED

Head Office
M.Y & Company
Room 815, 8/floor, Trade Square,
681 Cheung Sha Wan Road,
Cheung Sha Wan, Kowloon, Hong Kong.
Tel : +852-2944 6696, Fax: +852-2944 6280
E-mail : hongkong@union-myco.com

LIAISON OFFICES INDIA

Bangalore Office : #17, 4th Cross, 35th Main, BTM II stage, Bangalore - 560 076
Tel : 91-80-40447777 up to 20 Lines, Fax : +91-80-41248492, E-mail : bangalore@union-myco.com

Delhi Office : A-76, 1st Floor, DDA Shed, Okhla Industrial Area Phase-II, New Delhi-110 020
Tel : 91-11-47606666 up to 30 Lines, Fax : +91-11-47606600, E-mail : delhi@union-myco.com

Chennai Office : #1800, 1st Floor, 2nd Street, I Block, Annanagar West, Chennai - 600 040
Tel : 91-44-42612019, Fax : 91-44-42612018, E-mail : chennai@union-myco.com

Tirupur Office : #101, Venus Building, Soosaipuram Colony Main Road, Royampuram, Tirupur - 641 602
Tel : 91-421-433 0343, E-mail : tirupur@union-myco.com

GLOBAL OFFICES

CHINA · SRILANKA · BANGLADESH · PAKISTAN · INDONESIA · MAURITIUS · TUNISIA

www.union-myco.com
Manufacturers & Suppliers of all kinds of Garments Accessories

# ODISHA

Odisha has a glorious and ancient history spanning a period of over 2000 years. In ancient times, it was the proud kingdom of Kalinga. Kalinga was a major seafaring nation that controlled most of the sea routes in the Bay of Bengal. For several centuries, a substantial part of Southeast Asia, such as Kampuchea (Cambodia), Java, Sumatra, Bali and Thailand were colonies of Odisha. In fact the name of the country "Siam" is derived from Odia/Sanskrit Shyamadesha. The temple of Angkor Wat is a fine example of Odishan architecture, with some local variations. Bali still retains its Hindu Odishan heritage. A major turning point in world history took place in Odisha. The famous Kalinga war that led emperor Asoka to embrace non-violence and the teachings of Buddha was fought here in 261 BC

**History of Odisha**

The history of Odisha makes an interesting case-study in that it's history is in many ways atypical from that of the northern plains and many of the common generalizations that are made about Indian history do not seem to apply to the Odia region.

Odisha has also been the home of the Kalinga and Utkal tribes that played a particularly prominent role in the region's history, and one of the earliest references to the ancient Kalingas appears in the writings of Vedic chroniclers. In the 6th C. BC, Vedic SutrakaraBaudhayana mentions Kalinga as being beyond the Vedic fold, indicating that Brahminical influences had not yet touched the land. Unlike some other parts of India, tribal customs and traditions played a significant role in shaping political structures and cultural practices right up to the 15th C. when Brahminical influences triumphed over competing traditions and caste differentiation began to inhibit social mobility and erode what had survived of the ancient republican tradition.

**Kalinga**

Very early in Kalingan history, the Kalingas acquired a reputation for being a fiercely independant people. Ashoka's military campaign against Kalinga was one of the bloodiest in Mauryan history on account of the fearless and heroic resistance offered by the Kalingas to the mighty armies of the expanding Mauryanempire. Perhaps on account of their unexpected bravery, emperor Ashoka was compelled to issue two edicts specifically calling for a just and benign administration in Kalinga.

Unsurprisingly, Mauryan rule over Kalinga did not last long. By the 1st C. BC, Kalinga's Jain identified ruler Kharavela had become the pre-eminent monarch of much of the sub-continent and Mauryan Magadha had become a province of the Kalinganempire. The earliest surviving monuments of Odisha (in Udaigiri near Bhubaneshwar) date from his reign, and surviving inscriptions mention that Prince Kharavela was trained not only in the military arts, but also in literature, mathematics, and the social sciences. He was also reputed to be a great patron of the arts and was credited with encouraging dance and theater in his capital.

## Metallurgy, Crafts and Trade

Owing to it's vast mineral resources, metallurgy developed quite naturally in ancient Odisha and may have been an additional factor in catapulting the region to considerable importance during the iron age. Iron tools were used in agricultural production, digging irrigation canals, stone-quarrying, cave excavation and later monumental architecture. Rice cultivation got a particular fillip and during the iron age irrigation works from Odisha spread to the regions of ancient Andhra and Tamil Nadu around 300 BC Odisha also became a major steel producing centre and steel beams were extensively used in the monumental temples of Bhubaneshwar and Puri.

Being a coastal region, maritime trade played an important role in the development of Odia civilization. Cultural, commercial and political contacts with South East Asia, particularly Southern Burma, Malaysia and Indonesia were especially extensive and maritime enterprises play an interesting part in Odia folk-tales and poetry. Historical records suggest that around the 7th C. AD, the Kongoda dynasty from central Odisha may have migrated to Malaysia and Indonesia. There is also evidence of exchange of embassies with China. Records of Odia traders being active in the ports of South East Asia are fairly numerous and in his descriptions of Malacca, Portuguese merchant Tome Pires indicates that traders from Odisha were active in the busy port as late as the 16th C.

Adequate agricultural production combined with a flourishing maritime trade contributed to a flowering of Odishan arts and crafts especially textiles. Numerous communities of weavers and dyers became active throughout the state perfecting techniques like weaving of fine Muslins, Ikat, Sambalpuri and Bomkai silks and cottons, applique and embroidery. Odisha was also known for it's brass and bell metal work, lacquered boxes and toys, intricate ivory, wood and stone carvings, patta painting and palm leaf engraving, basket weaving and numerous other colorful crafts. Often, decorative techniques relied on folk idioms as in the painted, circular playing cards known as Ganjifas.

Later, Cuttack became the centre for lace-like exquisite silver filigree work, (known as Tarakashi) when Odisha was brought under Mughal rule.

## Philosophy, Language and Ideology

Both Buddhism and Jainism played an important role in the cultural and philosophical developments of early Odia civilization. Most Buddhist and Jain texts were written in Pali-Prakrit and the Prakrita Sarvasva, a celebrated Prakrit grammar text was authored by Markandeya Das, an Odia. Kharavela's Hatigumpha inscription is in Pali, leading to the speculation that Pali may have been the original language of the Odia people.

By the 7th C. AD, Brahminism had also become influential, especially in the courts and Hiuen Tsang (the well-known Chinese chronicler) observed how Buddhist Viharas and Brahminic temples flourished side by side. And although royal inscriptions of this time were in Sanskrit, the most commonly spoken language was not, and according to Hiuen Tsang appeared to be quite distinct from the language of Central India, and may have been a precursor of modern day Odia.

But even as the Bhauma Kings of the 6th-8th C issued edicts in Sanskrit, they patronized numerous Buddhist institutions and the art, architecture and poetry of the period reflected the popularity of Buddhism in the region.

Later, Odisha's Buddhism came to be modulated by strong Tantric influences, while a more traditional Vedic and Brahminical version of Hinduism was brought to Odisha by Brahmins from Kannauj. Shaivism from the South was institutionalized in Puri. In addition, the majority of Odisha's adivasis continued to practice some form of animism and totem-worship. Unifying all these different traditions was the Shiva-Shakti cult which evolved from an amalgamation of Shaivism (worship of Shiva), Shaktism (worship of the Mother Goddess) and the Vajrayana, or Tantric form of Mahayana Buddism.

What made possible this fusion was that apart from the formal distinctions that separated these different religious and philosophical trends, in practical matters, there was a growing similarity between them. Whereas early Buddhism and the Nyayaschool within Hinduism had laid considerable stress on rationalism and scientific investigation of nature, later Buddhism and the Shaivite schools both emphasized philosophical variants of concepts first developed in the Upanishads, along with mysticism and devotion. Tantrism had also developed along a dual track - on the one hand it had laid emphasis on gaining practical knowledge and a clear understanding of nature - on the other, it too came steeped in mysticism and magic.

At the same time, the Buddhist ethos had created an environment where compromise was preferred to confrontation. This allowed tribal deities and gods and goddesses associated with numerous fertility cults to be integrated into the Hindu pantheon. Tantric constructs also met with some degree of approval.

Since Tantrism emphasized the erotic as a means to spiritual salvation, the culture of austerity and sexual abstinence that had pervaded early Buddhism was replaced with an unapologetic embrace of all that was erotic.

Unlike some other parts of India, Odia society had not yet been deeply differentiated by caste, and egalitarian values remained well-ingrained amongst the peasant masses. Hence, any ideology that championed a hierarchical division of society would have been unacceptable. The Shiva Shakti cult was a compromise in that while it did not exclude social inequality, it did not preclude social mobility either. In fact, the cult became popular precisely because it articulated the possibility of upward mobility through the acquisition of knowledge, skill or energetic personal effort.

# Netaji Subhas Chandra Bose



**Early life**

